ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୬/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, September 6/2024 | Page 16 | ₹ 7.00

୫୦ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 283 | ମୂଲ୍ୟ₹୭/-




**ବର୍ଷକୁ ୨ ଦିନ ଜନ୍ମଦିନ ପାଳନ୍ତି ପଙ୍କଜ**

ବର୍ଷକୁ ୨ ଥର ଜନ୍ମଦିନ ପାଳୁଥିବା ନେଇ ଅଭିନେତା ପଙ୍କଜ ତ୍ରିପାଠୀ ଗୁରୁବାର ଏକ ସାକ୍ଷାତ୍କାରରେ କହିଛନ୍ତି।

୧୦

୧୪

**ମୁଶିର ଖାନ୍‌ଙ୍କ ଅପରାଜିତ ଶତକ**

ଭାରତ 'ଏ' ବିପକ୍ଷ ଦୁଲାପ ଟ୍ରଫି ମ୍ୟାଚରେ ୧୦୫ ରନ କରି ଅପରାଜିତ ଅଛନ୍ତି ଭାରତ 'ବି' ବ୍ୟାଟର ମୁଶିର ଖାନ୍



# ବଜ୍ରପାତ ମୃତ୍ୟୁ: ଓଡ଼ିଶା ଆଗରେ

ଭୁବନେଶ୍ୱର,୫।୯(ଅନିଲ ଦାସ)



## ୫ ବର୍ଷରେ ଯାଇଛି ୧୬୨୫ ଜୀବନ

ବଜ୍ରପାତ ମୃତ୍ୟୁରେ ଓଡ଼ିଶା ଦେଶର ସବୁଠୁ ଆଗରେ ରହିଛି। ଗତ ୫ ବର୍ଷରେ ବ୍ରଜପାତ ଯୋଗୁ୧୬୨୫ ଜୀବନ ଗଲାଣି। ମୟୂରଭଞ୍ଜ ଜିଲାରେ ଗତ ୫ ବର୍ଷରେ ସର୍ବାଧିକ ୧୫୧ ଜଣଙ୍କର ଜୀବନ ଯାଇଥିବା ବେଳେ ଗଞ୍ଜାମରେ ୧୧୪, କେନ୍ଦୁଝରରେ ୧୧୧, ବାଲେଶ୍ୱରରେ ୧୧୧, କୋରାପୁଟରେ ୭୮, ଢେଙ୍କାନାଳରେ ୭୪, ନବରଙ୍ଗପୁରରେ ୭୭, ଅନୁଗୋଳରେ ୬୪, ରାୟଗଡ଼ାରେ ୬୩ ଏବଂ ଯାଜପୁର ଜିଲାରେ ୫୦ ଜଣଙ୍କର ଜୀବନ ଯାଇଛି। ରାଜ୍ୟର ଅନ୍ୟାନ୍ୟ ଜିଲାରେ ମଧ୍ୟ ବଜ୍ରପାତଜନିତ ମୃତ୍ୟୁ ହେଉଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁ ବଢ଼ିଚାଲିଛି। ୨୦୧୯-୨୦ରେ ବଜ୍ରପାତ ଯୋଗୁ ରାଜ୍ୟରେ ୩୭୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୦-୨୧ରେ ୩୩୮, ୨୦୨୧-୨୨ରେ ୨୯୪, ୨୦୨୨-୨୩ରେ ୩୩୪ ଏବଂ ୨୦୨୩-୨୪ରେ ୨୮୭ ଜଣଙ୍କର ମୃତ୍ୟୁ ହୋଇଛି। ବଜ୍ରପାତ ମୃତ୍ୟୁକୁ ନେଇ ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ପ୍ରଶ୍ନ ନମ୍ବର ୫୭୨ରେ ପଚାରିଥିଲେ ଯେ ରାଜ୍ୟରେ ଗତ ୫ ବର୍ଷରେ କେତେଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ବଜ୍ରପାତ ପାଇଁ କେତେ ଟଙ୍କାର ସହାୟତା ମିଳୁଛି। ବଜ୍ରପାତ ସଂକ୍ରାନ୍ତରେ ଆଗୁଆ ସୂଚନା ଦେବା ପାଇଁ ସରକାରଙ୍କ ପକ୍ଷରୁ କି ବ୍ୟବସ୍ଥା କରାଯାଇଛି। ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ☞ପୃଷ୍ଠା-୪

# ପ୍ରେମ ବ୍ୟାପାରରୁ ଛାତ୍ରଙ୍କୁ ହତ୍ୟା

ଧର୍ମଶାଳା/କାଏମା,୫।୯
(ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳରେ ପ୍ରେମ ବ୍ୟାପାରକୁ ନେଇ ଜଣେ କଲେଜ ଛାତ୍ରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ଛାତ୍ର ହେଲେ ସ୍ଥାନୀୟ ଅଭୟପୁର ଗ୍ରାମର ନରହରି ବେହେରାଙ୍କ ଏକମାତ୍ର ପୁଅ ରୁଦ୍ରପ୍ରସାଦ ବେହେରା(୧୭)। ଏହି ଘଟଣାରେ ☞ପୃଷ୍ଠା-୪



ରୁଦ୍ରପ୍ରସାଦ ବେହେରା

# ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବର୍ଷକୁ ମିଳିବ ୫ ହଜାର

ଭୁବନେଶ୍ୱର,୫।୯(ଅନିଲ ଦାସ)

**ମାଧୋ ସିଂ ହାତଖର୍ଚ୍ଚ ଯୋଜନା**

ଦାରିଦ୍ର୍ୟ କାରଣରୁ ଅନେକ ସମୟରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ମାଧୋ ସିଂ ହାତଖର୍ଚ୍ଚ' ନାଁରେ ନୂଆ ଯୋଜନା ଆରମ୍ଭ କରିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷରେ ଏଥିପାଇଁ ୧୫୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଏବଂ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ବିଭାଗ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଥ୍ରିନ୍ଦେଲଡନରେ ଜଳବାୟୁ ପ୍ରତିବାଦ


SIKSHA 'O' ANUSANDHAN

SAAT-2024

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category

INTERNATIONAL RANKINGS 2024
- Ranked in QS World Rankings 2024
- Ranked in Times World Rankings 2024

To apply for admission through SAAT,
Please visit: www.soa.ac.in



DSPL - 99



ଓଡ଼ିଶା ସରକାର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ
କରକମଳରେ

ଟବ୍ ବିଜିନେସ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍
ଓ-ହବ୍, ଭୁବନେଶ୍ୱର

ସିକ୍ୟୋର୍ଡ଼ସଫ୍ଟ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍
ଓପିଟିସିଏଲ୍ ଟେକ୍ ଟାୱାର, ଭୁବନେଶ୍ୱର

ବର୍ଣ୍ଣଟେକ୍ ସଲ୍ୟୁସନ୍‌ସ ପ୍ରାଇଭେଟ୍ ଲିମିଟେଡ୍
ଫର୍ଚୁନ୍ ଟାୱାର୍, ଭୁବନେଶ୍ୱର

ଇଣ୍ଟିଗ୍ରିୟନ୍ ମ୍ୟାନେଜ୍‌ଡ ସଲ୍ୟୁସନ୍‌ସ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍
ଓଡ଼ିଶା ଟେକ୍ନୋଲୋଜି ସେଣ୍ଟର୍, ଭୁବନେଶ୍ୱର

ଶୁଭ ଉଦ୍‌ଘାଟନ

ଏବଂ

ଆରଆଇଆର ପାୱାର୍ ଇଲେକଟ୍ରୋନିକ୍ସ ଲିମିଟେଡ୍
ଇନଫୋଭ୍ୟାଲି, ଭୁବନେଶ୍ୱର

ଭିତ୍ତିପ୍ରସ୍ତର ସ୍ଥାପନ

୬ ସେପ୍ଟେମ୍ବର ୨୦୨୪

ଉପସ୍ଥିତି
ଡ. ମୁକେଶ ମହାଲିଙ୍ଗ
ମାନ୍ୟବର ମନ୍ତ୍ରୀ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା



ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

OIPR-16003/13/0014/2425

## ସଂକ୍ଷେପରେ

### ମିଶେଲ ବାର୍ନିୟର ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ



ପ୍ୟାରିସ୍,୫।୯

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାଁକର ଗୁରୁବାର ୟୁରୋପୀୟ ସଂଘର ପୂର୍ବତନ ବ୍ରେକ୍‌ଜିଟ୍ ମଧ୍ୟସ୍ଥ ମିଶେଲ ବାର୍ନିୟରଙ୍କୁ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ୟୁରୋପିଆନ୍ ୟୁନିୟନରୁ ବ୍ରିଟେନ୍ ବାହାରିଯିବା ପାଇଁ ଚାହିଁବାରୁ ସଂଘ ତରଫରୁ ୭୩ ବର୍ଷୀୟ ମିଶେଲ ୨୦୧୬ରୁ ୨୦୨୧ ବ୍ରିଟେନ୍ ନେତୃବୃନ୍ଦଙ୍କ ସହ ଆଲୋଚନାର ନେତୃତ୍ୱ ନେଇଥିଲେ। ଏହା ପୂର୍ବରୁ ଏହି ନେତା ଜଣକ ଫ୍ରାନ୍ସ ସରକାରରେ ବିଭିନ୍ନ ପଦବୀରେ ରହିବା ସହ ୟୁରୋପୀୟ ସଂଘର କମିଶନର ମଧ୍ୟ ରହିଥିଲେ। ଫ୍ରାନ୍ସ ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଝୁଲା ପାର୍ଲାମେଣ୍ଟ ଗଠନ ହୋଇଥିଲା। ନୂଆ ପ୍ରଧାନମନ୍ତ୍ରୀ ଭାବେ ମାଁକର ବିଭିନ୍ନ ନେତାଙ୍କ ନାଁ ବିଚାରକୁ ନେଇଥିଲେ ମଧ୍ୟ ସ୍ଥାୟୀ ସରକାରର ଗ୍ୟାରେଣ୍ଟି ନିମନ୍ତେ କାହାକୁ ପର୍ଯ୍ୟାପ୍ତ ସମର୍ଥନ ମିଳି ନ ଥିଲା। ଝୁଲା ପାର୍ଲାମେଣ୍ଟରେ ଗୃହୀତ ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମିଶେଲଙ୍କ ସରକାର କେତେ ସଫଳ ହେବ ତାହା ଉପରେ ମଧ୍ୟ କୌଣସି ଗ୍ୟାରେଣ୍ଟି ନାହିଁ। ତେବେ ଏହି ସରକାର ଯଦି କେତେକ ସର୍ତ୍ତକୁ ପୂରଣ କରନ୍ତି, ତେବେ ଏହାକୁ ହଟାଯିବ ନାହିଁ ବୋଲି ପାର୍ଲାମେଣ୍ଟର ବୃହତ୍ ଦଳ ଫାର୍ ରାଇଟ୍ ନ୍ୟାଶନାଲ ରାଲି ପକ୍ଷରୁ ସୂଚନା ଦିଆଯାଇଥିଲା।

### ଖାଇକୁ ଖସିଲା ସେନା ଟ୍ରକ୍, ୪ ଯବାନ ମୃତ

ଗ୍ୟାଙ୍ଗଟକ୍, ୫।୯

ଭାରତ-ଚାଇନା ବର୍ଡର ନିକଟସ୍ଥ ସିକ୍କିମର ପାକ୍‌ୟୋଙ୍ଗ୍ ସହରର ରେନକ ରୋଗଲୀ ରାଜ୍ୟ ରାଜପଥରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ୪ ଜଣ ଯବାନଙ୍କର ମୃତ୍ୟୁ ହୋଇଯାଇଛି। ଗୋଟିଏ ସେନା ଟ୍ରକ୍ ଉକ୍ତ ରାଜପଥରୁ ଖସି ୭୦୦ ଫୁଟରୁ ୮୦୦ ଫୁଟ ଗଭୀରର ଏକ ଖାଇରେ ପଡ଼ିଯାଇଛି। ଟ୍ରକ୍‌ଟି ପଶ୍ଚିମବଙ୍ଗର ପେଡଙ୍ଗଠାରୁ ସଡ଼କ ପଥରେ ସିକ୍କିମର ପାକ୍‌ୟୋଙ୍ଗ୍ ଦେଇ ଜୁଲୁକ୍ ଅଭିମୁଖେ ଯାଉଥିଲା। ଦୁର୍ଘଟଣା ଘଟିବା ପରେ ସେନା ଅଧିକାରୀ ଏବଂ ପୋଲିସର ଏକ ଟିମ୍ ଆସି ୪ ମୃତଦେହକୁ ଉଦ୍ଧାର କରିଛନ୍ତି। ତେବେ ଦୁର୍ଘଟଣା ଘଟିବାର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ମୃତ ୪ ଯବାନ ପଶ୍ଚିମବଙ୍ଗର ବିନାଗୁରୀସ୍ଥିତ ଆର୍ମି ୟୁନିଟରେ ନିୟୋଜିତ ଥିଲେ। ଉକ୍ତ ୪ ଯବାନ ମଧ୍ୟପ୍ରଦେଶ, ମଣିପୁର, ହରିୟାଣା ଏବଂ ତାମିଲନାଡୁରୁ ହୋଇଥିବା ଜଣାପଡ଼ିଛି।

### ୨ ଆସନରୁ ନାମାଙ୍କନ ଭରିଲେ ଓମାର

ଶ୍ରୀନଗର,୫।୯

ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଗୁରୁବାର ବଡଗାମ୍ ଆସନରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଦଳର ବରିଷ୍ଠ ନେତା ଆଗା ରୁହୁଲ୍ଲା ମେହଦି, ଆଗା ମେହମୁଦ୍ ପ୍ରମୁଖ ଯାଇଥିଲେ। ୫୪ ବର୍ଷୀୟ ଓମାର ବୁଧବାର ନିଜ ପାରିବାରିକ ଆସନ ଗଣ୍ଡେରବଲ୍‌ରୁ ନାମାଙ୍କନପତ୍ର ଦାଖଲ କରିଥିଲେ।

# ରଫାଦଫା ପାଇଁ ଟଙ୍କା ଯାଚିଥିଲା ପୋଲିସ

## ଆର୍.ଜି. କର ହସ୍ପିଟାଲ ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଲେ

କୋଲକାତା,୫।୯




ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ପିଜି ଛାତ୍ରୀଙ୍କ ବାପା କୋଲକାତା ପୋଲିସ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ୩୧ ବର୍ଷୀୟା ମହିଳା ଡାକ୍ତରଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ପରିବାର ଲୋକେ ଅଧିକ ତଦନ୍ତ ପାଇଁ ରଖିବାକୁ ଚାହୁଁଥିଲେ। କିନ୍ତୁ ସେମାନଙ୍କୁ ଶବ ସତ୍କାର କରିବାକୁ ବାଧ କରାଯାଇଥିଲା। ସାମ୍ନାରେ ଝିଅର ମୃତଦେହ ପଡ଼ିଥିବାବେଳେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ମାମଲା ରଫାଦଫା କରିବା ପାଇଁ ସେମାନଙ୍କୁ ଟଙ୍କା ଯାଚିଥିଲେ ବୋଲି ସେ କହିଛନ୍ତି।

କୋଲକାତାସ୍ଥିତ ଏହି ସରକାରୀ ହସ୍ପିଟାଲ ସମ୍ମୁଖରେ ବୁଧବାର ରାତିରେ ସ୍ଥାନୀୟ ଲୋକଙ୍କ ବିକ୍ଷୋଭରେ ସାମିଲ ହୋଇ ପୀଡ଼ିତାଙ୍କ ମା'ବାପା ଓ ସମ୍ପର୍କୀୟମାନେ ସିଟି ପୋଲିସ ବିରୋଧରେ ଅନେକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ପୀଡ଼ିତାଙ୍କ ବାପା ଗଣମାଧ୍ୟମକୁ କହିଛନ୍ତି, ଝିଅର ମୃତଦେହ ସଂରକ୍ଷିତ ରଖିବାକୁ ଆମେ ଚାହୁଁଥିଲୁ। କିନ୍ତୁ ପ୍ରାୟ ୩୦୦ରୁ ୪୦୦ ପୋଲିସ କର୍ମଚାରୀ ଆମକୁ ଘେରି ରହିଥିଲେ। ଘରକୁ ଫେରି ଦେଖିଲୁ ଯେ, ୩୦୦ ପୋଲିସ ବାହାରେ ଛିଡ଼ା ହୋଇଛନ୍ତି। ସେମାନେ ଏପରି ସ୍ଥିତି ସୃଷ୍ଟି କରିଥିଲେ ଯେ, ଆମେ ମୃତଦେହ ସତ୍କାର କରିବାକୁ ବାଧ ହୋଇଥିଲୁ ବୋଲି କହିଛନ୍ତି। ସେଠାରେ କେତେଜଣ ପୋଲିସ ଅଫିସର ସାଦା କାଗଜରେ ପୀଡ଼ିତାଙ୍କ ବାପାଙ୍କ ସ୍ୱାକ୍ଷର ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ସେହି କାଗଜଗୁଡ଼ିକୁ ଚିରି ଫୋପାଡ଼ି ଦେଇଥିଲେ। ଆର୍.ଜି. କର ହସ୍ପିଟାଲରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ପୂର୍ଣ୍ଣ ସମର୍ଥନ କରି ପୀଡ଼ିତାଙ୍କ ମା' କହିଛନ୍ତି, ମୁଁ ଶୋଇପାରୁ ନାହିଁ। ତେଣୁ ଅପରାଧୀମାନଙ୍କ ନିଦ ହଜାଇଦେବାକୁ ଚାହୁଁଛି। ଝିଅକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବା ଉଚିତ।

ପ୍ରକାଶ ଯେ, ଅଗଷ୍ଟ ୮ ରାତିରେ ଉକ୍ତ ହସ୍ପିଟାଲରେ ପିଜି ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ଏହାର ଦିନକ ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ସେବେଠୁ ଏହି ପ୍ରସଙ୍ଗରେ ରାଜନୀତି ଜୋର୍ ଧରିଛି। ବିରୋଧୀ ଭାଜପା ଶାସକ ଟିଏମ୍‌ସି ବିରୋଧରେ ଅଭିଯୁକ୍ତମାନଙ୍କୁ ସୁରକ୍ଷା ପ୍ରଦାନର ଅଭିଯୋଗ ଆଣି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଘେରିବାରେ ଲାଗିଛି। ଏନେଇ ଟିଏମ୍‌ସି କହିଛି, ପୀଡ଼ିତାଙ୍କ ମା'ବାପା ନ୍ୟାୟ ଚାହାଁନ୍ତି। ସେମାନଙ୍କୁ ନ୍ୟାୟ ମିଳୁ। କିନ୍ତୁ ଏହାକୁ ନେଇ ରାଜନୀତି କରାଯିବା ଅନୁଚିତ। ବିରୋଧୀ ଏକ ଭିଡିଓ ଭାଇରାଲ କରି ମିଛକୁ ସତ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ମମତାଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ଶଶୀ ପଞ୍ଜା କହିଛନ୍ତି।

# ଭାରତରେ ୱିକିପେଡିଆକୁ ବନ୍ଦ କରିଦେବୁ: ହାଇକୋର୍ଟ

ନୂଆଦିଲ୍ଲୀ,୫।୯




ୱିକିପେଡିଆରେ ଅନେକ ଭୁଲ୍ ତଥ୍ୟ ପ୍ରକାଶ ପାଉଥିବା ନେଇ ଅଭିଯୋଗ ହେଉଥିବାବେଳେ ଭାରତରେ ଏହାର ବ୍ୟବସାୟ ବନ୍ଦ କରି ଦିଆଯିବ ବୋଲି ବୁଧବାର ଦିଲ୍ଲୀ ହାଇକୋର୍ଟ ଚେତାବନୀ ଦେଇଛନ୍ତି। ଏସିଆନ୍ ନ୍ୟୁଜ୍ ଇଣ୍ଟରନ୍ୟାଶନାଲ (ଏଏନ୍‌ଆଇ)ର ୱିକିପେଡିଆ ପେଜ୍‌ରେ କେତେଜଣ ସବ୍‌ସ୍କ୍ରାଇବର ଅପମାନଜନକ ଏଡିଟ୍ କରିଥିଲେ। ଏହି ସମ୍ପାଦନା କରିଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ୱିକିପେଡିଆ ଏହାର ଅନୁପାଳନ କରି ନ ଥିବାରୁ ନ୍ୟୁଜ୍ ଏଜେନ୍ସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏଏନ୍‌ଆଇ ସମ୍ପୃକ୍ତ ଆପତ୍ତିଜନକ କଣ୍ଟେଣ୍ଟ ହଟାଇବା ପାଇଁ ନିର୍ଦ୍ଦେଶ ସହ ଆର୍ଥିକ କ୍ଷତିପୂରଣ ଦାବି କରିଛି।

ହାଇକୋର୍ଟ ବିଚାରପତି ନବୀନ ଚାୱ୍‌ଲା ଏହାର ଶୁଣାଣି ବେଳେ ୱିକିପେଡିଆକୁ ଭର୍ତ୍ସନା କରି କହିଛନ୍ତି, ଆମେ ତୁମକୁ ଅବମାନନା ମାମଲାରେ ଦୋଷୀ ସାବ୍ୟସ୍ତ କରିବୁ। ଭାରତରେ ତୁମ ବ୍ୟବସାୟିକ କାରବାର ବନ୍ଦ କରିଦେବୁ। ୱିକିପେଡିଆକୁ ବନ୍ଦ କରିବା ପାଇଁ ସରକାରଙ୍କୁ କହିବୁ। ୱିକିପେଡିଆ ପକ୍ଷରୁ ଆଇନଜୀବୀ ଟିନା ଆବ୍ରାହମ୍ କୋର୍ଟଙ୍କୁ କହିଥିଲେ ଯେ, ଅଦାଲତଙ୍କ ନିର୍ଦ୍ଦେଶ ଉପରେ କେତେକ ତଥ୍ୟ ଉପସ୍ଥାପନ କରିବାକୁ ଥିବାରୁ ହାଜର ହେବାରେ ସମୟ ଲାଗିଲା। କାରଣ ୱିକିପେଡିଆର ଅଫିସ ଭାରତରେ ନାହିଁ। ଜଷ୍ଟିସ୍ ଚାୱ୍‌ଲା ବିରକ୍ତିଭାବ ପ୍ରକାଶ କରି କହିଥିଲେ, ୱିକିପେଡିଆ ପୂର୍ବରୁ ମଧ୍ୟ ଏଭଳି ଯୁକ୍ତି ବାଢ଼ିଥିଲା। ତୁମେ ଯଦି ଭାରତକୁ ପସନ୍ଦ କରୁନ, ଦୟାକରି ଏଠାରେ କାର୍ଯ୍ୟ କରନାହିଁ। ଅକ୍ଟୋବର ୨୫ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସେହିଦିନ ୱିକିପେଡିଆର ଅଧିକୃତ ପ୍ରତିନିଧି ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ଜଷ୍ଟିସ୍ ଚାୱ୍‌ଲା ନିର୍ଦ୍ଦେଶ ଦେଇଛନ୍ତି।

# ୨ ପୁଅଙ୍କ ମୃତଦେହ ୧୫ କି.ମି. ବୋହିଲେ ମା'ବାପା

## ମିଳିଲାନି ଆମ୍ବୁଲାନ୍ସ

ନାଗପୁର, ୫।୯



ମହାରାଷ୍ଟ୍ରର ଗଡ଼ଚିରୌଲୀ ଜିଲା ଅହେରି ତହସିଲ ପତ୍ତିଗାଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ଓ ଯାତାୟାତ ସୁବିଧା ଠିକ୍ ନ ଥିବାରୁ ୨ ଶିଶୁଙ୍କର ଠିକ ସମୟରେ ଚିକିତ୍ସା ହୋଇ ନ ପାରିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପତ୍ତିଗାଁ ଗ୍ରାମ ନିବାସୀ ରମେଶ ବିଲାଦୀଙ୍କ ୨ ପୁଅ ବାଜିରାଓ(୬) ଏବଂ ଦୀନେଶଙ୍କୁ ବୁଧବାର ପ୍ରବଳ ଜ୍ୱର ହୋଇଥିଲା। ତେବେ ଜ୍ୱରର ପାରମ୍ପରିକ ଉପଚାର ପାଇଁ ପ୍ରଥମେ ରମେଶ ଓ ତାଙ୍କ ସ୍ତ୍ରୀ ଉଭୟ ପିଲାଙ୍କୁ ସ୍ଥାନୀୟ ପୁରୋହିତଙ୍କୁ ଦେଖାଇଥିଲେ। ପୁରୋହିତ ଦେଇଥିବା ଔଷଧରେ ୨ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ିଥିଲା। ତେଣୁ ରମେଶ ଓ ତାଙ୍କ ସ୍ତ୍ରୀ ୨ ପିଲାଙ୍କୁ ୧୫ କି.ମି ଦୂରରେ ଥିବା ଜିମଲଗଟ୍ଟା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ହସ୍ପିଟାଲକୁ ନେବା ପାଇଁ ରମେଶଙ୍କୁ ଆମ୍ବୁଲାନ୍ସ ମିଳି ନ ଥିଲା। ସେହିପରି ଯାତାୟାତ ସୁବିଧା ନ ଥିବାରୁ ରମେଶ ଓ ତାଙ୍କ ସ୍ତ୍ରୀ ୨ ପିଲାଙ୍କୁ ଧରି କାଦୁଅ ରାସ୍ତାରେ ଚାଲିଚାଲି ଜିମଲଗଟ୍ଟା ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ଠିକ୍ ସମୟରେ ଚିକିତ୍ସା ସେବା ପାଇ ପାରି ନ ଥିବାରୁ ଉଭୟ ବାଜିରାଓ ଓ ଦୀନେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ପରେ ମଧ୍ୟ ରମେଶ ଓ ତାଙ୍କ ସ୍ତ୍ରୀଙ୍କୁ ନିଜ ୨ ପିଲାଙ୍କ ମୃତଦେହ ପତ୍ତିଗାଁ ଗ୍ରାମକୁ ନେବା ପାଇଁ ଆମ୍ବୁଲାନ୍ସ ମିଳି ନ ଥିଲା। ତେଣୁ ଏହି ଦମ୍ପତି ବାଧ ହୋଇ ଉଭୟ ପିଲାଙ୍କର ମୃତଦେହକୁ କାନ୍ଧେଇ ୧୫ କି.ମି. ଚାଲି ଚାଲି ଗ୍ରାମରେ ପହଞ୍ଚିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯାହାକୁ ନେଇ ମହାରାଷ୍ଟ୍ର ସରକାରଙ୍କ ଉପରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିଶ ଗଡ଼ଚିରୌଲୀ ଜିଲାକୁ ପୋଷ୍ୟ ଜିଲା ଭାବେ ଗ୍ରହଣ କରିଥିବାବେଳେ ଏପରି ଅବ୍ୟବସ୍ଥା କିପରି ଘଟିଲା ସେନେଇ ରାଜ୍ୟରେ ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ପ୍ରଶ୍ନ କରିଛି।

# ହାରିସ୍‌ଙ୍କୁ ପୁଟିନ୍‌ଙ୍କ ସମର୍ଥନ

ମସ୍କୋ,୫।୯

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ଡେମୋକ୍ରାଟିକ୍ ପ୍ରାର୍ଥିତ୍ୱକୁ ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସମର୍ଥନ କରିଛନ୍ତି। ଆମେରିକାର ଆର୍ଟର୍ନି ଜେନେରାଲ ମେରିକ୍ ଗାର୍ଲାଣ୍ଡ ବୁଧବାର କହିଥିଲେ, 'ଆମ ଦେଶର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ପାଇଁ ରୁଷୀୟ ସରକାର କ୍ୟାମ୍ପେନ୍‌ରେ ହସ୍ତକ୍ଷେପ କରୁଛନ୍ତି।' ଏହାର ଦିନକ ପରେ ବାଇଡେନ୍ ପ୍ରଶାସନ ରାଷ୍ଟ୍ରପତି ନିର୍ବାଚନରେ ରୁଷିଆ ହସ୍ତକ୍ଷେପ କରୁଥିବା ଅଭିଯୋଗ ଆଣିଛି। ଏହି ପରିପ୍ରେକ୍ଷୀରେ ପୁଟିନ୍ କହିଛନ୍ତି, ରାଷ୍ଟ୍ରପତି ଜୋ ବାଇଡେନ୍ ଜୁଲାଇରେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପରେ ବର୍ତ୍ତମାନ ଆମେରିକାର ମଙ୍ଗ ଡେମୋକ୍ରାଟିକ୍ ପ୍ରାର୍ଥୀ ହାରିସ୍‌ଙ୍କ ହାତକୁ ଚାଲିଯାଇଛି। ନୂଆ ପ୍ରାର୍ଥୀଙ୍କୁ ରୁଷିଆ ସମର୍ଥନ କରୁଛି।

# ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ: ପୁଟିନ୍

## ଭାରତ, ଚାଇନା, ବ୍ରାଜିଲ ମଧ୍ୟସ୍ଥତା କରିପାରିବେ



ଭ୍ଲାଡିଭୋଷ୍ଟୋକ୍,୫।୯

ଭାରତ, ଚାଇନା ଓ ବ୍ରାଜିଲ ମଧ୍ୟସ୍ଥତା କରିପାରିବେ ବୋଲି ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି।

ଭ୍ଲାଡିଭୋଷ୍ଟୋକ୍‌ରେ ଆୟୋଜିତ ରୁଷିଆର ଇଷ୍ଟର୍ନ ଇକୋନୋମିକ୍ ଫୋରମ୍‌ରେ ଏକ ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ମସ୍କୋ ଓ କିଭ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଶେଷ ମୁହୂର୍ତ୍ତରେ ବିଫଳ ହୋଇଥିବା ଡିଲ୍‌କୁ ସାର୍ବଜନୀନ କରାଯାଇ ନାହିଁ। ୨୦୨୨ରେ ଇସ୍ତାନବୁଲରେ ମସ୍କୋ ଓ କିଭ୍ ମଧ୍ୟସ୍ଥମାନେ ଚଳାଇଥିବା ଶାନ୍ତି ଚୁକ୍ତି ପାଇଁ ସହମତି ପ୍ରକାଶ ପାଇ ନ ଥିଲା। ତେବେ ବର୍ତ୍ତମାନ ୟୁକ୍ରେନ୍ ସହ ରୁଷିଆର ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ ଏବଂ ଏଥିରେ ଆମେ ସେମାନଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ସେହି ବିଫଳ ଡିଲ୍‌କୁ ନେଇ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ପୁଟିନ୍ ସ୍ପଷ୍ଟ କରିଛନ୍ତି।

# ଆମ୍ବୁଲାନ୍ସରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ

## ଅକ୍ସିଜେନ୍ କାଢ଼ିଦେବାରୁ ସ୍ୱାମୀଙ୍କ ମୃତ୍ୟୁ

ଲକ୍ଷ୍ନୌ, ୫।୯

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରୁ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ଏକ ଚଳନ୍ତା ଆମ୍ବୁଲାନ୍ସରେ ଅସୁସ୍ଥ ସ୍ୱାମୀଙ୍କ ସମ୍ମୁଖରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଛି। ଆମ୍ବୁଲାନ୍ସରେ ମହିଳା ଜଣକ ଅସୁସ୍ଥ ସ୍ୱାମୀଙ୍କୁ ନେଇ ଲକ୍ଷ୍ନୌରୁ ସିଦ୍ଧାର୍ଥନଗର ଜିଲାସ୍ଥିତ ନିଜ ଗ୍ରାମକୁ ଫେରୁଥିଲେ। ସ୍ୱାମୀ ସ୍ନାୟୁଗତ ସମସ୍ୟାରେ ପୀଡ଼ିତ ଥିଲେ। ଚିକିତ୍ସା ଖର୍ଚ୍ଚ ବହନ କରି ନ ପାରି ତାଙ୍କୁ ଡିସ୍‌ଚାର୍ଜ କରିବାକୁ ମହିଳା ଜଣକ ଡାକ୍ତରଙ୍କୁ କହିଥିଲେ। ପରେ ହସ୍ପିଟାଲର ଆମ୍ବୁଲାନ୍ସରେ ସ୍ୱାମୀଙ୍କୁ ଧରି ସେ ଗ୍ରାମକୁ ଫେରୁଥିଲେ। ଆମ୍ବୁଲାନ୍ସରେ ଡ୍ରାଇଭର ଓ ତାଙ୍କ ସହକର୍ମୀ ମହିଳାଙ୍କୁ ଅସଦାଚରଣ କରିବା ସହ ଯୌନ ନିର୍ଯାତନା ଦେଇଥିଲେ। ଅସୁସ୍ଥ ସ୍ୱାମୀ ବିରୋଧ କରିବାରୁ ଡ୍ରାଇଭର ଥାବ୍‌ନୀ ଥାନାର ମୁଖ୍ୟ ସଡ଼କରେ ଆମ୍ବୁଲାନ୍ସକୁ ରଖିଥିଲେ। ତାଙ୍କ ସହଯୋଗୀ ମହିଳାଙ୍କ ସ୍ୱାମୀଙ୍କ ଅକ୍ସିଜେନ ମାସ୍କ ବାହାର କରି ଫିଙ୍ଗି ଦେଇଥିଲେ। ଏହାପରେ ସେ ତାଙ୍କୁ ଆମ୍ବୁଲାନ୍ସ ମଧ୍ୟରୁ ବାହାର କରିଦେଇଥିବା ନେଇ ମହିଳା ଅଭିଯୋଗ କରିଛନ୍ତି। ଡ୍ରାଇଭର ଓ ତାଙ୍କ ସହକର୍ମୀ ମହିଳାଙ୍କଠାରୁ ପର୍ସ, ଆଧାର କାର୍ଡ, ମଙ୍ଗଳସୂତ୍ର ଓ ୧୦ ହଜାର ଟଙ୍କା ଲୁଟିବା ସହ ତାଙ୍କୁ ମଧ୍ୟ କିଛି ସମୟ ପରେ ଆମ୍ବୁଲାନ୍ସରୁ ବାହାର କରି ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଧରି ଅକ୍ସିଜେନ ମାସ୍କ ପିନ୍ଧି ନ ଥିବା କାରଣରୁ ମହିଳାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଥିଲା।

# କର୍ଣ୍ଣାଟକରେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା

ବେଙ୍ଗାଲୁରୁ,୫।୯

କର୍ଣ୍ଣାଟକର ବିଦାର ସହରରେ ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପୋଲିସ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ମୃତା ମହିଳାଙ୍କୁ ନ୍ୟାୟ ଦାବିରେ ସହରରେ ବିକ୍ଷୋଭ ଜୋର୍‌ଦାର ହୋଇଛି।

ଯୁବତୀ ଜଣକ ଅଗଷ୍ଟ ୨୯ରେ ନିଖୋଜ ହୋଇଯାଇଥିଲେ। ସେପ୍ଟେମ୍ବର ୧ରେ ତାଙ୍କ ମୃତଦେହ ଗୁନାତୀର୍ଥୱାଡ଼ିର ଏକ ସ୍କୁଲ ନିକଟ ବୁଦାରୁ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହେବା ପରେ ପୋଲିସ ବଳାତ୍କାର ଓ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୁଖ୍ୟ ଅଭିଯୁକ୍ତ ଯୁବତୀଙ୍କ ସମ୍ପର୍କୀୟ ବୋଲି ପୋଲିସ କହିଛି।

# ଭାରତ-ସିଙ୍ଗାପୁର ସମ୍ପର୍କ ସୁଦୃଢ଼ ହେବ



ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ ଶନମୁଗରତ୍ନମ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି।

ସିଙ୍ଗାପୁର,୫।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ ଶନମୁଗରତ୍ନମ୍‌ଙ୍କୁ ସାକ୍ଷାତ୍‌କରି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ, ଅର୍ଥନୀତି, ପରିବେଶ ଓ ସାମାଜିକ ବିକାଶ, ପ୍ରଯୁକ୍ତି, ଇନୋଭେଶନ ଏବଂ ଯୋଗାଯୋଗ କ୍ଷେତ୍ରରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ କଥାବାର୍ତ୍ତା ହୋଇଥିଲା। ମୋଦି ବୁଧବାରଠାରୁ ୨ ଦିନିଆ ସିଙ୍ଗାପୁର ଗସ୍ତରେ ଅଛନ୍ତି। ଥର୍ମାନ ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ ଏବଂ ସିଙ୍ଗାପୁରର ନବମ ରାଷ୍ଟ୍ରପତି। ପୂର୍ବରୁ ମୋଦି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍‌ଙ୍କ ସହ ଆଲୋଚନା କରିଥିଲେ। ସିଙ୍ଗାପୁର ପ୍ରତ୍ୟେକ ବିକାଶଶୀଳ ରାଷ୍ଟ୍ର ପାଇଁ ଏକ ପ୍ରେରଣା ଭାବେ କାର୍ଯ୍ୟ କରୁଛି। ଭାରତ ନିଜର ଅନେକ ସିଙ୍ଗାପୁର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିବା ମୋଦି କହିଥିଲେ।

# ଚାଷୀଙ୍କ ପାଇଁ ଆଧାର ଭଳି ଡିଜିଟାଲ ଆଇଡି

## ୩ ବର୍ଷରେ ଜାରି ହେବ ୧୧ କୋଟି

ନୂଆଦିଲ୍ଲୀ,୫।୯

ଦେଶର ଚାଷୀଙ୍କୁ ସଶକ୍ତ କରିବା ପାଇଁ କେନ୍ଦ୍ର ସରକାର ଆଧାର ଭଳି ଏକ ଡିଜିଟାଲ ଆଇଡି ଆଣିବାକୁ ଯାଉଛନ୍ତି। ଆଗାମୀ ୩ଟି ଆର୍ଥିକବର୍ଷରେ ୧୧ କୋଟି କୃଷକଙ୍କୁ ଏଥିରେ ସାମିଲ କରାଯିବ। ଏହା ହେଉଛି 'ଆଗ୍ରିଷ୍ଟାକ୍' ଅଭିଯାନର ଏକ ଅଂଶ, ଯାହାକୁ କୃଷକ କୈନ୍ଦ୍ରିକ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ) ରୂପେ ଡିଜାଇନ୍ କରାଯାଇଛି। ଏହା ଜରିଆରେ ଚାଷୀ ବିଭିନ୍ନ ସେବା ଓ ଯୋଜନାର ସୁଫଳ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଆଧାର କାର୍ଡ ସଦୃଶ ଏକ ବିଶ୍ୱସ୍ତ ଫାର୍ମର ଆଇଡି ବା କୃଷକ ପରିଚୟପତ୍ର ଆଣିବା ହେଉଛି ଆଗ୍ରିଷ୍ଟାକ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ। ଏହା ଜରିଆରେ ୨୦୨୪-୨୫ ଆର୍ଥିକବର୍ଷରେ ୬ କୋଟି, ୨୦୨୪-୨୫ରେ ୩ କୋଟି ଏବଂ ୨୦୨୫-୨୬ ଆର୍ଥିକବର୍ଷରେ ୨ କୋଟି ଚାଷୀଙ୍କ ପାଇଁ ଡିଜିଟାଲ ଆଇଡି ଜାରି କରାଯିବ ବୋଲି ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ତଥା ପରିଚାଳିତ ଏହି ଆଇଡିଗୁଡ଼ିକୁ ଜମି ରେକର୍ଡ, ପ୍ରାଣୀଙ୍କ ସ୍ୱତ୍ୱାଧିକାର, ଫସଲ, ଅମଳ ଭଳି ବିଭିନ୍ନ କୃଷକ ସମ୍ପର୍କିତ ଡେଟାରେ ଯୋଡ଼ାଯିବ। ସରକାର ୨ ବର୍ଷ ମଧ୍ୟରେ ଦେଶବ୍ୟାପୀ 'ଡିଜିଟାଲ କର୍ପ ସର୍ଭେ' ଆରମ୍ଭ କରିବାକୁ ଯାଉଛନ୍ତି। ୨୦୨୪-୨୫ରେ ୪୦୦ ଜିଲା ଏବଂ ୨୦୨୫-୨୬ ଆର୍ଥିକବର୍ଷରେ ସବୁ ଜିଲାକୁ ଏଥିରେ ସାମିଲ କରାଯିବ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ରହସ୍ୟମୟ ଆଲାସ୍କା ଟ୍ରାଙ୍ଗଲ୍

## ଉଭାନ ହେଲେଣି ୨୦ ହଜାର ଲୋକ

ନୂଆଦିଲ୍ଲୀ,୫।୯




ରହସ୍ୟମୟ ବରମୁଡ଼ା ଟ୍ରାଙ୍ଗଲ୍ ସମ୍ପର୍କରେ ପ୍ରାୟ ସମସ୍ତେ ଜାଣନ୍ତି। ଉକ୍ତ ଅଞ୍ଚଳ ଅତିକ୍ରମ କରୁଥିବା ଲୋକେ ଅତ୍ୟନ୍ତ ରହସ୍ୟମୟ ଭାବେ ଅନ୍ତର୍ଦ୍ଧାନ ହୋଇଯାଇଥାନ୍ତି। ସେହିଭଳି ଆଉ ଏକ ରହସ୍ୟମୟ ଅଞ୍ଚଳ ରହିଛି, ଯାହା 'ଆଲାସ୍କା ଟ୍ରାଙ୍ଗଲ' ଭାବେ ପରିଚିତ। ୭୦ ଦଶନ୍ଧିରୁ ଅଦ୍ୟାବଧି ସେଠାରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉଭାନ ହୋଇଗଲେଣି।

ଆଲାସ୍କା ଟ୍ରାଙ୍ଗଲ୍‌ର ଦକ୍ଷିଣରେ ଆଙ୍କୋରେଜ ଏବଂ ଜୁନୋ ଥିବାବେଳେ ଉତ୍ତରରେ ଉତ୍କିଆଗଭିକ୍ ଉପକୂଳ ସହର ରହିଛି। ଆଇଏଫ୍‌ଏଲ୍ ବିଜ୍ଞାନ ଅନୁଯାୟୀ ୧୯୭୨ ଅକ୍ଟୋବରରେ ଏହି ଅଞ୍ଚଳ ଖବରର ଶିରୋନାମା ମଣ୍ଡନ କରିଥିଲା। ସେତେବେଳେ ଆମେରିକା ହାଉସ୍‌ର ସଂଖ୍ୟାଗରିଷ୍ଠ ନେତା ଥୋମାସ ହାଲେ ବୋଗ୍‌ସ ସିନିୟର ଏବଂ ଆଲାସ୍କା କଂଗ୍ରେସ ସଦସ୍ୟ ନିକ୍ ବେଗିଚ୍‌ଙ୍କୁ ନେଇ ଯାଉଥିବା ବିମାନ ଉକ୍ତ ଅଞ୍ଚଳ ଦେଇ ଯିବାବେଳେ ଉଭାନ ହୋଇଯାଇଥିଲା। ବିମାନଟି ଆଙ୍କୋରେଜ୍‌ରୁ ଜୁନୋ ଯାଉଥିଲା। ବିମାନରେ ବେଗିଚ୍‌ଙ୍କ ସହଯୋଗୀ ରୁସେଲ ବ୍ରାଉନ୍ ଏବଂ ପାଇଲଟ ଡନ୍ ଜୋଞ୍ଜ ଥିଲେ। ୪ ଜଣଙ୍କୁ ଖୋଜି ପାଇବା ପାଇଁ ବ୍ୟାପକ ସର୍ଚ୍ଚ ଅପରେଶନ କରାଯାଇଥିଲା। ତେବେ ନା ବିମାନ ନା ଉକ୍ତ ଲୋକଙ୍କର କୌଣସି ପତ୍ତା ମିଳି ନ ଥିଲା। ଏହା କେବଳ ଗୋଟିଏ ଘଟଣା ନୁହେଁ। ୭୦ ଦଶକ ମଧ୍ୟଭାଗରେ ନ୍ୟୁୟର୍କର ୨୫ ବର୍ଷୀୟ ଗାରି ଫ୍ରାଙ୍କ୍ ସୋଥେରଡେନ୍ ଆଲାସ୍କାର ଜଙ୍ଗଲ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଯାଇ ଆଉ ଫେରି ନ ଥିଲେ। ୧୯୯୭ରେ ତାଙ୍କ ଖପୁରି ପୋର୍କୁପାଇନ୍ ନଦୀକୂଳରୁ ମିଳିଥିଲା। ତାଙ୍କୁ ଭାଲୁ ମାରିଦେଇଥିବା ସନ୍ଦେହ କରାଯାଏ।

ପ୍ରତିବର୍ଷ ଏହି ଅଞ୍ଚଳରେ ହାରାହାରି ୨,୨୫୦ ଲୋକ ନିଖୋଜ ହୋଇଯାଉଛନ୍ତି, ଯାହା ଆମେରିକାର ଜାତୀୟ ନିଖୋଜ ମାମଲା ହାରଠାରୁ ଦୁଇଗୁଣ। ଆଲାସ୍କା ଟ୍ରାଙ୍ଗଲ୍‌ରେ କେତେକ ଅସାଧାରଣ ଚୁମ୍ବକୀୟ କ୍ରିୟା ହେଉଥିବା ଅନେକେ ବିଶ୍ୱାସ କରନ୍ତି। ଅନ୍ୟ କେତେକଙ୍କର ବିଶ୍ୱାସ ହେଲା, ଉକ୍ତ ରହସ୍ୟମୟ ସ୍ଥାନ ପଛରେ ଏଲିଏନ୍‌ମାନେ ରହିଛନ୍ତି। ଆଲାସ୍କା ଟ୍ରାଙ୍ଗଲ ହେଉଛି ଜଙ୍ଗଲ ଏବଂ ପ୍ରାକୃତିକ ବିପଦ ଭରା ଏକ ବିସ୍ତୀର୍ଣ୍ଣ ଅଞ୍ଚଳ। ଲୋକେ ନିଖୋଜ ହୋଇଯିବା ଓ ଆଉ ନ ଫେରିବା ପଛର ଏହା ମୁଖ୍ୟ କାରଣ ବୋଲି ମଧ୍ୟ କେତେକ କହିଥାନ୍ତି। ବରମୁଡ଼ା ଟ୍ରାଙ୍ଗଲ ଭଳି ଆଲାସ୍କା ଟ୍ରାଙ୍ଗଲ ରହସ୍ୟର କୌଣସି ସମାଧାନ ନାହିଁ।




# ସମଲେଇ ମନ୍ଦିରରେ ନୂଆ ଖାଇବେ ମୁଖ୍ୟମନ୍ତ୍ରୀ

- **ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ନୂଆଖାଇରେ ସାମିଲ ହେବେ**
- **ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**
- **ନୂଆଖାଇ ଭେଟଘାଟରେ ଯୋଗଦେବେ**

ସମ୍ବଲପୁର,୫।୯ (ଭବାନୀ ଶଙ୍କର ଭୋଇ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ ତାରିଖ ସମ୍ବଲପୁର ଗସ୍ତରେ ଆସି ନୂଆଖାଇ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ୮ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବିମାନ ଯୋଗେ ବାହାରି ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚିବେ। ଅପରାହ୍ନ ୧ଟା୧୦ରେ ସମଲେଇ ମନ୍ଦିରରେ ପହଞ୍ଚି ମା' ସମଲେଇଙ୍କୁ ଦର୍ଶନ କରିବା ସହ ନବାନ୍ନ ଭକ୍ଷଣ କରିବା କାର୍ଯ୍ୟକ୍ରମ ରହିଛି। ୩ଟା ୩୫ରେ ମାରୱାଡି ଯୁବାମଞ୍ଚ ଦ୍ୱାରା ରିଭର ଇନ୍‌ଠାରେ ଆୟୋଜିତ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସାମିଲ ହେବେ। ଅପରାହ୍ନ ୪ଟା୧୫ରେ ମୁଖ୍ୟମନ୍ତ୍ରୀ ତପସ୍ୱିନୀ ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଉଦ୍‌ଘାଟନ କରିବେ। ସନ୍ଧ୍ୟା ୬ଟା୧୦ରେ ଝାଡୁଆପଡା ଆରଣ୍ୟକ ମଞ୍ଚରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ହେବାକୁ ଥିବା ନୂଆଖାଇ ଭେଟ୍‌ଘାଟରେ ସାମିଲ ହେବେ। ଏହାପରେ ସମଲେଇ ମନ୍ଦିରରେ ସମଲେଶ୍ୱରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ମୁଖ୍ୟମନ୍ତ୍ରୀ ସାମିଲ ହେବେ। ସେଠାରୁ ସନ୍ଧ୍ୟା ୭ଟା୫୫ରେ ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ଭୁବନେଶ୍ୱରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସାମିଲ ହେବେ। କାର୍ଯ୍ୟକ୍ରମ ସମାପ୍ତ ପରେ ରାତି ୯ ଟାରେ ବୁର୍ଲା ଅଶୋକ ନିବାସରେ ରାତ୍ରି ଯାପନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଆଖିଆଗରେ ରଖି ସମ୍ବଲପୁରରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ତେବେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ସମଲେଇ ମନ୍ଦିରରେ ନୂଆଖାଇ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ସଂସ୍କୃତିପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।

# ଅକ୍ଟୋବର ୫ରେ ଖୋଲା ରହିବ ହାଇକୋର୍ଟ

କଟକ,୫।୯ (କାର୍ତ୍ତିକ ସାହୁ)

ଆସନ୍ତା ଅକ୍ଟୋବର ୫ ତାରିଖକୁ କାର୍ଯ୍ୟ ଦିବସ ଭାବେ ହାଇକୋର୍ଟ ଘୋଷଣା କରିଛନ୍ତି। ଶନିବାର ଛୁଟି ଦିବସ ହୋଇଥିବାବେଳେ ତାହାକୁ କାର୍ଯ୍ୟ ଦିବସରେ ପରିଣତ କରିବା ପାଇଁ ହାଇକୋର୍ଟ ଘୋଷଣା କରିଛନ୍ତି। ଫଳରେ ସବୁଦିନିଆ କାର୍ଯ୍ୟ ଦିବସ ଭଳି ଉକ୍ତ ଦିନ ହାଇକୋର୍ଟର କାର୍ଯ୍ୟ ଚାଲୁରହିବ। ନୂଆଖାଇ ପର୍ବ ପାଇଁ ଆସନ୍ତା ୯ରେ ହାଇକୋର୍ଟ ଛୁଟି ରହୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

# ବଜ୍ରପାତ ସହ ବର୍ଷା: ୧୦ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କେନ୍ଦ୍ରୀଭୂତ ହୋଇଛି। ଦୁଇଦିନ ଧରି ଉତ୍ତର ଦିଗରେ ଗତି କରିବ। ଏହାର ପ୍ରଭାବରେ ଗୁରୁବାରଠାରୁ ବର୍ଷା ପରିମାଣ ବଢ଼ିଛି। ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ ନବରଙ୍ଗପୁର ଆଦି ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ଘଡ଼ଘଡ଼ି, ବିଜୁଳି ସହ ପ୍ରବଳ ବର୍ଷା ନେଇ ୧୦ ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର ଏବଂ ନବରଙ୍ଗପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ବଜ୍ରପାତ ଓ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ଦିଆଯାଇଛି। ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁରକୁ ସତର୍କତା ଜାରି ହୋଇଛି। ଏହିସବୁ ଜିଲାରେ ୭୦ ରୁ ୨୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଘଡ଼ଘଡ଼ି ବିଜୁଳି ସହ ବର୍ଷା ନେଇ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଏବଂ ଜଗତ୍‌ସିଂହପୁରକୁ ସତର୍କ କରାଯାଇଛି।

# ପ୍ରତି ପଞ୍ଚାୟତରେ ହେବ ଆଦର୍ଶ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ


ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରୁଛନ୍ତି।

**ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ**

- **ଆରମ୍ଭ ହେଲା 'ନିପୁଣ ଓଡ଼ିଶା' ଓ 'ଡିପ୍' କାର୍ଯ୍ୟକ୍ରମ**
- **୩୦ ଜିଲାର ୪୪,୭୨୮ଜଣ ବିଦ୍ୟାର୍ଥୀ ପୁରସ୍କୃତ**

ଭୁବନେଶ୍ୱର,୫।୯(ଅନିଲ ଦାସ)

ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା କାର୍ଯ୍ୟକାରୀ କରିବେ। ଏଥିରେ ପ୍ରତି ପଞ୍ଚାୟତର ଗୋଟିଏ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବ। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂ ହାତଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହାଦ୍ୱାରା ୩ ଲକ୍ଷ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହେବେ ଓ ଡ୍ରପ ଆଉଟ୍ ହାର ହ୍ରାସ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ଗୁରୁବାର ଆୟୋଜିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ପୂରା ସମାଜର ଭବିଷ୍ୟତ ନିର୍ମାଣ କରନ୍ତି। ଗୁରୁମାନଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ। ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।

ନିଜର ଶିକ୍ଷକତା ଜୀବନକୁ ମନେପକାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନେ ଯେଉଁ ତ୍ୟାଗ କରନ୍ତି ତାହା ଅମୂଲ୍ୟ। ସେଥିପାଇଁ ସମସ୍ତେ ଗୁରୁମାନଙ୍କୁ ସମ୍ମାନ ଜଣାଇବା ଆବଶ୍ୟକ। ବିଦେଶୀ ଶାସନ ସମୟରେ ଆମର ସଂସ୍କୃତିଭିତ୍ତିକ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇଥିଲା। ବର୍ତ୍ତମାନ ଧୀରେ ଧୀରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ଏବଂ ନୂତନ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତିଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶା ଶିକ୍ଷାକ୍ଷେତ୍ର କିପରି ଅଗ୍ରାଧିକାର ପାଇବ ସେଥିପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି।

ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଆଜି ସମ୍ବର୍ଦ୍ଧିତ ହେଉଥିବା ବିଦ୍ୟାର୍ଥୀମାନେ ମନେରଖିବା ଉଚିତ ଯେ ଏହା ସେମାନଙ୍କ ସମ୍ବର୍ଦ୍ଧନା ନୁହେଁ ବରଂ ଏକ ସଂକଳ୍ପ। ଏହି ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି।

'ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିବା ଉଦ୍ଦେଶ୍ୟରେ ନିପୁଣ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସେହିପରି ବିଦ୍ୟାର୍ଥୀଙ୍କୁ ଡିଜିଟାଲ ସାକ୍ଷରତା ଏବଂ କୋଡିଂ ଶିକ୍ଷା ଦେବା ପାଇଁ 'ଡିଜିଟାଲ ଏଜୁକେଶନ ଏମ୍‌ପାୱାରମେଣ୍ଟ କାର୍ଯ୍ୟକ୍ରମ' (ଡିପ୍)ର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ବିଦ୍ୟାର୍ଥୀମାନେ ଆଗାମୀ ଦିନରେ କମ୍ପ୍ୟୁଟର ଶିକ୍ଷା ଓ କୋଡିଂରେ ସଫଳତା ପାଇବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପୋର୍ଟାଲ ଶିକ୍ଷା ଜ୍ୟୋତି ଶୁଭାରମ୍ଭ କରାଯାଇଛି। ଏହି ପୋର୍ଟାଲ ମାଧ୍ୟମରେ ଛାତ୍ରୀଛାତ୍ର ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ସୂଚନା, ଏକାଡେମିକ୍ କ୍ୟାଲେଣ୍ଡର, ପରୀକ୍ଷା କାର୍ଯ୍ୟସୂଚୀ, ଫଳାଫଳ ଏବଂ ବିଜ୍ଞପ୍ତି ସହଜରେ ପାଇପାରିବେ।

କ୍ୟାରିୟର ଗାଇଡାନ୍ସ ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ଏହି ପୋର୍ଟାଲ ମାଧ୍ୟମରେ ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରକାର କ୍ୟାରିୟର ବିଷୟରେ ସୂଚନା ପାଇପାରିବେ। ଏହା ମାଧ୍ୟମରେ ପ୍ରାୟ ୧୬ ଲକ୍ଷ ବିଦ୍ୟାର୍ଥୀ ଉପକୃତ ହେବେ। ସେହିପରି ରାଜ୍ୟରେ ଥିବା ସମସ୍ତ ଘରୋଇ ବିଦ୍ୟାଳୟର ପରିଚାଳନା ପ୍ରକ୍ରିୟାକୁ ସରଳ କରିବା ପାଇଁ ଘରୋଇ ବିଦ୍ୟାଳୟ ପରିଚାଳନା ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର', ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ବିଦ୍ୟାର୍ଥୀ ଏବଂ ଉଚ୍ଚ ମାଧ୍ୟମିକ ବୋର୍ଡର ୩୯୧ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାବ୍ୟତୀତ ଆଭାସୀ ମାଧ୍ୟମରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୩୦ଟି ଜିଲାର ୪୪,୭୨୮ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟସ୍ତରରେ ୨୮୭, ଜିଲାସ୍ତରରେ ୩୧୨୮, ବ୍ଲକସ୍ତରରେ ୩୨,୨୦୮ ଏବଂ ମହାନଗରନିଗମ ସ୍ତରରେ ୧୯୦୩ ବିଦ୍ୟାର୍ଥୀଙ୍କୁ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର ସର୍ବମୋଟ୍ ୭୧୬୦ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ୪୨ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଆକାଂକ୍ଷୀ ପାଠ୍ୟକ୍ରମ, ଜୈବ ବିବିଧତା, ସଫଳତାର ଶୀର୍ଷରେ ଆମ ପ୍ରତିଭା ପୁସ୍ତିକା ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଶାଲିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।



**ଆଜିର ମନ୍ତବ୍ୟ**

"ମହିଳାମାନଙ୍କ ପ୍ରତି ସମ୍ମାନ କେବଳ ଶବ୍ଦରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ପରିଲକ୍ଷିତ ହେବା ଉଚିତ। ମହିଳାଙ୍କ ସମ୍ମାନ ବଜାୟ ରଖିବା ପାଇଁ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଶିକ୍ଷକ ଓ ଅଭିଭାବକମାନଙ୍କ କର୍ତ୍ତବ୍ୟ।"

–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦି ବିଗେଷ୍ଟ ସେଲିବ୍ରେଶନ ଅଫ୍ ଗୁଡ୍ ସିନେମା, ସ୍ଥାନ: ଡିଏଭି ଚନ୍ଦ୍ରଶେଖରପୁର, କ୍ୟାମ୍ପସ-୧, ସମୟ: ସକାଳ ୯ଟା ୩୦।
- ନୂଆଖାଇ ପର୍ବ ପାଳନ, ସ୍ଥାନ: ମହିମା ଧର୍ମ ଗବେଷଣା ପରିଷଦ ଚାରିଟେବୁଲ ଟ୍ରଷ୍ଟ, କଳାରାହାଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ବିତର୍କ ପରିପ୍ରେକ୍ଷୀରେ ବୈଠକ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କ୍ରାଫ୍ଟ ଓଡେଶୀ ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଏଆଇସିସିଟିୟୁ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଫିଲ୍ମ 'ଅପରାହ୍ନର ସୂର୍ଯ୍ୟ', ସ୍ଥାନ: ସ୍ମୃତି ସିନେମା ହଲ୍, ସମୟ: ଅପରାହ୍ନ ୨ଟା ୫୦।
- ଆଦର୍ଶ ଓଡ଼ିଶା ସାମାଜିକ ଅନୁଷ୍ଠାନ ଏବଂ ପଞ୍ଚସଖା ଖବରକାଗଜର ତୃତୀୟ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସୁରେଖା ମହାପାତ୍ରଙ୍କ ଅନୁରାଗରୁ ଅସ୍ତରାଗ, ସ୍ଥାନ: ଜିକେସିଏମ୍ ପରିସର, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ ରିଲିଜ୍ ସେରିମନି, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଟାଙ୍ଗୀ-ଚୌଦ୍ୱାର ଓଷ୍ଟା ତରଫରୁ ସମ୍ବିଧାନିକ ସମ୍ମିଳନୀ, ସ୍ଥାନ: ଟାଙ୍ଗୀ ଗୋବିନ୍ଦପୁର ସ୍ଥିତ ସିଦ୍ଧଗିରି ନୋଡାଲ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର, ସ୍ଥାନ: ମିତ୍ରପୁର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସଚେତନତା ବୈଠକ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦୁଝର

- ଶିବ ମନ୍ଦିରରେ ମା' ଗୌରୀ ବ୍ରତଧାରୀଙ୍କ ମାନସିକ ପୂଜା, ସ୍ଥାନ:ହାବଳେଶ୍ୱର, ଶାଳନିଆଁ, ହାଟଡିହୀ, ସମୟ: ସକାଳ ୬ଟା।
- ମା ସନ୍ତୋଷୀଙ୍କ ମନ୍ଦିରରେ ମହିଳା ବ୍ରତଧାରୀଙ୍କ ପୂଜା, ସ୍ଥାନ:ଗଳି ଗୋପାଳପୁର, ହାଟଡିହୀ, ସମୟ:ସକାଳ ୮ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:କଳିଙ୍ଗା, ହାଟଡିହୀ, ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାମନଘାଟୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କଚେରି ପଡ଼ିଆ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ:ବହଳଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- କରମ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସୁରେଇଡ଼ିହି ଗ୍ରାମ, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଶୁଣାଣି ଶିବିର, ସ୍ଥାନ:ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- କପିଳାସ ଇତିହାସ ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ:ରିଡିଙ୍ଗ୍ ରୁମ୍, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ଅପରାହ୍ନ ୩ଟା।

## ଅନୁଗୋଳ

- ତାଳଚେର ପ୍ରଜାମଣ୍ଡଳର ୮୭ ତମ ଜନ୍ମଜୟନ୍ତୀ ଉତ୍ସବ, ସ୍ଥାନ: କଣିହାଁ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର

- ଆଦର୍ଶପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ତାଳ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଳାଭୂମି ରାସ୍ତା, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଏରସମା ବିପ୍ଳବ ଦିବସ ସମାରୋହ, ସ୍ଥାନ: ଏରସମା ଗାନ୍ଧୀ ସ୍ମୃତି ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- 'ସଙ୍କଳ୍ପ' ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ଏରସମା ଜଗନ୍ନାଥ ମନ୍ଦିରରୁ ଗାନ୍ଧୀ ସ୍ମୃତି ପୀଠ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ପାଣ୍ଡିରି, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସୁଭଦ୍ରା ଯୋଜନା ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୫ଟା।
- ବାଲି ତୃତୀୟା ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ସେବକ ସାହି, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ତେନ୍ତୁଳି ପ୍ରସ୍ତୁତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର

- ନବରଙ୍ଗପୁର ବିଧାୟକଙ୍କ ନିୟନ୍ତ୍ରିତ ବଜାର କମିଟି ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୫ଟା।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଭୀମ ଆର୍ମିର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ହୀରାଖଣ୍ଡ ନାଗରିକ ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ. ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଇଣ୍ଡଷ୍ଟ୍ରିଆଲ ଏରିଆ ଫେଜ୍ ୨ ଅଞ୍ଚଳ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ସୁବର୍ଣ୍ଣପୁର

- ସ୍ୱଚ୍ଛତା ପକ୍ଷ ପାଳନ, ସ୍ଥାନ: ଗୌଡ଼ଗାଡ ସରକାରୀ ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଆଧ୍ୟାତ୍ମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା।

- ମୁସଲିମ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ମଙ୍ଗଳବଜାର ଓ ହଟଲିପଡ଼ା ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି, ସ୍ଥାନ: ସହରସ୍ଥିତ ଝଣ୍ଡାଛକ ଓ ମଙ୍ଗଳବଜାର ଛକ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ୟୁଜିଆଇର ପ୍ରତିଷ୍ଠା ଦିବସ, ସ୍ଥାନ: ୟୁଜିଆଇ, ଜେଲ୍ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୃହସ୍ଥୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନନ୍ଦଗାଁ, ସେକ୍ଟର-୧୪, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ଚାଷ, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରସିଦ୍ଧ ସାର୍ବଜନୀନ ଗଣେଶ ମେଳା ପାଇଁ କଳସ ଯାତ୍ରା, ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ ମଣ୍ଡପ ପର୍ଯ୍ୟନ୍ତ, ଦେବଗଡ ସହର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ, କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୯ଟା।

## ନୂଆପଡ଼ା

- ଗ୍ରାମ ଇଷ୍ଟଦେବୀଙ୍କୁ ନୂତନ ଧାନ ଭୋଗ ଅର୍ପଣ (ବାଲିସରା ଯାତ୍ରା), ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ସକାଳ ୭ଟା।
- ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ସୁଭଦ୍ରା ଯୋଜନା ଅଗ୍ରଗତି ନେଇ ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

# ମୃତଦେହ ବ୍ୟବଚ୍ଛେଦକୁ ନେଇ ଡାକ୍ତରଙ୍କୁ ମାଡ଼

**କୋରାପୁଟ/ନନ୍ଦପୁର,୫।୯ (ଅମିତାଭ ବେହେରା/ସୁନୀଲ କୁମାର ପଣ୍ଡା)**

କୋରାପୁଟ ଜିଲା ନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦକୁ ନେଇ ଗୁରୁବାର ଡାକ୍ତର ସମ୍ବିତ କୁମାର ପଣ୍ଡାଙ୍କୁ ମୃତକଙ୍କ ସମ୍ପର୍କୀୟ ଏବଂ ଗ୍ରାମବାସୀ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ନନ୍ଦପୁର ପୋଲିସ ୧୦୪/୨୪ରେ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ୨୦ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ନନ୍ଦପୁର ଏସ୍‌ଡିପିଓ ସମ୍ବିତ ମାଝି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ନନ୍ଦପୁର ଥାନା ଅନ୍ତର୍ଗତ ଡିକରପଡା ପଞ୍ଚାୟତ ପଞ୍ଜିଲ ଗ୍ରାମର କବିତା ଡଙ୍ଗରି (୨୪) ଗୁରୁତର ଅବସ୍ଥାରେ ବୁଧବାର ନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପଣ୍ଡା ବ୍ୟବଚ୍ଛେଦ ଗୃହରେ ମୃତଦେହ ବ୍ୟବଚ୍ଛେଦ ନ କରି ବାହାରେ ବ୍ୟବଚ୍ଛେଦ କରିବାକୁ ନେଇ ମୃତ ମହିଳାଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ବିରୋଧ କରିଥିଲେ। କେତେଜଣ ଉତ୍ତ୍ୟକ୍ତ ହୋଇ ମୃତଦେହ ବ୍ୟବଚ୍ଛେଦ କରୁଥିବା ଡାକ୍ତର ପଣ୍ଡାଙ୍କୁ ମାଡ଼ ମାରିଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଯାଇଥିବା ଜଣାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କୋରାପୁଟ ସ୍ୱାସ୍ଥ୍ୟ ବିଭାଗର ମୁଖପାତ୍ର ଡାକ୍ତର ମୁକ୍ତିକାନ୍ତ ଖଟୁଆ ସୂଚନା ଦେଇଛନ୍ତି।

# ମଦ ଗାଡ଼ି ଜାଳିଦେଲେ



୧୬ନଂ ଜାତୀୟ ରାଜପଥରେ ଜଳୁଥିବା ସ୍କର୍ପିଓ।

**ସିମୁଳିଆ, ୫।୯(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୨କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଭଗିଆ ଗାଁ ନିକଟରେ ମଦ ବୋଝେଇ ସ୍କର୍ପିଓ(ଓଆର୍ ୦୨ ବିଟି ୦୧୦୦)ରେ ଲୋକମାନେ ନିଆଁ ଲଗାଇଦେଇଛନ୍ତି। ଏହି ଗାଡ଼ିକୁ ଗୋଡାଉଥିବା ଭଦ୍ରକ ପୋଲିସ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଅପରପକ୍ଷେ ସିମୁଳିଆ ପୋଲିସ ଏହି ଗାଡ଼ିରେ ଥିବା ରମେଶ ପ୍ରଧାନ(୨୮) ଓ ତାପସ ବେହେରା(୩୫)ଙ୍କୁ ଥାନାରେ ଅଟକ ରଖିଛି।

ଗୁରୁବାର ରାତି ୯ଟାରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏହି ଗାଡ଼ିକୁ ଅବକାରୀ କର୍ମଚାରୀ ଓ ପୋଲିସ ପିଛା

### ୨ ଯୁବକ ଥାନାରେ ଅଟକ

କରିଥିଲା। ମଦ ବୋଝେଇ ହୋଇଥିବା ଏହି ଗାଡ଼ିରେ ପିଲା ଚୋରି କରି ନିଆଯାଉଥିବାର ଖବର ପ୍ରଚାରିତ ହେବା ପରେ ଜନସାଧାରଣ ଏହି ଗାଡ଼ିକୁ ଘେରିଥିଲେ। ଫେରାର ହେବାକୁ ଉଦ୍ୟମ କରୁଥିବା ଗାଡ଼ି ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣା ଓଭରବ୍ରିଜ ଦେଇ ପୁଣି ଭଦ୍ରକ ଅଭିମୁଖେ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଭଗିଆ ଗାଁ ନିକଟରେ ଧରାପଡିଯାଇଥିଲା। ଏହି ଗାଡ଼ିରେ ଥିବା କେତେଜଣ ବ୍ୟକ୍ତି ଫେରାର ହୋଇଯାଇଥିବା ବେଳେ ୨ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି।

**ଜଙ୍ଗଲ, ପରିବେଶ ବିଭାଗର ସମୀକ୍ଷା**

# ଡିସେମ୍ବର ସୁଦ୍ଧା ପୂରଣ ହେବ ୨ ହଜାର ଖାଲି ପଦବୀ

**ଭୁବନେଶ୍ୱର,୫।୯(ଅନିଲ ଦାସ)**

ବର୍ତ୍ତମାନ ସୁଦ୍ଧା ୧୬୭୭ ବନରକ୍ଷୀ ଓ ୩୧୬ ବନପାଳ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଡିସେମ୍ବର ସୁଦ୍ଧା ମୋଟ ପଦବୀ ପୂରଣ କରାଯିବ। ବାକିଥିବା ପଦବୀଗୁଡ଼ିକ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ଗୁରୁବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଜଙ୍ଗଲ ଅଞ୍ଚଳରେ ଅବୈଧ ଗଛକଟା ବନ୍ଦ କରିବା ଏବଂ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଶ୍ରମଭିତ୍ତିକ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

୨୦୧୯-୨୦ ବର୍ଷଠାରୁ ଏ ପର୍ଯ୍ୟନ୍ତ ବିଭିନ୍ନ କାରଣ ଯୋଗୁ ୪୪୪ ହାତୀ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ ୭୨୯ ଜଣ ବ୍ୟକ୍ତି ମଧ୍ୟ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମଣିଷ-ବନ୍ୟଜନ୍ତୁ ସଂଘର୍ଷ କମାଇବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚଳିତବର୍ଷ ବଜ୍ରପାତକୁ ରୋକିବା ପାଇଁ ୧୯ ଲକ୍ଷ ତାଳଗଛ ଜଙ୍ଗଲ ପରିସୀମା ଅଞ୍ଚଳରେ ରୋପଣ କରାଯାଉଛି। ସେହିପରି ପ୍ଲାଷ୍ଟିକମୁକ୍ତ ବନୀକରଣ, ବନାଗ୍ନି ନିର୍ବାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଏବଂ ପିସିସିଏଫ୍ (ୱାଇଲ୍ଡ ଲାଇଫ) ସୁଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତ ମୃତ୍ୟୁ...

ପ୍ରଥମ ପୃଷ୍ଠାରୁ...

ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପରୋକ୍ତ ତଥ୍ୟ ବିଧାନସଭାରେ ଉପସ୍ଥାପନା କରିଛନ୍ତି। କିନ୍ତୁ ସେ ବିଧାନସଭାରେ କହିଥିଲେ ଯେ, ଗତ ୫ ବର୍ଷରେ ରାଜ୍ୟରେ ୧୧୦୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ଉତ୍ତରପ୍ରଦେଶ ଓଡ଼ିଶାଠାରୁ ୪ ଗୁଣା ବଡ଼ ରାଜ୍ୟ ହୋଇ ବି ସେଠାରେ ବଜ୍ରପାତଜନିତ ମୃତ୍ୟୁ ଗତ ୫ ବର୍ଷରେ ମାତ୍ର ୫୪୨। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରରେ ବଜ୍ରପାତ ମୃତ୍ୟୁ ଅନ୍ୟ ଜିଲାଠାରୁ ଅଧିକ ରହିଛି। ଗବେଷଣା ଅନୁଯାୟୀ ଓଡ଼ିଶାରେ ଖଣିଜ ପଦାର୍ଥ ଭରପୂର ଥିବାରୁ ବଜ୍ରପାତ ଅଧିକ ହେଉଛି। ଏହାର କାରଣ ହେଉଛି ଖଣିଜ ପଦାର୍ଥ ବିଦ୍ୟୁତ୍ ସୁପରିବାହୀ। ଆଜି ଯାଏ କୌଣସି ଜ୍ଞାନକୌଶଳ ଆସିନାହିଁ ଯେ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ବଜ୍ରପାତ ହେବ ତାହା ଆକଳନ କରିହେବ। ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ। ଯେପର୍ଯ୍ୟନ୍ତ ବୈଜ୍ଞାନିକମାନେ ବଜ୍ରପାତ ସମ୍ପର୍କରେ ଆଗୁଆ ସୂଚନା ଜ୍ଞାନକୌଶଳର ଉଦ୍‌ଘାଟନ ନ କରିଛନ୍ତି ସେ ପର୍ଯ୍ୟନ୍ତ କେଉଁଠି ବଜ୍ରପାତ ହେବ ତାହା କହିହେବ ନାହିଁ। ତେବେ ବଜ୍ରପାତ ବିପତ୍ତି ହ୍ରାସ କରିବାକୁ ସମଗ୍ର ରାଜ୍ୟରେ ବ୍ୟାପକ ପରିମାଣରେ ତାଳଗଛ ଲଗାଯାଉଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗକୁ ୭ କୋଟି ଟଙ୍କା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଗତ ୫ ବର୍ଷରେ ଝାରସୁଗୁଡ଼ାରେ ୭୨ ଓ ବଲାଙ୍ଗୀରରେ ୫୫ ଜଣଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ବଜ୍ରପାତଜନିତ ମୃତ୍ୟୁ ପାଇଁ ରାଜ୍ୟ ସରକାର ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ରାଜସ୍ୱ ବିଭାଗ ପାଖରେ ୨୨ଶହରୁ ୨୩ ଶହ କୋଟି ଟଙ୍କା ରହିଛି। ସେଥିରୁ ୨୦୦ କୋଟି ଟଙ୍କା କ୍ଷତି ପୂରଣ ପାଇଁ ରଖାଯାଇଛି। ରାଜ୍ୟ ବାହାରେ ବଜ୍ରପାତରେ ଓଡ଼ିଆଙ୍କ ମୃତ୍ୟୁ ହେଲେ ସେମାନଙ୍କୁ କ୍ଷତିପୂରଣ ଦେବାକୁ ସରକାର ବିଚାର ବିମର୍ଶ କରିବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ଡପଲାର ରାଡାର ବଜ୍ରପାତ ବିଷୟରେ ଆଗୁଆ ସୂଚନା ଦେଇପାରିବ କି। ଅନ୍ୟ ରାଜ୍ୟରେ ବଜ୍ରପାତରେ ମରୁଥିବା ଲୋକଙ୍କୁ ସହାୟତା ଦେବେ କି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ତାଳଗଛ କେଉଁଠି ଲାଗିଛି। କିଏ ତଦାରଖ କରୁଛନ୍ତି। ବଜ୍ରପାତ ମୃତ୍ୟୁଜନିତ ସହାୟତା ରାଶି ୪ ଲକ୍ଷରୁ ବଢ଼ାଇ ୧୦ ଲକ୍ଷ କରିବେ କି। ମନ୍ତ୍ରୀ କହିଥିଲେ, ବାଲେଶ୍ୱର ଓ ସମ୍ବଲପୁରରେ ଡପଲାର ରାଡାର ଲାଗିବ। ଏଥିରେ କେବଳ ବର୍ଷା ଓ ବାତ୍ୟା ସମ୍ପର୍କରେ ସୂଚନା ମିଳିପାରିବ। ବଜ୍ରପାତ ସମୟରେ ୩ ହଜାର ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ସୃଷ୍ଟି ହେଉଛି। ଏହାକୁ ରଖାଯାଇ ପାରିଲେ ସମଗ୍ର ବିଶ୍ୱକୁ ବିଦ୍ୟୁତ୍ ଶକ୍ତି ମିଳିପାରିବ। ସହାୟତା ରାଶି ବୃଦ୍ଧି ସମ୍ପର୍କରେ ସରକାର ବିଚାର କରିବେ ବୋଲି ମନ୍ତ୍ରୀ କହିଛନ୍ତି।

ବ୍ରଜପାତ ବୃଦ୍ଧି ସମ୍ପର୍କରେ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ବଢୁଥିବାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ପୃଥିବୀର ତାପମାତ୍ର ବଢ଼ିଚାଲିଥିବାରୁ ଜଳବାୟୁରେ ପ୍ରଭୂତ ପରିବର୍ତ୍ତନ ହେଉଛି। ବୈଜ୍ଞାନିକ ଗବେଷଣା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଫଳରେ ଦିନକୁ ଦିନ ପ୍ରାକୃତିକ ବିପର୍ଯ୍ୟୟ ବଢୁଛି। ଏଥିମଧ୍ୟରେ ବଜ୍ରପାତ ଘଟଣା ମଧ୍ୟ ଅନ୍ତର୍ଭୁକ୍ତ। ଓଡ଼ିଶାର ଅଧିକାଂଶ ଖଣିଖାଦାନକୁ ଉତ୍ତୋଳନ କରିବା ପରେ ଖୋଲା ଛାଡ଼ି ଦିଆଯାଉଛି। ଫଳରେ ଖାଦାନ ଆଖପାଖରେ ପଡ଼ି ରହୁଥିବା ଧାତବପଦାର୍ଥଗୁଡ଼ିକ ବିଜୁଳି ବା ବଜ୍ରପାତକୁ ଆକର୍ଷିତ କରୁଛି। ସେହିପରି ତାଳଗଛ ଡେଙ୍ଗା ହୋଇଥିବାରୁ ସେ ବଜ୍ରଘାତରୁ ଆସୁଥିବା ବିଦ୍ୟୁତ୍‌ଶକ୍ତିକୁ ଟାଣେ। ତାଳଗଛ ମଧ୍ୟଦେଇ ବିଦ୍ୟୁତ୍‌ଶକ୍ତି ଭୂମିକୁ ପ୍ରବାହିତ ହୋଇଥାଏ। ଆମ ପୂର୍ବପୁରୁଷମାନେ ଆଗରୁ ଚାଷ କ୍ଷେତ, ଗହୀରଗୁଡ଼ିକରେ ବହୁ ପରିମାଣରେ ତାଳଗଛ ଲଗାଉଥିଲେ। ମାତ୍ର ଏବେ ଗହୀରରେ ତାଳଗଛ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ହୋଇଯାଇଛି। ସରକାର ୧୯ଲକ୍ଷ ତାଳଗଛ ଲଗାଇବା ପାଇଁ ଯୋଜନା କରିଛନ୍ତି, ମାତ୍ର ତାଳଗଛ ସୃଷ୍ଟି ହେବା ପାଇଁ ଅତି କମ୍‌ରେ ୧୦ବର୍ଷ ଦରକାର।

## ପ୍ରେମ ବ୍ୟାପାରରୁ...

ପୋଲିସ ୫ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ରୁଦ୍ରପ୍ରସାଦ କୋଟପୁରସ୍ଥିତ ବଜ୍ରଗିରି କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ଥିଲେ। ସେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଶଙ୍ଖାରଢ଼ିହଠାରେ ଥିବା ତାଙ୍କ ପାନ ଦୋକାନକୁ ଆସି ଆଉ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ଘରଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତାଙ୍କ ମୋବାଇଲକୁ ଯୋଗାଯୋଗ କରିବାରୁ ତାହା ସୁଇଚଅଫ ଦେଖାଇଥିଲା। ଏହାପରେ ରୁଦ୍ରପ୍ରସାଦ ନିଖୋଜ ଥିବା ନେଇ ତାଙ୍କ ବାପା ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୬୭୦/୨୪ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଗୁରୁବାର ସକାଳେ ରଥିଆ ନିକଟ ଶଗଡ଼ିଆ ନାଳରେ ଏକ ମୃତଦେହ ଭାସୁଥିବା ଖବର ମିଳିଥିଲା। ଏହାପରେ ରୁଦ୍ରପ୍ରସାଦଙ୍କ ପରିବାର ଲୋକଙ୍କୁ ପୋଲିସ ଡକାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଭାସୁଥିବା ମୃତଦେହ ରୁଦ୍ରପ୍ରସାଦଙ୍କର ବୋଲି ତାଙ୍କ ପରିବାର ଲୋକ ଚିହ୍ନଟ କରିଥିଲେ।

ତେବେ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ପୁଅକୁ ହତ୍ୟା କରାଯାଇଛି ବୋଲି ନରହରି କହିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ। ପୋଲିସ ରୁଜୁ କରିଥିବା ନିଖୋଜ ମାମଲାକୁ ହତ୍ୟା ମାମଲା କରି ତଦନ୍ତ ଆରମ୍ଭ କରିଥିଲା। ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଓ ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ପୋଲିସ ସନ୍ଦେହରେ ସେଠାରେ ଥିବା ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୪ଜଣ ଓ ସ୍ଥାନୀୟ ଉତ୍ତରଶାସନ ଗ୍ରାମର ଜଣଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଜଣେ ଛାତ୍ରଙ୍କୁ ଏଭଳି ହତ୍ୟାପରେ ଅଭୟପୁର ଗ୍ରାମବାସୀ ସ୍ତବ୍ଧ ହୋଇପଡ଼ିଛନ୍ତି। ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ କ'ଣ ପାଇଁ ଜଣେ କଲେଜ ଛାତ୍ରଙ୍କୁ ହତ୍ୟାକରି ଫିଙ୍ଗିଦିଆଗଲା ତାହା ଜାଣିବାକୁ ସମସ୍ତେ ଅପେକ୍ଷା କରିଛନ୍ତି। ପୋଲିସ ଶୁକ୍ରବାର ସବୁକିଛି ସ୍ପଷ୍ଟ କରିବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଆଦିବାସୀ ଛାତ୍ରୀଛାତ୍ରଙ୍କୁ...

ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉକ୍ତ ପ୍ରସ୍ତାବ ସହିତ ମୋଟ ୩ଟି ପ୍ରସ୍ତାବ ଉପରେ ମୋହର ଲାଗିଛି।

କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଶିକ୍ଷା ଏବଂ ସେମାନଙ୍କର ବିକାଶ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ଡ୍ରପଆଉଟ ହାର ହ୍ରାସ କରିବା ପାଇଁ ରାଜ୍ୟ ସରକାର ଶହୀଦ 'ମାଧୋ ସିଂ ହାତଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି; ଯେଉଁଥିରେ ଛାତ୍ରୀଛାତ୍ରମାନେ ଅଷ୍ଟମରୁ ଉତ୍ତୀର୍ଣ୍ଣ ହୋଇ ନବମ ଏବଂ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଉକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଯୋଜନାରେ ଚଳିତବର୍ଷ ପ୍ରାୟ ୩ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଉପକୃତ ହେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କର୍ମାଧିପ ବକ୍ରି ଶନିଙ୍କ ପ୍ରଭାବରେ କାର୍ଯ୍ୟବ୍ୟସ୍ତତା କାରଣରୁ ଅଧିକାଂଶ ସମୟ ମନ ଅସ୍ଥିର ରହିବ। ସଭାସମିତି, ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ପିଲାଙ୍କ ସମସ୍ୟାକୁ ନେଇ ମାନସିକ ସ୍ଥିତି ବିପନ୍ନ ରହିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ଯୋଜନା ଚିନ୍ତା କରିପାରନ୍ତି।

**ବୃଷ** – ବୃହସ୍ପତି ନିଜ ରାଶିରେ ଅବସ୍ଥାନ କରିଥିବାରୁ ଆଶା କରିଥିବା ଦିଗରୁ ଅର୍ଥଲାଭ ଓ କାର୍ଯ୍ୟସିଦ୍ଧି ଘଟିବ। ଅପ୍ରିୟ ସତ୍ୟ ଭାଷଣରୁ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। କଚେରି ମାମଲା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ବନ୍ଧୁଙ୍କ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶା ପୂରଣ ହୋଇଯିବ।

**ମିଥୁନ** – ରୋହିଣୀ ନକ୍ଷତ୍ର ଆଜି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସ୍ୱାର୍ଥସାଧନ ମାନସରେ ମିତ୍ରମାନେ ପ୍ରଶଂସା ସୂଚକ ବାକ୍ୟାଳାପ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ଓ ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କେତେକ କଥା ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** – ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ ଅତୀତକଥାକୁ ଚିନ୍ତା କରି କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଅଫସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ଶିଳ୍ପ ବାଣିଜ୍ୟରେ ଉନ୍ନତି ଘଟିବ। ସାହିତ୍ୟ, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** – ବୁଧାଦିତ୍ୟ ଯୋଗଜନିତ କାମଗୁଡ଼ିକ ଶୃଙ୍ଖଳିତ ହେବା ସହ ପ୍ରଶଂସାର ପାତ୍ର ହେବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବାରୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ସାଙ୍ଗକୁ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହୃଦୟତାରୁ କାମ ହାସଲ ପୂର୍ବକ ଉପକୃତ ହେବେ।

**କନ୍ୟା** – ଏକାଧିକ ଗ୍ରହ ରାଶିସ୍ଥ କାରଣରୁ ପାରିବାରିକ ପରିସ୍ଥିତି ଗମ୍ଭୀର ରହିବା ସହ ମାନସିକ ଅସ୍ଥିରତାଯୁକ୍ତ ହେବେ। ଆତ୍ମୀୟଙ୍କ ସହ ସଦ୍‌ଭାବ ଅକ୍ଷୁଣ୍ଣ ରହିବା ହେତୁ ମାନସିକ ଶାନ୍ତିଲାଭ କରିପାରନ୍ତି। କର୍ମାରମ୍ଭରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ଠିକ୍ ହୋଇଯିବ। ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ କିନ୍ତୁ ବ୍ୟବସାୟରେ କ୍ଷତି ଘଟିପାରେ।

**ତୁଳା** – ନୀଚାରୋହୀ ଶୁକ୍ର ପ୍ରଭାବରେ ଶରୀରଚର୍ଚ୍ଚାର ଅଭାବ ଓ ଅବହେଳାଜନିତ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ବିବାଦୀୟ ବ୍ୟକ୍ତିଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ଅଶାନ୍ତି ବୃଦ୍ଧିପାଇବ। ବନ୍ଧୁଙ୍କ ସମ୍ପର୍କରେ କୌଣସି ଖବର ପାଇ ବିସ୍ମିତ ହେବେ।

**ବିଛା** – ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଅନ୍ୟମାନଙ୍କ ଦ୍ୱାରା ପ୍ରତାରିତ ହୋଇ କଷ୍ଟ ଅନୁଭବ କରିପାରନ୍ତି। କୌଣସି ଆନୁଷ୍ଠାନିକ ଅଥବା ସାମାଜିକ କାର୍ଯ୍ୟରେ ଯୋଗଦେବାର ସୁଯୋଗ ଜୁଟିପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ଓ ରାଜନୀତି ପାଇଁ ଦିନଟି ଭଲ। ଦିନଭରି ପରିଶ୍ରମ କରିବେ ସତ, ପ୍ରାପ୍ତି ସନ୍ତୋଷଜନକ ହେବନାହିଁ।

**ଧନୁ** – ରାଶ୍ୟାଧିପତିଙ୍କ ଦୃଷ୍ଟିରୁ ପ୍ରତ୍ୟେକ ପରିସ୍ଥିତିରେ ମନବଳ ଟାଣ ରହିବ। ମନରେ ବସା ବାନ୍ଧିଥିବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଅଧିକାଂଶ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** – ଶନି ଓ ରବିଙ୍କ ଷଡ଼ାଷ୍ଟକ ସ୍ଥିତି ପାରିବାରିକ ସମସ୍ୟାକୁ ବୃଦ୍ଧି କରିପାରେ। ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନା ସକାଶେ ମନ ବଳାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କଥା କହି କାମ ହାସଲରେ ସମର୍ଥ ହେବେ।

**କୁମ୍ଭ** – ଚନ୍ଦ୍ରଙ୍କ ପାପପ୍ରଭାବ ହେତୁ ଆଲୋଚନା ପରିସରରେ ବିବାଦୀୟ ମନ୍ତବ୍ୟ ଦେଇ ଶତ୍ରୁତା ଅର୍ଜନ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନବଳ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ହାସଲ କରିବେ। ଦୈନନ୍ଦିନ ଜୀବବନଯାତ୍ରାରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ କ୍ଷତିରେ ପଡ଼ିବେ।

**ମୀନ** – ଭାଗ୍ୟସ୍ଥାନକୁ ଗୁରୁଦୃଷ୍ଟିଜନିତ ଆଜି ଆପଣ ପରିବାର ସକାଶେ ଗୁରୁତ୍ୱପୂର୍ଣ୍ଣ କାମଟି ହାସଲ କରିବା କଷ୍ଟକର ହୋଇପଡ଼ିବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କ ସହାୟତାରୁ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ କିନ୍ତୁ ଯାଇ ପାରିବେ ନାହିଁ। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ସେପ୍ଟେମ୍ବର ୬ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ବାଲିତୃତୀୟା ଯୁକ୍ତ ହରିତାଳିକା ଚତୁର୍ଥୀ ଶୁକ୍ରବାର, ଗୌରୀବ୍ରତ, ଶ୍ରୀମନ୍ଦିରରେ ଅନ୍ଧଲୀଳା। ରାଶିନକ୍ଷତ୍ର-ଦିବା ଘ.୦୯.୨୫ମି. ଗତେ ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ସକାଳ ଘ.୦୫.୩୫ମି. ଗତେ ଘ. ୦୬.୨୫ମି.ମଧ୍ୟେ, ଘ.୦୭.୧୪ମି. ଗତେ ଘ.୦୮.୪୦ମି ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୨ମି. ଗତେ ଘ.୧୧.୪୪ମି. ମଧ୍ୟେ ରାହୁକାଳ।

# ୱୋ ନା ହୋଗା ତୋ କ୍ୟା କମି ହୋଗି...



୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବରେ ଚନ୍ଦନ ଦାସଙ୍କ ଗଜଲ ପରିବେଷଣ ।

## ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଆରମ୍ଭ
## ଚନ୍ଦନ ଦାସଙ୍କ ଗଜଲରେ ବାନ୍ଧିହେଲେ ଶ୍ରୋତା

ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ ଅନୁଷ୍ଠାନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜ ପ୍ରତାପ, ପୂର୍ବତନ ରାଜସ୍ୱ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ୱୋ ନା ହୋଗା ତୋ କ୍ୟା କମି ହୋଗି..., ପିୟା ନେହିଁ ଜବ୍ ଗାଓଁ ମେଁ..ଆଗ୍ ଲଗେ ସଭି ଗାଓଁ ମେଁ..., ଖୁଦ୍‌କା ଜିକର କରେ ୱୋ ତୁମାରି ବାତ୍ କରେଁ...ଭଳି ମନଛୁଆଁ ଗଜଲରେ କଣ୍ଠଶିଳ୍ପୀ ଚନ୍ଦନ ଦାସ ମଞ୍ଚରେ ଅନନ୍ୟ ବାତାବରଣ ଖେଳାଇ ଦେଇଥିଲେ। ଶାନ୍ତ, ମନୋରମ ପରିବେଶରେ ତାଙ୍କ ଗଜଲ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ବେଗମ ଅଖତର ସମ୍ମାନ ବିଜେତା କିମ୍ବଦନ୍ତୀ ମେହଦୀ ହାସନଙ୍କ ଅନନ୍ୟ ଶୃଙ୍ଖଳାର ଗଭୀର ପ୍ରଭାବ ତାଙ୍କ ଗଜଲ ଗାୟନ ଶୈଳୀରୁ ବେଶ୍ ବାରିହେଉଥିଲା। ଭାରତର ସମୃଦ୍ଧ ଗଜଲ ପରମ୍ପରାକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ଲକ୍ଷ୍ୟରେ ଆୟୋଜିତ ଏହି ସମ୍ମାନ ଉତ୍ସବର ସନ୍ଧ୍ୟାରେ ତାଙ୍କର ଗଜଲ ପରିବେଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଥିଲା। ତାଙ୍କୁ ତବଲାରେ ଅରସଦ ଖାଁ, ବଂଶୀରେ ଅଭିରାମ ନନ୍ଦ, କି'ବୋର୍ଡରେ ଆରିଫ ଲତିଫ ଏବଂ ଗିଟାରରେ ଭବତୋଷ ମହାନ୍ତି ସହଯୋଗ କରିଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ। ସେହିଭଳି ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି। ଚଳିତ ବର୍ଷ ଏହି ସମ୍ମାନ ଉତ୍ସବ ୭ଦିନ ଧରି ଅନୁଷ୍ଠିତ ହେବ।



କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜ ପ୍ରତାପ। ନିକଟରେ ଅଛନ୍ତି ପୂର୍ବତନ ରାଜସ୍ୱ ପରିଷଦ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଏମ୍‌ଜିଏମ୍ ମିନେରାଲ୍ସର ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର।

# ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣକଲେ ଓଡ଼ିଶାର ୨ ଶିକ୍ଷକ





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ଓଡ଼ିଶାର ଦ୍ୱିତୀଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କର।

ଭୁବନେଶ୍ୱର, ୫।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁଦିବସ ଅବସରରେ ଗୁରୁବାର ଶିକ୍ଷକ ପୁରସ୍କାର ଗ୍ରହଣ କରିଛନ୍ତି ଓଡ଼ିଶାର ୨ ଜଣ ଶିକ୍ଷକ। ସେମାନେ ହେଲେ କଳାହାଣ୍ଡି ଜିଲାର ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ସର୍ଗୀକୃତ ନର୍ଲାସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର କର ଓ ରାୟଗଡ଼ା ଜିଲାର ଜନଜାତି ପିଲାଙ୍କ ଶିକ୍ଷାର ବିକାଶ ପାଇଁ ସମର୍ପିତ ବିଲେଷୁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ। ଏନେଇ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି, ରୌପ୍ୟ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଷ୍ଟ୍ରପତି ବିଭିନ୍ନ ରାଜ୍ୟରୁ ୫୦ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ବିଜ୍ଞାନ ପାଠକୁ ସହଜ କରିବା ସହ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ସନ୍ତୋଷ ନିଜ ଉଦ୍ୟମରେ ତିଆରି କରିଛନ୍ତି ନୂଆ ଉଦ୍ଭାବନ। ଖେଳନା ମାଧ୍ୟମରେ ବିଜ୍ଞାନ ଶିକ୍ଷା ଆଧାରିତ କାର୍ଯ୍ୟକ୍ରମ ସହ ସମାଜରେ ବିଜ୍ଞାନର ପ୍ରଚାରପ୍ରସାର ସାଙ୍ଗକୁ କୁସଂସ୍କାର ଦୂରୀକରଣରେ ତାଙ୍କର ସ୍ୱତନ୍ତ୍ର ଯୋଗଦାନ ରହିଛି। ପୂର୍ବରୁ ସେ ରାଜ୍ୟ ଶିକ୍ଷା ପୁରସ୍କାର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଜାତୀୟ ସ୍ତରରେ ପର୍ଯ୍ୟାବରଣ ମିତ୍ର ପୁରସ୍କାର ପାଇଛନ୍ତି। ନର୍ଲା ବ୍ଲକ୍ ତୁଳାଗାଁର ସ୍ୱର୍ଗତ ଗଙ୍ଗାଧର କର ଓ ସ୍ନେହଲତା କରଙ୍କ ପୁଅ ସନ୍ତୋଷ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିଭଳି ରାୟଗଡ଼ାର ପଦ୍ମପୁରର ଏକ ଗରିବ ପରିବାରରେ ଜନ୍ମିତ ଦ୍ୱିତୀଚନ୍ଦ୍ର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଖବରକାଗଜ ବିକ୍ରେତାରୁ ଶିକ୍ଷକ ହୋଇଥିଲେ। ନିଜର ସୃଜନ ଶକ୍ତି ଓ ପ୍ରୟୋଗାତ୍ମକ ଚିନ୍ତନ ଜରିଆରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଶିକ୍ଷଣ ପ୍ରକ୍ରିୟାରେ ନିରନ୍ତର ନୂଆ ପ୍ରୟୋଗ କରୁଥିଲେ। ଜନଜାତି ଚିତ୍ରକଳାକୁ ଶିକ୍ଷଣ ପ୍ରକ୍ରିୟାରେ ସାମିଲ, ବିନା ବିଦ୍ୟୁତ୍ ଓ ଇଣ୍ଟରନେଟ୍‌ରେ ଆଇସିଟି ସାମଗ୍ରୀର ବ୍ୟବହାର, ଅଭିନବ ଶିକ୍ଷଣ ପେଡି ସହ ଆତ୍ମନିର୍ଭରଶୀଳ କାର୍ଯ୍ୟକ୍ରମମାନ ଜରିଆରେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ଏହା ସହ ଶିକ୍ଷା ଓ ସାହିତ୍ୟ ପାଇଁ ସେ ପୂର୍ବରୁ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନରେ ମଧ୍ୟ ସମ୍ମାନିତ ହୋଇଛନ୍ତି।

## ଗୁଳି ବିନିମୟ: ୬ ମାଓବାଦୀ ମୃତ, ୨ ଯବାନ ଆହତ

ମାଲକାନଗିରି, ୫।୯(ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନାର ଭଦ୍ରାଦ୍ରି କୋତାଗୁଡେମ ଜିଲା କରକାଗୁଦାମ ଏବଂ ମୁଲଗୁ ଜିଲାର ପିନପାକା ବ୍ଲକ ଅନ୍ତର୍ଗତ ଜନ୍ଦାଗୁଟା ଜଙ୍ଗଲରେ ଗ୍ରେହାଉଣ୍ଡ ଫୋର୍ସ ଏବଂ ମାଓବାଦୀ ମଧ୍ୟରେ ଗୁରୁବାର ହୋଇଥିବା ଏନ୍‌କାଉଣ୍ଟରରେ ୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ମୃତ ମାଓବାଦୀମାନେ ହେଲେ କୁଞ୍ଜା ବିରେୟା ଓରଫ ଲଛନା, ତୁଲସୀ, ଶୁକ୍ରା, ଚାଲୋ, ଦୁର୍ଗେସ ଓ ବୋଲି । ଏମାନେ ଛତିଶଗଡର ଲକ୍ଷ୍ମଣ ଦଳମ୍‌ର ସଦସ୍ୟ ହୋଇଥିବା ବେଳେ ଛତିଶଗଡରୁ ତେଲଙ୍ଗାନା ଯାଉଥିଲେ । ଏହି ଖବର ପାଇ ପୋଲିସ ଓ ଗ୍ରେହାଉଣ୍ଡ ଫୋର୍ସ ମାଓବାଦୀଙ୍କୁ ଘେରି ଯିବାପରେ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ୬ ମାଓବାଦୀ ମୃତ୍ୟୁ ହୋଇଥିବା ବେଳେ ୨ ତେଲଙ୍ଗାନା ପୋଲିସର ଯବାନ ଆହତ ହୋଇଛନ୍ତି। ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରାଚଲମ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ପଙ୍କଜ ପରିତୋଷ ସୂଚନା ଦେଇଛନ୍ତି, ଛତିଶଗଡରୁ ମାଓବାଦୀମାନେ ତେଲଙ୍ଗାନା ଅଭିମୁଖେ ଯାଉଥିବା ଖବରପାଇ ଜନ୍ଦାଗୁଟା ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ଖବର ଲେଖାହେବା ସୁଦ୍ଧା ସର୍ଚ୍ଚ ଅପରେଶନ ଜାରି ରହିଛି। ଅଧିକ ମାଓବାଦୀଙ୍କ ମୃତ୍ୟୁ କିମ୍ବା ଆହତ ହୋଇଥିବା ଆଶଙ୍କା କରାଯାଉଥିବା ସେ କହିଛନ୍ତି।

## ବିଧାୟିକା ମନୋରମା ମହାନ୍ତିଙ୍କୁ ହାଇକୋର୍ଟଙ୍କ ସାନି ନୋଟିସ

### ନର୍ଲା ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

କଟକ,୫।୯ (କାର୍ତ୍ତିକ ସାହୁ)

ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନିୟମିତତା ନେଇ ରୁଜୁ ମାମଲାରେ ହାଇକୋର୍ଟ ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କୁ ଜବାବ ଦାଖଲ କରିବାକୁ ଗୁରୁବାର ସାନି ନୋଟିସ୍ କରିଛନ୍ତି। ଆବେଦନକାରୀ କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସଙ୍କ ପକ୍ଷରୁ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ୨୦୨୪ ନିର୍ବାଚନରେ ନର୍ଲା ବିଧାନସଭା ଆସନରୁ ବିଜେଡି ବିଧାୟିକା ପ୍ରାର୍ଥୀ ମନୋରମା ମହାନ୍ତି ୬୭,୫୩୨ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଭକ୍ତ ଚରଣ ଦାସଙ୍କୁ ୫୨୦୫ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତେବେ ନିର୍ବାଚନରେ ବିଧାୟିକା ଅନିୟମିତତା କରିଥିବା ଦର୍ଶାଇ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଦାସ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ବିଧାୟିକା ତାଙ୍କ ସତ୍ୟପାଠରେ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଆବେଦନକାରୀ ଦର୍ଶାଇଛନ୍ତି। ହାଇକୋର୍ଟ ଏହି ମାମଲାରେ ବିଧାୟିକା ମହାନ୍ତିଙ୍କୁ ଗତ ଜୁଲାଇ ୨୫ରେ ନୋଟିସ୍ ଜାରି କରି ଜବାବ ଦାଖଲ କରିବାକୁ ଆଦେଶ ଦେଇଥିଲେ। ହେଲେ ବିଧାୟିକା ଜବାବ ରଖି ନ ଥିଲେ। ଫଳରେ ଆବେଦନକାରୀ ଦାସ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆବେଦନରେ ଆବେଦନକାରୀ ଦାସ ବାଚସ୍ପତିଙ୍କ ଜରିଆରେ ମନୋରମା ମହାନ୍ତିଙ୍କୁ ନୋଟିସ୍ ଜାରି କରିବାକୁ ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

## ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣକାରୀ ଶିକ୍ଷକମାନଙ୍କୁ ଶ୍ରେଷ୍ଠ ସମ୍ମାନ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୯(ସୁନିତ୍ ମିଶ୍ର)



ଗୁରୁଦିବସରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତବର୍ଷର ୫୦ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର- ୨୦୨୪' ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ୍ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୁରୁ ଦିବସର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷକଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ଜାତୀୟ ଶିକ୍ଷକ ପୁରସ୍କାର ତ୍ୟାଗ, ତପସ୍ୟା ଏବଂ ଅଦ୍ୱିତୀୟ ଯୋଗଦାନର ଅନନ୍ୟ ଉତ୍ସବ। ରାଷ୍ଟ୍ରପତି ଗୁରୁଦିବସରେ ସୁଦୃଢ଼ ସମାଜ ଏବଂ ସଶକ୍ତ ରାଷ୍ଟ୍ରର ଆଧାରଶିଳା ରଖୁଥିବା ଶିକ୍ଷକଙ୍କୁ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରିଛନ୍ତି। ରାଷ୍ଟ୍ରର ଗଠନ ତଥା ଯୁବବର୍ଗଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରୁଥିବା ଶିକ୍ଷକମାନଙ୍କୁ ଏହା ଉପଯୁକ୍ତ ସମ୍ମାନ। ଏହି ସମ୍ମାନ ଜୀବନକୁ ସମୃଦ୍ଧ କରିବା ଏବଂ ଭବିଷ୍ୟତ ଗଠନ ପାଇଁ ସେମାନଙ୍କର ଅତୁଟ ସମର୍ପଣର ସ୍ୱୀକୃତି। ଜାତୀୟ ଶିକ୍ଷାନୀତିର ଭାବନାକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ସମଗ୍ର ଭାରତରେ ଦକ୍ଷତା ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ଉନ୍ନତି ଦିଗରେ ଆମର ଶିକ୍ଷକ ଏବଂ ସେମାନଙ୍କ ଅତୁଳନୀୟ ଅବଦାନକୁ ପାଳନକରିବା ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି। ଓଡ଼ିଶା ସମେତ ଦେଶର ୫୦ ଜଣ ପ୍ରତିଭାବାନ୍ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ଦ୍ୱିତୀଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କର ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ସହଜ ହେବ ଟିକସ ପଇଠ

**କ୍ୟାବିନେଟ ନିଷ୍ପତ୍ତି**

## ଓଡ଼ିଶା ଜିଏସ୍‌ଟି ଅଧିନିୟମ ସଂଶୋଧିତ

ଭୁବନେଶ୍ୱର, ୫।୯(ଅନିଲ ଦାସ)

ଓଡ଼ିଶା ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକୁ ସରଳ କରିବା ଏବଂ କରଦାତାମାନଙ୍କୁ ଅଧିକ ସୁବିଧା ଦେବା ଲାଗି ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ,୨୦୧୭ରେ ସଂଶୋଧନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ତୃତୀୟ ପକ୍ଷଠାରୁ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ନିଜର ଉପଯୋଗ କିମ୍ବା ଶାଖା ଅଫିସରେ ଉପଯୋଗ ଲାଗି କ୍ରୟ କରାଯାଇଥିବା ସେବା ହେତୁ ଉପଲବ୍ଧ ଇନପୁଟ୍ କର ଜମାର ବଣ୍ଟନ ପାଇଁ, ଅଧିନିୟମର ଧାରା ୨୦ରେ ଧାର୍ଯ୍ୟ କରାଯାଇଥିବା ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟରର ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯିବ। ଧାରା (୨)ର ଉପ-ଧାରା (୬୧)କୁ ପ୍ରତିସ୍ଥାପିତ କରିବା ମାଧ୍ୟମରେ ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟରମାନେ ବାଧ୍ୟତାମୂଳକ ଭାବେ ଇନପୁଟ୍ କର ଜମାର ବଣ୍ଟନକାରୀ ଭାବେ ପରିଗଣିତ ହେବେ। ସେମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସେବା ଉପରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ ଧାରା ୯(୩) ଏବଂ ୯(୪) ଅନୁଯାୟୀ ବିପରୀତ ଚାର୍ଜ ବ୍ୟବସ୍ଥା ଅଧୀନରେ କର ପ୍ରଦାନ କରିବେ । ଯଦି ଏକ ମୁଖ୍ୟ କାର୍ଯ୍ୟାଳୟ ନିଜର ଉପଯୋଗ ତଥା ଶାଖା କାର୍ଯ୍ୟାଳୟଗୁଡ଼ିକ ଉପଯୋଗ ଲାଗି ସାଧାରଣ ଇନପୁଟ୍ ସେବା କ୍ରୟ କରୁଥିବେ ଏବଂ ଭିନ୍ନ ଭିନ୍ନ ପଞ୍ଜୀକୃତ ବ୍ୟକ୍ତିଙ୍କୁ ଇନପୁଟ୍ କର ଜମା ବଣ୍ଟନ କରୁଥିବେ ତେବେ ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର (ଆଇଏସ୍‌ଡି) ଭାବରେ ସେମାନଙ୍କର ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ପୂର୍ବରୁ ଏକ ସର୍କୁଲାର ଜରିଆରେ ସ୍ପଷ୍ଟ କରାଯାଇଥିଲା ଯେ ମୁଖ୍ୟ କାର୍ଯ୍ୟାଳୟ ପାଖରେ ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ବ୍ୟବସ୍ଥା କିମ୍ବା କ୍ରସ ଚାର୍ଜ ପଥ ଅନୁସରଣ କରି ଏଭଳି ସାଧାରଣ ଇନପୁଟ୍ ସେବାରୁ ଉପଲବ୍ଧ ଇନପୁଟ୍ କର ଜମାକୁ ବଣ୍ଟନ କରିବାର ବିକଳ୍ପ ଅଛି। ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ମାର୍ଗ ସେମାନଙ୍କ ଲାଗି ବାଧ୍ୟତାମୂଳକ ନ ଥିଲା। ଇନପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର ବ୍ୟବସ୍ଥା ଦ୍ୱାରା ମିଳିଥିବା ସେବା ଉପରେ ଆଦାୟ କରାଯାଉଥିବା କେନ୍ଦ୍ରୀୟ କର ବା ସମନ୍ୱିତ କର ଜମା ବଣ୍ଟନ କରିବା ପାଇଁ ଏବେ କଟକଣା ଓ ସର୍ତ୍ତାବଳୀ ସହିତ ଏକ ନୂତନ ପଦ୍ଧତି ପ୍ରଚଳନ କରାଯିବ । ସରକାରଙ୍କ ଦ୍ୱାରା ବିଜ୍ଞାପିତ ସ୍ୱତନ୍ତ୍ର ପ୍ରକ୍ରିୟା ଅନୁଯାୟୀ ପାନ ମସଲା, ତମାଖୁ ଇତ୍ୟାଦି ଦ୍ରବ୍ୟ ଉତ୍ପାଦନରେ ବ୍ୟବହୃତ କେତେକ ମେଶିନ ପଞ୍ଜୀକରଣ କରିବାରେ ବିଫଳ ହେଲେ ଜରିମାନା ବ୍ୟବସ୍ଥା କରିବା ପାଇଁ ଏକ ନୂତନ ଧାରା ୧୨୨କ' ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ, ୨୦୧୭ର ଧାରା ୩(କ)ର ସଂଶୋଧନ ମାଧ୍ୟମରେ ଆୟୁକ୍ତ, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କରଙ୍କ ପଦବୀର ନାମକୁ ପରିବର୍ତ୍ତିତ କରି ସେ ଯଦି ପ୍ରମୁଖ ଶାସନ ସଚିବ ପାହ୍ୟାର ହୋଇଥିବେ ତେବେ ତାଙ୍କୁ ମୁଖ୍ୟ ଆୟୁକ୍ତ, ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ଭାବେ ନାମିତ କରାଯିବ।

## ହୀରାକୁଦ ଡ୍ୟାମ୍ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ ଯୋଜନା ପାଇଁ ୮୫୫ କୋଟି

ହୀରାକୁଦ ସେଚାଞ୍ଚଳରେ କେନାଲର ଜଳସେଚନ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହିତ ବଣ୍ଟନ ବ୍ୟବସ୍ଥାରେ ଜଳର କ୍ଷତିକୁ ହ୍ରାସ କରି ତଳ ମୁଣ୍ଡରେ ଜଳର ଉପଲବ୍ଧତା ବୃଦ୍ଧି ଦ୍ୱାରା ସୃଷ୍ଟି ହୋଇଥିବା ସେଚ ସାମର୍ଥ୍ୟ ଏବଂ ବ୍ୟବହାର ହେଉଥିବା ସେଚ ସାମର୍ଥ୍ୟ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା 'ହୀରାକୁଦ ଡ୍ୟାମ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ' ଯୋଜନା କାର୍ଯ୍ୟକାରୀ ହେବ। ଆସନ୍ତା ୪ବର୍ଷ ଅର୍ଥାତ୍ ୨୦୨୪-୨୫ରୁ ୨୦୨୭-୨୮ ମଧ୍ୟରେ ୮୫୫ କୋଟି ଟଙ୍କା ବ୍ୟୟବରାଦରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଜଳପଥଗୁଡ଼ିକୁ ମାଇନର, ସବ୍‌ମାଇନର ଭାବେ ପୁନଃ ନାମିତ କରାଯିବା ସହିତ ମାଟିରେ ନିର୍ମିତ ହୋଇଥିବା ଜଳପଥଗୁଡ଼ିକରେ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟ କରାଯିବ। ଏହାଛଡ଼ା ଉକ୍ତ ଯୋଜନା ମାଧ୍ୟମରେ ଦକ୍ଷିଣ ଏବଂ ବାମ ସିଲୱେ ଫାଉଣ୍ଡେଶନ ଗ୍ୟାଲେରିର ନବୀକରଣ, ଦକ୍ଷିଣ ଆବ୍ୟୁଟମେଣ୍ଟ ଓ ଏହାର ସଂଲଗ୍ନ ହୀରାକୁଦ ଡ୍ୟାମ୍‌ର ଛୋଟ କୁଦର ପୁନଃ ସଂଯୋଜନ, ବରଗଡ଼ ମୁଖ୍ୟ କେନାଲ, ଶାସନ ମୁଖ୍ୟ କେନାଲ ଏବଂ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରିଗୁଡ଼ିକରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଆଉଟଲେଟ ଇତ୍ୟାଦିର ନବୀକରଣ ଏବଂ ଭିଆରବି, ସିଆର, ସାଇଫନ, ଆକ୍ୟୁଡକ୍ଟ ଇତ୍ୟାଦିର ସ୍ଥିରୀକରଣ କରାଯିବ।

## କଣ୍ଠଶିଳ୍ପୀ ଲିଟିଲ କରଙ୍କ ପରଲୋକ



ଭୁବନେଶ୍ୱର,୫।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବ କଣ୍ଠଶିଳ୍ପୀ ଲିଟିଲ କରଙ୍କ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ମାତ୍ର ୨୬ ବର୍ଷ ବୟସ ହୋଇଥିଲା। ସେ ଥାଲାସେମିଆ ରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ତାଙ୍କର ଚିକିତ୍ସା ଚାଲିଥିଲା। ତାଙ୍କ ମୃତ୍ୟୁରେ କଳାଜଗତରେ ଶୋକର ଛାୟା ଖେଳିଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରି ଲୋକପ୍ରିୟ ହୋଇଥିଲେ ଲିଟିଲ। ସେ ହେଉଛନ୍ତି ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ତଥା ଗୀତିକାର ଚନ୍ଦ୍ରଭାନୁ କରଙ୍କ କନ୍ୟା।




ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ବାଲି ତୃତୀୟା, ଗୌରୀ ବ୍ରତ ଓ ହରିତାଳିକା ଚତୁର୍ଥୀ



# ୱିମ୍ବେଲଡନରେ ଜଳବାୟୁ ପ୍ରତିବାଦ



ପିଟର ସିଙ୍ଗର
ଏମିରିଟସ୍ ପ୍ରଫେସର, ବାୟୋଏଥିକ୍ସ, ପ୍ରିନ୍ସଟନ ୟୁନିଭର୍ସିଟି



ମାର୍ଟିନ୍ ସ୍କାଲାଡାନି
ପ୍ରଫେସର ଅଫ୍ ଲ, ପେନ୍ ଷ୍ଟେଟ୍ ୟୁନିଭର୍ସିଟି

ଜଳବାୟୁ ପ୍ରଦର୍ଶନକାରୀମାନେ ୱିମ୍ବେଲଡନ ଟେନିସ୍ ପ୍ରତିଯୋଗିତାରେ ବାଧା ସୃଷ୍ଟି କରିଥିଲେ। ସେମାନେ ପ୍ରସିଦ୍ଧ ଚିତ୍ରକଳାକୁ ସୁରକ୍ଷା ଦେଉଥିବା ଗ୍ଲାସ୍ ଉପରକୁ ଟମାଟୋ ସସ୍ ପକାଇଥିଲେ। ଏହାସହ ପୁରାତନ ଶିଳା ସ୍ମାରକ ଉପରେ କମଳା ପାଉଡର ସ୍ପ୍ରେ କରିବା ସହ ରାସ୍ତା ଅବରୋଧ କରିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ, ୟୁରୋପୀୟ ସରକାରମାନେ ପରିବେଶ ବିକ୍ଷୋଭକାରୀଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣକରି ସେମାନଙ୍କୁ ଅଟକ ରଖିବା ସହ ଜରିମାନା ଆଦାୟ କରୁଛନ୍ତି। ଏପରିକି ଏକ ଫୋନ୍, ଅଡିଓ ତଥା ଭିଡିଓ ଯୋଗାଯୋଗ ପ୍ଲାଟ୍‌ଫର୍ମରେ ଆଇନ ଅମାନ୍ୟ ଯୋଗୁ ଗୋଟିଏ ମାମଲାରେ ୫ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି।

ଏକ ନୈତିକ ପ୍ରତିବାଦ ଓ ଆଇନଗତ ପ୍ରତିବାଦ ଭିନ୍ନ ବିଷୟ। ଇଂଲଣ୍ଡର ବ୍ରିମିଙ୍ଗହାମ୍‌ର ଏକ ଜେଲରୁ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର ଦେଇଥିବା ତାଙ୍କ ଚିଠିରେ ଯୁକ୍ତି ଦର୍ଶାଇଥିଲେ ଯେ, ଆଇନ ଅମାନ୍ୟରେ ଜଡ଼ିତ ପ୍ରତିବାଦକାରୀମାନେ ଅହିଂସାତ୍ମକ ଆଚରଣ ପ୍ରଦର୍ଶନ କଲେ ମଧ୍ୟ ସେମାନଙ୍କର ଆଇନ ପ୍ରତି ସମ୍ମାନ ଥାଏ ଏବଂ ଆଇନର ଦଣ୍ଡାଦେଶକୁ ଗ୍ରହଣ କରିଥାନ୍ତି। ଏହା ଗ୍ରହଣୀୟ ଯେ, ଏକ ନୈତିକ ପ୍ରତିବାଦରେ ଅହିଂସା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେଉଁମାନେ ଗଣତନ୍ତ୍ରରେ ରହୁଛନ୍ତି ସେମାନେ ଅହିଂସାତ୍ମକ ରାଜନୈତିକ କାର୍ଯ୍ୟକଳାପ ପାଇଁ ଥିବା ଅତ୍ୟଧିକ ଦଣ୍ଡରୁ ସୁରକ୍ଷା ସକାଶେ ଆଇନଗତ ଦଣ୍ଡକୁ ଗ୍ରହଣ କରିବାକୁ ଇଚ୍ଛୁକ ହେବା ଉଚିତ। କିନ୍ତୁ ଅତ୍ୟଧିକ ଦଣ୍ଡ କହିଲେ, ସମସ୍ୟା ସୃଷ୍ଟି କରୁଥିବା ପ୍ରତିବାଦକରୀମାନେ ଜନସାଧାରଣଙ୍କୁ କେତେ ଅସୁବିଧାରେ ପକାଇପାରନ୍ତି ତାହା ଉପରେ ନିର୍ଭରକରେ। ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଯୁଦ୍ଧରେ ପ୍ରିନ୍ସିପୁଲ ଅଫ୍ ପ୍ରପର୍ସନାଲିଟି ବା ଆନୁପାତିକତାର ନୀତି (ଅର୍ଥାତ୍ ଯୁଦ୍ଧରେ ସମ୍ଭାବ୍ୟ ଲାଭ ପାଇଁ ଅଧିକ ନାଗରିକଙ୍କ ମୃତ୍ୟୁ ବା କ୍ଷତି କରୁଥିବା ଆକ୍ରମଣକୁ ନିଷେଧ କରୁଥିବା ନୀତି)କୁ ଗ୍ରହଣ କରିବାକୁ ଆମେ ପରାମର୍ଶ ଦେଉ। ସାମରିକ ସୁବିଧା ହାସଲ ସାଧାରଣ ନାଗରିକଙ୍କ ଅତ୍ୟଧିକ କ୍ଷତି କରୁଥିଲେ ଏହି ନୀତି ସାମରିକ କାର୍ଯ୍ୟକୁ ପ୍ରତିରୋଧକରେ। ଶତ୍ରୁ ପକ୍ଷର ଜଣେ କମାଣ୍ଡରଙ୍କୁ ଆକ୍ରମଣ କରିବାବେଳେ ଅନେକ ଶହ ନିରୀହ ନାଗରିକଙ୍କ ମୃତ୍ୟୁର ସମ୍ଭାବନା ଥିଲେ ତାହା କରିବା ଭୁଲ୍।

ଉଦାରବାଦୀ ଗଣତନ୍ତ୍ରଗୁଡ଼ିକରେ ଅହିଂସାତ୍ମକ ପ୍ରତିବାଦ କ୍ଷେତ୍ରରେ ଏହି ଦୃଷ୍ଟିକୋଣ ପ୍ରୟୋଗ କରିବାର ୪ଟି ଦିଗ ରହିଛି।




ପ୍ରଥମରେ, ଏକ ପ୍ରତିବାଦ ଆନୁପାତିକତା ନୀତି (ଅର୍ଥାତ୍ ପ୍ରତିବାଦରେ ଲାଭ ପାଇଁ ସେହି ଅନୁପାତରେ ଅଧିକ ନାଗରିକଙ୍କ କାର୍ଯ୍ୟରେ ବାଧା କ୍ଷତି କରୁଥିବା ପଦକ୍ଷେପକୁ ନିଷେଧ କରୁଥିବା ନୀତି) ବିରୋଧ ପ୍ରଦର୍ଶନ କରୁଥିବା ନାଗରିକଙ୍କ ସଂଖ୍ୟା ଓ ଅନ୍ୟମାନଙ୍କ ଅସନ୍ତୋଷ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଚେଷ୍ଟା କରିବା ଦରକାର। ଯଦି ୧୦ଲକ୍ଷ ଲୋକ ଏକ ବିକ୍ଷୋଭ ପଦଯାତ୍ରାରେ ଯୋଗ ଦିଅନ୍ତି, ତେବେ ଏହା ଅନିବାର୍ଯ୍ୟ ଯେ, ସେମାନେ ରାସ୍ତାରେ ଭିଡ଼ କରିବା ସହ ଟ୍ରାଫିକ୍‌ଜାମ୍ କରିଦେବେ।

ପ୍ରିନ୍ସଟନ୍ ୟୁନିଭର୍ସିଟିର ପ୍ରଫେସର ଜିନେପ୍ ଟୁଫେକି କହନ୍ତି ଯେ, ସମସାମୟିକ ଗଣପ୍ରତିବାଦ ଗମ୍ଭୀରତା ହରାଇଛି, କାରଣ ସୋସିଆଲ ମିଡିଆ ସେମାନଙ୍କୁ ସଙ୍ଗଠିତ କରିବାରେ ବହୁ ସହଜ କରିଦେଇଛି। କମ୍ ସମୟରେ ସମାନ ଚିନ୍ତାଧାରାର ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇପାରୁଛି ଏବଂ ତା' ପରେ ଏକ ଜାତୀୟ ସ୍ତରର ପ୍ରତିବାଦକୁ ଅନ୍ତିମ ସ୍ତରରେ ପହଞ୍ଚାଇବା ପାଇଁ ଏଭଳି ତୃଣମୂଳ ପଦକ୍ଷେପଗୁଡ଼ିକୁ ଉପଯୋଗ କରାଯାଇ ଲାଭ ଉଠାଯାଉଛି। ଏଥିପାଇଁ ଆୟୋଜକମାନେ ସମୟ ଏବଂ ସ୍ଥାନ ସମ୍ପର୍କରେ କେବଳ ଏକ ଟୁଇଟ୍ ପଠାଇପାରିବେ। ତଥାପି ଯୋଗାଯୋଗର ଏହି ସହଜ ଧାରା ୫ ଜଣ ଏବଂ ୫,୦୦,୦୦୦ ପ୍ରଦର୍ଶନକାରୀ ମଧ୍ୟରେ ଥିବା ପାର୍ଥକ୍ୟକୁ ଅସ୍ୱୀକାର କରେ ନାହିଁ। ତଥାପି ଲୋକେ ସମୟ ଦେଇ ପ୍ରତିବାଦକୁ ସଫଳ କରିବାକୁ ପ୍ରସ୍ତୁତ ହେବାକୁ ପଡୁଛି।

ପ୍ରତିବାଦ ଆନୁପାତିକତା ନୀତିର ଦ୍ୱିତୀୟ ଭାଗ ହେଉଛି ଅସୁବିଧା ସମ୍ବନ୍ଧିତ ପ୍ରସଙ୍ଗର ଗୁରୁତ୍ୱ। ପ୍ରତିବାଦକାରୀଙ୍କ ସଂଖ୍ୟା କମ୍ ଥିବାରୁ ସେମାନଙ୍କ କାର୍ଯ୍ୟ ଭୁଲ୍ ହେବାର ଆଶଙ୍କା ନାହିଁ। କଳାସ୍ଥାପତ୍ୟ ଉପରେ ଆକମଣ କରୁଥିବା ପ୍ରତିବାଦକାରୀମାନେ ଅନେକ ଲକ୍ଷ ଲୋକଙ୍କ କ୍ଷତି କରୁଥିବା ଏକ ସଙ୍କଟ ବିରୋଧରେ ପଦକ୍ଷେପ ନେବାକୁ ଆମକୁ ପ୍ରେରିତ କରୁଛନ୍ତି, ଯାହା ଉପରେ ପଦକ୍ଷେପ ନ ନେଲେ ଆମ ପୃଥିବୀର ଜଳବାୟୁକୁ ପୂରା ପରିବର୍ତ୍ତନ କରିଦେବ ଓ ଅନେକ କୋଟି ଲୋକଙ୍କର କ୍ଷତି ଘଟାଇବ। ବିକ୍ଷୋଭକାରୀମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କ ଲକ୍ଷ୍ୟ ଗୁରୁତ୍ୱପୂର୍ଣ୍ଣ।

ତୃତୀୟ ବିଚାର ହେଉଛି, କାର୍ଯ୍ୟକର୍ତ୍ତାମାନେ ଅତ୍ୟଧିକ ଅସୁବିଧା ସୃଷ୍ଟି କରିବାକୁ ଚାହୁଁଛନ୍ତି ନା ବାଧା ହ୍ରାସ କରିବା ଚାହୁଁଛନ୍ତି? ବିକ୍ଷୋଭକାରୀମାନେ ଅନୁଭବ କରନ୍ତି ଯେ ସେମାନେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱନ୍ଦ୍ୱରେ ଫସି ରହିଛନ୍ତି। ପ୍ରଚାର କରିବାର ସହଜ ଉପାୟ ହେଉଛି ଏକ ବିଭ୍ରାନ୍ତିକର ଢଙ୍ଗରେ ବିରୋଧ କରିବା, ଯାହାକି ସେମାନଙ୍କ ବିଚାର ବିରୋଧରେ ଜନମତକୁ ବଦଳାଇପାରେ। ସେମାନେ ବିଶ୍ୱସ କରନ୍ତି ଯେ, ଗଣମାଧ୍ୟମକୁ ଜାଗ୍ରତ କରିବା ପାଇଁ ଲୋକଙ୍କ ଲାଗି ଅସୁବିଧା ସୃଷ୍ଟି କରିବା ଦରକାର। ତେବେ ଲୋକଙ୍କ ଜୀବନରେ ଅସୁବିଧା ନ ଆଣି ଅନ୍ୟାୟ ସମ୍ପର୍କରେ ସେମାନଙ୍କୁ ଜଣାଇବା ପାଇଁ ସୃଜନଶୀଳ ପଥ ସୃଷ୍ଟି ବିଷୟ ଚିନ୍ତା କରିବା କଷ୍ଟସାଧ୍ୟ ହୋଇପାରେ, କିନ୍ତୁ ଏହା କରାଯାଇପାରିବ। ପିଲାମାନଙ୍କୁ ଆଲୋକ ଦେଉଥିବା ଖ୍ରୀଷ୍ଟମାସ ଟ୍ରିକୁ ବାଧାଦେବା ପରିବର୍ତ୍ତେ ବିକ୍ଷୋଭକାରୀମାନେ ଏକ ସର୍ବସାଧାରଣ ପାର୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରିପାରନ୍ତି। ଏହିପରି ବିରୋଧର ବାସ୍ତବତା ଭାଇରାଲ ହୋଇପାରେ। ଚତୁର୍ଥ ବିଷୟ ହେଉଛି, ଜାଣିଶୁଣି ସୃଷ୍ଟି କରାଯାଉଥିବା ଅସୁବିଧାକୁ ଅନ୍ୟ ପ୍ରତିବାଦର ଆନୁପାତିକ କାରକଗୁଡ଼ିକ ସହିତ ମୂଲ୍ୟାୟନ କରାଯିବା ଆବଶ୍ୟକ, ଏପରିକି ଏଥିରେ କିଏ ଅସୁବିଧା ଭୋଗୁଛନ୍ତି ତାହା ଦେଖିବା ଦରକାର। ଗ୍ରୀନ୍‌ହାଉସ-ଗ୍ୟାସ୍ ନିର୍ଗମନ ହ୍ରାସ କରିବାର କ୍ଷମତା ଥିବା ଲୋକଙ୍କ ନିତିଦିନିଆ କାର୍ଯ୍ୟରେ ବାଧା ନ ଦେଇ ନିଜ ପିଲାମାନଙ୍କୁ ସ୍କୁଲକୁ ନେଇଯାଉଥିବା କିମ୍ବା କାମକୁ ଯାଉଥିବା ହଜାର ହଜାର ଲୋକଙ୍କ ପଥରେ କେତେକ ଜଳବାୟୁ ପ୍ରଦର୍ଶନକାରୀ ବାଧା ସୃଷ୍ଟି କରିବା ନୈତିକତା ଦୃଷ୍ଟିରୁ ଅଧିକ ଚିନ୍ତାଜନକ।

ଜନସାଧାରଣଙ୍କ ଅପେକ୍ଷା ରାଜନେତିକ ତଥା ଅମଲାତାନ୍ତ୍ରିକ କାର୍ଯ୍ୟରେ ଅସୁବିଧା ସୃଷ୍ଟି କରିବା ଅଧିକ ଯୁକ୍ତିଯୁକ୍ତ। ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକୁ କାର୍ଯ୍ୟ କରିବା ପାଇଁ ସରକାରୀ କର୍ମଚାରୀମାନେ ନାଗରିକଙ୍କ ଦୃଷ୍ଟିକୋଣ ଜାଣିବା ଜରୁରୀ। ତଥାପି ବିକ୍ଷୋଭକାରୀମାନେ ବାଧା ଉପୁଜାଉଥିବା ସେବାଗୁଡ଼ିକର ଗୁରୁତ୍ୱ ଉପରେ ବିଚାରକରିବା ଆବଶ୍ୟକ। ସାଧାରଣ ସେବା ପ୍ରଦାନରେ ବାଧା ଆଣିବା ତୁଳନାରେ କର୍ପୋରେଟ ଲବିଷ୍ଟ ତଥା ରାଜନେତାଙ୍କ ବୈଠକରେ ବାଧା ସୃଷ୍ଟିକରିବା ଅଧିକ ଯଥାର୍ଥ। ଆମେ ଅନ୍ତର୍ଜାତୀୟ ସଂଘର୍ଷ କିମ୍ବା ହିଂସାତ୍ମକ ପ୍ରତିବାଦର ମୂଲ୍ୟାଙ୍କନ କରୁନାହୁଁ। ତେଣୁ ପ୍ରିନ୍ସିପୁଲ ଅଫ୍ ପ୍ରପର୍ସନାଲିଟିର ଗୁରୁତ୍ୱ ରହିବ ନାହିଁ। ତଥାପି ନୈତିକ ବିଚାର ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ଅନୈତିକ କାର୍ଯ୍ୟକଳାପ, ଏପରିକି ଅହିଂସାତ୍ମକ ହେଲେ ମଧ୍ୟ ସହଜରେ ପ୍ରତିବାଦକୁ ପ୍ରୋତ୍ସାହନ ଦେଇପାରେ ଯାହା ହିଂସାରେ ପରିଣତ ହୁଏ। ପ୍ରିନ୍ସିପୁଲ ଅଫ୍ ପ୍ରପର୍ସନାଲିଟି ଅନେକ ବିଷୟରେ ଏକ ଉପଯୋଗୀ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରିପାରିବ ଯାହା ଉପରେ ପ୍ରତିବାଦକାରୀମାନେ ବିଚାର କରିବା ଉଚିତ। ଏହା ମଧ୍ୟ ପ୍ରତିରୋଧ ଅଧିକାର ରକ୍ଷା କରିବାରେ ଆମକୁ ସକ୍ଷମ କରାଇବା ସହ ପ୍ରତିବାଦକରୀଙ୍କ ନୈତିକ ଦାୟିତ୍ୱ ମଧ୍ୟ ନିର୍ଦ୍ଦିଷ୍ଟ କରିବ।

# କଠୋର ଦଣ୍ଡବିଧାନ ଲୋଡ଼ା



ଡ. ମାନସ ରଞ୍ଜନ ଶତପଥୀ

ନାରୀଶକ୍ତିର ଦୁରବସ୍ଥା ଆଜି ଖବରକାଗଜ, ଟେଲିଭିଜନ ଖୋଲିଲେ ଜଣାପଡ଼େ। ୨୦୧୨ମସିହାରେ ନୂଆ ଦିଲ୍ଲୀ ରାଜରାସ୍ତାର ଚଳନ୍ତା ବସ୍‌ରେ ଘଟିଥିବା ନାରକୀୟ କାଣ୍ଡ ସମଗ୍ର ସଭ୍ୟସମାଜରେ ହଇଚଇ ସୃଷ୍ଟି କରିଥିଲା। ସାଧାରଣ ଜନତା ଏପରି ଅମାନବୀୟ କାଣ୍ଡକୁ ଦୃଢ଼ ବିରୋଧ କରିବା ସହିତ ଦୋଷୀକୁ କଠୋର ଦଣ୍ଡବିଧାନ ପାଇଁ ରାଜରାସ୍ତାରେ ଦାବି ଉଠାଇଥିଲେ। ଠିକ୍ ୧୨ ବର୍ଷ ଅନ୍ତରରେ ପୁଣି କୋଲକାତାର ଏକ ଡାକ୍ତରଖାନାରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ପଶ୍ଚିମବଙ୍ଗରେ ଘଟିଥିବା ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଆଲୋଡ଼ନ ସୃଷ୍ଟିକାରୀ ବିଷୟ ହେଲା ରାଜ୍ୟରେ ନିରଙ୍କୁଶ ସରକାର ଥାଇ ମଧ୍ୟ ଏପରି ଘଟଣାର ଉଚିତ ଅନୁସନ୍ଧାନ ପାଇଁ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ହେଲା। ଭାରତର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କ୍ଷୋଭ ପ୍ରକାଶକରି କହିଛନ୍ତି, ସମ୍ବିଧାନ ନାଗରିକଙ୍କୁ ସମାନତା ପ୍ରଦାନ କରୁଥିବା ବେଳେ ଯଦି ମହିଳା ନାଗରିକ ନିଜ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷିତ ନୁହନ୍ତି ତେବେ ସେପରି ସମାନତା ମୂଲ୍ୟହୀନ। ମନେପଡ଼େ, ଲାଲ ବାହାଦୁର ଶାସ୍ତ୍ରୀ ସାମାନ୍ୟ ରେଳ ଦୁର୍ଘଟଣା ଯୋଗୁ ନିଜ ପଦରୁ ତ୍ୟାଗପତ୍ର ଦେଇଥିବା ବେଳେ ଆଜି ସେପରି ଉଦାହରଣୀୟ ପଦକ୍ଷେପ ରାଜନେତା ଭୁଲିଯାଇଥିବା ଲକ୍ଷ୍ୟ ହୁଏ।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ଭାରତରେ ନାରୀ ଆଜି ଅତ୍ୟନ୍ତ ଅସୁରକ୍ଷିତ ଏବଂ ଧର୍ମକୁ ଆଖିଠାର ଦେଇ ଓ ମହିଳାମାନଙ୍କୁ ଭଣ୍ଡେଇବା ଉଦ୍ଦେଶ୍ୟରେ ବିଭିନ୍ନ ଓଜନିଆ ଶବ୍ଦ ଯଥା ନାରୀ ସଶକ୍ତୀକରଣ, ନାରୀ ଶକ୍ତିବନ୍ଦନ, ମିଶନଶକ୍ତି ଇତ୍ୟାଦି ବ୍ୟବହୃତ ହୋଇଥାଏ। ଭାରତରେ ନାରୀ ପ୍ରତି ଯୌନହିଂସା ବଢୁଛି। ଜାତୀୟ ପୋଲିସ କ୍ରାଇମ ବ୍ୟୁରୋ ରେକର୍ଡରୁ ଜଣାଯାଏ ୨୦୨୨ରେ ଭାରତରେ ୩୧,୫୧୬ଟି ବଳାତ୍କାର ଘଟଣା ଘଟିଥିଲା; ଯାହା ୨୦୧୦ଠାରୁ ପ୍ରାୟ ୨୦ ପ୍ରତିଶତ ଅଧିକ। ସମସ୍ତେ ଜାଣନ୍ତି, ଭାରତୀୟ ପରିସ୍ଥିତିରେ ପଞ୍ଜୀକୃତ ସଂଖ୍ୟାଠାରୁ ଏପରି ଘଟଣା ବହୁ ଅଧିକ ହୋଇଥାଏ। ଦେଖିବାକୁ ଗଲେ ନାରୀ ସୁରକ୍ଷା ପାଇଁ ବିଭିନ୍ନ ସଂଗଠନ ଦିବାରାତ୍ର ସଙ୍ଘର୍ଷ କରୁଥିବାବେଳେ ଆଜି ମହିଳା ପୋଲିସ ବାହିନୀ ଗଠନ ହୋଇଛି; ଯେଉଁଥିରେ କନଷ୍ଟେବଲଠାରୁ ଆରମ୍ଭ କରି ଉଚ୍ଚ ପଦବୀରେ ଭାରତୀୟ ପୋଲିସ ସେବା ମହିଳା ଅଧିକାରୀ ମଧ୍ୟ ଅବସ୍ଥିତ। ହେଲେ ଏମାନେ ମଧ୍ୟ ଆଜି ଅସୁରକ୍ଷିତ। ଏପରି ଅବସ୍ଥାରେ ଭାରତରେ ମହିଳାଙ୍କ ନ୍ୟାୟ୍ୟ କଥା ପଚାରେ କିଏ। ସ୍ଲୋଗାନରୁ ବାହାରକୁ ଆସିଲେ ଜଣାପଡ଼େ ନାରୀ ଏଠି ସବଳ ନୁହେଁ ବରଂ ନିରନ୍ତର ଦୁର୍ବଳ। ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ବଳାତ୍କାର ସଂଖ୍ୟା କିଛି କମ୍ ନୁହେଁ। କିନ୍ତୁ ଭାରତୀୟ ସଂସ୍କୃତି ନିଜର ପରମ୍ପରା ଓ ସାମାଜିକ ରକ୍ଷଣଶୀଳତା ତଥା ଚଳଣି ପାଇଁ ସମଗ୍ର ବିଶ୍ୱରେ ଉଦାହରଣ; ଯେଉଁଥିରେ ଏପରି ଯୌନଉତ୍ପୀଡ଼ନ କିମ୍ବା ବଳାତ୍କାରକୁ ଜଘନ୍ୟତା ଆଖ୍ୟା ଦିଆଯାଇଥାଏ।

ସୁପ୍ରିମକୋର୍ଟ, ୟୁ.ଜି.ସି. ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଉଦ୍ୟମରେ କଲେଜ ଓ ସ୍କୁଲସ୍ତରରେ ନୀତିଶାସ୍ତ୍ର ଓ ନୈତିକ ମୂଲ୍ୟବୋଧ ଶିକ୍ଷାକୁ ବେଶ୍ କିଛିବର୍ଷ ହେବ ବାଧ୍ୟତାମୂଳକ କରାଯାଇଥିଲେ ସୁଦ୍ଧା ଆଶାନୁରୂପ ମାନସିକ ପରିବର୍ତ୍ତନ ସମାଜରେ ପରିଲକ୍ଷିତ ହେଉନାହିଁ। କାର୍ଯ୍ୟସ୍ଥଳ, ବଜାରଘାଟ, ପ୍ରେକ୍ଷାଳୟ, ଶିକ୍ଷାନୁଷ୍ଠାନ, ମନ୍ଦିର, ପାର୍କ ଅଥବା ତୀର୍ଥ ବା ଭ୍ରମଣସ୍ଥଳ ଆଦି ମହିଳାମାନଙ୍କ ପାଇଁ ଅସୁରକ୍ଷିତ। ମହିଳା ବାରମ୍ବାର ଏପରି ସ୍ଥାନରେ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହୋଇ ମୁଣ୍ଡପାତି ସହ୍ୟ କରିବାକୁ ବାଧ୍ୟ ହେଉଛି। ତେଣୁ ଏହି ସମସ୍ୟାର ଏକମାତ୍ର ସମାଧାନ ହେଲା କଠୋର ଦଣ୍ଡବିଧାନ। ଯୌନ ନିର୍ଯାତନା ମାମଲାଗୁଡ଼ିକ ମଧ୍ୟ ତ୍ୱରିତ୍ ଫଇସଲା ହେବା ନିତାନ୍ତ ଆବଶ୍ୟକ; ଫଳରେ ଦୋଷୀକୁ ଶାସ୍ତି ତୁରନ୍ତ ମିଳିବା ସଂଗେ ସଂଗେ ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ହୋଇପାରନ୍ତା। ବୀତିହୋତ୍ର ମହାନ୍ତି ମାମଲାରେ ଯେପରି ଘଟଣାର ଦଶଦିନ ମଧ୍ୟରେ ରାଜସ୍ଥାନ ଅଦାଲତ ତ୍ୱରିତ୍ ଫଇସଲା ଶୁଣାଇଥିଲେ ସେଭଳି ଦଶଦିନ ମଧ୍ୟରେ ଦଣ୍ଡବିଧାନ ହେବା ସମୟୋପଯୋଗୀ। ଏପରି ହେଲେ ସାରା ଭାରତବର୍ଷରେ ନିର୍ଭୟା ବା ମହିଳା ଡାକ୍ତରଙ୍କ ଭଳି ନାରୀମାନେ ଦୁଃସ୍ଥିତିର ସମ୍ମୁଖୀନ ହେବେ ନାହିଁ କିମ୍ବା କୌଣସି ପୁରୁଷ ନିର୍ଯାତନା ଦେବା ପାଇଁ ସାହସ କରିପାରିବ ନାହିଁ। ଅବଶ୍ୟ ଏସବୁର ଠିକ୍ ରୂପାୟନ ନିମନ୍ତେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ:୯୪୩୭୪୭୯୦୪୫

## ଏଇ ଭାରତରେ

ଡ୍ରାଗନ ଫ୍ରୁଟ୍ସ ଚାଷକରି ମାସକୁ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି କେରଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରେମାଭାଇ ଏସ୍। ସେ ରହୁଛନ୍ତି କୋଲ୍ଲାମରେ। ଏହି ଚାଷ ତାଙ୍କ ଅଗଣାରେ କରୁଛନ୍ତି। ପ୍ରତି ମାସରେ ୫୦୦ କେ.ଜି. ଡ୍ରାଗନ ଫ୍ରୁଟ୍ସ ଉତ୍ପାଦନ କରୁଛନ୍ତି। ଏହାକୁ କେଜି ପ୍ରତି ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ରେମାଭାଇ ୩୬ ବର୍ଷ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିବା ପରେ ୨୦୨୨ରେ ଅବସର ନେଇ ଏହି ଚାଷ ଆରମ୍ଭ କରିଥିଲେ। ସ୍ୱାମୀ ଓ ପୁଅକୁ ନେଇ ତାଙ୍କ ପରିବାର। ପୁଅ ଦିଲ୍ଲୀରେ ରହୁଥିବାରୁ ତାଙ୍କୁ ଏହି ଚାଷ ପାଇଁ ଅଧିକ ସମୟ ମିଳୁଛି ଓ ଉତ୍ପାଦନ ବଢ଼ାଇବାକୁ ସକ୍ଷମ ହେଉଛନ୍ତି। ଏବେ ସେ ଅଗଣାରେ ଲାଲ ଓ ହଳଦିଆ କିସମର ୧୦୦ଟି ଡ୍ରାଗନ ଗଛ ଲଗାଇଛନ୍ତି। ସେ ୫୦ଟି ବଡ଼ ପ୍ଲାଷ୍ଟିକ ବ୍ୟାରେଲରେ କେବଳ ଖତରେ ଗଛ ବଢ଼ାଇଛନ୍ତି, ଏଥିରେ ସେ କିଛି ବି ମାଟି ରଖିନାହାନ୍ତି। କେବଳ ଏତିକି ନୁହେଁ, ରେମାଭାଇ 'ଜେସିସ୍ ୱାର୍ଲ୍ଡ' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଛନ୍ତି। ଏଥିରେ ସେ ତାଙ୍କ ଚାଷ ପଦ୍ଧତି ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୭୫

- ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଅଧ୍ୟକ୍ଷ ଡାକ୍ତର ସୁକୁମାର ଦାସ ସ୍ୱାସ୍ଥ୍ୟ ବିଭାଗ ଡାକ୍ତରୀ ଶିକ୍ଷା ଡିରେକ୍ଟର ନିଯୁକ୍ତ।
- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ନୂତନ ବାଣିଜ୍ୟ ଓ ଅର୍ଥ ଦେଣନେଣ ରାଜିନାମା ସ୍ୱାକ୍ଷରିତ।
- ବାଂଲାଦେଶର ବହିର୍ବ୍ୟାପାର ମନ୍ତ୍ରୀ ଭାବରେ ଅବୁ ସୟଦ ଚୌଧୁରୀଙ୍କ କାର୍ଯ୍ୟଭାର ଗ୍ରହଣ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 2 | | | | | |
| | | | | | | 5 | | 7 |
| | | | | | 8 | | 1 | 4 |
| 3 | | | 6 | | | | 7 | |
| 2 | | 4 | | | | | 3 | 1 |
| | 6 | | | | | | | |
| 4 | | | | 9 | | | | 6 |
| | 8 | 1 | | | | | | |
| | 5 | | | | 2 | 9 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 1 | 9 | 2 | 5 | 8 | 6 |
| 1 | 6 | 8 | 7 | 5 | 4 | 9 | 2 | 3 |
| 5 | 2 | 9 | 8 | 3 | 6 | 7 | 4 | 1 |
| 9 | 7 | 4 | 5 | 6 | 1 | 2 | 3 | 8 |
| 6 | 5 | 3 | 2 | 7 | 8 | 4 | 1 | 9 |
| 8 | 1 | 2 | 3 | 4 | 9 | 6 | 5 | 7 |
| 7 | 8 | 5 | 6 | 2 | 3 | 1 | 9 | 4 |
| 3 | 9 | 6 | 4 | 1 | 5 | 8 | 7 | 2 |
| 2 | 4 | 1 | 9 | 8 | 7 | 3 | 6 | 5 |

ଗତକାଲିର ଉତ୍ତର

# ଗୃହ ବିଦ୍ୟାଳୟ



ରାଜୀବ କୁମାର ନାୟକ

ଆଜି ସବୁଠି ଅଭିଯୋଗ ଯେ ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲା ନିଜ ନାଁ ବି ଠିକ୍ ସେ ଲେଖି ପାରୁନି ଏବଂ ହାଇସ୍କୁଲରେ ପାଠ ପଢୁଥିବା ଅନେକ ପିଲା ଯୋଗ, ବିୟୋଗ, ଗୁଣନ, ହରଣ ନିର୍ଭୁଲ ଭାବରେ କରିପାରୁ ନାହାନ୍ତି। ଆଜି ଶିକ୍ଷା ଏତେ ତଳକୁ ଯାଇଛି କାହିଁକି ଏବଂ ଏହାର ସମାଧାନ ତା' ହେଲେ କ'ଣ ଏହି ପ୍ରଶ୍ନ ଦୁଇଟି ବାରମ୍ବାର ମନକୁ ଅସ୍ଥିର କରୁଛି। ଶିକ୍ଷକମାନଙ୍କ ସହିତ ଏହି ସମ୍ବନ୍ଧରେ ଆଲୋଚନା କଲେ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ କୁହନ୍ତି, ସରକାର ତାଙ୍କୁ ବର୍ଷସାରା ତାଲିମ, ମଧ୍ୟାହ୍ନଭୋଜନ ଭଳି ପାଠଭିନ୍ନ ଅନ୍ୟ କାମରେ ନିୟୋଜିତ କରିବା ତଥା ଆବଶ୍ୟକ ସଂଖ୍ୟକ ଶିକ୍ଷକର ଅଭାବ ଯୋଗୁଁ ସେମାନେ ସର୍ବନିମ୍ନ ଜିନିଷ ବି ପିଲାଙ୍କୁ ଶିଖାଇବାରେ ବିଫଳ ହେଉଛନ୍ତି ବୋଲି କହୁଥିବାବେଳେ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କହିବା କଥା ହେଲା ସେମାନେ ପ୍ରାଥମିକ ସ୍ତରରୁ ଦୁର୍ବଳ ହୋଇ ଆସୁଥିବାରୁ ସେମାନେ କିଛି କରି ପାରୁ ନାହାନ୍ତି ଏବଂ ଏଦିଗରେ ସରକାର ଉତ୍ଥାନ, ଉତ୍କର୍ଷ ଭଳି କାର୍ଯ୍ୟକ୍ରମର ବ୍ୟବସ୍ଥା ମାଧ୍ୟମରେ ପଛୁଆ ରହିଥିବା ପିଲାଙ୍କ ସକାଶେ ଅତିରିକ୍ତ ପାଠପଢାର ବ୍ୟବସ୍ଥା କରିବା ଦ୍ୱାରା ସିଲାବସରେ ଉଦ୍ଦିଷ୍ଟ ଥିବା ବିଷୟସବୁ ସୁଚାରୁ ରୂପେ ସଂପୂର୍ଣ୍ଣ ହୋଇ ନ ପାରି ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି। ଠିକ୍ ସେହିପରି ଆଗରୁ ଥିବା ଟିଉଟୋରିଆଲ୍ କ୍ଲାସର ବ୍ୟବସ୍ଥା ପ୍ରାୟତଃ ଆଉ ନାହିଁ କହିଲେ ଚଳେ।

ଏହି ଅସୁବିଧାକୁ ଅନେକ ମାତ୍ରାରେ ଲାଘବ କରିବା ନିମିତ୍ତ ବିକଳ୍ପ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇପାରେ। ସରକାରଙ୍କ କହିବା ପ୍ରକାରେ ପ୍ରାଥମିକ ଶିକ୍ଷା ସମସ୍ତ ବାଳକ ବାଳିକା ନିହାତି ପକ୍ଷେ ସଂପୂର୍ଣ୍ଣ କରିବେ ବୋଲି ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମରେ ପ୍ରାବଧାନତା ରହିଛି ଯେ ଜଣେ ୬ରୁ ୧୪ ବର୍ଷ ମଧ୍ୟରେ ବର୍ଷର ଯେକୌଣସି ସମୟରେ ନିଜ ବୟସକୁ ଦେଖି ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇ ପାରିବ। ଏଥି ସକାଶେ ତାକୁ କୌଣସି କାଗଜପତ୍ରର ଅଭାବ ଦର୍ଶାଇ ନାମଲେଖାରୁ ବଞ୍ଚିତ କରାଯାଇ ପାରିବ ନାହିଁ। ତେଣୁ ଏଠି ପ୍ରକାରାନ୍ତରେ ଶିଶୁଟି ଘରେ ରହି ସର୍ବନିମ୍ନ ପାଠ ଅକ୍ତିୟାର କଲାପରେ ବିଦ୍ୟାଳୟରେ ମଧ୍ୟ ନାମ ଲେଖାଇପାରିବ ବୋଲି କୁହାଯାଇଅଛି। ସେହି ଦୃଷ୍ଟିରୁ ମାଆବାପା ଯେଉଠି କିଛି ମାତ୍ରାରେ ଶିକ୍ଷିତ ଅଛନ୍ତି ସେମାନେ ନିଜ ସନ୍ତାନ ସନ୍ତତିଙ୍କୁ ଘରେ ଯେତେ ସମୟ ରହୁଛନ୍ତି ନିଜ ନଜରରେ ରଖିବା ସହିତ କର୍ମସ୍ଥଳକୁ ମଧ୍ୟ ତାଙ୍କୁ ଧରି ଯାଇପାରିବେ। ଆଜିକାଲି ଆମେ ଦେଖୁଛୁ ବହୁତ କମ୍ ବୟସର ଶିଶୁ ଟେଲିଭିଜନ ବା ୟୁଟ୍ୟୁବରେ ବହୁତ କଠିନ ଶ୍ଳୋକ ଭଳି ଜିନିଷ ମୁଖସ୍ତ କରି ଶୁଣାଉଛନ୍ତି। ଏଥିରୁ ଜଣାପଡୁଛି ଯେ ମାଆବାପା ନିଶ୍ଚିତ ରୂପେ ଶିଶୁକୁ ତାହା ଅକ୍ତିୟାର କରିବାରେ ସାହାଯ୍ୟ କରିଥିବେ। ତା' ହେଲେ ମାଆବାପା ଯଦି ଚାହିଁବେ ଶିଶୁଟିଏ ଅକ୍ଷର ଶିଖିବା, ବହି ପଢ଼ି ଜାଣିବା, ଯୋଗ, ବିୟୋଗ ଇତ୍ୟାଦି କାହିଁକି ଜାଣିବନି? ଅବଶ୍ୟ ଏଠାରେ କେହି କେହି କହିପାରନ୍ତି ସମସ୍ତଙ୍କର ମାଆବାପା ସେତେ ମାତ୍ରାରେ ଶିକ୍ଷିତ ନୁହନ୍ତି ବା ତାଙ୍କ ପାଖରେ ସେତେଟା



ସମୟ ନାହିଁ ଏକଥା ସତ କିନ୍ତୁ ମାଆଟିଏ ପିଲାଟିକୁ ତ ରନ୍ଧାବଢ଼ା କଲା ସମୟରେ ପାଖରେ ବସାଇ ପାରିବ ଏବଂ କହିପାରିବ ପିଲାଟି ଯାହା ଜାଣିଛି ବଡ଼ ପାଟିରେ ପଢୁ। ତା' ଛଡ଼ା ପାଠ କେବଳ ବହିରେ ନ ଥାଏ। ମାଆବାପା ଚାହିଁଲେ ଶିଶୁକୁ ଅନେକ ଜିନିଷ ବିଷୟରେ ପରିଚିତ କରାଇ ପାରିବେ, ଯେମିତି କି ରୋଷେଇ ଘରେ ବ୍ୟବହୃତ ହେଉଥିବା ବିଭିନ୍ନ ଜିନିଷ, କେଉଁଟି ରୋଷେଇ ଘର, କେଉଁଟି ଗାଧୁଆ ଘର, କେଉଁଟି ଶୋଇବା ଘର, କେଉଁଟି କି ଡାଲି, କି ପରିବା, କାହାକୁ ମାନ୍ୟରେ କ'ଣ କହିବ, କେଉଁଟି କି ପକ୍ଷୀ, କି ଗଛ, କି ପତ୍ର, କି ପଶୁ ଇତ୍ୟାଦି। ଏସବୁ ଜିନିଷ ଖାଇବା ବେଳେ ବା ଯେକୌଣସି ଖାଲି ସମୟରେ ଶିଶୁ ସହିତ ଆଲୋଚନା ମାଧ୍ୟମରେ ପରିଚିତ କରାଯାଇପାରେ। ସଂଖ୍ୟା ଗଣିବା ପାଇଁ ମାଟିରେ ଗୋଲି ବା ବାଉଁଶର କାଠି ତିଆରି କରିବା, ମାଟି, କାଗଜ ଇତ୍ୟାଦି ବ୍ୟବହାର କରି ବିଭିନ୍ନ ଜିନିଷ ତିଆରି କରିବା, ନିଜ ମନ ମୁତାବକ ଚିତ୍ରାଙ୍କନ କରିବାକୁ ଉତ୍ସାହିତ କରିବା, ପ୍ରାର୍ଥନା, ଭଜନ ଇତ୍ୟାଦି ମନେ ରଖିବା ତଥା ବୋଲିବାକୁ ଉତ୍ସାହିତ କରିବା, ହସ୍ତାକ୍ଷର ଲେଖିବା, ନିଜେ ଯାଉଥିବା ସ୍ଥାନ ସବୁକୁ ସାଙ୍ଗରେ ନେଇକି ଯିବା ଏବଂ ଯା'ଆସ ସମୟରେ ଶିଶୁ ଭିନ୍ନ ଭିନ୍ନ ଜିନିଷ ଦେଖି ଯେତେ ପ୍ରଶ୍ନ ପଚାରୁଛି ବିରକ୍ତ ନ ହୋଇ ତାକୁ ମନ ଦେଇ ଶୁଣି ସହଜ ଭାବରେ ବୁଝାଇ ଦେବା ଇତ୍ୟାଦି କରିବା ଆବଶ୍ୟକ। ଆଜିକାଲି ପ୍ରାୟ ଶିଶୁ ମୋବାଇଲ ଫୋନ ନ ଦେଖି ରହି ପାରୁ ନାହାନ୍ତି। ତେଣୁ ତହିଁରୁ ଶିକ୍ଷଣୀୟ ଜିନିଷ ସବୁ ବାହାର କରି ଶିଶୁକୁ ଦେଖାଇବା ଉଚିତ; ଯଦ୍ଦ୍ୱାରା ଶିଶୁଟି କମ ସମୟରେ ଅନେକ ଜିନିଷ ମନେ ରଖିପାରିବ। ଏଥିରେ ଛୋଟ ଛୋଟ ସିନେମା ବି ରହିବ। ଏହା ଭିନ୍ନ ଶିଶୁକୁ ବିଭିନ୍ନ ଖେଳ ସହ ମଧ୍ୟ ପରିଚିତ କରାଇବା ଆବଶ୍ୟକ। ପରିବାରକୁ କେହି ବୁଲି ଆସିଲେ ଶିଶୁକୁ ତାଙ୍କ ଆଗରେ ଜାଣିଥିବା ପ୍ରାର୍ଥନା,ଗପ ଇତ୍ୟାଦି ବୋଲିବା/କହିବାକୁ କହିବା ବା ଆଙ୍କିଥିବା ଚିତ୍ରାଙ୍କନ ବା ତିଆରି କରିଥିବା ଜିନିଷ ଦେଖାଇବାକୁ ଉତ୍ସାହିତ କରିବା ଆବଶ୍ୟକ; ଯଦ୍ଦ୍ୱାରା ଶିଶୁକୁ ଏଭଳି ଜିନିଷ ଆହୁରି କରିବାକୁ ଇଚ୍ଛା ଲାଗିବ। ଆଗରୁ ଅଜାଆଈ ଯେମିତି ନାତିନାତୁଣୀମାନଙ୍କୁ ଅନେକ ଗପ/କାହାଣୀ ଶୁଣାଉଥିଲେ ସେସବୁ ଯଦିଓ ପ୍ରାୟତଃ ନାହିଁ ତେଣୁ ବାପାମାଆ ଚାହିଁଲେ ପିଲାଙ୍କୁ ଅବସର ସମୟରେ ପାଖରେ ବସାଇ ନୀତିଶିକ୍ଷା ସମ୍ବଳିତ କାହାଣୀ ଶୁଣାଇ ପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏଠାରେ ହେଲା ଶିଶୁଟି ଖେଳିବା,ବୁଲିବା ଭିତରେ ଅନେକ କଥା ଜାଣିଯାଉଛି ଏବଂ ପାଠ ପଢିବାକୁ ସେ ବୋଝ ବୋଲି ଆଦୌ ଭାବୁନାହିଁ। ଏହା ବାଦ୍ ବିଦ୍ୟାଳୟରେ କେଉଁଠି ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହିଁ ବୋଲି ନ ପଢ଼ାଇବା ବା ଅନ୍ୟାନ୍ୟ କାମ ବୋଝ ଯୋଗୁ ନ ପଢ଼ାଇବା ଭଳି ବିଷୟ ଆସିବ ନାହିଁ। ଆହୁରି ମଧ୍ୟ ଗୋଟିଏ ଶିକ୍ଷକ ଏକା ଥରକୁ ଚାଳିଶ/ପଚାଶ ପିଲାଙ୍କୁ ପଢ଼ାଇବା ଏବଂ ବାପାମାଆ ଗୋଟିଏ ପିଲାକୁ ପଢ଼ାଇବା ଭିତରେ ଅନେକ ଫରକ୍ ରହିବ। କଥାରେ ଅଛି 'ଘରନିଅଁ ଯେତେଦିନ ପର୍ଯ୍ୟନ୍ତ ମଜଭୁତ ଅଛି ଉପରେ ଯେତେ ଝଡଝଞ୍ଜା ଆସିଲେ ଯା'ଆସ ନାହିଁ। ତେଣୁ ପ୍ରାଥମିକ ଶିକ୍ଷା ଠିକ୍ ଭାବରେ ଜଣେ ଶିଶୁ ସମ୍ପୂର୍ଣ୍ଣ କରିଥିଲେ ସେ ନିଜକୁ ଠିକ୍ ରୂପେ ଗଢ଼ି ତୋଳିବାରେ ଅସୁବିଧା ନାହିଁ। ତେଣୁ ଘରକୁ ବିଦ୍ୟାଳୟ ମଣି ପ୍ରତ୍ୟେକ ମାଆବାପା ଯଦି ପିଲାଙ୍କ ପ୍ରତି ଥିବା ନିଜ ଦାୟିତ୍ୱ ହୃଦ୍‌ବୋଧ କରି ନିଜ ବ୍ୟସ୍ତ ବହୁଳ ସମୟରୁ କିଛି କାଢ଼ି ପିଲାଙ୍କ ସକାଶେ ଦେବାର ଦାୟିତ୍ୱ ସଂପାଦନ କରନ୍ତି, ପିଲା ଉପର ଶ୍ରେଣୀକୁ ଯିବାପରେ ତଳ ଶ୍ରେଣୀର ପାଠ ନ ଜାଣିବା ଯେଉଁ ଅଭିଯୋଗ ରହୁଛି ତାହା ଅନେକ ମାତ୍ରାରେ ନିଶ୍ଚିତ ରୂପେ ହ୍ରାସ ପାଇବ।

ମୋ: ୯୪୩୭୫୬୭୧୮୩୧

## ପାଠକ ଶ୍ରେଷ୍ଠ ବିଚାରକ

### ସବୁଠି ପରଚର୍ଚ୍ଚା

ମହାଶୟ,

ଦୁର୍ଭାଗ୍ୟବଶତଃ ଯଦି କେବେ କର୍ମମୟ ଜୀବନରୁ ଟିକେ ଫୁରୁସତ୍ ମିଳିଯାଏ ତେବେ ଆରମ୍ଭ ହୋଇଯାଏ ପରଚର୍ଚ୍ଚା। ଆଜିର ଏ ବିଜ୍ଞ ସମାଜ ପରଚର୍ଚ୍ଚା ତଥା ପରନିନ୍ଦାରୁ ନିବୃତ୍ତ ରହିବା ପରିବର୍ତ୍ତେ ସାମାଜିକ ଗଣମାଧ୍ୟମ, ଇଣ୍ଟରନେଟ୍, ମୋବାଇଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ପରନିନ୍ଦା ଗତିର ବେଗ, ରୂପରେଖକୁ ଶୀର୍ଷରେ ପହଞ୍ଚାଇ ସାରିଲାଣି; ଯାହାକୁ ଆମ ଭଳି ନିର୍ବୋଧ ମଣିଷ ବିଶ୍ୱାସ କରୁଛି। ସରଳକୁ ଧୂର୍ତ୍ତ, ଧୂର୍ତ୍ତକୁ ସରଳ, ସାଧୁକୁ ଅସାଧୁ, ଅସାଧୁକୁ ସାଧୁ, ମିଥ୍ୟାବାଦୀକୁ ସତ୍ୟବାଦୀ, ସତ୍ୟବାଦୀକୁ ମିଥ୍ୟାବାଦୀ, ବିଶ୍ୱସ୍ତକୁ ପ୍ରତାରକ, ପ୍ରତାରକକୁ ବିଶ୍ୱସ୍ତ ବୋଲି ଧରିନେବାର ଦୃଷ୍ଟାନ୍ତ ଆମ ପାଇଁ ଆଦୌ ବିରଳ ନୁହେଁ। ଆମେ କେବଳ ଅଣନିଃଶ୍ୱାସୀ ହୋଇ ଦୌଡୁଛେ ସିନା ଆମର କିଛି ଲକ୍ଷ୍ୟ ସ୍ଥଳ ଅଛି କି । ମଣିଷର ବଞ୍ଚିବାରେ ଯେତେ ଅଧିକ ଜାଗା ଆବଶ୍ୟକ ହୋଇଥାଉ ମୃତ୍ୟୁବେଳକୁ ତାହା ଛଅ ଫୁଟରେ ସୀମିତ ରୁହେ। ତଥାପି କ୍ଷଣିକ ଜୀବନରେ ପରଚର୍ଚ୍ଚା କରିବାକୁ ଆମେ ପଛାଉ ନାହୁଁ, ବିଶେଷକରି ସାମାଜିକ ଗଣମାଧ୍ୟମରେ । ଏଥିରୁ ନିବୃତ୍ତ ରହିବା ଦରକାର।

-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଗାଇଲ ଗୀତ
ଥରାଇ ତନୁ
ଗାଇଲ ଗୁଣୁ ଗୁଣୁ!
ଆମ୍ରବନେ ନୂପୁର ରୁଣୁଝୁଣୁ!

-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଜନ୍ମ ନେଲେ ୨୫ ଶାବକ

ରାଜନଗର, ୫।୯ (ଭାସ୍କର ରାଉତରାୟ)



ବଉଳା କୁମ୍ଭୀରଙ୍କ ଭୂସ୍ୱର୍ଗ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବିଶ୍ୱର ସର୍ବପ୍ରଥମ କୃତ୍ରିମ ପ୍ରଜନନ କେନ୍ଦ୍ରରୁ ଗୁରୁବାର ପ୍ରଥମ ଦିନରେ ୨୫ ଶାବକ ଜନ୍ମ ନେଇଛନ୍ତି। ୭୫ଦିନ ପରେ ଅଣ୍ଡାରୁ ଛୁଆଫୁଟିବା ଆରମ୍ଭ ହୋଇଛି। ଆସନ୍ତା ଦିନେ ଦୁଇଦିନ ଭିତରେ ଅନ୍ୟ ଅଣ୍ଡାଗୁଡ଼ିକରୁ କୁମ୍ଭୀର ଶାବକ ଜନ୍ମ ନେବେ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ।

ଚଳିତବର୍ଷ ଭିତରକନିକାରେ ପ୍ରବାହିତ ନଦୀ, ନାଳଗୁଡ଼ିକରେ ବାସ କରୁଥିବା ବଉଳା କୁମ୍ଭୀରଙ୍କ ୧୧୪ଟି ବସା ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ନଦୀକୂଳ କନିକା ରେଞ୍ଜ ଅଞ୍ଚଳରୁ ଜୁଆର ମାଡ଼ି ଯାଉଥିବା ସ୍ଥାନରେ ଥିବା ଗୋଟିଏ କୁମ୍ଭୀର ବସାରୁ ୫୪ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ଏହି ଅଣ୍ଡାକୁ କୃତ୍ରିମ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଛୁଆ ଫୁଟାଇବା ପାଇଁ ରଖାଯାଇଥିଲା। ସେଥିମଧ୍ୟରୁ ଗୁରୁବାର ୨୫ଟି ଶାବକ ଜନ୍ମଗ୍ରହଣ କରିଛନ୍ତି। ପ୍ରତିବର୍ଷ ବଉଳା କୁମ୍ଭୀର ପ୍ରଜନନ ଋତୁରେ ମା' କୁମ୍ଭୀର ଅନ୍ତଃସତ୍ତ୍ୱା ହେବା ପରେ ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠାରୁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠିକୁଟାକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡ଼ାଇ ଦେଇଥାଏ। ପ୍ରତ୍ୟେକ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। ସଂଗୃହୀତ ଅଣ୍ଡାଗୁଡ଼ିକୁ ଡାଙ୍ଗମାଳଠାରେ ଥିବା ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଖରଖରି ଓ ହେନ୍ତାଳ ପତ୍ର ଘୋଡ଼ାଇ ରଖାଯାଇଥିଲା। ୩୨ରୁ ୩୩ ଡିଗ୍ରୀ ତାପମାତ୍ରାରେ କୁମ୍ଭୀର ଅଣ୍ଡାଗୁଡ଼ିକୁ ପତ୍ର ଘୋଡ଼ାଇ ରଖାଯିବା ସହ ପ୍ରତି ୨ ଘଣ୍ଟାରେ ଥରେ ତାପମାତ୍ରା ମପାଯାଉଥିଲା। ରଖାଯାଇଥିବା ଅଣ୍ଡାରୁ କୁମ୍ଭୀର ଶାବକ ଜନ୍ମ ନେଇଛନ୍ତି। ୧୯୭୫ରୁ ବିଶ୍ୱର ସର୍ବପ୍ରଥମ ଏହି ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନ କରାଯାଇଛି। ସେବେଠୁ କୃତ୍ରିମ ଉପାୟରେ ଏହି ପ୍ରକ୍ରିୟା ଚାଲୁ ରହିଛି।

# ଭାସି ଆସିଥିବା କଣ୍ଟେନରକୁ ଅନୁଧ୍ୟାନ କଲେ ଜାହାଜର ପ୍ରତିନିଧି

ରାଜନଗର, ୫।୯ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପୁରୁଣା ସାତଭାୟା ବେଳାଭୂମିରେ ୧ ତାରିଖରେ ୨ଟି ଓ ୨ ତାରିଖରେ ଚିଞ୍ଚିରି ମୁହାଣରେ ଗୋଟିଏ କଣ୍ଟେନର ଲାଗିଛି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏକ ୫ ଜଣିଆ ଜାହାଜ ପ୍ରତିନିଧି ଦଳ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଯାଇଛନ୍ତି।

ସୂଚନାଯୋଗ୍ୟ, ଏମ୍‌ଭି ଆଇଟିଆଇ ପୁମା ମୁମ୍ବାଇରେ ରେଜିଷ୍ଟ୍ରେର୍ଡ ଜେନେରାଲ କାର୍ଗୋ ଜାହାଜ ଅଗଷ୍ଟ ୨୫ରେ କୋଲକାତାରୁ ପୋର୍ଟ ବ୍ଲେୟାର ଅଭିମୁଖେ ଯାତ୍ରା କରୁଥିବାବେଳେ ସମୁଦ୍ର କୂଳଠାରୁ ୯୦ ନଟିକାଲ ମାଇଲ ସାଗରଦ୍ୱୀପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ କାର୍ଗୋ ଜାହାଜରେ ଥିବା ୧୨ଟି କଣ୍ଟେନର ପତ୍ତା ମିଳୁନି। ସେଥିମଧ୍ୟରୁ ୨ଟି କଣ୍ଟେନର ସାତଭାୟା ଓ ଗୋଟିଏ କଣ୍ଟେନର ଭାସି ଆସି ଚିଞ୍ଚିରିରେ ପହଞ୍ଚିଛି। ଗୁରୁବାର ପୁରୀ ଜିଲା ପେଣ୍ଠକଟା ସମୁଦ୍ରରେ ଅନ୍ୟ ଏକ କଣ୍ଟେନର ଭାସୁଛି। ଅନ୍ୟ ୮ଟି କଣ୍ଟେନର ସମୁଦ୍ର ଭିତରେ ବୁଡ଼ି ରହିଛି ନା ଅନ୍ୟ କେଉଁ ସ୍ଥାନରେ ଲାଗିଛି ତାହା ଏଯାଏ ସ୍ପଷ୍ଟ ହୋଇନି। ଗୁରୁବାର ଏକ ୪ଜଣିଆ ଟିମ ସାତଭାୟା ସମୁଦ୍ରକୂଳ ଓ ଚିଞ୍ଚିରି ମୁହାଣ ନିକଟରେ ପହଞ୍ଚି ଲାଗିଥିବା କଣ୍ଟେନରଗୁଡ଼ିକର ଯାଞ୍ଚ କରିଛନ୍ତି। କଣ୍ଟେନରଗୁଡ଼ିକ କେଉଁ ସ୍ଥିତିରେ ଅଛି, ତା' ଭିତରେ ସାମଗ୍ରୀ ଅଛି ନା ନାହିଁ ଓ ସମୁଦ୍ର କୂଳରେ ପଡ଼ିଥିବା ବିଭିନ୍ନ ସାମଗ୍ରୀର ଯାଞ୍ଚ କରିଥିବା ଜଣାପଡ଼ିଛି। ପାରାଦୀପର ୨ଜଣ ଓ କୋଲକାତାର ୨ଜଣ ଅଧିକାରୀ ପହଞ୍ଚି ଏହି ସ୍ଥିତି ଯାଞ୍ଚ କରିଛନ୍ତି। କାର୍ଗୋ ଜାହାଜ କମ୍ପାନୀର ଅଧିକାରୀ ଓ ଇନ୍ସ୍ୟୁରାନ୍ସ କମ୍ପାନୀର ଅଧିକାରୀ ଏଠାରେ ପହଞ୍ଚି ଯାଞ୍ଚ କରିଛନ୍ତି। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କଠାରୁ ଅନୁମତି ନେବା ପରେ ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିଥିଲେ। ସାତଭାୟା ଠାରେ ଲାଗିଥିବା ୨ଟି କଣ୍ଟେନର ଠିକ୍ ଥିବା ବେଳେ ଚିଞ୍ଚିରିଠାରେ ଲାଗିଥିବା କଣ୍ଟେନରଟି ଭାଙ୍ଗି ଯାଇଛି।




ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱରଞ୍ଜନ



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପ୍ରାଣୀଧନ ବିଭାଗ ଟିମ୍‌ଙ୍କ କୁକୁଡ଼ା ଫାର୍ମ ଚଢ଼ାଉ



## ଡେରାବିଶରେ ବାର୍ଡ ଫ୍ଲୁ ଆଶଙ୍କା

ଡେରାବିଶ,୫।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ରବିବାରଠାରୁ ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଛି। ବ୍ଲକ ଅଞ୍ଚଳର ବିଭିନ୍ନସ୍ଥାନରେ ଶତାଧିକ କୁକୁଡ଼ା ମଡ଼କ ହେବାପରେ ସାଧାରଣ ଲୋକଙ୍କ ମଧ୍ୟରେ ବାର୍ଡ ଫ୍ଲୁର ଆଶଙ୍କା ଦେଖା ଦେଇଥିବା ବେଳେ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ମୃତ କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯାଇଥିଲା। ଏହି ପରୀକ୍ଷା ନମୁନା ରିପୋର୍ଟ ଏ ପର୍ଯ୍ୟନ୍ତ ଆସି ନ ଥିବାବେଳେ ପ୍ରାଣୀଧନ ବିଭାଗ ପକ୍ଷରୁ ଏହି କୁକୁଡ଼ା ମଡ଼କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ଏହି ଉପଲକ୍ଷେ ଗୁରୁବାର ପ୍ରାଣୀଧନ ବିଭାଗୀୟ ଉଚ୍ଚସ୍ତରୀୟ ଟିମ୍ ଡେରାବିଶ ବ୍ଲକ ଅଧୀନ ନରସିଂହପୁର, ଏଣ୍ଡର, ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଞ୍ଚଳରେ ଥିବା ବିଭିନ୍ନ କୁକୁଡ଼ା ଫାର୍ମ ଉପରେ ଚଢ଼ାଉ କରିଛି। ଏଥିସହ ଫାର୍ମରେ ଥିବା ବିଭିନ୍ନ କୁକୁଡ଼ାଙ୍କ ରକ୍ତ ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ଫୁଲନଖରାସ୍ଥିତ ପ୍ରାଣୀଧନ ବିଭାଗ କାର୍ଯ୍ୟାଳୟର ଡା. ଜଗଦୀଶ ମହାନ୍ତିଙ୍କ ନେତୃତ୍ୱରେ ୨ ଜଣ ପ୍ରାଣୀଧନ ଚିକିତ୍ସକ ଆସିଥିବା ବେଳେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ସୁବ୍ରତ କୁମାର ମହାପାତ୍ର, ଅତିରିକ୍ତ ପ୍ରାଣୀଧନ ଚିକିତ୍ସକ ଡା. ମୃତ୍ୟୁଞ୍ଜୟ ମହାନ୍ତି ଓ ଡେରାବିଶ ପ୍ରାଣୀଧନ ଚିକିତ୍ସକ ଡା. ଦିଲୀପ କୁମାର ସେଠୀଙ୍କ ସମେତ ବହୁ କର୍ମଚାରୀ ଏହି ଉଚ୍ଚସ୍ତରୀୟ ଟିମ୍‌ରେ ସାମିଲ ହୋଇଥିଲେ। ତେବେ ପୂର୍ବରୁ ସଂଗୃହୀତ ରକ୍ତ ନମୁନାର ପରୀକ୍ଷଣ ରିପୋର୍ଟ ଆସି ନ ଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସଂଗୃହୀତ ରକ୍ତ ନମୁନା ମଧ୍ୟ ପରୀକ୍ଷା ପାଇଁ ପଠାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସକ ଡା. ମହାପାତ୍ର କହିଛନ୍ତି।

# ସୁଭଦ୍ରା ଯୋଜନାରେ ୩ ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

କେନ୍ଦ୍ରାପଡ଼ା, ୫।୯ (ଜଗନ୍ନାଥ ଧଳ): ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ସୁଭଦ୍ରା ଯୋଜନା କାର୍ଯ୍ୟକାରିତାରେ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ବାଧା ସୃଷ୍ଟି ହୋଇଛି। ଏପରି ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ସହ ୩ ଜଣଙ୍କ ଉପରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଡେରାବିଶ ବ୍ଲକ ବେଲାରପୁରର ୨ ଜନସେବା କେନ୍ଦ୍ର ଉପରେ ଚଢ଼ାଉ ହୋଇଥିଲା। ଏହି ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ଫର୍ମ ଅନ୍‌ଲାଇନରେ ସଂଯୋଗ ସମୟରେ ଟଙ୍କା ନେଉଥିବା ସମ୍ଭାବ୍ୟ ହିତାଧିକାରୀ ଅଭିଯୋଗ କରିଥିଲେ। ତଦନ୍ତ ପରେ ବେଲାରପୁରର ସପନ କୁମାର ପଣ୍ଡା ଓ ଶ୍ରୀକାନ୍ତ କୁମାର ନାୟକଙ୍କ ଜନସେବା କେନ୍ଦ୍ରକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି। ସେହିପରି ବଡ଼ ସରଦେଇପୁର ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ପଣ୍ଡା ଏହି କେନ୍ଦ୍ର ଅଧୀନ ମହିଳାଙ୍କୁ ସୁଭଦ୍ରା ଫର୍ମ ଦିଆଯିବ ନାହିଁ କହିବା ସହ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଅଭିଯୋଗ ପରେ ଅଙ୍ଗନୱାଡ଼ି କର୍ମୀ ପଣ୍ଡାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CPMGSUWATENGG 2024008, ତା.27.08.2024ରିଖ

କାର୍ଯ୍ୟର ନାମ : କଣ୍ଟକାପଲ୍ଲି ରେଳ ଷ୍ଟେସନଠାରେ ଗୁଡ୍‌ସ ସେଡ୍‌ର ଉନ୍ନୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 16,71,89,411.54, EMD (ଟଙ୍କାରେ): 9,86,000/-, କାର୍ଯ୍ୟ ଶେଷ ହେବା ଅବଧି: 09 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.09.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀ କୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ (GSU), ଗ୍ୱାଲିୟର

PR-492/P/24-25

See Career Appointment on every Wednesday & Saturday



## Public Works Department
Sector-19, North Block, Naya Raipur (C.G.)

### E-Procurement Tender Notice

E-mail: tenders-pwd.cg@gov.in

NIT No.084/TC/EinC/PWD/2024-25 Dated- 30.08.2024

**The Engineer-in-Chief, Public Works Department** on behalf of **Governor of Chhattisgarh** invites percentage rate bids on electronic tendering system under **RCPLWE RRP-III** in the district of Kanker & Narayanpur for construction of **02 Bridges** with estimated cost amounting **Rs 654.06 Lacs** including their maintenance for five years from the contractors registered with unified registration system (e-registration) in Chhattisgarh. Non registered bidders may submit bid; however the successful bidder must get registered in appropriate class under "Unified Registration System (e-Registration) of Chhattisgarh before signing the agreement.

The bid document shall be available to bidders online free of cost and should be submitted online e-procurement system of government of Chhattisgarh in https://eproc.cgstate.gov.in. Bids form will be available on the website from 03.09.2024 and may be submitted up to 17:00 Hrs. on 16.09.2024

For participating in bidding process, bidders are required to register in the above web-site with nominal fee of Rs 500/- to be paid online to service provider. For submission of the bids, the bidder is required to have a valid Digital Signature Certificate (DSC) from authorized certifying authorities.

The bidders are required to submit (a) original bid security in approved form and (b) original affidavit duly verified and notarized as per clause 4.4 B (a) (ii) and 4.4 B (c) to **Chief Engineer, Tender Cell, First Floor, NirmanBhawan, PWD, North Block, Sector-19, Naya Raipur Atal Nagar (C.G.) 492-002** as per provisions of bid document through Speed/ Registered post, failing which the bids shall be declared non-responsive.

Detailed schedule of important dates may be seen on notice board of offices and also available on website of Public Works Department http://pwd.cg.nic.in

Sd./- Chief Engineer
(Central Tender Cell)
Office of Engineer-In-Chief
P.W.D. Naya Raipur Atal Nagar (C.G.)

G-242502300/9



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

No. CAD-978

ODISHA

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: VISC(LEM)Proj-64/24-25/୧୨୯୯୧ ତାରିଖ: ୧୭।୦୮।୨୦୨୪

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜାପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:**

Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।

ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।

- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: **http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf**।

ସ୍ୱା./- ସଦସ୍ୟ ସଚିବ

OSPCB-CL-MISC-0049-2023/13/2024

OIPR-08012/11/0066/2425



## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

### अति अल्पकालीन ई-निविदा आमंत्रण सूचना

ई- निविदा सूचना संख्या - RDD/SD/CHAIBASA/11/2024-25 (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के चक्रधरपुर प्रखण्ड अन्तर्गत सुरबुड़ा पंचायत के द्वारपारोम में ब्रह्मणी नदी पर पुल निर्माण। | 45276300.00 | 906000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 09.09.2024
3. ई–निविदा प्राप्ति की तिथि एवं समय–दिनांक 09.09.2024 से दिनांक 18.09.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.20.09.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

PR 334794 West Singhbhum(24-25)#D



## GOVERNMENT OF JHARKHAND
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

### Very Short e-Tender Notice

Tender Reference No:- ICDP/RANCHI/08/2024-25 DATE:- 04.09.2024

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (i) | Construction of 500 MT Capacity Godown in Lamps/Pacs Of Districts Ranchi, Khunti, Lohardaga, Gumla, Simdega, East Singhbhum(Jamshedpur), West Singhbhum (Chaibasa), Saraikela-kharsawan, Latehar, Palamu, Garhwa and Ramgarh. | 12 | 9,66,30,000.00 | 10,000.00 | 9,66,300.00 | 12 Months |
| | (ii) | Construction of 500 MT Capacity Godown in Lamps/Pacs Of Districts Pakur, Godda, Sahebganj, Deoghar, Dumka, Dhanbad, Jamtara, Bokaro, Giridih, Hazaribagh, Koderma And Chatra. | 12 | 9,66,30,000.00 | 10,000.00 | 9,66,300.00 | |
| 02. | Date Of Publication of on Website | | 09.09.2024 AT 11:00 AM | | | | |
| 03. | Last Date & Time of Submission of bids | | 18.09.2024 AT 05:00 PM | | | | |
| 04. | Name & Address of Office Inviting Tender | | State Monitoring Officer, ICDP Cell, 4th Floor Pasupalan-Sahkarita Bhawan Singh More, Hatia, Ranchi. 834003 | | | | |
| 05. | Contact No of Procurement Officer | | 7979760612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 09.09.2024 at 11:00 AM to 18.09.2024 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 18.09.2024. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 19.09.2024.

07. Estimate Cost May Vary.

08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi.

PR 334893 Co-opretive(24-25)D



## कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, जामताड़ा

### ई–अल्पकालीन निविदा आमंत्रण सूचना

ई0–अल्पकालीन निविदा संख्या :– 13/2024-25/RWD/JAMTARA दिनांक–03.09.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, जामताड़ा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 | आईडेन्टीफिकेशन संख्या/पैकेज संख्या | प्रखंड का नाम | | कार्य का नाम | प्राक्कलित राशि अंक में (रुपया में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | RWD /JAMTARA/ STPKG- 09/2024-25 | नारायणपुर | 1 | ए0डी0बी0 रोड कोल्हर हरलाटॉड़ मोड़ से धोबना भाया मंझलाडीह तक पथ का सुदृढ़ीकरण कार्य (5.200 कि.मी.) | 149778200.00 | चौदाह करोड़ सन्तान्वें लाख अठहत्तर हजार दो सौ मात्र | 15 महीना |
| | | करमाटॉड़ | 2 | कुरूवा से जगन्नाथपुर तक पथ का सुदृढ़ीकरण कार्य (2.600 कि.मी.) | | | |
| | | नारायणपुर | 3 | चन्द्रपुर कस्तुरबा स्कूल से तिलाबनी भाया चरकापानी–कोरडीहा तक पथ का सुदृढ़ीकरण कार्य (5.300 कि.मी.) | | | |
| | | नारायणपुर | 4 | बादलपुर हॉस्पीटल से दिघारी भाया पंचमुरिया तक पथ का सुदृढ़ीकरण कार्य (3.850 कि.मी.) | | | |
| | | नारायणपुर | 5 | मोहलीडीह हरिजन ग्राम से मंझलाडीह आदिवासी ग्राम भाया लोकनियाँ तक पथ का सुदृढ़ीकरण कार्य (4.200 कि.मी.) | | | |
| | | नारायणपुर | 6 | पी0डब्ल्यू0डी0 पथ घटियारी से बिराजपुर तक पथ का सुदृढ़ीकरण कार्य (2.500 कि.मी.) | | | |
| | | करमाटॉड़ | 7 | मोहनपुर से मुरलीडीह तक पथ का सुदृढ़ीकरण (3.334 कि.मी.) | | | |
| | | नारायणपुर | 8 | पवित्रा से रानीडीह तक पथ का सुदृढ़ीकरण कार्य (2.450 कि.मी.) | | | |

2. बेवसाईट में निविदा प्रकाशन की तिथि : 09.09.2024
3. ई–निविदा प्राप्ति की अंतिम तिथि एवं समय :– 19.09.2024 अपराह्न 5:00 बजे।
4. निविदा खोलने की तिथि एवं समय: 21.09.2024 अपराह्न 3:30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, जामताड़ा, ब्लॉक–सी, प्रथम तल्ला, कम्बाईंड बिलडिंग, जामताड़ा, पिन–815351

विस्तृत जानकारी के लिये बेबसाईट **jharkhandtenders.gov.in** में देखा जा सकता है।

कार्यपालक अभियंता
ग्रा0का0वि0, कार्य प्रमंडल, जामताड़ा

PR 334755 (Rural Work Department)24-25*D

## ସଂକ୍ଷେପରେ

### ଏସ୍‌ବିଆଇ ତରଫରୁ ଗୁରୁପୂଜନ

ପାଣିକୋଇଲି,୫।୯(ବିକାଶ ମଲ୍ଲିକ): ଗୁରୁ ଦିବସ ଅବସରରେ ପାଣିକୋଇଲି ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତରଫରୁ ଅବସରପ୍ରାପ୍ତ ଶିକ୍ଷକ, ପ୍ରବଚକ ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କୁ ବ୍ୟାଙ୍କ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ବେହେରା, କ୍ଷେତ୍ର ପରିଦର୍ଶକ ବିପ୍ରଜିତ ସାହୁ, ସହକର୍ମୀ ମାନସ କୁମାର ନାୟକ, ସୌଭାଗ୍ୟ ରଞ୍ଜନ ମହାନ୍ତି, ପୀତବାସ ନାୟକ, ରମେଶ ଚନ୍ଦ୍ର ଜେନା, ସୁରେଶ ଚନ୍ଦ୍ର ଜେନା, କୈଳାସ ଧିର, ମନୋରଞ୍ଜନ ଲେଙ୍କା, ପ୍ରତାପ ପଣ୍ଡା, ବିଶ୍ୱଜିତ ମାଝୀ ପ୍ରମୁଖ ଖୁଣ୍ଟିଆଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ।

### ମାନସିକ ବିକୃତ ବ୍ୟକ୍ତି ଉଦ୍ଧାର

ପାଣିକୋଇଲି,୫।୯(ବିକାଶ ମଲ୍ଲିକ):



କେନ୍ଦୁଝର ଜିଲା ସୋମପାଟଣା ଥାନା ଅଞ୍ଚଳର ନରେନ୍ଦ୍ର ନାୟକ ନାମକ ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ସେ ନିଜର ମାନସିକ ରୋଗର ଚିକିତ୍ସା କରିବା ପାଇଁ ପରିବାର ଲୋକଙ୍କ ସହିତ କଟକ ବଡ଼ ଡାକ୍ତରଖାନାକୁ ଆସିଥିବାବେଳେ ସେଠାରୁ ଲୁଚି ପଳାଇ ଆସିଥିଲେ। ସେ ବସରେ ପଳାଇଆସି ପାଣିକୋଇଲି ଛକରେ ଓହ୍ଲାଇବା ପରେ ରାସ୍ତା ନ ପାଇ ପାଣିକୋଇଲି ଥାନା ଅନ୍ତର୍ଗତ କାଙ୍କଲାପାଟଣା ଗ୍ରାମରେ ପଶିଯାଇଥିଲେ। ରାତି ପ୍ରାୟ ଦୁଇଟା ବେଳେ ଚାଲି ଚାଲି ଗ୍ରାମ ରାସ୍ତାରେ ଯାଉଥିବାବେଳେ ଗ୍ରାମବାସୀ ତାଙ୍କୁ ଚୋର ସନ୍ଦେହରେ ଧରି ଥାନାରେ ଜିମା ଦେଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ଆସି ତାଙ୍କୁ ଥାନାରୁ ନେଇଥିବା ସୂଚନା ମିଳିଛି।

### ଖଣି ବିଭାଗର ଚଢ଼ାଉ, ୩ ହାଇୱା ଜବତ



ପାଣିକୋଇଲି,୫।୯(ବିକାଶ ମଲ୍ଲିକ): କୋରେଇ ଓ ପାଣିକୋଇଲି ଥାନା ଅଧୀନ ବୈତରଣୀ ନଦୀରୁ ବେଆଇନ ବାଲିଚାଲାଣ ଅଭିଯୋଗ ପରେ ଖଣି ବିଭାଗ ଓ କୋରେଇ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏହି ସମୟରେ ବୈତରଣୀ ରୋଡ ଦେଇ ସଠିପୁରଠାରେ ରାଜପଥକୁ ଉଠୁଥିବା ୩ ବାଲିବୋଝେଇ ହାଇୱା ଜବତ କରାଯାଇଛି। ପଛରେ ଆସୁଥିବା ଗାଡ଼ି ଚାଳକମାନେ ଏହା ଜାଣିବା ପରେ ଗାଡ଼ି ଛାଡ଼ି ଫେରାର ହୋଇ ଯାଇଛନ୍ତି। ଅଧିକାରୀମାନେ ୩ ହାଇୱାକୁ ଜବତ କରି ପାଣିକୋଇଲି ପୋଲିସ ଜିମା ଦେଇଛନ୍ତି।

# ଜମି ମାଲିକ କ୍ଷତିଗ୍ରସ୍ତ, ମଧ୍ୟସ୍ଥ ଧନୀ

ଯାଜପୁର,୫।୯(ହର୍ଷବର୍ଦ୍ଧନ ବେହେରା) :

**ପାଣିକୋଇଲି ପୂର୍ତ୍ତ ବିଭାଗ**
- ଆଇନ ବଦଳରେ ସିଧାସଳଖ ଜମି ଅଧିଗ୍ରହଣ
- ୩ ଏକର ଜମିକୁ ୨୨.୪୯ କୋଟି
- ୫ ଏକର ଜମିକୁ ୩୬.୨୧ କୋଟି



ରାଜ୍ୟ ସରକାରଙ୍କ ଦ୍ରୁତ ଶିଳ୍ପାୟନ ପ୍ରକ୍ରିୟାରେ ଯାଜପୁର ଜିଲା କଳିଙ୍ଗନଗରରେ ନବେ ଦଶକରୁ ୯ ହଜାରରୁ ଊର୍ଦ୍ଧ୍ୱ ଏକର ସରକାରୀ ଓ ସାଧାରଣ ପ୍ରଜାଙ୍କ ଜମି ଅଧିଗ୍ରହଣ କରାଯାଇଛି । ସେହି ସମୟରେ ସାଧାରଣ ପ୍ରଜାଙ୍କ ଜମିର ମୂଲ୍ୟ ଶାଗମାଛ ଦରରେ କିଣାଯାଇଥିଲା, ଯାହାକୁ ନେଇ ଏବେ ବି ଅଶାନ୍ତି ଲାଗି ରହିଛି। ଏହାର ପ୍ରାୟ ୩୦ ବର୍ଷ ପରେ ଯାଜପୁର ଜିଲାରେ ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟରେ ଜମି ଅଧିଗ୍ରହଣରେ ପୁଣି ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ପ୍ରକଳ୍ପ ପାଇଁ ଭୂ-ଅର୍ଜନ ଆଇନ-୧୮୯୪ରେ ଜମି ଅଧିଗ୍ରହଣ କରିବା ବଦଳରେ ପ୍ରଜାଙ୍କଠାରୁ ସିଧାସଳଖ ଶତାଧିକ ଏକର ଜମି କିଣାଯାଇଛି। ଏନେଇ କେତେଜଣ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖ ଲୋକକମାନେ ଆଗୁଆ ସୂଚନା ପାଇଥିଲେ । ସେମାନେ ନୀରିହ ଚାଷୀଙ୍କ ପାଖରୁ ଶାଗମାଛ ଦରରେ ଜମି କିଣିଥିଲେ । ପରେ ମଧ୍ୟସ୍ଥି ସାଜି ସେହି ଜମିକୁ ପ୍ରାୟ ୧୦୦ ଗୁଣା ଅଧିକ ଦରରେ ସରକାରଙ୍କୁ ଦେଇ ଧନୀ ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ପାଣିକୋଇଲି ଆର୍ ଏଣ୍ଡ ବି ତଥା ପୂର୍ତ୍ତ ବିଭାଗରେ ଜମି ଅଧିଗ୍ରହଣରେ ଏଭଳି ଦୁର୍ନୀତି ସେହି ନୀରିହ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। କେତେଜଣ ଚାଷୀ ଏନେଇ ଆନ୍ଦୋଳନ ପାଇଁ ପ୍ରସ୍ତୁତି କରୁଥିବା ସୂଚନା ମିଳିଛି।

ସରକାରୀ ବ୍ୟବସ୍ଥାରେ ଅସହାୟ ଲୋକେ ପ୍ରତିବାଦ ନ କରି କ୍ଷତିପୂରଣ ବାବଦକୁ ଯାହା ମିଳିଛି ତାହା ଗ୍ରହଣ କରିଛନ୍ତି । ଏହି ପ୍ରକ୍ରିୟାରେ ସରକାରୀ କଳ କେବେହେଲେ ଜମିର ମୂଲ୍ୟ ଆକଳନ ଓ କ୍ଷତିପୂରଣ ପରିମାଣ ଅନୁମୋଦନରେ ଲୋକଙ୍କ ପ୍ରତି ଅନ୍ୟାୟ ହେଉଛି କି ବୋଲି ଦୁଇଥର ଚିନ୍ତା କରିଥିବାର ନଜିର ନାହିଁ । କ୍ଷତିଗ୍ରସ୍ତ ଚାଷୀଙ୍କ ସପକ୍ଷରେ ଲୋକ ପ୍ରତିନିଧିମାନେ ମଧ କେବେ ତଦନ୍ତ କରି ନାହାନ୍ତି। ଏହାର ସୁଯୋଗରେ ଯାଜପୁର ନିର୍ବାଚନ ମଣ୍ଡଳୀରେ ଜମି କିଣାବିକା ଦୁର୍ନୀତି ଓ ଷଡଯନ୍ତ୍ର ସାମ୍ନାକୁ ଆସିଛି। ଏଠାରେ କେତେକ ପ୍ରକଳ୍ପରେ ହୋଇଥିବା ଜମି ଅଧିଗ୍ରହଣକୁ ଉଦାହରଣ ଭାବେ ନିଆଯାଇପାରେ। ନିର୍ମାଣ ସୌଧ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ କାର୍ଯ୍ୟାଳୟ ପକ୍ଷରୁ ୧୯।୩।୨୦୨୪ରେ ୧୬ନଂ. ଜାତୀୟ ରାଜପଥ କଡ ଷଠିପୁର ଗୋଲେଇ ଛକଠାରୁ ଷଠିପୁର ସବ୍‌ଷ୍ଟେଶନ ଛକ ପର୍ଯ୍ୟନ୍ତ ୪ଲେନ ରାସ୍ତା ପ୍ରକଳ୍ପ ପାଇଁ ୩.୩୦୮ ଏକର ଜମି ଅଧିଗ୍ରହଣ କରିବାକୁ ପାଣିକୋଇଲି ଆର୍ ଏଣ୍ଡ ବି ତଥା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ୩ ଏକର ଜମି ଅଧିଗ୍ରହଣ ପାଇଁ ୨୨ କୋଟି ୪୯ ଲକ୍ଷ ୯୨ ହଜାର ୮୯୨ ଟଙ୍କା ମଞ୍ଜୁର ହୋଇଛି। ଯାହାକୁ ପ୍ରକୃତ ପ୍ରଜା ଲାଭବାନ ହୋଇ ପାରିନାହାନ୍ତି। ପୂର୍ବରୁ ଏହି ପ୍ରଜାମାନଙ୍କଠାରୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଶାଗମାଛ ଦରରେ ଜମି କିଣି ନେଇ ସରକାରଙ୍କ ନିକଟରେ ବିକ୍ରୀ କରିଛନ୍ତି। ଏହି ଘଟଣା ଜଣାପଡିବା ପରେ ସେହି ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିବା ସହ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତରେ ହୋଇଥିବା ଏହି ଜମି ଦୁର୍ନୀତିର ତଦନ୍ତ ହେଲେ ଜମି ବ୍ୟବସାୟୀଙ୍କ ଅସଲ ଗୁମର ସାମ୍ନାକୁ ଆସିବ ବୋଲି ଆଶା କରାଯାଇଛି।

ଷଠିପୁରଠାରୁ ମାଳଆନନ୍ଦପୁର ଏବଂ ସେଠାରୁ ସିଂହପୁର ପର୍ଯ୍ୟନ୍ତ ଏଭଳି ବହୁ ଚାଷ ଜମି କିଣାଯାଇଛି। ସେହିପରି ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାର ଉନ୍ନତିକରଣ ଓ ସମ୍ପ୍ରସାରଣ କାର୍ଯ୍ୟରେ ୧୦ ଏକରରୁ ଊର୍ଦ୍ଧ୍ୱ ଜମି କିଣାରେ ଅନୁରୂପ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଅନ୍ୟଏକ ପ୍ରକଳ୍ପ ୧୦ନଂ. ଜାତୀୟ ରାଜପଥଠାରୁ ଅର୍ଦ୍ଧାଲୁଆ ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ କାର୍ଯ୍ୟରେ ପ୍ରାୟ ୫ ଏକର ଜମି ପ୍ରଜାଙ୍କମଠାରୁ ସିଧାସଳଖ ଅଧିଗ୍ରହଣ କରିବାକୁ ୩।୨।୨୦୨୪ରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା । ମାତ୍ର ୫ ଏକର ଜମି ପାଇଁ ୩୬ କୋଟି ୨୧ ଲକ୍ଷ ୯୯ ହଜାର ୯୨୪ ଟଙ୍କା ମଞ୍ଜୁର ହୋଇଥିଲା । ଏଥିରେ ପୂର୍ବରୁ ପ୍ରଜାଙ୍କଠାରୁ ଚଞ୍ଚକତା କରି ଜମି କିଣିଥିବା ପ୍ରଭାବଶାଳୀ ଲୋକ କୋଟିପତି ହୋଇଥିବାବେଳେ ଜମିହରାମାନେ ସର୍ବହରା ହୋଇଛନ୍ତି । ତେଣୁ ଜମି କିଣାବିକା କାରବାରରେ ସମ୍ପୃକ୍ତ ଥିବା ସରକାରୀ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଜମି କିଣା ଦୁର୍ନୀତିର ପର୍ଦ୍ଦାଫାଶ ହୋଇ ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀ ଆଇନ ଅନୁସାରେ ଜମି ଅଧିଗ୍ରହଣ ହୋଇଛି। ଏଥିରେ କୌଣସି ପ୍ରକାର ଦୁର୍ନୀତି କିମ୍ବା ଅନିୟମିତତା ହୋଇନାହିଁ।



OFFICE OF THE ENGINEER-IN-CHIEF (CIVIL), ODISHA,
NIRMAN SOUDHA, KESHARI NAGAR, UNIT-V, BHUBANESWAR-751001

File No- LA (PNK) 44/2016 (Vol-IV) 13761/୯୯ Dt. 19.03.2024

From
Chief Engineer, (DPI & Roads) Odisha,
Email Id-ceroads.bbsr@gmail.com

To
The Superintending Engineer,
Panikoili (R&B) Division, Panikoili

Sub: Administrative Approval of direct purchase of private land for the work:- " Construction of 4-Lane Standard Road from Sathipur Chhak to Sathipur Sub-Station Chhak along with Rotary at Sathipur Junction."

Ref:- Memo No- 4914 dt 14.03.2024 of Govt. of Odisha, Works Department.

Sir,

In enclosing herewith the copy of Letter No. 4913 dt.14.03.2024 received from Govt. in Works Department, I am to say that, the Govt. has been pleased to approve your proposal for direct purchase of private land measuring an area of Ac. 3.308 dec. in Village- Sathipur, Tahasil- Jajpur in the district of Jajpur for the work:- "Construction of 4-Lane Standard Road from Sathipur Chhak to Sathipur Sub-Station Chhak along with Rotary at Sathipur Junction" amounting to Rs. 22,49,92,892/- (Rupees twenty two crore forty nine lakhs ninety two thousand eight hundred ninety two ) only . An amount of Rs. 22,49,92,892/- has been placed with you on your request.

Hence, you are requested to go ahead with the Land Acquisition work and purchase above private land as per the guideline provided by Works Department and Revenue & Disaster Management Department Letter No. 22485 dt. 22.06.2018 religiously.

Yours faithfully,

Encl: As above

Chief Engineer (DPI& Roads), Odisha,I/c

Copy to-
1. Copy submitted to the Special Secretary to Govt., Works Department, Odisha, Bhubaneswar for kind information.
2. Copy forwarded to the Collector & District Magistrate, Jajpur for information.
3. Copy forwarded to the Chief Construction Engineer, Cuttack (R&B) Circle, Cuttack for information and necessary action.

ଜମି ଅଧିଗ୍ରହଣ ପାଇଁ ଦିଆଯାଇଥିବା ଚିଠି ।

### ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ



ରସୁଲପୁର,୫।୯(ରଞ୍ଜିତ ରାଉତ): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ମଧୁବନ ହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଓ ଗୁରୁପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ପୂଜାର୍ଚ୍ଚନା ପୂର୍ବକ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟା ମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ନିଗମାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗ୍ରାମ୍ୟ କାଜୁ ଜଙ୍ଗଲରୁ ମୋରମ ଲୁଟ୍

**ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ**

କଳିଙ୍ଗନଗର,୫।୯(ଶୁଭାଶିଷ ରାଉତ):



କାଜୁ ଜଙ୍ଗଲରୁ ମୋରମ ଲୁଟ୍ ହୋଇଥିବା ସ୍ଥାନ ।

ଯାଜପୁର ଜିଲା ଦାନଗଦି ତହସିଲ ଅନ୍ତର୍ଗତ ରାଛିପୁର ଗ୍ରାମ ସଂଲଗ୍ନ କାଜୁ ଜଙ୍ଗଲ ନିକଟରେ ବେଆଇନ ମୋରମ ଚାଲାଣ ଚାଲିଛି। କେତେଜଣ ପ୍ରଭାବଶାଳୀ ମୋରମ ବ୍ୟବସାୟୀ ମେସିନ ଲଗାଇ ରାତିରେ ଏଠାରୁ ମୋରମ ଲୁଟ୍ କରୁଛନ୍ତି। ଶତାଧିକ ଗ୍ରାମବାସୀ ଏ ସମ୍ପର୍କରେ ସପ୍ତାହକ ତଳେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏଥିରେ ରାଜସ୍ୱ ଏବଂ ଲଘୁ ଖଣି ବିଭାଗ କର୍ତ୍ତୃପକ୍ଷ ଏବଂ ମୋରମ ବ୍ୟବସାୟୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଦାନଗଦି ତହସିଲ ଖପୁରିଆପଦା ରାଜସ୍ୱ ସର୍କଲ ଅନ୍ତର୍ଗତ ରାଛିପୁର ମୌଜା ମୁଖ୍ୟରାସ୍ତାଠାରୁ ଅଳ୍ପ ଦୂରରେ ମୋରମ ଖୋଳିବା ଜାରି ରହିଛି । ବ୍ୟାସନଗର ଅଞ୍ଚଳର ଏହି ଯୁବକମାନେ ପ୍ରଶାସନକୁ ହାତରେ ରଖି ସ୍ପଷ୍ଟ ଦିବାଲୋକରେ ଏପରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ବାବଦରେ ଲୋକେ ଗତ ସପ୍ତାହରେ ଦାନଗଦି ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ରାଛିପୁର ମୌଜାର ଖାତା ନମ୍ବର ୨୧୫ ଓ ପ୍ଲଟ୍ ନମ୍ବର ୯୩ରୁ ଏହି ମୋରମ ଖୋଳା ଯାଉଛି । ଏହି ପ୍ଲଟରେ ପୂର୍ବରୁ କାଜୁ ଓ ଶାଗୁଆନ ଗଛ ଲାଗିଥିବା ବେଳେ ଲୋକେ ଏହାକୁ ଗୋଠ କିସମ ଜମି ବୋଲି କହୁଛନ୍ତି। ମୋରମ ଲୁଟ୍ ଯୋଗୁ ସରକାରଙ୍କ ଅନେକ କୋଟି ଟଙ୍କାର ରାଜସ୍ୱହାନୀ ହେଉଛି। ଭାରିଯାନ ଚଳାଚଳ ପାଇଁ ସେଠାରେ ଥିବା ପ୍ରାକୃତିକ ଜଙ୍ଗଲ ସହିତ କାଜୁ ଓ ଶାଗୁଆନ ଗଛଗୁଡିକ ମଧ୍ୟ ଉଜୁଡ଼ି ଯିବାକୁ ବସିଛି। ଭାରିଯାନ ଚଳାଚଳ ଫଳରେ ଗ୍ରାମ୍ୟ କଂକ୍ରିଟ ରାସ୍ତାରେ ଫାଟ ସୃଷ୍ଟି ହୋଇଛି । ଏ ନେଇ ଗ୍ରାମବାସୀବିରୋଧ କରିବାରୁ ମୋରମ ବ୍ୟବସାୟୀମାନେ ସେମାନଙ୍କୁ ଧମକ ଦେଇ କଣ୍ଠରୋଧ ପାଇଁ ଉଦ୍ୟମ କରିଥିବା ଅଭିଯୋଗ ହେଉଛି । ଏଠାରୁ ମୋରମ ଖୋଳିବା ବାହାନାରେ ଚୋରା ବ୍ୟବସାୟୀମାନେ ନଳକୂପରେ ବ୍ୟବହାର ହେଉଥିବା ଧଳା ଗୋଡ଼ି (ଗ୍ରାଭେଲ) ପଥର ଉତ୍ତୋଳନ କରି ଲାଭ ଉଠାଉଥିବା ବେଳେ ଲଘୁ ଖଣିଜ ସମ୍ପଦ ବିଭାଗ ସେମାନଙ୍କୁ ସୁରକ୍ଷା ଦେଉଥିବା ଗ୍ରାମବାସୀ କହିଛନ୍ତି । ଲୋକେ ଖଣି ଓ ରାଜସ୍ୱ ବିଭାଗକୁ ଅଭିଯୋଗ କଲେ ତାହା ଜଙ୍ଗଲ ବିଭାଗ ଜମି ହୋଇଥିବାରୁ ଚୋରି ରୋକିବା ସେମାନଙ୍କ ଦାୟିତ୍ୱ ବୋଲି କହୁଛନ୍ତି। ଅନ୍ୟପକ୍ଷେ ଜଙ୍ଗଲ ବିଭାଗ ଓ ତହସିଲ ତରଫରୁ ଘଟଣାସ୍ଥଳ ପରିଦର୍ଶନ କରାଯାଇଥିବା ବେଳେ ତାହା ଜଙ୍ଗଲ ବିଭାଗ ଜମି ନୁହେଁ ବୋଲି ଯାଜପୁର ରୋଡ଼ ବନାଞ୍ଚଳ ରେଞ୍ଜ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ସୁତରାଂ ବିଭାଗ ବିଭାଗ ମଧ୍ୟରେ କାଦୁଅ ଫିଙ୍ଗା ଚାଲିଥିବା ବେଳେ ଚୋରା ବ୍ୟବସାୟୀମାନେ ଧନୀ ହୋଇ ଚାଲିଛନ୍ତି ।

ଏ ସମ୍ପର୍କରେ ଯାଜପୁର ଜିଲାପାଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ଦାନଗଦି ତହସିଲ, ଲଘୁ ଖଣିଜ ସମ୍ପଦ ବିଭାଗ, ବନ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏ ନେଇ ଗ୍ରାମବାସୀ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ ବି ସେମାନେ ନୀରବ ରହିବା ଘଟଣା ଚର୍ଚ୍ଚାର ବିଷୟ ହେଉଛି। ଆଗାମୀ ଦିନରେ ମୋରମ ଚୋରି ବନ୍ଦ କରିବା ସହିତ ବ୍ୟବସାୟୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ କାଜୁ ଓ ଶାଗୁଆନ ବୃକ୍ଷକୁ ସୁରକ୍ଷିତ ରଖିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଜିଲା ବିଜେଡି ଉପସଭାପତିଙ୍କ ଇସ୍ତଫା

କାଳିଆପାଣି,୫।୯(ଅସିତ ମହାନ୍ତ):



ଯାଜପୁର ଜିଲା ବିଜୁ ଜନତା ଦଳ(ବିଜେଡି)ର ଉପସଭାପତି ବିଦ୍ୟାଧର ପାତ୍ର ଦଳର ଅନ୍ୟ ପଦ ସହ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରକୁ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଥିବା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। କାଳିଆପାଣି ଖଣି ଅଞ୍ଚଳରେ ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେବେ ଖଣି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ପ୍ରତି ଦଳ ଅବହେଳା ପ୍ରଦର୍ଶନ କରି ଆସୁଥିବାରୁ ତାଙ୍କର ସ୍ଥାନୀୟ ନେତା ତଥା ପୂର୍ବତନ ସୁକିନ୍ଦା ବିଧାୟକଙ୍କ ପ୍ରତି ଅସନ୍ତୋଷ ରହିଥିଲା। ଖଣି ଅଞ୍ଚଳରେ ଏସ୍‌ୟୁସିଆଇର ସୁଦୃଢ଼ ସଂଗଠନକୁ ଦୁର୍ବଳ କରି ଜନତା ଦଳ ଓ ପରେ ବିଜେଡିକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବାରେ ତାଙ୍କର କଠିନ ପରିଶ୍ରମକୁ ଦଳ ଠିକ ଭାବେ ଚିହ୍ନି ପାରି ନ ଥିଲା ବୋଲି ସେ ମତ ରଖିଛନ୍ତି। ଆଗାମୀ ଦିନରେ ଖଣି ଅଞ୍ଚଳର ବିକାଶ ପାଇଁ ସେ ଜନସାଧାରଣଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଗୁରୁ ଦିବସ

କାଏମା,୫।୯(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଜାରକା ମହୋତ୍ସବ ପଡ଼ିଆରେ ଗୁରୁଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ବିଇଓ ଅଭିଜିତ ବାରିକ, ଏବିଇଓ ମମିତା ମହାନ୍ତି, ରସୁଲପୁର ବିଇଓ ନୀଳାମ୍ବର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଜିଲାର ୫୦ଜଣରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧର୍ମଶାଳା ନିର୍ବାଚନମଣ୍ଡଳୀର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ସର୍ବେଶ୍ୱର ବେହୁରା, ଶ୍ରୀକାନ୍ତ ସାହୁ, ରାଜେଶ ପାଲ, କାହ୍ନୁଚରଣ ଦାସ, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସାଗରିକା ସୋରେନଙ୍କୁ 'ୱିଙ୍ଗ୍‌ସ ଅଫ୍ ଷ୍ଟିଲ' ପୁରସ୍କାର

କଳିଙ୍ଗନଗର,୫।୯(ଶୁଭାଶିଷ ରାଉତ):



ସାଗରିକା ସୋରେନଙ୍କୁ ପୁରସ୍କୃତ କରାଯାଉଛି ।

ଭାରତୀୟ ଷ୍ଟିଲ ଆସୋସିଏଶନ (ଆଇଏସ୍‌ଏ) ପକ୍ଷରୁ ଜିନ୍ଦଲ ଷ୍ଟେନଲେସ ଯାଜପୁର ପ୍ଲାଣ୍ଟର ସୁରକ୍ଷା ବିଭାଗ କମାଣ୍ଡୋ ଟିମ ସଦସ୍ୟା ସାଗରିକା ସୋରେନଙ୍କୁ 'ଲିଙ୍ଗ ଓ ବିବିଧତା' ବର୍ଗରେ ସମ୍ମାନଜନକ 'ୱିଙ୍ଗସ ଅଫ ଷ୍ଟିଲ' ପୁରସ୍କାର ପ୍ରଦାନ କରାଯାଇଛି। ଅନେକଙ୍କ ପାଇଁ ପ୍ରେରଣା ସାଜିଥିବା ସାଗରିକାଙ୍କୁ ତାଙ୍କ ନେତୃତ୍ୱ ଓ ଅଗ୍ରଣୀ ମାନସିକତା ପାଇଁ ନୂଆଦିଲ୍ଲୀରେ ଆୟୋଜିତ ଭାରତୀୟ ଷ୍ଟିଲ କନକ୍ଲେଭର ପଞ୍ଚମ ସଂସ୍କରଣରେ ଷ୍ଟିଲ ସେକ୍ରେଟାରି ନଗେନ୍ଦ୍ର ନାଥ ସିହ୍ନା ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦୃଢ଼ ସାହସ ଓ ସଂକଳ୍ପ ଦେଖାଇଥିବା ଯୋଗୁ ସାଗରିକାଙ୍କୁ କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାରସାମୀ ଜୁରୀ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଛନ୍ତି। ସାଗରିକା ଜିନ୍ଦଲ ଷ୍ଟେନଲେସ ଯାଜପୁର ପ୍ଲାଣ୍ଟରେ ହାଉସକିପିଂ ଷ୍ଟାଫ ଭାବେ କର୍ମ ଜୀବନ ଆରମ୍ଭ କରିଥିଲେ। ତାଙ୍କର ଉଲ୍ଲେଖନୀୟ ନେତୃତ୍ୱ ଗୁଣ ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତା ଯୋଗୁ ସେ କମାଣ୍ଡୋ ଟିମରେ ସାମିଲ ହୋଇଥିଲେ। ମୟୂରଭଞ୍ଜର ବୁଢ଼ୀଖମାରୀ ଗାଁରେ ଜନ୍ମଗ୍ରହଣ କରିଥିବା ସାଗରିକାଙ୍କୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ପାଇଁ ମାଟ୍ରିକ ପରେ ପାଠପଢ଼ା ବନ୍ଦ କରିବାକୁ ପଡ଼ିଥିଲା। ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସେ ଦୁଇଟି ପୁରସ୍କାର ପାଇଥିଲେ ଫଳରେ କମାଣ୍ଡୋ ଟିମରେ ଜଣେ ସୁରକ୍ଷା କର୍ମୀ ଭାବେ ତାଙ୍କ ପ୍ରଶିକ୍ଷଣ ପାଇଁ ପଥ ପ୍ରଶସ୍ତ ହୋଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ସାଗରିକାଙ୍କୁ ପୁରସ୍କାର ମିଳିବା ଏକ ଗୌରବର ବିଷୟ। ତାଙ୍କ ନିଷ୍ଠା, ନେତୃତ୍ୱ ଓ ସାହସ ପ୍ରେରଣାଦାୟକ। ଆମେ ବିଶ୍ୱାସ କରୁ ଯେ, ସୁଯୋଗ ମିଳିଲେ ମହିଳାମାନେ ବହୁ ଆଗକୁ ଯାଇପାରିବେ। ଆମେ ଏପରି ଏକ କର୍ମକ୍ଷେତ୍ର ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ, ଯେଉଁଠି ମହିଳାମାନେ ସଶକ୍ତ ହୋଇ ଲକ୍ଷ୍ୟ ହାସଲ କରିବା ସହ ସକାରାତ୍ମକ ପ୍ରଭାବ ଆଣିପାରିବେ। ଏହି ସମ୍ମାନଜନକ ପୁରସ୍କାର ପାଇବା ମୋ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ସାଗରିକା କହିଛନ୍ତି।

# ଆବେଦନକାରୀଙ୍କୁ ଦେୟଦେବାକୁ ପଡ଼ିବନାହିଁ

**ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ**
- ଦରଖାସ୍ତ ଫର୍ମ ଅଙ୍ଗନୱାଡି କେନ୍ଦ୍ରରୁ ଗ୍ରହଣ କରିବାକୁ ପରାମର୍ଶ

ଯାଜପୁର ଟାଉନ,୫।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀ ।

ଯାଜପୁର ଜିଲାରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ତ୍ରିପାଠୀପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ ଦରଖାସ୍ତ ଫର୍ମ ଅଙ୍ଗନୱାଡି କେନ୍ଦ୍ର ଓ ଅଙ୍ଗନୱାଡି ଦିଦିଙ୍କଠାରୁ ଗ୍ରହଣ କରିବାକୁ କହିଥିଲେ।

ଏହି ସମ୍ବନ୍ଧିତ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟର ସୁଭଦ୍ରା ସହାୟତା କେନ୍ଦ୍ରରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଯୋଗ୍ୟ ମହିଳା ନିଜ ଆଧାର କାର୍ଡ, ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବରର ସମସ୍ତ କାଗଜପତ୍ର ନେଇ ଚିହ୍ନଟ ମୋ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜିକରଣ କରିପାରିବେ। ଏହି ସମୟରେ ମହିଳାମାନେ ନିଜେ ଉପସ୍ଥିତ ରହିବାକୁ ଜିଲାପାଳ କହିଥିଲେ। ଆବେଦନକାରୀଙ୍କ ଅନୁପସ୍ଥିତିରେ କୌଣସି ପ୍ରାମାଣିକିକରଣ କରାଯିବ ନାହିଁ ଓ ଆବେଦନକାରୀଙ୍କୁ କୌଣସିସ୍ତରରେ ଏଥି ପାଇଁ ଦେୟଦେବାକୁ ପଡିବ ନାହିଁ। ନିଷ୍କ୍ରିୟ ଥିବା ଆଧାର କାର୍ଡ ଗୁଡିକରେ ଆବଶ୍ୟକ ପରିବର୍ତ୍ତନ କରିବା ପାଇଁ ଜିଲାରେ ୫୯ ଆଧାର କେନ୍ଦ୍ର ଉପଲବ୍ଧ ଅଛି ଏବଂ ୯୨ ପୋଷ୍ଟାଲ ଆଧାର କେନ୍ଦ୍ରରେ ଆଧାର ସହିତ ମୋବାଇଲ ନମ୍ବର ସଂଯୋଗ ବ୍ୟବସ୍ଥା ରହିଛି। ସେହିଭଳି ୧୪୨୮ ଜନସେବା କେନ୍ଦ୍ର ଏବଂ ୪୧୫ ମୋ ସେବା କେନ୍ଦ୍ରରେ ସୁଭଦ୍ରା ପଞ୍ଜିକରଣ କରାଯାଉଛି। ଜନଗହଳି ହେଉଥିବା କେନ୍ଦ୍ରଗୁଡିକ ପରିସରରେ ପୋଲିସ ପାଟ୍ରୋଲିଂ କରାଯାଇ ଭିଡ଼ ନିୟନ୍ତ୍ରଣ ପାଇଁ ସମସ୍ତ ସୁବନ୍ଦୋବସ୍ତ କରାଯାଇଛି। ଶୃଙ୍ଖଳିତ ଭାବରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ଅନୁଯାୟୀ ଜନସେବା କେନ୍ଦ୍ର କିମ୍ବା ମୋ ସେବା କେନ୍ଦ୍ରରେ ପହଞ୍ଚି ନିଜ ନାମ ପଞ୍ଜୀକୃତ କରିହେବ। ସୁଭଦ୍ରା ଯୋଜନା ଅନ୍ତର୍ଗତ ଆବେଦନ ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ଏହା ଏକ ନିରନ୍ତର ପ୍ରକ୍ରିୟା ବୋଲି ସମସ୍ତ ଅଧିକାରୀ କହିଛନ୍ତି। ଯୋଜନା ସମ୍ବନ୍ଧୀୟ କୌଣସି ତଥ୍ୟ ଓ ଅଭିଯୋଗ ନିମନ୍ତେ ଟୋଲ ଫ୍ରି ନମ୍ବର ୧୪୬୭୮ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସୁଭଦ୍ରା ଯୋଜନାର ଜିଲା ନୋଡାଲ ଅଧିକାରୀ ଅଶୋକ କୁମାର ବେଉରିଆ, ଏଲଡିଏମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ସ୍ତରରେ ଜିଲାରେ ୩୧ ହଜାର ଅଣୁ, କ୍ଷୁଦ୍ର ଉଦ୍ୟୋଗ

■ ଉଦ୍ୟୋଗ ପାଇଁ ଅନୁମୋଦନ ମିଳୁଛି, ଋଣ ମିଳୁ ନାହିଁ

■ ବଢ଼ୁଛି ବେକାରି ସମସ୍ୟା, ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ଲୋକେ

ପଟ୍ଟାମୁଣ୍ଡାଇ,୫।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଉଦ୍ୟୋଗ ଭଳି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ଅଗ୍ରଣୀ ହୋଇପାରିନାହିଁ। ଉଦ୍ୟୋଗ କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବା ପାଇଁ ଯେଉଁ ସାମଗ୍ରିକ ଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରୁଥିଲେ ମଧ୍ୟ ସବୁକ୍ଷେତ୍ରରେ ଆର୍ଥିକ ସହାୟତା ମିଳୁନାହିଁ। ଜିଲା ଶିଳ୍ପକେନ୍ଦ୍ର ପ୍ରତିବର୍ଷ ନିଜ ଟାର୍ଗେଟ ପୂରଣ କରୁଥିବା ଦାବି କରୁଥିଲେ ମଧ୍ୟ ଋଣ ମିଳିବାରେ ସମସ୍ୟା ହେଉଛି। ଫଳରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲା ୨୦୨୩-୨୪ ଆର୍ଥିକ ବର୍ଷରେ ୨୨୮ ଜଣ ନୂଆ ଉଦ୍ୟୋଗୀକୁ ଋଣ ଅନୁମୋଦନ କରାଯାଇଥିବା ନେଇ ଜିଲା ଶିଳ୍ପକେନ୍ଦ୍ରର ଭାରାପ୍ରାପ୍ତ ଜେନେରାଲ ମ୍ୟାନେଜର ଚିଦାନନ୍ଦ ମିଶ୍ର କହିଛନ୍ତି। ତେବେ ପ୍ରତିବର୍ଷ ଜିଲାରେ ୨ଶହରୁ ଊର୍ଦ୍ଧ୍ୱ ନୂଆ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ହେଉଛି। କିନ୍ତୁ ଜିଲାରେ ଶିଳ୍ପର ବିକାଶ କାହିଁକି ହୋଇପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଅଗଷ୍ଟ ୨୧ରେ ବିଧାନସଭା ପ୍ରଶ୍ନକାଳରେ ରାଜନଗର ବିଧାୟକ ଧ୍ରୁବ ସାହୁ ସରକାର କେତେ ବେକାରୀ ଯୁବତୀଯୁବକଙ୍କୁ ସୂକ୍ଷ୍ମ, ମଧ୍ୟମ, କ୍ଷୁଦ୍ର ଉଦ୍ୟୋଗ ପାଇଁ ଆକୃଷ୍ଟ କରିବା ଲାଗି କି କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିବା ସହ କେତେ ଉଦ୍ୟୋଗ ଅଛି ବୋଲି ଜାଣିବାକୁ ଚାହିଁଥିଲେ। ଉତ୍ତରରେ କେନ୍ଦ୍ରାପଡ଼ା ଜିଲାରେ ୩୧ ହଜାର ୪୫ଟି ଅଣୁ ଉଦ୍ୟୋଗ ଥିବାବେଳେ ୨୦୪ଟି କ୍ଷୁଦ୍ର ଓ ୫ଟି ମଧ୍ୟମ ଉଦ୍ୟୋଗ ରହିଛି। ହେଲେ କେନ୍ଦ୍ରାପଡ଼ା ଜିଲା ରାଜ୍ୟରେ ବେକାରୀ ସମସ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଫଳରେ ଯୁବତୀଯୁବକମାନେ କାମ ଅନ୍ୱେଷଣରେ ବାହାର ରାଜ୍ୟ ଓ ଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଷ୍ଣୁପ୍ରିୟା ବାରିକ କହିଛନ୍ତି, ପିଏମ୍‌ଇଜିପିରେ ଋଣ ସହାୟତା ଆଣି ଏକ ଅଣୁ ଉଦ୍ୟୋଗ କରିବାକୁ ୨୦୨୨ରେ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରିଥିଲି। ପରେ ସମ୍ପୃକ୍ତ ଋଣକୁ ଅନୁମୋଦନ ମିଳି ସ୍ଥାନୀୟ ଏକ ବ୍ୟାଙ୍କକୁ ପଠାଯାଇଥିଲା। ବ୍ୟାଙ୍କ ଶାଖା ପରିଚାଳକ ୨୫।୯।୨୨ରେ ଚିଠି କରି ସମସ୍ତ କାଗଜପତ୍ର ଦେବା ସହ ମାରଜିନ ଅର୍ଥ ଜମା କରିବାକୁ କହିଥିଲେ। ସମସ୍ତ ଡକ୍ୟୁମେଣ୍ଟ ସହ ଋଣ ଅର୍ଥର ୫ ପ୍ରତିଶତ ବ୍ୟାଙ୍କରେ ଡିପୋଜିଟ କଲି। ମାତ୍ର ଏପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ବ୍ୟାଙ୍କରୁ ଋଣ ମିଳିପାରିଲାନାହିଁ। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଓ ବନ୍ଧକ ରଖିବାକୁ ସ୍ଥାବର ସମ୍ପତ୍ତି ନ ଥିବାରୁ ଋଣ ମିଳିପାରୁନାହିଁ ବୋଲି ଅନୁମୋଦନକାରୀ ଅଭିଯୋଗ କରିଛନ୍ତି। ସେହିଭଳି ଜଣେ ଅଣୁ ଉଦ୍ୟୋଗପତି କହିଛନ୍ତି, ଜିଲା ଶିଳ୍ପ କେନ୍ଦ୍ରରୁ ଇଡିପି ଟ୍ରେନିଂ ନେଇ ଏକ ମସଲା ଉଦ୍ୟୋଗ କରିବାକୁ ପିଏମ୍‌ଇଜିପିରେ ୮ ଲକ୍ଷ ଟଙ୍କା ଋଣ ଆବେଦନ କରିଥିଲି। ଏକ ବ୍ୟାଙ୍କରୁ ଆବଶ୍ୟକଠାରୁ କମ୍ ସାଢ଼େ ୩ ଲକ୍ଷ ଟଙ୍କା ଋଣ ଦେଲା। ବାକି ଅର୍ଥ ବ୍ୟକ୍ତିଗତ ଟଙ୍କା ଲଗାଇ ଉଦ୍ୟୋଗ ପ୍ରତିଷ୍ଠା କଲି। ଲକ୍ ଡାଉନ ସମୟରେ ପ୍ରତିଷ୍ଠିତ ଉଦ୍ୟୋଗ କ୍ଷତିଗ୍ରସ୍ତ ହୋଇ ବନ୍ଦ ହୋଇଛି। ଯଦି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ଅର୍ଥ ବ୍ୟାଙ୍କ ଦେଇଥାନ୍ତା ତେବେ ମସଲା ଉଦ୍ୟୋଗ ୫ରୁ ୧୦ ଜଣଙ୍କୁ ନିଯୁକ୍ତି ଦେବା ସହ ନିଜେ ଉପକୃତ ହୋଇଥାନ୍ତି। ଅନ୍ୟପକ୍ଷରେ ଏକ ବ୍ୟାଙ୍କର ଅଧିକାରୀ କହିଛନ୍ତି, କେନ୍ଦ୍ର ସରକାର ମୁଦ୍ରା ଯୋଜନାରେ ଆମେ ଶହ ଶହ ଲୋକଙ୍କୁ ଋଣ ଦେଲୁ। ଏବେ ମୁଦ୍ରା ଯୋଜନାରେ ଅନାଦାୟ ଋଣ ତାଲିକା ବଢ଼ିବାରୁ ବାଧ୍ୟ ହୋଇ ବିନା ବନ୍ଧକରେ ଋଣ ଦେଉନୁ। ବୃଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ଜିଲାରେ ଶିକ୍ଷିତ ବେକାର ଯୁବତୀଯୁବକ ସଂଖ୍ୟା ଢେର ଅଧିକ। କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପିଏମ୍‌ଇଜିପି ମାଧ୍ୟମରେ ଋଣକୁ ଅନୁମୋଦନ ମିଳୁଥିଲେ ମଧ୍ୟ ଅନେକ ବେକାର ଯୁବତୀଯୁବକ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ପଳାଇ ଯାଉଛନ୍ତି।

# ଆଧାରରେ ମୋବାଇଲ ଲିଙ୍କ୍ ବାଧ୍ୟତାମୂଳକ ନୁହେଁ

ସୁଭଦ୍ରା ଯୋଜନାକୁ ନେଇ ଖବରଦାତା ସମ୍ମିଳନୀ

■ ଜିଲାରେ ୫ ଲକ୍ଷ ଫର୍ମ ମାଗଣା ଦିଆଯିବ

■ କେହି ଅର୍ଥ ଦାବିକଲେ ଟୋଲ୍ ଫ୍ରି ନମ୍ବର ୧୪୬୭୮କୁ କଲ୍ କରନ୍ତୁ

ଜଗତସିଂହପୁର, ୫।୯
(ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାର ଲୋକାଭିମୁଖୀ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏନେଇ ଆଧାର କେନ୍ଦ୍ର, ଜନସେବା କେନ୍ଦ୍ର (ଜେଏସ୍‌କେ) ଓ ମୋ ସେବା କେନ୍ଦ୍ର (ଏମ୍‌ଏସ୍‌କେ) ଆଦି ବିଭିନ୍ନ ସ୍ଥାନରେ ଭିଡ ଦେଖିବାକୁ ମିଳୁଛି। କେତେବେଳେ ସର୍ଭର ଡାଉନ ତ କେତେବେଳେ ଅନ୍ୟାନ୍ୟ ସମସ୍ୟା ଯୋଗୁ ସେବା ସଂସ୍ଥାଗୁଡ଼ିକ ସମୟ ନେଉଛନ୍ତି। ଏଥିଯୋଗୁ ଲୋକେ ବ୍ୟସ୍ତ ହେବା ଉଚିତ ନୁହେଁ। ଯୋଜନାରେ ସାମିଲ ହେବା ପାଇଁ ଇ-କେୱାଇସି ବ୍ୟବସ୍ଥା ଅଛି। ଆଧାର ଅଥେଣ୍ଟିକେଶନ୍ ପାଇଁ ମୋବାଇଲ ଲିଙ୍କ୍ କରାଯାଉଛି। କିନ୍ତୁ ଏହା ଏକମାତ୍ର ମାଧ୍ୟମ ନୁହେଁ। ମୋବାଇଲ ଲିଙ୍କ୍ ଥିଲେ ଓଟିପି ଆବଶ୍ୟକ ପଡେ। ବିନା ମୋବାଇଲ ନମ୍ବରରେ ଅର୍ଥାତ୍ ଆଇରିସ୍ (ଆଖିର ବୃତ୍ତାକାର ପରଦା), ଫେସ୍ ଅଥେଣ୍ଟିକେଶନ୍ (ମୁହଁର ସତ୍ୟତା) ଏବଂ ବାୟୋମେଟ୍ରିକ୍/ଫିଙ୍ଗର ପ୍ରିଣ୍ଟ (ଆଙ୍ଗୁଳି ଛାପ) ମାଧ୍ୟମରେ ମଧ୍ୟ ଆଧାର ଅଥେଣ୍ଟିକେଟେଡ୍ କି ନୁହେଁ ଜାଣିହେବ। ଏହି ସମୟରେ ଆବେଦନକାରୀ ନିଜେ ଉପସ୍ଥିତ ରହିବେ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୁଭଦ୍ରା ଯୋଜନା ଉପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଜେ. ସୋନାଲ ଏବଂ ସୁଭଦ୍ରା ଯୋଜନା ଜିଲା ନୋଡାଲ ଅଫିସର ତଥା ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ ଏହା କହିଛନ୍ତି। ସେମାନେ କହିଥିଲେ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ଅନ୍ତର୍ଭୁକ୍ତ ମହିଳାଙ୍କୁ କେବଳ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ଅପପ୍ରଚାର ଚାଲିଛି। ଏହି ବର୍ଗ ସମେତ ବାର୍ଷିକ ୨,୫୦,୦୦୦ ଟଙ୍କାରୁ କମ୍ ଆୟ ଥିବା ପରିବାରକୁ ଯୋଜନାରେ ସାମିଲ କରାଯିବ। ସେ କହିଥିଲେ, ଜିଲାରେ ଏନ୍‌ଏଫଏସ୍‌ଏ ଓ ଏସ୍‌ଏଫଏସ୍‌ଏସ୍‌ରେ ମୋଟ ୧,୯୫,୬୩୦ ଜଣ ଥିବାରୁ ସେମାନଙ୍କୁ ସୁଭଦ୍ରାରେ ସାମିଲ କରାଯାଇପାରିବା ସହ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ପାଇଁ ଯୋଜନା ରହିଛି। ଜିଲାରେ ଏ ପର୍ଯ୍ୟନ୍ତ ୪,୭୮,୫୦୦ ଫର୍ମ ପ୍ରିଣ୍ଟ ହୋଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ସୁଦ୍ଧା ୩,୭୬,୦୦୦ ଫର୍ମ ଲୋକମାନଙ୍କୁ ମାଗଣାରେ ବଣ୍ଟନ କରାଯାଇପାରିଛି। ଏହି ଫର୍ମ ଅଙ୍ଗନୱାଡି କେନ୍ଦ୍ର, ଜେଏସ୍‌କେ ଓ ଏମ୍‌ଏସ୍‌କେରେ ଉପଲବ୍ଧ। ଲୋକେ ଫର୍ମ ପାଇଲା ପରେ ଅଙ୍ଗନୱାଡି କର୍ମୀଙ୍କ ପରାମର୍ଶକ୍ରମେ ପୂରଣ କରି ବ୍ୟାଙ୍କ ଆକାଉଣ୍ଟ ନମ୍ବର, ମୋବାଇଲ ନମ୍ବର ଓ ଆଧାର ନମ୍ବର ସହ ଜନସେବା କେନ୍ଦ୍ର/ମୋ ସେବା କେନ୍ଦ୍ରଗୁଡ଼ିକରେ ସୁଭଦ୍ରା ପୋର୍ଟାଲରେ ନାମ ପଞ୍ଜୀକରଣ କରିପାରିବେ। ଜିଲାରେ ସହଜରେ ସେବା ପହଞ୍ଚାଇବା ପାଇଁ ୬୫୦ ଜେଏସ୍‌କେ ଓ ୨୭୪ଟି ଏମ୍‌ଏସ୍‌କେ କାର୍ଯ୍ୟକ୍ଷମ ରହିଛି। ଏହି ସେବା କେନ୍ଦ୍ରଗୁଡ଼ିକ ମାଗଣାରେ ପ୍ରାପ୍ତି ସ୍ୱୀକାର (ଆକ୍‌ନଲେଜମେଣ୍ଟ) ରସିଦ ଦେବେ। କେହି ଏଥିନେଇ ଅର୍ଥ ଦାବି କଲେ କିମ୍ବା ଅସହଯୋଗ କଲେ ତୁରନ୍ତ ଟୋଲ୍ ଫ୍ରି ନମ୍ବର ୧୪୬୭୮ରେ କିମ୍ବା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଅନ୍ୟ କୌଣସି ବିଷୟରେ ଜାଣିବାକୁ ହେଲେ ବ୍ଲକ କିମ୍ବା ଜିଲା କାର୍ଯ୍ୟାଳୟସ୍ଥିତ ସୁଭଦ୍ରା ସହାୟତା କେନ୍ଦ୍ରର ସହାୟତା ନେଇପାରିବେ ବୋଲି କୁହାଯାଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ଓ ଜିଲା ପରିଷଦ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିବ

ଜିଲାପାଳଙ୍କ ଖବରଦାତା ସମ୍ମିଳନୀ

କେନ୍ଦ୍ରାପଡ଼ା,୫।୯ (ଜଗନ୍ନାଥ ଧଳ)

ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କହିଥିଲେ, ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସଶକ୍ତ କରିବ। ଏହି ଯୋଜନାରେ ସମସ୍ତ ହିତାଧିକାରୀ ସାମିଲ ହୋଇପାରିବେ। ମହିଳାମାନଙ୍କୁ ବାର୍ଷିକ ୨ଟି କିସ୍ତିରେ ୧୦ ହଜାର ଟଙ୍କା ୫ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଗୋଟିଏ କିସ୍ତି ରାକ୍ଷୀ ପୂର୍ଣ୍ଣିମା ଓ ଅନ୍ୟ କିସ୍ତି ଆନ୍ତର୍ଜାତିକ ମହିଳା ଦିବସରେ ପ୍ରଦାନ କରାଯିବ। ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଆଧାର ସଂଲଗ୍ନ ଥିଲେ ଟଙ୍କା ସିଧାସଳଖ ସେମାନଙ୍କ ଖାତାକୁ ଯିବ। କେନ୍ଦ୍ରାପଡ଼ା ଜିଲାରେ ୭ଲକ୍ଷ ସୁଭଦ୍ରା ଯୋଜନା ଫର୍ମ ବଣ୍ଟନ ହେଉଛି। ମହିଳାମାନେ ବ୍ଲକ କାର୍ଯ୍ୟାଳୟ, ପୌରପାଳିକା, ଶିଶୁ ବିକାଶ ଯୋଜନା ଅଧିକାରୀ (ସିଡିପିଓ)ଙ୍କ କାର୍ଯ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ମୋ ସେବା କେନ୍ଦ୍ରରୁ ମାଗଣାରେ ଏହି ଫର୍ମ ପାଇପାରିବେ। ଆଧାର କାର୍ଡ ସଂଶୋଧନ ଏବଂ ମୋବାଇଲ ନମ୍ବର ସଂଯୋଜୀକରଣ ପାଇଁ ଜିଲାରେ ୧୪୨ଟି ଶିବିର ଖୋଲାଯାଇଛି। ଏଥିରେ ମାଗଣାରେ ସମସ୍ତ ସେବା ଉପଲବ୍ଧ ହେବ। ଜିଲାରେ ୧୦୨୪ଟି ଜନସେବା କେନ୍ଦ୍ରରେ ସୁଭଦ୍ରା ଫର୍ମ ମିଳୁଛି। ଏହାକୁ ତଦାରଖ କରିବାକୁ ୪୨୪ଜଣ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ କୌଣସି ସଂସ୍ଥା ଅର୍ଥ ଦାବି କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁରୁବାର ସୁଦ୍ଧା ଏ ସଂକ୍ରାନ୍ତରେ ୪୨ଟି ଅଭିଯୋଗ ମିଳିଛି। ଏଗୁଡ଼ିକର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ କାହାରି କୌଣସି ଅଭିଯୋଗ ଥିଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର କୁଇନି ଜେନାଙ୍କ ମୋବାଇଲ ନଂ. ୬୩୭୧୬୮୩୩୧ ଓ ଜିଲା ମମତା ସଂଯୋଜକ ମନୋରଞ୍ଜନ ଦାସଙ୍କୁ ମୋବାଇଲ ନଂ. ୯୪୩୮୩୭୩୯୨୮ରେ ଯୋଗାଯୋଗ କରିପାରିବେ। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ଜେନା, ମମତା ଜିଲା ସଂଯୋଜକ ଦାସ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଅନ୍ଧାରରୁ ଆଲୋକ ଦେଖାଇବା ବିନ୍ଧାଣି ଗୁରୁ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି କିଶୋର ପଣ୍ଡା, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, କେନ୍ଦ୍ରାପଡ଼ା ନଗରପାଳ ସରିତା ସାହୁ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ନାୟକ ପିଲାମାନଙ୍କୁ ଚରିତ୍ରବାନ ସହ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଭଲ ମଣିଷ ଓ ସୁସ୍ଥ ରାଷ୍ଟ୍ର ଗଠନରେ ଶିକ୍ଷାର ଗୁରୁତ୍ୱ ରହିଛି। ଅନ୍ଧାରରୁ ଆଲୋକ ଆଡ଼କୁ ନେଇଯାଉଥିବା ବିନ୍ଧାଣୀ ହେଉଛନ୍ତି ଗୁରୁ। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପବିତ୍ର ଗୁରୁଦିବସ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରସ୍କୃତ ମେଧାବୀ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାସ୍ତରୀୟ ଉତ୍ସବରେ କେନ୍ଦ୍ରାପଡ଼ା ଜିଲାର ୧୦ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯିବା ସହ ୯ଟି ବ୍ଲକ ଓ ୨ଟି ପୌରପରିଷଦର ମୋଟ ୧୦୫୪ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସ୍ୱରୂପ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଅତିରିକ୍ତ ଜିଲାପାଳ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ବ୍ଲକର ଅଧ୍ୟକ୍ଷାଅଧ୍ୟକ୍ଷ, ବ୍ଲକ ଶିକ୍ଷାଧିକାରୀ, ସିଆରସିସି, ବ୍ଲକ ୱାରୀ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଭାବଗ୍ରାହୀ କଳାନିକେତନର କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏହି ସମାରୋହକୁ ସଫଳ କରିବା ପାଇଁ ଜିଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକଙ୍କ ସମେତ ଜିଲା ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାଇକ୍ ଚୋରି ର୍‍ୟାକେଟ୍‌ର ୬ ଗିରଫ

୯ ବାଇକ୍, ୬ ମୋବାଇଲ ଜବତ

କେନ୍ଦ୍ରାପଡ଼ା,୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ପୋଲିସ ଏକ ବାଇକ୍ ଚୋରି ର୍‍ୟାକେଟ୍‌ର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କଠାରୁ ୯ଟି ଚୋରି ବାଇକ୍ ସମେତ ୬ଟି ମୋବାଇଲ ଫୋନ ଜବତ କରିଛି। ଅନ୍ୟ ୨ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ପକ୍ଷରୁ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଦେବାଶିଷ ଧଳ କହିଛନ୍ତି, ୩ ତାରିଖରେ ଏସ୍‌ବିଆଇର ମୁଖ୍ୟ ଶାଖା ସମ୍ମୁଖରୁ ଏକ ବାଇକ୍ ଚୋରି ନେଇ କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ତାକୁ ଭିତ୍ତିକରି ନଂ. ୧୮୩/୨୪ରେ ମାମଲା ରୁଜୁ ହୋଇଥିଲା। ୪ ତାରିଖ ଅପରାହ୍ନ ୪ଟାରେ ଟାଉନ ଥାନା ଏଏସ୍‌ଆଇ ଅଶୋକ କୁମାର ମାଝି ତୁଳସୀ ମହିଳା ମହାବିଦ୍ୟାଳୟ ନିକଟରେ ପାଟ୍ରୋଲିଂ ବେଳେ ସେହି ରାସ୍ତା ଦେଇ ଜଣେ ଯୁବକ ଦ୍ରୁତଗତିରେ ଯିବା ଦେଖି ଅଟକାଇ ଥିଲେ। ସେହି ବାଇକ୍‌ର କାଗଜପତ୍ର ଯାଞ୍ଚ ବେଳେ ତାହାକୁ ସେ ଦେଖାଇ ପାରି ନ ଥିଲେ। ପୋଲିସ ସେହି ବାଇକ୍ ଓ ଯୁବକଙ୍କୁ ଥାନାକୁ ଆଣି ତଦନ୍ତ କରିବାରେ ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରୁ ବାଇକ୍ ଚୋରି ଜଣାପଡ଼ିଥିଲା। ସେହି ଯୁବକ ଜଣକ ହେଉଛନ୍ତି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମାଟିଆ ଗାଁର କାହ୍ନୁ ଚରଣ ମଳିକ। ଏହି ବାଇକ୍ ଚୋରି ଘଟଣାକୁ ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆ ତାଳଚୁଆ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରିଥିଲେ। ସେହି ଟିମ୍ କାହ୍ନୁଙ୍କୁ ପଚରାଉଚୁରା କରିବାରେ ତା' ପାଖରୁ ତଥ୍ୟ ହାସଲ କରି ଥାନା ଅଧୀନ ତାଳଚୁଆ ବଜାରର ଏକ ଗ୍ୟାରେଜରୁ ୯ଟି ଚୋରା ବାଇକ୍ ପୋଲିସ ଜବତ କରିବା ସହ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ୬ଟି ମୋବାଇଲ ଫୋନ ମଧ୍ୟ ଜବତ ହୋଇଥିଲା। ଏହି ବାଇକ୍ ଚୋରି ର୍‍ୟାକେଟର ମାଷ୍ଟର ମାଇଣ୍ଡ କାହ୍ନୁ, ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ଗାଁର ଗୋବିନ୍ଦ ଜେନା, ଟିଙ୍କୁ ଭୂୟାଁ, ଶୈଳେନ୍ଦ୍ରନଗର ଗାଁ ରହେମାନ ଅଲ୍ଲି ଖାନ, ଗରଡ଼ ଗାଁର ଶକ୍ତିପଦ ଦାସ, ତ୍ରିଲୋଚନପୁର (ଡାଙ୍ଗମାଳ) ଗାଁର ସହଦେବ ଜାନାଙ୍କୁ ପୋଲିସ ଗିରଫ କରି ନଂ.୧୮୫/୨୪ରେ ଗୁରୁବାର କୋର୍ଟ ଚାଲାଣ କରିଛି। ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ତାଳଚୁଆ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଟାଉନ ଥାନା ସବ୍‌ଇନ୍ସପେକ୍ଟର ରତିକାନ୍ତ ନାୟକ, ଏଏସ୍‌ଆଇ ମାଝି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଅଭିଯୁକ୍ତମାନେ।

# ହୋମିଓପାଥିକ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ଆଶା

■ ଜଗତ୍‌ସିଂହପୁର ବିଧାୟକଙ୍କୁ ବିଧାନସଭାରୁ ମିଳିଥିବା ଉତ୍ତର

■ ବିନା ଆଲଟମେଣ୍ଟରେ କାର୍ଯ୍ୟ ଶେଷକୁ ନେଇ ଆଶ୍ଚର୍ଯ୍ୟ

ଜଗତ୍‌ସିଂହପୁର, ୫।୯
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସଦର ମହକୁମାରେ ଥିବା ମ୍ୟୁନିସିପାଲଟି ହୋମିଓପାଥିକ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡ଼ିଛି। ଏହାଦ୍ୱାରା ଲୋକେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପୂର୍ବକ ଡାକ୍ତର ନିଯୁକ୍ତି କରାଇ ଉକ୍ତ ଚିକିତ୍ସାଳୟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ମିଳିଛି। ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉତ୍ତରରେ ଦର୍ଶାଇଛନ୍ତି, ଉକ୍ତ ହୋମିଓପାଥିକ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ଅବସର ପରେ ପଦବୀଟି ଖାଲି ପଡିଛି। ଲୋକଙ୍କ ଆବଶ୍ୟକତାକୁ ବିଚାରକୁ ନେଇ ଡାକ୍ତର ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଯୋଗାଯୋଗ ପରେ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଡାକ୍ତର ନିଯୁକ୍ତି ଆଶା ଉଦ୍‌ଜୀବିତ ହୋଇଛି।

ଅନୁରୂପ ଭାବେ ଜଗତ୍‌ସିଂହପୁର ଜିଲାରେ ବିଜୁ ସେତୁ ଯୋଜନାର କାର୍ଯ୍ୟକାରିତା ଉପରେ ବିଧାୟକ ଅନ୍ୟ ଏକ ପ୍ରଶ୍ନ କରିଥିଲେ। ଏହା ଉପରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉତ୍ତରରେ ଦର୍ଶାଇଛନ୍ତି, ଏହି ଯୋଜନାରେ ଜିଲାରେ ୨୦୨୩-୨୪ ଓ ୨୦୨୪-୨୫ରେ ୨୦ଟି ସେତୁ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ସେଥିମଧ୍ୟରୁ ୧୮ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଛି। ଅବଶିଷ୍ଟ ୨ଟିର ନିର୍ମାଣ କାର୍ଯ୍ୟ ଚାଲୁରହିଛି। କିନ୍ତୁ ମନ୍ତ୍ରୀଙ୍କ ପକ୍ଷରୁ ଦିଆଯାଇଥିବା ତାଲିକାରେ ତାଳମେଳ ନ ଥିବା ବିସ୍ମୟ ସୃଷ୍ଟି କରିଛି। ତାଲିକାରେ ୧୦ଟି କଲମ୍ଭ ରହିଛି। ଯେଉଁଥିରେ କ୍ରମିକ ସଂଖ୍ୟା, ନିର୍ବାଚନମଣ୍ଡଳୀ ନାଁ, ବ୍ଲକ ନାଁ, ପୋଲ ନାଁ, ସ୍ଥାନ, ୨୦୨୩-୨୪ରେ ବ୍ୟୟ ଲକ୍ଷରେ, ୨୦୨୪-୨୫ରେ ବ୍ୟୟ ଲକ୍ଷରେ ଏବଂ ଶେଷରେ ମନ୍ତବ୍ୟ ଉଲ୍ଲେଖ ଅଛି। ଆଶ୍ଚର୍ଯ୍ୟର କଥା ହେଲା ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ୬ଟି ଯଥା ନୂଆପଡ଼ା, ଧନିପୁର, ପଟସରା, ମୁଣ୍ଡିଲୋ, ପୋକମୂଳ ଓ ଦେବୀଦୋଳ ପୋଲ ନିର୍ମାଣ ପାଇଁ ୨୦୨୩-୨୪ ଓ ୨୦୨୪-୨୫ରେ ଆଲଟମେଣ୍ଟ ଶୂନ ରହିଛି। ଯେହେତୁ ଆଲଟମେଣ୍ଟ ନାହିଁ ତେଣୁ ଖର୍ଚ୍ଚ ମଧ୍ୟ ଶୂନ ଦର୍ଶାଯାଇଛି। କିନ୍ତୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଯାଇଥିବା ଦର୍ଶାଯିବା ଆଲୋଚନାର ବିଷୟ ହୋଇଛି। ନାଉଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଗ୍ରାମ ଓ ଡ଼େରିକିଠାରେ ପୋଲ କାମ ଚାଲିଛି। ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଏହି ପୋଲ କାର୍ଯ୍ୟ ୨୨।୧।୨୪ରୁ ଆରମ୍ଭ ହୋଇଛି। ଏହା ୨୧।୧୨।୨୪ ମଧ୍ୟରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଅନୁରୂପ ଭାବେ ୧କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଡେରିକି ପୋଲ କାମ ୨୯।୧।୨୪ରୁ ଆରମ୍ଭ ହୋଇ ୨୮।୮।୨୪ ସୁଦ୍ଧା ସାରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ମୋଟ ଉପରେ ୨୦୨୩-୨୪ରେ ୮୭୫.୯୫ ଲକ୍ଷ ଟଙ୍କା ଆଲଟମେଣ୍ଟ ଥିବାବେଳେ ସମସ୍ତ ଟଙ୍କା ଖର୍ଚ୍ଚ ସରିଛି। ୨୦୨୪-୨୫ରେ ୨୦୫ କୋଟି ଟଙ୍କା ଆଲଟମେଣ୍ଟ ଥିବାବେଳେ ଖର୍ଚ୍ଚ ଆଦୌ ହୋଇ ନ ଥିବା ଦର୍ଶାଯାଇଛି।

# ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶରେ କୌଶଳ ରଥ ସହାୟକ ହେବ

ରଥର ଶୁଭାରମ୍ଭ କଲେ ଜିଲାପାଳ, ଏସ୍‌ପି

ଡେରାବିଶ,୫।୯ (ବେବର୍ତ୍ତା ଅଜୟ ଦାସ)

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବୈଷୟିକ ଶିକ୍ଷାର ଅଭିବୃଦ୍ଧି ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ପରିକ୍ରମା କରୁଥିବା କୌଶଳ ରଥକୁ ଗୁରୁବାର କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଏସ୍‌ପି ସିଦ୍ଧାର୍ଥ କଟାରିଆ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତ। ବୁଧବାର ସନ୍ଧ୍ୟାରେ ଏହି ରଥ କେନ୍ଦ୍ରାପଡ଼ା ଜିଲାର ପ୍ରବେଶ ଦ୍ୱାର ଡେରାବିଶ ବ୍ଲକ ଅଧୀନ ପଞ୍ଚୁପାଣ୍ଡବରେ ପହଞ୍ଚିବା ପରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସ୍ୱାଗତ କରିଥିଲେ। ପରେ ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତ ଛତାସ୍ଥିତ କେନ୍ଦ୍ରାପଡ଼ା ପଲିଟେକ୍ନିକ୍ କଲେଜରେ ରାତିରେ ରହିଥିଲା। ସକାଳ ୮ଟାରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି ରଥ ପରିକ୍ରମା କରିବ।

ଏହି ଅବସରରେ ପଲିଟେକ୍ନିକ କଲେଜରେ ନୂତନ ଭାବେ ଦକ୍ଷତା ବିକାଶ ଉପରେ ଖୋଲା ଯାଇଥିବା ଇ-ବାଇକ୍ ଓ ଇଣ୍ଡଷ୍ଟ୍ରିଆଲ ଅଟୋମେଶନ ଲାବୋରେଟୋରି ଜିଲାପାଳ ଓ ଏସ୍‌ପି ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ପଲିଟେକ୍ନିକ କଲେଜ କର୍ତ୍ତୃପକ୍ଷ ଓ ସ୍କାଏ ସ୍କିଲ ଏକାଡେମୀ ପକ୍ଷରୁ ଏକ ଏମ୍‌ଓୟୁ ସ୍ୱାକ୍ଷର କରାଯାଇ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ କଲେଜ ଅଧ୍ୟକ୍ଷ ଗୁଣନିଧି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସ୍‌ପି କଟାରିଆ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ କୌଶଳ ଓ ଦକ୍ଷତା ବିକାଶ ପାଇଁ ସରକାରଙ୍କର ବହୁମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ଜିଲାରେ ଦକ୍ଷତା ବିକାଶ ବୃଦ୍ଧି ନିମନ୍ତେ ଏକ ଜିଲା ଦକ୍ଷତା ବିକାଶ କୋର କମିଟି ଗଠନହୋଇଛି। ଏଥିସହ ଦକ୍ଷତା ବିକାଶ ତାଲିମ ନିମନ୍ତେ ପଦକ୍ଷେପ ନିଆଯାଉଛି। ଶିକ୍ଷା ସମାପ୍ତ କରିଥିବା ୨୨ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମୋବାଇଲ, ହାର୍ଡୱାୟାର ଓ ମେଣ୍ଟେନାନ୍ସ ଟ୍ରେନିଂ ପାଇଁ ନିଯୁକ୍ତି ପତ୍ର ଜିଲାପାଳ ଓ ଏସ୍‌ପି ପ୍ରଦାନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ଘନଶ୍ୟାମ ଶାହାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମ ଶେଷରେ ସମ୍ପାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ୍, ବିଡିଓ ଦାଶରଥୀ ଜେନା, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଡେରାବିଶ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ ଓ ମହାକାଳପଡା ବିଆର୍‌ସିସି ଅକ୍ଷୟ କୁମାର ମହାପାତ୍ରଙ୍କ ସମେତ ଜିଲାର ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଟରାଚକଡା ସରପଞ୍ଚ ମମତା ରାଉତ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଉପସ୍ଥିତ ଥିଲେ। ଜିଲା ପରିକ୍ରମା କରିବାକୁ ଥିବା କୌଶଳ ରଥକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ କଲେଜ ବାହାରକୁ ପାଛୋଟି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ପ୍ରିୟବ୍ରତ ପାଲ ସିଂ ନାୟକ, ସଂଘମିତ୍ରା ନାଥ, ଅନିତା ପ୍ରଧାନ, ବିଶ୍ୱଜିତ ପରିଡା ଓ ସୁନିଲ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ।


ଡେରାବିଶରେ ଜିଲାପାଳ, ଏସ୍‌ପି ପତାକା ଦେଖାଇ କୌଶଳ ରଥର ଶୁଭାରମ୍ଭ କରୁଛନ୍ତି।

# ନାବାଳିକା ନିଖୋଜର ୧୭ ଦିନ ପରେ ବି ପୋଲିସ ହାତ ଖାଲି

**ଗଣିଆ,୫ା୯(ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ଜିଲା ଗଣିଆ ଥାନା ରାଉତପଡା ଗ୍ରାମର ଜଣେ ନାବାଳିକା ଗତ ୧୭ଦିନ ତଳେ ଗଣିଆ ବଜାରୁ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନ ଓ ବନ୍ଧୁବାନ୍ଧବଙ୍କ ସହିତ ଯୋଗାଯୋଗ କରିଥିଲେ। ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ଶେଷରେ ସେମାନେ ଗଣିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଥିଲା । ଇତିମଧ୍ୟରେ ୧୮ଦିନ ବିତିଥିଲେ ମଧ୍ୟ ସମ୍ପୃକ୍ତ ନାବାଳିକାଙ୍କ ସନ୍ଧାନ ମିଳିପାରିନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ,ଅଗଷ୍ଟ ୧୭ ତାରିଖ ଦିନ ସମ୍ପୃକ୍ତା ନାବାଳିକା(୧୭) ଗଣିଆସ୍ଥିତ ଇଣ୍ଡିଆନ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ କହି ଘରୁ ବାହାରିଥିଲେ। ହେଲେ ଅପରାହ୍ନ ସୁଦ୍ଧା ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ସହିତ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଥିଲେ । ହେଲେ ନାବାଳିକାଙ୍କ ସନ୍ଧାନ ମିଳିପାରି ନ ଥିଲା । ସେହିଦିନ ସନ୍ଧ୍ୟାରେ ପରିବାର ଲୋକେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ରାସ୍ତା କାମ ନ ସରୁଣୁ ଦବିଲାଣି

**ନୂଆଗାଁ,୫ା୯(ଧନେଶ୍ୱର ସାହୁ)**

- ଉଠିଲାଣି ପିଚୁ, ଚିପ୍ସ
- ରାସ୍ତା,ଡ୍ରେନର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- କଟାଯାଇପାରିଲାନି ରାସ୍ତା ପାର୍ଶ୍ୱ ଗଛ

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ମହିତମାଠାରୁ ଆଡକଟା ପର୍ଯ୍ୟନ୍ତ ରାସ୍ତା କାମ ଚାଲିଛି। ହେଲେ ନିମ୍ନମାନର କାମ ଯୋଗୁ ଅନେକ ସ୍ଥାନରେ ଦବିବା ସହିତ ରାସ୍ତାରୁ ପିଚୁ ଓ ଚିପ୍ସ ମଧ୍ୟ ଉଠିଗଲାଣି। ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି।

ମହିତମା ଛକଠାରୁ ଆଡକଟା ପର୍ଯ୍ୟନ୍ତ ପ୍ରାୟ ୧୫ କି.ମି. ରାସ୍ତା ପ୍ରଥମେ ଗ୍ରାମ ଉନ୍ନୟନ ବିଭାଗ(ଆରଡି) ଅଧୀନରେ ରହିଥିଲା। ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ୨୦୧୭ ଅକ୍ଟୋବର ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ କରାଯାଇଥିଲା। କାମ ସରିବା କିଛି ମାସ ନ ଯାଉଣୁ ଉକ୍ତ ରାସ୍ତାରୁ ପିଚୁ ଉଠି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିଲା। ନିୟମ ଅନୁସାରେ କାର୍ଯ୍ୟ ଶେଷ ପରଠାରୁ ୫ ବର୍ଷ ଅର୍ଥାତ୍ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ଠିକାଦାର ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ କରିବା କଥା। କିନ୍ତୁ ବିଭାଗୀୟ ଯନ୍ତ୍ରୀଙ୍କ ଅନୁକମ୍ପା ଯୋଗୁ ଠିକାଦାର ମରାମତି କରି ନ ଥିଲେ।



ରାସ୍ତାରୁ ପିଚୁ ଉଠି ଗଲାଣି।

ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତା ପିଡବ୍ଲ୍ୟୁଡି ବିଭାଗକୁ ହସ୍ତାନ୍ତର ହୋଇଥିଲା। ଫଳରେ ସେହି ରାସ୍ତା କାମ ପୁଣି ଥରେ କରିବା ପାଇଁ ପିଡବ୍ଲ୍ୟୁଡି ବିଭାଗ ଟେଣ୍ଡର କରିଥିଲା। ଲଗାଯାଇଥିବା ଫଳକର ସୂଚନା ଅନୁଯାୟୀ, ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ୧୬ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାସ୍ତା ନିର୍ମାଣରେ ଅନେକ ବ୍ୟତିକ୍ରମ ଦେଖା ଦେଇଛି। ରାସ୍ତାର ୨ପାର୍ଶ୍ୱରୁ ଗଛ କାଟିବା ନିର୍ଦ୍ଦେଶ ରହିଥିବା ବେଳେ କୌଣସି ଗଛ କଟା ନ ଯାଇ ପୁରୁଣା ରାସ୍ତା ଅନୁଯାୟୀ ନିର୍ମାଣ କରାଯାଇଛି। ମେଟାଲ ପକାଇବା ପରେ ତାକୁ ରୋଲିଂ କରିବାର ନିୟମ ରହିଥିବା ବେଳେ ତାହା ଠିକ୍ ଭାବେ କରାଯାଇ ନ ଥିବାରୁ ଅନେକ ସ୍ଥାନ ଦବି ଗଲାଣି। ନିମ୍ନମାନର କାମ ଯୋଗୁ କେତେକ ସ୍ଥାନରେ ପିଚୁ ଉଠି ଗଲାଣି। ବର୍ତ୍ତମାନ ଡ୍ରେନ କାମ ଚାଲିଛି। ଉକ୍ତ କାମରେ ଚିପ୍ସ , ବାଲି ଓ ସିମେଣ୍ଟର ଠିକ୍ ଭାଗମାପ ରହୁନାହିଁ। ତଳେଇ ସମୟରେ ଭାଇବ୍ରେଟର ମେଶିନ ବ୍ୟବହାର କରିବା ନିୟମ ରହିଥିବା ବେଳେ ତାହା ମଧ୍ୟ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏସବୁ ବାବଦରେ ପିଡବ୍ଲ୍ୟୁଡି କନିଷ୍ଠ ଯନ୍ତ୍ରୀ ଗୋପବନ୍ଧୁ ଧୀରଙ୍କୁ ପଚାରିବାରେ ଫରେଷ୍ଟ ବିଭାଗର ରିଜର୍ଭ ଜଙ୍ଗଲ ଯୋଗୁ ରାସ୍ତା ପାର୍ଶ୍ୱରୁ ଗଛ କାଟିବା ଅନୁମତି ମିଳିଲା ନାହିଁ। ତେବେ ଅନ୍ୟ ସବୁ ଅଭିଯୋଗ ପ୍ରତି ମୁଁ ଦୃଷ୍ଟି ଦେବି ବୋଲି ସେ କହିଛନ୍ତି।

# ଗ୍ରାମ ପାହାଡ଼ରୁ ଚାଲିଛି ଅବାଧ ମୋରମ ଚାଲାଣ



ପାହାଡ଼ରୁ ଖୋଳି ନିଆଯାଇଥିବା ମୋରମ।

**ଖଣ୍ଡପଡ଼ା,୫ା୯(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ଅଧୀନ ଖଳିସାହି ପଞ୍ଚାୟତର ଇଚ୍ଛାପୁର ଗ୍ରାମ ନିକଟରେ ଥିବା ପାହାଡ଼ରୁ ଅବାଧରେ ମୋରମ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏପରି ମୋରମ ଚାଲାଣ ଯୋଗୁ ପାହାଡ ଓ ତତ୍‌ସଂଲଗ୍ନ ସଂରକ୍ଷିତ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ପରିବେଶବିତ୍‌ମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅବାଧରେ ମୋରମ ଚାଲାଣ କରି ଚାଲାଣକାରୀ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ବେଳେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ରୋକିବା ନିମନ୍ତେ ରାଜ୍ୟ ସରକାର କଡାକଡି ଆଇନ କାନୁନ ପ୍ରଣୟନ କରିଥିଲେ ହେଁ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ରାଜସ୍ୱହାନୀ ହେଉଛି। ମୋରମ ଚାଲାଣ ଯୋଗୁ ପାହାଡ଼ର ପାଦଦେଶରେ ଥିବା ବୃକ୍ଷରାଜି ସମୟାନୁକ୍ରମେ ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ଼ ଜିଲାପାଳଙ୍କ ଦୃଷ୍ଟି ଦେବାକୁ ଇଚ୍ଛାପୁର ଗ୍ରାମର ଲୋକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କୁ ଯୋଗାଯୋଗ କରାଯାଇଥିଲା। ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ସେପ୍ଟେମ୍ବର ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୟାଗଡ଼,୫ା୯(ଲୋକନାଥ ମିଶ୍ର)**

ଆସନ୍ତା ୧୪ ତାରିଖ ଶନିବାର ଜିଲା ଓ ଦୌରା ଅଦାଲତ ନୟାଗଡ଼ ସମେତ ଜିଲାର ସମସ୍ତ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ, ସଚିବ ଅଞ୍ଜଳି ମଛଖଣ୍ଡ ପ୍ରକାଶ କରିଛନ୍ତି । ଏଥିରେ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିଶ ଯୋଗ୍ୟ), ଚେକ ବାଉନ୍ସ , ବ୍ୟାଙ୍କ ଋଣ, ମୋଟୋର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ । ଏହା ସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ ବାଉନ୍ସ ମାମଲା, ବ୍ୟାଙ୍କ ସମ୍ବନ୍ଧୀୟ ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ସାଲିଶ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏହି ମକଦ୍ଦମା ବାବଦରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ। ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ ଓ ତାଲୁକ ଆଇନ ସେବା କମିଟି ମାନଙ୍କ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ବର୍ଷା,ମିନତୀ ମନୋନିତ

**ଓଡ଼ଗାଁ,୫ା୯ (ଆଦର୍ଶ କୁମାର ପଟ୍ଟନାୟକ)**

ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଓଡ଼ଗାଁର ବର୍ଷାରାଣୀ ସାହୁ ମନୋନୀତ ହୋଇଛନ୍ତି। ଅନୁଗୁଳଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ବର୍ଷା ଅଂଶଗ୍ରହଣ କରି ଲୋବାଫାଇଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଆଟିଷ୍ଟିକ କାତା ଓ ଆରୋପ୍ଲେୟାରରେ ଗୋଟିଏ ଲେଖାଏଁ ଏପରି ୨ ରୌପ୍ୟ ପଦକ ହାସଲ କରିଥିଲେ। ଏଥିପାଇଁ ଚଳିତ ବର୍ଷ ହେବାକୁ ଥିବା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି ।

ଏହି ପ୍ରତିଯୋଗିତାରେ ନୟାଗଡ଼ ଜିଲାର ୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସରୋଜ ନାୟକ ରୌପ୍ୟ, ରଞ୍ଜିତ ନାୟକ ରୌପ୍ୟ, ମିନତୀ ସାହୁ ସ୍ୱର୍ଣ୍ଣ ଏବଂ ବର୍ଷାରାଣୀ ସାହୁ ଗୋଟିଏ ସ୍ୱର୍ଣ୍ଣ ସହିତ ୨ ରୌପ୍ୟ ପଦକ ହାସଲ କରିଥିଲେ। ନୟାଗଡ଼ ଜିଲାର ଏହି ୪ ପ୍ରତିଯୋଗୀ ଜାତୀୟ କ୍ରୀଡ଼ାପାଇଁ ମନୋନୀତ ହୋଇଛନ୍ତି। ଚଳିତ ବର୍ଷ ପୁଣିଥରେ ପ୍ରତିଯୋଗିତାରେ ବିଜୟ ହାସଲ କରି ନୟାଗଡ଼ ଜିଲା ତଥା ଓଡ଼ଗାଁ ଅଞ୍ଚଳ ପାଇଁ ବର୍ଷା ଓ ମିନତୀ ଗୌରବ ଆଣିବେ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି ।



ପଦକ ସହ ଦୁଇ ପ୍ରତିଯୋଗୀ।

ସୂଚନାଯୋଗ୍ୟ, ଗୋଆଠାରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ଗାଁ ବ୍ଲକ ଗୁପ୍ତମଠ ସାହିବାସିନ୍ଦା ପଞ୍ଚି ସାହୁଙ୍କ ଝିଅ ବର୍ଷାରାଣୀ ଆରଓସ୍କାଏ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଏହି ବ୍ଲକର ଅନ୍ୟତମ ପ୍ରତିଯୋଗୀ ନନ୍ଦିଘୋର ପଞ୍ଚାୟତ ନେଳିଆ ସାହିର ଶ୍ୟାମସୁନ୍ଦର ସାହୁଙ୍କ ଝିଅ ମିନତୀ ସାହୁ ଲୋବାଫାଇଟ କଳା ପ୍ରଦର୍ଶନରେ ସଫଳତା ହାସଲ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଭୟ ପ୍ରତିଯୋଗୀ ସିଧାମୁଳା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସମୀର କୁମାର ଖୁଣ୍ଟିଆଙ୍କ ପ୍ରୋତ୍ସାହନରେ କଟକର ଏସ୍.କେ.ସାଲୁଉଦିନଙ୍କ ପ୍ରଶିକ୍ଷଣ ଦ୍ୱାରା ଏହି ସଫଳତା ହାସଲ କରିଥିବା କହିଛନ୍ତି। ବର୍ଷାରାଣୀ ଓ ମିନତୀ ପୂର୍ବରୁ ଜାମ୍ମୁ ଓ ଓଡ଼ିଶାର କୋରାପୁଟଠାରେ ଆୟୋଜିତ ସ୍କାଏ ମାକ୍ସଲାଟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ । ଦୁହିଁଙ୍କ ଏହି ସଫଳତା ପାଇଁ ରାଜ୍ୟ ସରକାର ୨ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ।

# ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

**ନୟାଗଡ଼, ୫ା୯ (ଲୋକନାଥ ମିଶ୍ର)**

**ପ୍ରତିଯୋଗୀଙ୍କ ବୟସ ସୀମା ୧୪ରୁ ୨୪**

ନୟାଗଡ଼ ଜିଲାର ଲୁକ୍କାୟିତ ସଙ୍ଗୀତ ପ୍ରତିଭା ତଥା କଣ୍ଠଶିଳ୍ପୀମାନଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା କରାଯାଉଛି। ପୂର୍ବ ବର୍ଷର ସଫଳତା ପରେ ଚଳିତ ମାସରୁ ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ନୟାଗଡ଼ ଜିଲାର ଅଗ୍ରଣୀ ସଙ୍ଗୀତାନୁଷ୍ଠାନ 'ସଙ୍ଗୀତଧାରା' ପକ୍ଷରୁ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୧୪ରୁ ୨୪ବର୍ଷ ବୟସର ଉଭୟ ପୁଅ ଝିଅ ଅଂଶ ଗ୍ରହଣ କରି ପାରିବେ। ଏହି ଅବସରରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଙ୍ଗୀତ ଅନୁଷ୍ଠାନ ଓ ବାହାରେ ଥିବା ପୁଅଝିଅମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରତିଯୋଗୀମାନେ ଶାଳୀନତାଭିତ୍ତିକ ଭଜନ, ଜଣାଣ, ଧର୍ମୀୟ ଲଘୁସଙ୍ଗୀତ ଆଦି ପରିବେଷଣ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ବିନା ବାଦ୍ୟଯନ୍ତ୍ରରେ ସଙ୍ଗୀତ ପରିବେଷଣ କରିବେ। ପ୍ରଥମ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ବାଦ୍ୟଯନ୍ତ୍ର ସହିତ ସଙ୍ଗୀତ ପରିବେଷଣ କରିବେ। ନୟାଗଡ଼ ଜିଲାର ସମସ୍ତ ୮ ବ୍ଲକ ଏବଂ ପୌରାଞ୍ଚଳରେ ନିର୍ଦ୍ଧାରିତ ସ୍ଥାନରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ଭକ୍ତି ସଙ୍ଗୀତ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ନଗଦ ୧୧ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ବାବଦରେ ପ୍ରଦାନ କରାଯିବା ସହିତ 'ସଙ୍ଗୀତ କଲ୍ଲୋଳ' ଉପାଧିରେ ଭୂଷିତ କରାଯିବ। ଏଥିସହିତ ଦ୍ୱିତୀୟ ଏବଂ ତୃତୀୟ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ। ପୁରୁଣା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସଙ୍ଗୀତଧାରାର ସଭାପତି ବିଜୟ ଚୌଧୁରୀ,ମୁଖ୍ୟ ପୃଷ୍ଠପୋଷକ ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ,ଲକ୍ଷ୍ମୀଧର ସାହୁ,ସୁର ଗନ୍ଧର୍ବ ନବକିଶୋର ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ଜୟଶ୍ରୀ ଦେବୀ,ପ୍ରଦୀପ ରଥ,ପ୍ରଦୀପ ସାହୁ,ଦିଲୀପ ସାହୁ,ପ୍ରଦୀପ୍ତ ଡାକୁଆ,ଗୋପୀନାଥ ସେଠୀ, ଅଶୋକ ମଲ୍ଲ, ରଞ୍ଜନ ରଶ୍ମି ଜେନା, ମାଧବ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ସଙ୍ଗୀତାନୁଷ୍ଠାନ 'ସଙ୍ଗୀତଧାରା'ର କର୍ମକର୍ତ୍ତା।

# ଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ



ପ୍ରଶାନ୍ତ ସାହୁ ଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

**ଖଣ୍ଡପଡ଼ା, ୫ା୯(ଅଜୟ କୁମାର ମହାରଣା)**

ଆସନ୍ତା ୭ ତାରିଖରେ ଗଣନାଥଙ୍କ ପୂଜା । ଏଥିପାଇଁ ସବୁଠି ପ୍ରସ୍ତୁତି ଚାଲିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ବ୍ୟବସାୟ ପ୍ରତିଷ୍ଠାନ,କ୍ଲବ୍ ଓ ସାହିବସ୍ତିରେ ଏଥିପାଇଁ ନାନା ତୋରଣ ଶୋଭାପାଉଛି । ବିଭିନ୍ନ ରଙ୍ଗୀନ ଆଲୋକରେ ଏବେଠୁ ପୂଜାମଣ୍ଡପ ଝଲମଲ ହେଉଛି। କାରିଗରମାନେ ବି ଅଧିକାଂଶ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଇସାରିଛନ୍ତି। ଏଥିପାଇଁ କାରିଗର ପରିବାର ସଦସ୍ୟମାନେ ଦିନରାତି ଏକ କରି ମୂର୍ତ୍ତିରେ ରଙ୍ଗଦେବାରେ ଲାଗିଛନ୍ତି। ଏଥିପାଇଁ ନୟାଗଡ଼ ଜିଲା ଖଣ୍ଡପଡ଼ା ସହରର କୁମ୍ଭାରସାହି ଓ କଣ୍ଟିଲୋର ମୂର୍ତ୍ତି କାରିଗରଙ୍କ ସାହି ଚଳଚଞ୍ଚଳ ହୋଇଉଠିଛି। ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ ଓ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଚଳିତବର୍ଷ ଶତାଧିକ ଖୁଦୁରୁକୁଣୀ ମୂର୍ତ୍ତି ନିର୍ମାଣ କରିବା ପରେ ଏବେ ବିଭିନ୍ନ ଅନୁଷ୍ଠାନକୁ ଯାଇ ଗଣେଶ ମୂର୍ତ୍ତି ନିର୍ମାଣ କରୁଛନ୍ତି । ତେବେ ଅଧିକାଂଶ ସମୟରେ ବର୍ଷା ହେଉଥିବାରୁ କାମ ସରିବାରେ ବିଳମ୍ବ ହେଉଥିବା ସେମାନେ କହିଛନ୍ତି। ତଥାପି ପୂଜାର ୨ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାରଠାରୁ ମୂର୍ତ୍ତି ନିର୍ମାଣ ଶେଷ ହୋଇଯିବ ବୋଲି ଉଭୟ କହିଛନ୍ତି।

# ପାର୍ବଣରେ ଡିଜେ କଟକଣା, ନିଶାଦ୍ରବ୍ୟକୁ ବାରଣ

**ଖଣ୍ଡପଡ଼ା,୫ା୯(ଅଜୟ କୁମାର ମହାରଣା)**

ଆସନ୍ତା ୭ତାରିଖରେ ଅଗ୍ରପୂଜ୍ୟ ପ୍ରଭୁ ଗଣନାଥଙ୍କ ପୂଜା ଅନୁଷ୍ଠିତ ହେବ। ଏହି ପୂଜାପରେ ବିଶ୍ୱକର୍ମା, ମା'ଦୁର୍ଗା ଓ କାଳୀଙ୍କ ପୂଜା, ପାରମ୍ପରିକ ଭସାଣି ପର୍ବ ଆରମ୍ଭ ହେବ। ଏହିଉତ୍ସବରେ ଡ଼ିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି। ସେହିପରି ନିଶାଦ୍ରବ୍ୟକୁ ବାରଣ କରାଯାଇଛି। ଏହାକୁ ନେଇ ଖଣ୍ଡପଡା ପୋଲିସ ପକ୍ଷରୁ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କୁ ସୂଚନା ପ୍ରଦାନ କରିଛି। ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଖଣ୍ଡପଡ଼ା ଥାନା ପରିସରରେ ବୁଧବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଗଣମାଧ୍ୟମର ପ୍ରତିନିଧି, ପୂଜା କମିଟିର କର୍ମକର୍ତ୍ତା, ଟେଣ୍ଟ ହାଉସ ମାଲିକମାନେ ଯୋଗଦେଇଥିଲେ। ପୂଜା କମିଟିର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଡ଼ିଜେ ସାଉଣ୍ଡ କିପରି ପରିଚାଳନା କରିବେ ସେ ସମ୍ପର୍କରେ ପୋଲିସ ପରାମର୍ଶ ଦେବା ସହ ନାନା କଟକଣା ଲାଗୁ କରିଛି। ପୋଲିସଠାରୁ ଆବଶ୍ୟକୀୟ ଅନୁମତି ଓ ପରାମର୍ଶ ନେଇ ଟେଣ୍ଟହାଉସ ମାଲିକମାନେ ଡ଼ିଜେ ସାଉଣ୍ଡ ବ୍ୟବହାର କରିବାକୁ ସୂଚନା ଦିଆଯାଇଥିଲା। ସେହିପରି ପାର୍ବଣ ଅବସରରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ। ଏଥିସହିତ ନିଶାଦ୍ରବ୍ୟର ଅବାଧ କାରବାର ଉପରେ କଟକଣା କଡାକଡି କରାଯାଇଛି ବୋଲି ଥାନାଧିକାରୀ ସୂଚନା ଦେଇଥିଲେ।

ଏପରି କି ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ପାର୍ବଣ ଋତୁରେ ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣ ରୁପେ ବାରଣ କରିଥିବା ନେଇ ସୂଚନା ଦିଆଯାଇଥିଲା। ସେହିପରି ପୂଜା କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବାକୁ ଥାନାଧିକାରୀ ନିବେଦନ କରିଥିଲେ। ଏସଆଇ ଉପେନ୍ଦ୍ର ଦିଗଲ ଧନ୍ୟବାଦ ଦେଇଥିଲେ।

# କଣ୍ଢେଇ ଓ ବିଜ୍ଞାନ ମେଳାରେ ୧୫୨ ପ୍ରକଳ୍ପ



**ନୟାଗଡ଼,୫ା୯(ଲୋକନାଥ ମିଶ୍ର)**

ନୟାଗଡ଼ ହାଉସିଂ ବୋର୍ଡ କଲୋନୀ ନିକଟସ୍ଥ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଶିଶୁ ବୈଜ୍ଞାନିକମାନଙ୍କ କଣ୍ଢେଇ ଓ ବିଜ୍ଞାନ ମେଳାରେ ୧୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରଣପୁରର ପୂର୍ବତନ ବିଧାୟକ ସୂର୍ଯ୍ୟନାରାୟଣ ପ୍ରଧାନ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଡ.ସୁକାନ୍ତି ମହାନ୍ତି ଯୋଗଦେଇ କହିଥିଲେ ଶିଶୁ ମାନେ ଜଣେ ଜଣେ କଣ୍ଢେଇ । ସମସ୍ତ ଶିଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ଅଭିଯାନର ରାଜ୍ୟ ରିସୋର୍ସ ପର୍ସନ ତଥା ଶିକ୍ଷାବିତ୍ ରବି ନାରାୟଣ ପାତ୍ର ,ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶରତ କୁମାର ନାୟକ, ଡିଭାଇନ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ବାପୁ ସାମନ୍ତରାୟ ଓ ଜୀବ ବିଜ୍ଞାନ ଅଧ୍ୟାପକ ଶିବପ୍ରସାଦ ବେହେରା ଯୋଗଦେଇ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କ ପୁରସ୍କୃତ କରାଯାଇଥିଲା । ଏଥିରେ ଭାଗନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ପବିତ୍ର ସାହୁ, ବିଭୁତି ଭୂଷଣ ମହାନ୍ତି, ଦେବଦତ୍ତ ବିଶ୍ୱାଳ, ରାମଚନ୍ଦ୍ର ମାନସିଂହ ଓ ରଞ୍ଜନ କୁମାର ପରିଡ଼ା ମୂଲ୍ୟାୟନ କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଧାର କାର୍ଡ ସଂଶୋଧନ ପାଇଁ ବ୍ଲକ ଅଫିସ୍, ଉପଡାକଘରେ ଭିଡ଼

**ଖଣ୍ଡପଡ଼ା,୫ା୯(ଅଜୟ କୁମାର ମହାରଣା)**

ସୁଭଦ୍ରା ଯୋଜନା ପାଇଁ ସେପ୍ଟେମ୍ବର ୧ରୁ ଆବେଦନ ଆରମ୍ଭ ହୋଇଯାଇଛି। ଏହି ଯୋଜନାର ଲାଭ ଉଠାଇବା ପାଇଁ ଅଙ୍ଗନୱାଡି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ବୁଧବାର ସନ୍ଧ୍ୟାରୁ ସୁଭଦ୍ରା ଯୋଜନା ଫର୍ମ ଦାଖଲ ଆରମ୍ଭ ହେବ। ଏହି ଫର୍ମ ପୂରଣ ପରେ ଫର୍ମ ସହିତ ଆବେଦନକାରୀଙ୍କୁ କେବଳ ଆଧାର କାର୍ଡର ନକଲ ଦାଖଲ କରିବାକୁ ହେବ। ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ଜିଲାପାଳଙ୍କ ଦ୍ୱାରା ନିରୁପିତ ସ୍ଥାନ ଓ କାର୍ଯ୍ୟାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ସେମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି। ଏଥି ନିମନ୍ତେ ଆଧାରକାର୍ଡ ଆବଶ୍ୟକ




ସଂଶୋଧନ ନିମନ୍ତେ ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ, ଉପ ଡ଼ାକଘର ସମେତ ଜନସେବା କେନ୍ଦ୍ରରେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହେଉଛି। ଏପରି କି କାର୍ଯ୍ୟାଳୟ ଖୋଲିବା ପୂର୍ବରୁ ଜନସାଧାରଣ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡା ହେଉଥିବା ନଜରକୁ ଆସୁଛି। ବିଶେଷକରି ସୁଭଦ୍ରା ଯୋଜନାରେ ଆବେଦନପତ୍ର ଦାଖଲ ନିମନ୍ତେ ଆଧାରକାର୍ଡ ସଂଶୋଧନ ଜରୁରୀ ହୋଇଥିବାରୁ ଆଧାରକେନ୍ଦ୍ର ନିକଟରେ ବହୁ ମହିଳାଙ୍କ ଭିଡ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହୁଛି। ଏହାର ସୁଯୋଗ ନେଇ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଛତୁ ଫୁଟିଲା ପରି ଖୋଲିଥିବା ଆଧାରକେନ୍ଦ୍ରରେ ଆଧର କାର୍ଡ ସଂଶୋଧନ ପାଇଁ ଜନସାଧାରଣଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଆଧାରକାର୍ଡ ସଂଶୋଧନ ନିମନ୍ତେ ୫୦ ଟଙ୍କା ଦେବାକୁ ପଡିବ ବୋଲି ଘୋଷଣା କରିଥିଲେ ହେଁ ସ୍ଥଳ ବିଶେଷରେ ଆଧାରକେନ୍ଦ୍ରରେ ଜନସାଧାରଣଙ୍କଠାରୁ ୧୦୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଓ ଜିଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଦାବି ହେଉଛି। ଘରୋଇ ଆଧାରକେନ୍ଦ୍ରଗୁଡିକରେ ଜନସାଧାରଣ ଶୋଷଣର ଶିକାର ହେଉଥିବାରୁ ଏଥିପ୍ରତି ନୟାଗଡ଼ ଜିଲାପାଳ ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

# କ୍ଷତିପୂରଣ ପାଇଁ ଆନ୍ଦୋଳନ, ଦଳୀୟ କର୍ମୀଙ୍କ ଗଣ୍ଡଗୋଳରେ ଶେଷ

**ପାରାଦୀପ,୫।୯(ଶରତ ରାଉତ)**

ପାରାଦୀପର ଅଠରବାଙ୍କୀ ନେହେରୁ ବଙ୍ଗଳା ରାସ୍ତାରେ ବୁଧବାର ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦୁଇ ଜାଗାରେ ବୁଧବାର ଅପରାହ୍ନ ୨ଟାଠାରୁ ରାତି ୧୨ଟା ପର୍ଯ୍ୟନ୍ତ ରାସ୍ତା ବନ୍ଦ କରି ଆନ୍ଦୋଳନ ହୋଇଥିଲା। ଶେଷରେ ଭାଜପା-ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ତାହା ଫସର ପାଲଟିଯାଇଛି। ଏହାପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହେବା ସହ ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନେହେରୁ ବଙ୍ଗଳା ମେରାଇନ ଥାନାରେ ମାମଲା (ନଂ.୨୨/୨୪) ରୁଜୁ ହୋଇଛି।

ପ୍ରକାଶ ଯେ, ବୁଧବାର ୩ ଜଣ ସାଙ୍ଗ ମଧୁବନ ବୃନ୍ଦାବନ କଲୋନୀରୁ ସ୍କୁଟି ଯୋଗେ ନେହେରୁ ବଙ୍ଗଳା ବୁଲିବାକୁ ଯାଇଥିଲେ। ଘରକୁ ଫେରିବା ବେଳେ ଅଠରବାଙ୍କୀ ନେହେରୁ ବଙ୍ଗଳା ରାସ୍ତାର କନ୍‌ଭେୟର ବେଲ୍ଟଲାଇନ ପାଖରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା।


ଅଠରବାଙ୍କୀରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରି ବିକ୍ଷୋଭ କରୁଛନ୍ତି।

ଦୁର୍ଘଟଣାରେ ରାକେଶ କୁମାର ଭୋଳ(୨୦)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ସାଙ୍ଗ ଆନି ଓ ଆକାଶ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ନେହେରୁ ବଙ୍ଗଳା ମାଛଧରା ବନ୍ଦର ଲୋକେ ଓ ମୃତକଙ୍କ କଲୋନୀର ଲୋକେ ଦୁର୍ଘଟଣା ସ୍ଥଳ ଏବଂ ଅଠରବାଙ୍କୀ ଗୋଲେଇ ଛକରେ ଆନ୍ଦୋଳନ କରିଥିଲେ। ଏହାଦ୍ୱାରା ଅପରାହ୍ନ ୨ଟାରୁ ପାରାଦୀପକୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାତି ପ୍ରାୟ ୧୧ଟା୩୦ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳକୁ ଯାଇ ନ ଥିଲେ। ଏନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଯେଉଁ କମ୍ପାନୀ ଗାଡ଼ି ଦୁର୍ଘଟଣା ଘଟାଇଛି ସେହି କମ୍ପାନୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦେଉ ବୋଲି ପୋଲିସ ଜରିଆରେ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ କମ୍ପାନୀ ୨ ଲକ୍ଷ ଟଙ୍କା ଦେବ ବୋଲି ସହମତି ପ୍ରକାଶ କରିଥିଲା। ଆନ୍ଦୋଳନ ଟାଳିବା ପାଇଁ ପୋଲିସ, କମ୍ପାନୀ ଓ ପ୍ରଶାସନିକ ଅଧିକାରୀମାନେ ପରଦା ପଛରେ ଆଲୋଚନା ଚଳାଇଥିଲେ। ଆନ୍ଦୋଳନରେ ଭାଜପା, ବିଜେଡି, କଂଗ୍ରେସ ଦଳ କର୍ମୀ ଓ ଅନ୍ୟମାନେ ସାମିଲ

## ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ ଘଟଣା

ହୋଇଥିଲେ। ରାତି ୧୨ଟା ସୁଦ୍ଧା କୌଣସି ପ୍ରଶାସନିକ ସହଯୋଗ ନ ମିଳିବାରୁ ଜଣେ ବିଜେଡି କର୍ମୀ ଭାଜପା ସରକାର ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସମ୍ପର୍କରେ ନକାରାତ୍ମକ ଟିପ୍ପଣୀ ଦେଇଥିଲେ। ଏନେଇ ଅଠରବାଙ୍କୀ ଆନ୍ଦୋଳନ ସ୍ଥଳରେ କଥା କଟାକଟିରୁ ଠେଲାପେଲା ହୋଇଥିଲା। ପୋଲିସ ଉଭୟ ପକ୍ଷଙ୍କୁ ଅଲଗା କରିବା ମଧ୍ୟରେ ଅପେକ୍ଷାରେ ଥିବା ଗାଡ଼ି ଚଳାଚଳ କରିଥିଲେ। ଗାଡ଼ି ଚଳାଚଳ ସ୍ୱାଭାବିକ ହେବା ପରେ ପୋଲିସ ମୃତଦେହ ଉଠେଇ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ। ଗୁରୁବାର ସମ୍ପୃକ୍ତ କମ୍ପାନୀ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମେରାଇନ ଆଇଆଇସି ସୁଜାତା ବେହେରାଙ୍କୁ ପଚାରିବାରେ, ରେଡ୍‌କ୍ରସ ପକ୍ଷରୁ ୩୦ ହଜାର ଟଙ୍କା ଦିଆଯାଇଛି। ତେବେ କମ୍ପାନୀ କେତେ ଟଙ୍କା ଦେଇଛନ୍ତି ସେ ସୂଚନା ନାହିଁ ବୋଲି ବେହେରା କହିଛନ୍ତି।

# ୧୧୪୨ଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଜଗତ୍‌ସିଂହପୁର, ୫।୯ (ପ୍ରମୋଦ କୁମାର ନାୟକ)**

ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ସମାଜର ଭବିଷ୍ୟତ ନିର୍ମାଣ କରନ୍ତି ଓ ସେମାନେ ସମାଜର ମାର୍ଗଦର୍ଶକ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଏହି ହୃଦୟସ୍ପର୍ଶୀ ବାର୍ତ୍ତା ସହ ଜଗତ୍‌ସିଂହପୁରରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେଇ ଶୂଦ୍ର ମୁନି ସାରଳାଦାସଙ୍କ ମାଟି ଜଗତସିଂହପୁର ସବୁବେଳେ ଶିକ୍ଷା କ୍ଷେତ୍ରରେ ଆଗୁଆ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଦସ୍ୟ ମନୋଜ କୁମାର ଭୋଇ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନକୁ ବୃଦ୍ଧି କରିବାପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରେ ଜିଲାର ୧୧୪୨ ଜଣ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୮୨୬ଜଣଙ୍କୁ ବ୍ଲକସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର,୯୧

**ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ**



ଜଣଙ୍କୁ ଜିଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର, ୪୬ ଜଣଙ୍କୁ ବ୍ଲକସ୍ତରୀୟ ବିଦ୍ୟାର୍ଥୀ ମେଧାବୃତ୍ତି ପୁରସ୍କାର, ୧୮୦ ଜଣଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଇଛି । ସେଥିରୁ ବାଲିକୁଦା ବ୍ଲକରୁ ୧୬୦, ବିରିଡ଼ିରୁ ୧୩୩, ଏରସମାରୁ ୧୩୮, ଜଗତସିଂହପୁରରୁ ୧୪୨, କୁଜଙ୍ଗରୁ ୧୫୬, ନାଉଗାଁରୁ ୧୨୯, ରଘୁନାଥପୁରରୁ ୧୪୨, ତିର୍ତ୍ତୋଲ ବ୍ଲକରୁ ୧୪୨ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ଜିଲାର ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁଙ୍କ ସମେତ ଜଗତସିଂହପୁର, କୁଜଙ୍ଗ, ନାଉଗାଁ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ । ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ନାୟକ, ତ୍ରୈଲୋକ୍ୟ ନାଥ ବିଶ୍ୱାଳ,ସୌଭାଗ୍ୟ ପ୍ରସାଦ ମିଶ୍ର, ତପନ କୁମାର ନନ୍ଦ, ଅମୂଲ୍ୟ କୁମାର ମିଶ୍ର ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଦୁଗ୍ଧର ମାନ ନିର୍ଦ୍ଧାରଣ କ୍ଷେତ୍ରରେ ଏକକ ନୀତି ଅଣାଯାଉ


ବୈଠକରେ ଦୁଗ୍ଧ ସମବାୟ ସମିତିର ସମ୍ପାଦକମାନେ ପ୍ରତିକ୍ରିୟା ଦେଉଛନ୍ତି।

**ରଘୁନାଥପୁର,୫।୯(ରାଜେନ୍ଦ୍ର ନାରାୟଣ ସିଂହ)**

- ଓମ୍‌ଫେଡ ଛାଡ଼ି ଚାଷୀ ବେସରକାରୀ ସଂସ୍ଥା ମୁହାଁ
- ସଂଗୃହୀତ କ୍ଷୀରର ମାନ ଯାଞ୍ଚ ପାଇଁ ଦାବି

ବେସରକାରୀ ଦୁଗ୍ଧ ସଂଗ୍ରହକାରୀ ସଂସ୍ଥା ଗଢି ଉଠିବାରୁ ଓମ୍‌ଫେଡ ସହ ଜଡିତଥିବା ଦୁଗ୍ଧଚାଷୀ ଏବେ ବେସରକାରୀ ସଂସ୍ଥା ମୁହାଁ ହେଲେଣି। ଏମାନେ ଚାଷୀଙ୍କୁ ଲିଟର ପିଛା ଅଧିକ ପ୍ରାପ୍ୟ ଦେଉଥିବା ସମ୍ପର୍କରେ ଚାଷୀଙ୍କ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷେ ରଘୁନାଥପୁର ବ୍ଲକ ନୂଆପଡା ସ୍ଥିତ ଓମ୍‌ଫେଡ ସଂସ୍ଥା ପରିସରରେ ଏକ ବୈଠକରେ ବିଭିନ୍ନ ଦୁଗ୍ଧ ସମବାୟ ସମିତିର ସମ୍ପାଦକମାନେ ଏଥିପାଇଁ ସରକାରଙ୍କ ନୀତି ନିୟମକୁ ଦାୟୀ କରିଛନ୍ତି।

ସେମାନଙ୍କ କହିବା କଥା ହେଲା, ଓମ୍‌ଫେଡ ଭଳି ଅନ୍ୟ ବେସରକାରୀ ଦୁଗ୍ଧ ସଂଗ୍ରହ ସଂସ୍ଥାଙ୍କ ପ୍ରତି ସରକାରଙ୍କ ଲଗାମ ନ ଥିବାରୁ ସେମାନେ ମନଇଚ୍ଛା କ୍ଷୀର ଲିଟର ପିଛା ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ଫଳରେ ନିମ୍ନମାନର କ୍ଷୀର ଦେଇ ଅଧିକ ଲାଭ ଆଶାରେ ଚାଷୀମାନେ ବେସରକାରୀ ସଂସ୍ଥା ପ୍ରତି ମନ ବଳାଉଛନ୍ତି। ଏହା ଏବେ ଚିନ୍ତାର ବିଷୟ ହୋଇଛି। ସରକାରୀସ୍ତରରେ ଓମ୍‌ଫେଡ ଭଳି ପ୍ରତ୍ୟେକ ଦୁଗ୍ଧ ସଂଗ୍ରହ ସଂସ୍ଥାଙ୍କ ପାଇଁ ଦୁଗ୍ଧର ମାନ ନିର୍ଦ୍ଧାରଣ କ୍ଷେତ୍ରରେ ଏକକ ନୀତି ଏବଂ ସଂଗୃହୀତ କ୍ଷୀରର ମାନ ଯାଞ୍ଚ କରିବା ପାଇଁ ବିରିତୋଳ ସମିତି ସମ୍ପାଦକ ପ୍ରକାଶ ସାସମଲ ଓ କନକପୁର ସମିତି ସମ୍ପାଦକ ସଞ୍ଜୟ ମହାନ୍ତି ପ୍ରକାଶ କରିଛନ୍ତି।

ଓମ୍‌ଫେଡ ପକ୍ଷରୁ ଦୁଗ୍ଧଚାଷୀଙ୍କ ପାଇଁ ଦାନା, ଔଷଧ, ବିଭିନ୍ନ ସରକାରୀ ସହାୟତା ଓ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଉପଲବ୍ଧ କରାଯାଉଥିବାବେଳେ ଦୁଗ୍ଧ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳୁ ନ ଥିବା ଖଣ୍ଡାସାହି ସମିତି ସମ୍ପାଦକ ଧ୍ରୁବଚରଣ ପରିଡା ଓ କୀର୍ତ୍ତନପୁର ସମିତି ସମ୍ପାଦକ ପ୍ରଦୀପ୍ତ ସ୍ୱାଇଁ ପ୍ରକାଶ କରିଛନ୍ତି। କଟକ ମିଲ୍କ ୟୁନିଅନ ଏହାକୁ ଗଭୀରତାର ସହ ନେବା ଉଚିତ ବୋଲି ସେମାନେ କହିଛନ୍ତି। ଏଭଳି ଭାବେ ବେସରକାରୀ ସଂସ୍ଥା ଯଦି ମନମୁଖି ଭାବେ ନିଜର ଆଧିପତ୍ୟ ଜାହିର କରିଚାଲନ୍ତି ତାହାଲେ ଆଗାମୀ ଦିନରେ ରାଜ୍ୟରେ ଚାଷୀଙ୍କ ଜୀବନ ଜୀବିକା ପାଇଁ ଗଢି ଉଠିଥିବା ଓମ୍‌ଫେଡ ସଂସ୍ଥା ନିମ୍ନଗାମୀ ହେବ ବୋଲି ମତ ପ୍ରକାଶ ପାଇଛି। ବେଳଥାଉ ସାବଧାନ ହେବା ଲାଗି ମିଲ୍କ ୟୁନିଅନ ଏଥିପ୍ରତି ଚିନ୍ତାବ୍ୟକ୍ତ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଅନ୍ୟପକ୍ଷେ ସଂଗୃହୀତ କ୍ଷୀରରମାନ ଯାଞ୍ଚ ନିମନ୍ତେ ସମିତି ସମ୍ପାଦକ ସୁଶାନ୍ତ କୁମାର ଦାସ, ରମାକାନ୍ତ ନାଥ, ଗଗନ କୁମାର ଦାସ, ବିଶ୍ୱନାଥ ସିଂହ, ପ୍ରଦ୍ୟୁମ୍ନ ନାୟକ, ଗୀତା ସିଂହ, ରିନାବାଳା ନାୟକ, ପ୍ରତାପ ଦାସଙ୍କ ସମେତ ଜଗତସିଂହପୁର ଜିଲ୍ଲା ବିଭିନ୍ନ ଦୁଗ୍ଧ ସମବାୟ ସମିତିର ସମ୍ପାଦକମାନେ ଜିଲାପାଳ, ବିଭାଗୀୟ ସଚିବ ଓ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓମ୍‌ଫେଡ ପାଇଁ ଏହା ଏକ ଚିନ୍ତାର ବିଷୟ ହୋଇଥିବାବେଳେ ସମସ୍ତଙ୍କ ପାଇଁ ସମାନ ନିୟମ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥିବା କଟକ ମିଲ୍କ ୟୁନିଅନ ସାଧାରଣ ପରିଚାଳକ ଦିଗାମ୍ବର ନାୟକ ପ୍ରକାଶ କରିଛନ୍ତି।

# ଜମା ଅର୍ଥରାଶି ଉଠାଇ ନ ପାରିବାରୁ ଠିକାଦାରଙ୍କ ଆତ୍ମାହୁତି ଧମକ

**କୁଜଙ୍ଗ,୫।୯(ମନୋଜ ପ୍ରଧାନ)**

କୁଜଙ୍ଗସ୍ଥିତ ଏକ ଘରୋଇ ବ୍ୟାଙ୍କରେ ଜଣେ ଠିକାଦାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା ରଖିଛନ୍ତି। ମାତ୍ର ଏହି ଟଙ୍କା ବ୍ୟାଙ୍କ ଶାଖା ପରିଚାଳକ ଉଠାଇବାକୁ ଦେଉନାହାନ୍ତି। ଏପରିକି ଉଠାଇବାକୁ ଯାଇଥିବାବେଳେ ତାଙ୍କୁ ଟାହିଟାପରା କରାଯାଇଥିବା ଅଭିଯୋଗ ହୋଇଛି । ତୁରନ୍ତ ଟଙ୍କା ତାଙ୍କୁ ଉଠାଇବାକୁ ସୁଯୋଗ ନ ଦେଲେ ସେ ବାଧହୋଇ ପରିବାର ସହ ବ୍ୟାଙ୍କ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସେ ବ୍ୟାଙ୍କ ମ୍ୟାନେଜର, ସ୍ଥାନୀୟ ଥାନା ଅଧିକାରୀ, ଏସ୍‌ଡିପିଓ ତିର୍ତ୍ତୋଲ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

କୁଜଙ୍ଗ ଥାନା ସମାଗୋଳ ଗ୍ରାମର ଅରୂପ୍ରସାଦ ମହାନ୍ତି ବୃତ୍ତିରେ ଜଣେ ଠିକାଦାର। ଏକ ଘରୋଇ ବ୍ୟାଙ୍କର କୁଜଙ୍ଗ ଶାଖାରେ ତାଙ୍କର ଜମାଖାତା ରହିଛି। ଗତ ଜୁନରୁ ତାଙ୍କ ଜମା ଖାତାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମାହୋଇ ରହିଛି । ମାତ୍ର ଏହି ଟଙ୍କା ଉଠାଇବାକୁ ସମ୍ପୃକ୍ତ ବ୍ୟାଙ୍କ ପରିଚାଳକ ସୁଯୋଗ ଦେଉନାହାନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଚାଳକ ଜ୍ୟୋତିପ୍ରକାଶ ତ୍ରିପାଠୀଙ୍କୁ ପଚାରିବାରେ, ଗ୍ରାହକଙ୍କୁ ଟାହିଟାପରା କରିବାର ପ୍ରଶ୍ନ ଉଠୁନାହିଁ। ଅନ୍ୟପଟେ ଅରୂପପ୍ରସାଦଙ୍କ ସଞ୍ଚୟ ଖାତାରେ ଆବଶ୍ୟକଠାରୁ ଅଧିକ ପରିମାଣର ଅର୍ଥ ରାଶି ନେଣଦେଣ ହୋଇଥିବା ନେଇ ଅଡିଟରୁ ଜଣାପଡ଼ିଛି। ତେଣୁ ତାଙ୍କୁ ବର୍ତ୍ତମାନ ପାଇଁ ଅର୍ଥରାଶି ପ୍ରଦାନ କରିହେଉନାହିଁ।


ई-प्रोक्योरमेन्ट सेल
कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल, गोड्डा

e-Procurement very short Notice (2nd Call)

ई–टेन्डर रेफरेन्स नं0– BCD/EE/08/Godda/2024-25 दिनांक– 05.09.2024

1. कार्य का नाम :–

| क्र0 सं0 | कार्य का नाम | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|
| 01 | Construction of Marriage Hall, Public Library and Gym Building Complex at Poraiyahat, Main Road, Godda. | Rs. 2,49,65,000/- | Rs. 4,99,300/- | Rs. 10,000/- | 11 Months |

2. वेबसाईट पर निविदा प्रकाशन की तिथि / समय :– दिनांक– 09.09.2024 के 11:00 AM
3. बिड प्राप्ति के लिए अन्तिम तिथि / समय :– दिनांक– 18.09.2024 के 11:00 AM तक
4. निविदा खोलने की तिथि / समय :– दिनांक– 19.09.2024 के 12:00 Noon
5. निविदा प्रकाशित करने वाले कार्यालय का नाम एवं पता :– ई–प्रोक्योरमेन्ट सेल, कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, गोड्डा।
6. प्रोक्योरमेन्ट पदाधिकारी का सम्पर्क संख्या :– 7903255234
7. ई–प्रोक्योरमेन्ट सेल का हेल्पलाईन संख्या :– 7903255234

- किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- अन्य किसी भी प्रकार की सूचना http://jharkhandtenders.gov.in पर देखा जा सकता है।
- परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
- निविदा शुल्क की एवं अग्रधन की राशि केवल Online Mode द्वारा स्वीकार्य होगी।
- निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है जो उसकी सारी जवाबदेही आपकी होगी।
- सरकार द्वारा निर्गत सभी अद्यतन परिमाण लागू रहेंगे।

नोडल पदाधिकारी
ई – प्रोक्योरमेन्ट सेल
कार्यपालक अभियंता का कार्यालय,
भवन निर्माण विभाग, प्रमण्डल, गोड्डा

PR 334852 Building (24-25)_D



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No.1431/OSOU/2024 Dt. 05.09.2024

**EMPLOYMENT NOTICE**

Applications are invited from eligible candidates as per UGC eligibility criteria to fill up the faculty positions of Retired Professor(s), Retired Associate Professor(s) and Assistant Professor(s) (Guest Faculties) on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) Political Science, Odia, History, Economics, English, Sanskrit, Commerce, Management, Computer Science (Cyber Security), Rural Development, Journalism and Mass Communication, Hindi and Sociology.

For details of terms and conditions and application form, please visit **www.osou.ac.in.** The filled-in application may be submitted either Online or Offline (but not mixing), complete in all respects along with supporting documents by **5th October, 2024, 5 p.m.** to the Registrar, Odisha State Open University, Sambalpur.

Sd-
Registrar



ଇଣ୍ଡିଆନ ବ୍ୟାଙ୍କ इंडियन बैंक Indian Bank | इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, ଇ-ମେଲ୍: zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ଶାଖା/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଜେଲ୍ ରୋଡ ଭଦ୍ରକ ଶାଖା/** ଋଣଗ୍ରହୀତାମାନେ: ୧) ଅନାଦି ଚରଣ ଦାସ (ବନ୍ଧକଦାତା), ପିତା: ୰ ରାଧା ଚରଣ ଦାସ, ୨) ରାଧା କିଶୋର ଦାସ, ୩) ଯୁଗଳ କିଶୋର ଦାସ / ଗ୍ୟାରେଣ୍ଟିଦାତାମାନେ: ୧) ଜ୍ୟୋତିର୍ମୟୀ ଦାସ, ୨) ନିରୁପମା ଦାସ, ସମସ୍ତଙ୍କ ଠିକଣା- ସା: ରସିଦପୁର, ପୋ: ଖିରକୋଣା, ଭାୟା: ବେତଡା, ଜିଲ୍ଲା: ବାଲେଶ୍ୱର-୭୫୬୧୬୮ | ୩୧.୦୮.୨୦୨୪ସୁଦ୍ଧା ଟ.୯,୦୭,୯୩୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୩.୨୦୨୪ / ୩୧.୦୮.୨୦୨୪ | ଅନାଦି ଚରଣ ଦାସ, ପିତା: ୰ ରାଧା ଚରଣ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.; ୪୭, ପ୍ଲଟ୍ ନଂ.: ୪୦୦, କ୍ଷେତ୍ର: ଏକର୦.୦୬ ଡିସିମିଲି, କିସମ: ଘରବାରୀ, ମୌଜା: ରସିଦପୁର, ଥାନା ନଂ.: ୧୬୨, ତହସିଲ/ ଏସ୍ଆରଓ: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାସନ୍ତି ମହାନ୍ତି, ଦକ୍ଷିଣ: ଗଜେନ୍ଦ୍ର ମହାନ୍ତି, ପୂର୍ବ: ପ୍ରଦିପ ମହାନ୍ତି, ପଶ୍ଚିମ: ଗୋଲେଖ ମହାନ୍ତି |
| **ଜେଲ୍ ରୋଡ ଭଦ୍ରକ ଶାଖା/** ଋଣଗ୍ରହୀତା/ବନ୍ଧକଦାତା: ମିର ଭୁଟୁ ଅଲ୍ଲୀ, ପିତା: ମିର ଅବଦୁଲ ରସିଦ ମୋରହୁମ୍ / ସହ-ଋଣଗ୍ରହୀତା: ସବାନା ବିବି, ସ୍ୱାମୀ: ମିର ଭୁଟୁ ଅଲ୍ଲୀ, ସମସ୍ତଙ୍କ ଠିକଣା- ଅପର୍ତ୍ତିବିନ୍ଧା (ମିର ସାହି), ପୋ/ଥାନା: ଭଦ୍ରକ, ଭଦ୍ରକ-୭୫୬୧୦୦ | ୩୧.୦୮.୨୦୨୪ସୁଦ୍ଧା ଟ.୨୫,୦୭,୨୩୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୪ / ୩୧.୦୮.୨୦୨୪ | ମିର ଭୁଟୁ ଅଲ୍ଲୀ, ପିତା: ମିର ଅବଦୁଲ ରସିଦ ମୋରହୁମ୍ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୧/୨୯୧୩, ପ୍ଲଟ୍ ନଂ.: ୧୦୫୧/୪୨୬୫, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଟାଇପ୍: ଘରବାରୀ, ମୌଜା: ଅପର୍ତ୍ତିବିନ୍ଧା, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜୋବେଦା ବିବି, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୦୫୧, ପୂର୍ବ: ପ୍ଲଟ୍ ନଂ.: ୧୦୫୨, ପଶ୍ଚିମ: ୨୩୫୯ |
| **ଜେଲ୍ ରୋଡ ଭଦ୍ରକ ଶାଖା/** ଋଣଗ୍ରହୀତା/ବନ୍ଧକଦାତା: ପ୍ରସନ୍ନ କୁମାର ପଣ୍ଡା, ପିତା: ଧନେଶ୍ୱର ପଣ୍ଡା / ସହ-ଋଣଗ୍ରହୀତା: ନିରୁପମା ପଣ୍ଡା, ସ୍ୱାମୀ: ଶ୍ରୀ ପ୍ରସନ୍ନ କୁମାର ପଣ୍ଡା, ଉଭୟଙ୍କ ଗ୍ରାମ: ଅନନ୍ତପୁର, ସା: ବାରିକପୁର ବଜାର, ପୋ: ଧାମନଗର, ଜିଲ୍ଲା: ଭଦ୍ରକ, ଓଡିଶା-୭୫୬୧୦୦ / ଗ୍ୟାରେଣ୍ଟିଦାତା: ବିଜୟ କୁମାର ପ୍ରଧାନ, ପିତା: କୈଳାଶ କୁମାର ପ୍ରଧାନ, ସା: ସମରାଇପୁର, ପୋ: ଗେଲପୁର, ମାଧବ ନଗର, ଜିଲ୍ଲା: ଭଦ୍ରକ-୭୫୬୧୮୧ | ୩୧.୦୮.୨୦୨୪ସୁଦ୍ଧା ଟ.୧୮,୮୮,୬୬୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୩.୦୫.୨୦୨୪ / ୩୧.୦୮.୨୦୨୪ | ପ୍ରସନ୍ନ କୁମାର ପଣ୍ଡା, ପିତା: ଧନେଶ୍ୱର ପଣ୍ଡାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଆରଓଆର୍ ଖାତା ନଂ.: ୬୨/୧୨୫, ପ୍ଲଟ୍ ନଂ.: ୯୬/୨୮୭/୩୧୦, କ୍ଷେତ୍ର: ଏକର୦.୦୯୦ ଡିସିମିଲି, କିସମ: ଘରବାରୀ, ମୌଜା: ଅନନ୍ତପୁର, ତହସିଲ: ଭଣ୍ଡାରୀପୋଖରୀ, ଏସ୍ଆରଓ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିରୁପମା ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରସନ୍ନ ପଣ୍ଡାଙ୍କ ସମ୍ପତ୍ତି |
| **ଜେଲ୍ ରୋଡ ଭଦ୍ରକ ଶାଖା/** ଋଣଗ୍ରହୀତା: ସେକ୍ ସବିର, ପିତା: ୰ ସେକ୍ ସଫିରୁଦ୍ଦିନ / ସହ-ଋଣଗ୍ରହୀତା: ସେକ୍ ସଫିରୁଦ୍ଦିନ / ଗ୍ୟାରେଣ୍ଟିଦାତା: ଭୁଟୁ ଅଲ୍ଲୀ, ପିତା: ମିର ଅବଦୁଲ ରସିଦ, ସମସ୍ତଙ୍କ ଠିକଣା- ସା: ଅପର୍ତ୍ତିବିନ୍ଧା (ମିର ସାହି), ପୋ/ଥାନା: ଭଦ୍ରକ, ଭଦ୍ରକ-୭୫୬୧୦୦ | ୩୧.୦୮.୨୦୨୪ସୁଦ୍ଧା ଟ.୧୫,୫୨,୦୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୬.୨୦୨୪ / ୩୧.୦୮.୨୦୨୪ | ସେକ୍ ସବିରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୪୩, ଖାତା ନଂ.: ୭୯୧/୬୩୧, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: ଅପର୍ତ୍ତିବିନ୍ଧା, ଥାନା ନଂ.: ୯୧, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ବିକ୍ରୟ ଦଲିଲ୍ ଅନୁଯାୟୀ ଉତ୍ତର: ଟେରା ପଣ୍ଡା, ଦକ୍ଷିଣ: ଟେରା ପଣ୍ଡା, ପୂର୍ବ: ମସଜିଦ୍ ଏବଂ ମିର ରମଜାନ, ପଶ୍ଚିମ: ମିର ଆବାସ |
| **ଜେଲ୍ ରୋଡ ଭଦ୍ରକ ଶାଖା/** ଋଣଗ୍ରହୀତା: ତୁଳସୀ ଚନ୍ଦ୍ର ବେହେରା, ପିତା: ଅଗ୍ନି ବେହେରା, ସା: ହରିପୁର, ପୋ: କୋରକରା, ଭଦ୍ରକ-୭୫୬୧୧୬ / ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ରଘୁନାଥ ଦାସ, ପିତା: ୰ ଶୁକଦେବ ଦାସ, ସା: ଗବସାହି, ପୋ: ଭଦ୍ରକ, ଭଦ୍ରକ-୭୫୬୧୦୦ | ୩୧.୦୮.୨୦୨୪ସୁଦ୍ଧା ଟ.୮,୯୫,୯୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୩.୨୦୨୪ / ୩୧.୦୮.୨୦୨୪ | ରଘୁନାଥ ଦାସ, ପିତା: ୰ ଶୁକଦେବ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୧୯/୧୬୩, ପ୍ଲଟ୍ ନଂ.: ୧୧୮୧/୧୮୬୬, କ୍ଷେତ୍ର: ଏକର୦.୦୬୦ ଡିସିମିଲି, କିସମ: ଘରବାରୀ, ମୌଜା: ଗବସାହି, ଥାନା: ଭଦ୍ରକ ନଂ.: ୧୧୨, ତହସିଲ/ ଏସ୍ଆରଓ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦିନବନ୍ଧୁ ପଣ୍ଡା, ଦକ୍ଷିଣ: ଜତନ ଜେନା, ପୂର୍ବ: ଜତନ ଜେନା, ପଶ୍ଚିମ: କୃଷ୍ଣ ଚନ୍ଦ୍ର ଜେନା |
| **ବାସୁଦେବପୁର ଶାଖା/** ଋଣଗ୍ରହୀତା/ବନ୍ଧକଦାତା: ରତିକାନ୍ତ ବେହେରା, ପିତା: ବିଦ୍ୟାଧର ବେହେରା / ଗ୍ୟାରେଣ୍ଟିଦାତା: ଚନ୍ଦ୍ରକାନ୍ତ ବେହେରା, ପିତା: ବିଦ୍ୟାଧର ବେହେରା, ଉଭୟଙ୍କ ଠିକଣା- ସା: ବାଷଠୀ, ପୋ: ରାଧାବଲ୍ଲଭପୁର, ଭାୟା: ବାସୁଦେବପୁର, ଭଦ୍ରକ-୭୫୬୧୨୫ | ୩୧.୦୮.୨୦୨୪ସୁଦ୍ଧା ଟ.୧୯,୭୭,୮୩୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୬.୨୦୨୪ / ୩୧.୦୮.୨୦୨୪ | ରତିକାନ୍ତ ବେହେରା, ପିତା: ବିଦ୍ୟାଧର ବେହେରାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୫୯/୯୯, ପ୍ଲଟ୍ ନଂ.: ୯୪/୧୦୧୬/୧୦୩୧, କ୍ଷେତ୍ର: ଏକର୦.୦୬ ଡିସିମିଲି, କିସମ: ଘରବାରୀ, ମୌଜା: ବାଷଠୀ, ତହସିଲ: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଯଦୁନାଥ ବେହେରା, ଦକ୍ଷିଣ: ବାଇଧର ଖେଣ୍ଡ, ପୂର୍ବ: ସରକାରୀ ଜମି ଏବଂ ରାସ୍ତା, ପଶ୍ଚିମ: ଦାସରଥି ଖେଣ୍ଡଙ୍କ ପ୍ଲଟ୍ ନଂ.: ୯୪/୧୦୧୬ର ବଳକା ଜମି |

ସ୍ଥାନ: କଟକ, ତାରିଖ : ୦୫.୦୯.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ


# ରାଜ୍ୟସ୍ତରୀୟ ଗୁରୁପୂଜନ, ସ୍ୱର ମହ୍ଲାର ମହୋତ୍ସବ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**କେନ୍ଦ୍ରାପଡ଼ା ୫।୯ (ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ାର ପ୍ରମୁଖ ସଙ୍ଗଠନ ମୂର୍ଚ୍ଛନା ଓ ଓଡ଼ିଶା କଲଚର୍ ଆର୍ଟ ଏକାଡେମୀ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ବୁଧବାର ରାଜ୍ୟସ୍ତରୀୟ ଗୁରୁ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶାରୁ ୧୨୦ଜଣ ଗୁରୁଙ୍କୁ ଗୁରୁଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଥିବାବେଳେ ଶିଶୁ ପ୍ରତିଭା ସମ୍ମାନରେ ୬୦ଜଣ ଯୁବ ପ୍ରତିଭା ସମ୍ମାନରେ ୩୦ଜଣ ଓ ଓଡ଼ିଶା ଗୌରବ ସମ୍ମାନରେ ୪୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଓ ସଭାପତି ବସନ୍ତ କୁମାର ଦାସ ପ୍ରାରମ୍ଭରେ ଗୁରୁ ପୂଜନ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରୋଗ୍ରାମ ଅଧିକାରୀ ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ ଶଶଧର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ପରାମର୍ଶଦାତା ନବ କିଶୋର ଦାସ, ବ୍ୟଙ୍ଗ କବି ସମ୍ପଦ ରଥ, ଜେନେରାଲ ମ୍ୟାନେଜର କ୍ଷୀରୋଦ କୁମାର ସାହୁ, ଭାଗବତ ପ୍ରଚାର ସମିତିର ରାଜ୍ୟ ସଭାପତି ନଙ୍ଗୁଳି ବାବା, ବରଗଡ଼ କଂସ ବାସୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବକୁ ଅନିକଳ କୁମାର ବାରିକ, ମୋନାଲିସା ମୁଦୁଲି, ଶ୍ରାବଣୀ ମହାନ୍ତି, ନିରାକାର ମହାରଣା ଓ କ୍ରିଷ୍ଣା ଦତ୍ତ ପ୍ରମୁଖ ସହଯୋଗ କରିଥିଲେ।


Bhubaneswar Municipal Corporation
Phone: 0674-2431253, Fax: 0674-2432895
E-mail: info@bmc.gov.in, Web: bmc.gov.in
XXXXX-II-SBAC-118/24
No. 36443 **ନୋଟିସ୍** Date: 03.09.2024

No. C-545: ଏତଦ୍ୱାରା ସମସ୍ତ ଧାର୍ମିକସ୍ଥଳ କର୍ତ୍ତୃପକ୍ଷ/କର୍ମକର୍ତ୍ତା/ପରିଚାଳକ/ତତ୍ତ୍ୱାବଧାରକ/ ପୂଜକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଧାର୍ମିକସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟ ବଜାୟ ରଖିବା ସହ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭୁବନେଶ୍ୱର, ସର୍ବୋପରି ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଅଛି।

ସ୍ମାର୍ଟ ସିଟି ଭୁବନେଶ୍ୱର ଭାରତର ଅନ୍ୟତମ ମନ୍ଦିର ମାଳିନୀ ସହର। ଆଜିର ଦିନରେ ସହରର ବର୍ଜ୍ୟ ପ୍ରକ୍ରିୟାକରଣ ବିଜ୍ଞାନ ସମ୍ମତଭାବେ ଆଗେଇ ଚାଲିଥିବା ବେଳେ, ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ (ବିଏମ୍‌ସି) ଭୁବନେଶ୍ୱରର ପ୍ରମୁଖ ଧର୍ମସ୍ଥଳୀ ବର୍ଜ୍ୟକୁ ପ୍ରକ୍ରିୟାକରଣ କରିବା ପାଇଁ ପଦକ୍ଷେପ ନେଇଛନ୍ତି।

ଏଣୁ ଧାର୍ମିକସ୍ଥଳ କର୍ତ୍ତୃପକ୍ଷ ନିମ୍ନଲିଖିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ।

- ମୁଖ୍ୟତଃ ଧାର୍ମିକସ୍ଥଳଗୁଡ଼ିକରୁ ଫୁଲ, କଦଳୀ ଚୋପା, ବେଲପତ୍ର, କଦଳୀ ପତ୍ର, ଖଳିପତ୍ର, ନଡ଼ିଆ କତା ଓ ଷଢ଼େଇ, ଗୁଆ, ଲେମ୍ବୁ, ବାଉଁଶ ଡାଲା, ତାଳ ଭୋଗେଇ, ପୋଡ଼ା ଧୂପକାଠି ଓ ଖୋଳ, ବ୍ୟବହୃତ ଦୀପ, ସଳିତା, ଅଦରକାରୀ ବା ବଳକା ପ୍ରସାଦ, ଅବଢ଼ା, ଫଳମୂଳ, ଅଗରୁ, ଚନ୍ଦନ ଓ ଗଙ୍ଗା ଜଳ ବୋତଲ, ଠାକୁରଙ୍କ ଅବ୍ୟବହୃତ ପୋଷାକ, ସାଲୁକନା ଇତ୍ୟାଦି ବାହାରିଥାଏ।
- ଏହି ସବୁ ବର୍ଜ୍ୟକୁ ଦୁଇଟି ଡଷ୍ଟବିନ୍‌ରେ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ରଖନ୍ତୁ।
- ଓଦା ଡଷ୍ଟବିନ୍‌ରେ ଫୁଲ, କଦଳୀ ଚୋପା, ବେଲପତ୍ର, କଦଳୀ ପତ୍ର, ଲେମ୍ବୁ, ଅଦରକାରୀ ବା ବଳକା ପ୍ରସାଦ, ଅବଢ଼ା, ଫଳମୂଳ ଇତ୍ୟାଦି ଏବଂ ଶୁଖିଲା ଡଷ୍ଟବିନ୍‌ରେ–ଖଳିପତ୍ର, ନଡ଼ିଆ କତା ଓ ଷଢ଼େଇ, ଗୁଆ, ବାଉଁଶ ଡାଲା, ତାଳ ଭୋଗେଇ, ପୋଡ଼ା ଧୂପକାଠି ଓ ଖୋଳ, ବ୍ୟବହୃତ ଦୀପ, ସଳିତା, ପୂଜା ଦ୍ରବ୍ୟ ବୋତଲ, ଠାକୁରଙ୍କ ଅବ୍ୟବହୃତ ପୋଷାକ, ସାଲୁକନା ଆଦି ରଖିବା ଦରକାର।
- ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରତି ଜୋନରେ ମନ୍ଦିର ଆବର୍ଜନା ପରିବହନ କରିବାକୁ ସ୍ୱତନ୍ତ୍ର ଗାଡ଼ି ରହିଛି। ଏହି ଗାଡ଼ି ନିୟମିତ ମନ୍ଦିର ଆବର୍ଜନା ସଂଗ୍ରହ କରି ନିର୍ଦ୍ଧାରିତ ସ୍ଥାନରେ ପକାଇବା ପାଇଁ ବ୍ୟବସ୍ଥା କରାଯାଇଅଛି। ତେଣୁ ଆପଣ ଉପଯୁକ୍ତ ମାସିକ ଉପଭୋକ୍ତା ଦେୟ (User's fee) ପ୍ରଦାନ କରି ବିଏମ୍‌ସିକୁ ହସ୍ତାନ୍ତର କରିବେ।
- ଯେଉଁ ମନ୍ଦିରରେ ଦୈନିକ ରୋଷେଇ ଓ ଭୋଜି କରିବାର ବ୍ୟବସ୍ଥା ରହିଛି, ସେମାନେ ମାସିକ ଉପଭୋକ୍ତା ଦେୟ (User's fee) ପ୍ରଦାନ କରି ନିର୍ଦ୍ଧାରିତ ଗାଡ଼ିରେ ବର୍ଜ୍ୟବସ୍ତୁ ଦେବେ। ଯେଉଁ ମନ୍ଦିରରେ ବେଳେ ବେଳେ ଭୋଜି ଆୟୋଜନ କରନ୍ତି, ସେମାନେ ବିଏମ୍‌ସିର ଗାଡ଼ି ସଫା ଭୁବନେଶ୍ୱର ଆପ୍ ମାଧ୍ୟମରେ ବୁକିଂ କରି ଉପଯୁକ୍ତ ଉପଭୋକ୍ତା ଦେୟ (User's fee) ପ୍ରଦାନ ପୂର୍ବକ ବିଏମ୍‌ସିକୁ ହସ୍ତାନ୍ତର କରିବେ।
- ଧର୍ମସ୍ଥଳୀଗୁଡ଼ିକରେ ସରକାରଙ୍କ ନିୟମ ଅନୁସାରେ ଏକକ ବ୍ୟବହାର ପ୍ଲାଷ୍ଟିକ ଦ୍ରବ୍ୟକୁ ନିଷିଦ୍ଧ କରାଯାଇଅଛି। ତେଣୁ ସର୍ବସାଧାରଣଙ୍କ ଦୃଷ୍ଟିଗୋଚର ହେଲାଭଳି ସ୍ଥାନରେ "ଏହି ଧର୍ମସ୍ଥଳୀରେ ଏକକ ବ୍ୟବହାର ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ମନା, ଆବଶ୍ୟକ ହେଲେ କପଡ଼ା ବ୍ୟାଗ୍ କିମ୍ବା ଜୈବ ବିଘଟନଯୋଗ୍ୟ ପାତ୍ରର ଉପଯୋଗ କରନ୍ତୁ" ଇତ୍ୟାଦି ବାର୍ତ୍ତା ଲେଖି ନୋଟିସ ମାରିବେ।

ବି.ଦ୍ର.: ଉପରୋକ୍ତ ନୋଟିସର ଅବଜ୍ଞା କରିବା/ଅନୁପାଳନରେ ବାଧା ସୃଷ୍ଟି କରିବା ଦୃଷ୍ଟିଗୋଚର ହେଲେ ସମ୍ପୃକ୍ତ ଅନୁଷ୍ଠାନ/ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ।

ସ୍ୱା./– (ଶ୍ରୀ ରାଜେଶ ପ୍ରଭାକର ପାଟିଲ)
କମିଶନର
ଭୁବନେଶ୍ୱର ମହାନଗର ନିଗମ

Bhubaneswar Municipal Corporation, BMC-ICOMC Tower, Unit-IX, Bhubaneswar-751022, Odisha, India
OIPR-13002/11/0067/2425


See Career Appointment on every Wednesday & Saturday



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ଦଳର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଭେଟି ସଦସ୍ୟତା ସାର୍ଟିଫିକେଟ୍ ଦେଉଛନ୍ତି।

## ଆଡଭାନୀଙ୍କୁ ଭାଜପା ସଦସ୍ୟତା ସାର୍ଟିଫିକେଟ ଦେଲେ ନଡ୍ଡା

ନୂଆଦିଲ୍ଲୀ,୫।୯

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କ ବାସଭବନକୁ ଯାଇ ତାଙ୍କ ଦଳୀୟ ସଦସ୍ୟତାକୁ ନବୀକରଣ କରାଇବା ସହ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ନଡ୍ଡାଙ୍କ ସହ ଭାଜପା ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ଗୌତମ ମଧ୍ୟ ଆଡଭାନୀଙ୍କ ବାସଭବନକୁ ଯାଇଥିଲେ। ସେପ୍ଟେମ୍ବର ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ କରିବା ସହ ନିଜ ସଦସ୍ୟତାକୁ ନବୀକରଣ କରାଇଥିଲେ। ଦଳର ଏହି ସଦସ୍ୟତା ଅଭିଯାନ କେବଳ ଏକ ରୀତି ନୁହେଁ, ପରିବାରର ସମ୍ପ୍ରସାରଣ ଏବଂ ଆଦର୍ଶଗତ ଆନ୍ଦୋଳନ ବୋଲି ମୋଦି କହିଥିଲେ। ସେହିପରି ଗୁରୁବାର ବର୍ଷୀୟାନ ନେତା ମୁରଲୀ ମନୋହର ଜୋଷୀଙ୍କୁ ମଧ୍ୟ ଭାଜପା ସଦସ୍ୟତା ସାର୍ଟିଫିକେଟ ପ୍ରଦାନ କରାଯାଇଛି।

## ନିର୍ବାଚନ ପୂର୍ବରୁ ହରିୟାଣା ଭାଜପାରେ ବିଦ୍ରୋହ

### ମନ୍ତ୍ରୀ ରଞ୍ଜିତ ଚୌତାଲା, ବିଧାୟକ ଲକ୍ଷ୍ମଣଙ୍କ ଇସ୍ତଫା

ଚଣ୍ଡିଗଡ଼,୫।୯

ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଦଳ ଭାଜପାରେ ବିଦ୍ରୋହ ଦେଖାଦେଇଛି। ଅକ୍ଟୋବର ୫ରେ ହରିୟାଣାରେ ଭୋଟ ହେବାକୁ ଥିବାବେଳେ ଭାଜପା ବୁଧବାର ପ୍ରଥମ ପ୍ରାର୍ଥୀ ତାଲିକାରେ ୬୭ ଜଣଙ୍କ ନାଁ ଘୋଷଣା କରିଥିଲା। ଟିକେଟ ପାଇ ନ ଥିବାରୁ ମନ୍ତ୍ରୀ ରଞ୍ଜିତ ସିଂ ଚୌତାଲା ଏବଂ ବିଧାୟକ ଲକ୍ଷ୍ମଣ ଦାସ ନାପା ଦଳ ଛାଡ଼ିଛନ୍ତି। ସେହିପରି ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ପୂର୍ବତନ ମନ୍ତ୍ରୀ କରନଦେବ କାମ୍ବୋଜ୍ ରାଜ୍ୟ ଭାଜପାର ଓବିସି ମୋର୍ଚ୍ଚା ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

ଶକ୍ତି ଓ ଜେଲ ବିଭାଗ ମନ୍ତ୍ରୀ ଥିବା ୭୯ ବର୍ଷୀୟ ରଞ୍ଜିତ ହେଉଛନ୍ତି ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀଲାଲ୍‌ଙ୍କ ପୁଅ। ସେ ତାଙ୍କ ସମର୍ଥକମାନଙ୍କ ସହ ଆଲୋଚନା କରିବା ପରେ ଭାଜପା ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ବରିଷ୍ଠ ନେତା ଦଳ ଛାଡ଼ିବାକୁ ନେଇ ଭାଜପା ଅଡୁଆରେ ପଡ଼ିଛି। ବିଧାୟକ ଲକ୍ଷ୍ମଣ ଦଳ ଛାଡ଼ିବା ପରେ ନୂଆଦିଲ୍ଲୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡାଙ୍କୁ ଭେଟିଥିଲେ। ସେ ତାଙ୍କ ସମର୍ଥକମାନଙ୍କ ସହ କଂଗ୍ରେସରେ



ରଞ୍ଜିତ ସିଂ ଚୌତାଲା

ଯୋଗଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ରଞ୍ଜିତ ରାନିଆ ଆସନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଥିବାବେଳେ ଭାଜପା ସେଠାରୁ ଶିଷପାଲ କମ୍ବୋଜଙ୍କୁ ପ୍ରାର୍ଥୀ କରିଥିଲା। ଲୋକ ସଭା ନିର୍ବାଚନ ପୂର୍ବରୁ ସ୍ୱାଧୀନ ବିଧାୟକ ଥିବା ରଞ୍ଜିତ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ସେ ହିସାରରୁ ଲୋକ ସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ହାରିଯାଇଥିଲେ। ଲକ୍ଷ୍ମଣ ଫତେହାବାଦ ଜିଲା ରାଟିଆ ସଂରକ୍ଷିତ ଆସନରୁ ବିଧାୟକ ଥିବାବେଳେ ନିର୍ବାଚନମଣ୍ଡଳୀର ବହୁ ବିକାଶମୂଳକ କାର୍ଯ୍ୟ କରିଥିଲେ। ଦଳ ପୁନର୍ବାର ଟିକେଟ ନ ଦେବାର କାରଣ କ'ଣ ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି।

### ବିଧାନସଭାରେ ଉଠିଲା ରେଭେନ୍‌ଶା ନାମ ପରିବର୍ତ୍ତନ ପ୍ରସଙ୍ଗ

## ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୫।୯(ଅନିଲଦାସ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାଁର ପରିବର୍ତ୍ତନ ନେଇ ବ୍ୟକ୍ତିଗତ ମନ୍ତବ୍ୟ ରଖିବା ପରେ ରାଜନୈତିକ ବୟାନବାଜି ତେଜିଛି। ରେଭେନ୍‌ଶା ନାମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ଉଭୟ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଥିଲେ, ରେଭେନ୍‌ଶା ନାମ ପରିବର୍ତ୍ତନ ନେଇ କେନ୍ଦ୍ରମନ୍ତ୍ରୀ ବ୍ୟକ୍ତିଗତ ମତ ଦେଇଥିଲେ। ଏହାପରେ ଛାତ୍ର ଆନ୍ଦୋଳନ ତୀବ୍ର ହେଉଛି। ବିରାଟ ଆନ୍ଦୋଳନ ଦାନା ବାନ୍ଧୁଛି। ୧୫୬ ବର୍ଷ ଧରି ରେଭେନ୍‌ଶାରୁ ବହୁ ଛାତ୍ର ରାଜ୍ୟ, ଦେଶ ତଥା ବିଦେଶର



ବହୁ ବଡ଼ ପଦପଦବୀରେ ରହିଛନ୍ତି। ସେମାନଙ୍କୁ ଏହା ଆଘାତ ଦେଇଛି। ନାମ ପରିବର୍ତ୍ତନ କରିବା ପରିବର୍ତ୍ତେ ଶିକ୍ଷାର ଗୁଣାତ୍ମକମାନ ଦିଗରେ କାର୍ଯ୍ୟ କରିବା ଦରକାର। ଏ ନେଇ ଗୃହରେ ମୁଖ୍ୟମନ୍ତ୍ରୀ ବିବୃତି ଦିଅନ୍ତୁ ବୋଲି ବ୍ୟୋମକେଶ ଦାବି କରିଥିଲେ। ବିଜେଡିକୁ କାଉଣ୍ଟର କରିଥିଲେ ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ। ସେ କହିଥିଲେ, କେନ୍ଦ୍ରମନ୍ତ୍ରୀଙ୍କ ମତ ବ୍ୟକ୍ତିଗତ। ଓଡ଼ିଶାବାସୀ ଗ୍ରହଣ କରିଛନ୍ତି। ଯେଉଁମାନେ ରିମୋର୍ଟରେ ପରିଚାଳିତ ହେଉଛନ୍ତି ସେମାନେ ବିରୋଧ କରୁଛନ୍ତି। ଏହି ଅନୁଷ୍ଠାନକୁ ଓଡ଼ିଶାର ବରପୁତ୍ରଙ୍କ ନାମରେ ନାମିତ କରାଯିବାରେ କୌଣସି ଅସୁବିଧା ନାହିଁ। ଏବେ ବି ବିଦେଶୀ ମାନସିକତା ଯାଇ ନାହିଁ। ଏ ବିଷୟରେ ବିତର୍କ ହେଉ। ରାଜ୍ୟର ବୁଦ୍ଧିଜୀବୀ ମଧ୍ୟ ନାମ ପରିବର୍ତ୍ତନକୁ ସ୍ୱାଗତ କରୁଛନ୍ତି। କଂଗ୍ରେସ ବିଧାୟିକା ସୋଫିଆ ଫର୍ଦ୍ଦୋସ କହିଥିଲେ, ଆପଣ ମାନୁଛନ୍ତି କି ରେଭେନ୍‌ଶା ନାଁ ପରିବର୍ତ୍ତନ ଅଫିସିଆଲ୍ ଷ୍ଟେଟ୍‌ମେଣ୍ଟ। କଟକବାସୀଙ୍କ ଭାବନା ସହ ଖେଳନ୍ତୁ ନାହିଁ। ଓଡ଼ିଆ ଅସ୍ମିତା କଥା କହୁଥିବା ଦଳ ଗୁଜରାଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମ ପରିବର୍ତ୍ତନ କରି ନରେନ୍ଦ୍ର ମୋଦି ଷ୍ଟାଡିୟମ କରିଦେଲେ। ନାମ ନ ବଦଳାଇ ରେଭେନ୍‌ଶାକୁ ସେଣ୍ଟ୍ରାଲ ୟୁନିଭର୍‌ସିଟି କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ।

ସେହିପରି ରେଭେନ୍‌ଶା ପ୍ରସଙ୍ଗରେ ବିଜେଡି ବିଧାୟକ ସାରଦା ଜେନା କହିଥିଲେ, ଶିକ୍ଷାନୁଷ୍ଠାନ ନାଁ ପରିବର୍ତ୍ତନ ବଦଳରେ ଶିକ୍ଷାର ମାନ ଉନ୍ନତିକୁ ଗୁରୁତ୍ୱ ଦିଆଯାଉ। ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଥିଲେ, ନାଁ ପରିବର୍ତ୍ତନ ନେଇ ତର୍ଜମା ପାଇଁ କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହାର ତର୍ଜମା ହେଉ।

## ନୀଳଗିରି ଏନ୍‌ଏସି ଅନାସ୍ଥା ପ୍ରସଙ୍ଗ: ଅଧ୍ୟକ୍ଷାଙ୍କୁ ସାମୟିକ ଆଶ୍ୱସ୍ତି

ନୀଳଗିରି, ୫।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗକୁ ନେଇ ହାଇକୋର୍ଟଙ୍କ ରାୟ ତାଙ୍କୁ ସାମୟିକ ଆଶ୍ୱସ୍ତି ଦେଇଛି। ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଅଗଷ୍ଟ ୫ରେ ଭାଜପାର ୧୧ଜଣ କାଉନସିଲରଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅନାସ୍ଥା ପ୍ରସ୍ତାବ ମୁତାବକ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ୧୯୫୦ ଧାରା ୫୪ (୨) ଅନୁସାରେ ନୀଳଗିରି ଉପ-ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଗତ ୧୪ ତାରିଖରେ ନୀଳଗିରି ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ହେବା ସହ ଅପରାହ୍ନରେ ଆବଶ୍ୟକ ସ୍ଥଳେ ଭୋଟ ଗ୍ରହଣ ହେବାର ଥିଲା। ମାତ୍ର ଅଧ୍ୟକ୍ଷା ଗତ ୧୨ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ, ଅନାସ୍ଥା ପ୍ରସ୍ତାବ ବିପକ୍ଷରେ ପ୍ରଥମେ ଅଗଷ୍ଟ ୩୦ ତାରିଖ ଏବଂ ପରେ ସେପ୍ଟେମ୍ବର ୫ତାରିଖ ପର୍ଯ୍ୟନ୍ତ ସ୍ଥଗିତାଦେଶ ମିଳିଥିଲା। ଏନେଇ ଗୁରୁବାର ଉଚ୍ଚ ନ୍ୟାୟାଳୟର ସିଙ୍ଗଲ ବେଞ୍ଚରେ ବିଭିନ୍ନ ଦିଗକୁ ବିଚାର କରାଯାଇ ମାମଲାର ପରିସମାପ୍ତି କରାଯାଇଛି ବୋଲି ରାୟ ପ୍ରକାଶ ପାଇଛି। ଫଳରେ ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବରୁ ତାଙ୍କୁ ସାମୟିକ ଆଶ୍ୱସ୍ତି ମିଳିଥିବା ସୂଚନା ମିଳିଛି।

## ଦୌଲତପୁର ସରପଞ୍ଚଙ୍କ ସମେତ ୫ ଗିରଫ

### ଭାଜପା ରାଜ୍ୟ ସଭାପତି, ଏମ୍‌ପିଙ୍କୁ କଳାପତାକା ପ୍ରଦର୍ଶନ ଘଟଣା

ତିହିଡ଼ି, ୫।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ପିରହାଟ ବଜାରରେ ବିଜେଡି ନେତା ଓ କର୍ମୀମାନେ ବୁଧବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ କଳାପତାକା ପ୍ରଦର୍ଶନ କରିବା ସହ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ। ଏହି ଘଟଣାରେ ପୋଲିସ ଦୌଲତପୁର ସରପଞ୍ଚ ପ୍ରଭାତ କୁମାର ମିଶ୍ର, ସମିତିସଭ୍ୟାଙ୍କ ପ୍ରତିନିଧି ଗୋପବନ୍ଧୁ ସେନାପତିଙ୍କ ସମେତ ବିଜେଡି କର୍ମୀ ନମେଇସାହି ଗ୍ରାମର ନିରାକାର ଭଳ, ମାଳପୁର ଗ୍ରାମର ଜିତେନ୍ଦ୍ର ଦାସ ଓ ଚନ୍ଦ୍ରକାଟବିନ୍ଧା ଗ୍ରାମର ପ୍ରଶାନ୍ତ ଜେନାଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି। କନ୍‌ଷ୍ଟେବଲ ବିମ୍ବାଧର ମୁର୍ମୁଙ୍କ ଅଭିଯୋଗକ୍ରମେ ଏହି ଘଟଣାରେ ଏକ ମାମଲା (ନଂ.୨୦୫/୨୪)ରୁଜୁ ହୋଇଛି। ସୂଚନାଯୋଗ୍ୟ, ଚାନ୍ଦବାଲି ବ୍ଲକ୍ ଅଧୀନ ମତୋ ଯୁକ୍ତ ୩ ସ୍ନାତକ କଲେଜର ପ୍ରତିଷ୍ଠା ଉତ୍ସବରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଅତିଥି କରାଯାଇ ନ ଥିବାରୁ ବିଜେଡି କର୍ମୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବୁଧବାର ପୂର୍ବାହ୍ନରେ ରାଜ୍ୟ ସଭାପତି ସାମଲ ଓ ଏମ୍‌ପି ସେଠୀ ଉତ୍ସବରେ ଯୋଗଦେବାକୁ ଯାଉଥିବା ବେଳେ ବିଜେଡି କର୍ମୀମାନେ କଳାପତାକା ପ୍ରଦର୍ଶନ ସହ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିଥିଲେ।

## ରେଭେନ୍‌ଶାଙ୍କ ପରେ ଫକୀରମୋହନଙ୍କ ପାଳି କି: ବିଜେଡି

ଭୁବନେଶ୍ୱର,୫।୯(ଅନିଲଦାସ)

ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତି ଭାଜପା ଯୁବମୋର୍ଚ୍ଚାର ସଭାପତି ଯେଉଁଭଳି କଟୁ ଓ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି ତାହାକୁ ବିଜେଡି ଦୃଢ଼ ନିନ୍ଦା କରିଛି। ଶଙ୍ଖଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଓ ଢୁମ୍ପନାଥ ପଣ୍ଡା କହିଛନ୍ତି ଯେ, ଓଡ଼ିଆ ଅସ୍ମିତାର ନାରାଦେଇ ଓଡ଼ିଆଙ୍କ ଭାବ ପ୍ରବଣତା ସହ ଖେଳିଥିବା ଭାରତୀୟ ଜନତା ପାର୍ଟିର ଅସଲ ସ୍ୱରୂପ ଏବେ ପଦାରେ ପଡ଼ିଛି। ଓଡ଼ିଆ ଅସ୍ମିତାର ପ୍ରତୀକ ତଥା ଓଡ଼ିଆ ସାହିତ୍ୟର ପ୍ରାଣବିନ୍ଦୁ ବ୍ୟାସକବି ଫକୀରମୋହନ ସେନାପତି, ବ୍ରିଟିଶଙ୍କୁ ତେଲ ମାଲିସ କରୁଥିଲେ ବୋଲି



ଢୁମ୍ପନାଥ ପଣ୍ଡା ଓ ଲେନିନ୍ ମହାନ୍ତି

ଭାଜପା ଯୁବମୋର୍ଚ୍ଚା ସଭାପତି ଦେଇଥିବା ମନ୍ତବ୍ୟ ରାଜ୍ୟବାସୀଙ୍କ ମନରେ ଗଭୀର ଆଘାତ ଦେଇଛି। ଏଥିସହିତ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବା ପାଇଁ 'ଉତ୍କଳ ସମ୍ମିଳନୀର ପୁରୋଧାମାନେ ବ୍ରିଟିଶ ସହିତ ସାଲିସ କରୁଥିଲେ' ବୋଲି ଭାଜପା ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଭାଷାଭିତ୍ତିକ ରାଜ୍ୟ ଗଠନ ହେବାର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିଲା ବେଳେ ଆମେ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛେ। କିନ୍ତୁ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେବାରେ ଅଗ୍ରପୂଜ୍ୟ ଫକୀରମୋହନ ସେନାପତି ଓ ଉତ୍କଳ ସମ୍ମିଳନୀର ଅନ୍ୟମାନଙ୍କ ସ୍ତୁତିଚାରଣ କରିବା ବଦଳରେ ତାଙ୍କୁ ବ୍ରିଟିଶଙ୍କ ଏଜେଣ୍ଟ ଭାବେ ଅଭିହିତ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବିଜେଡି ମୁଖପାତ୍ର ଦ୍ୱୟ କହିଛନ୍ତି। ରେଭେନ୍‌ଶା ବିବାଦ ସୃଷ୍ଟି କଲା ପରେ ବ୍ୟାସକବି ଫକୀରମୋହନ ସେନାପତି ଓ ଉତ୍କଳ ସମ୍ମିଳନୀକୁ ନେଇ ଭାଜପା ଯେଉଁ ବିବାଦ ସୃଷ୍ଟିକରିବା ପାଇଁ ଉଦ୍ୟମ ଆରମ୍ଭ କରିଛି, ତାହା ଓଡିଶା ମାଟିରେ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ଏ ବାବଦରେ ରାଜ୍ୟବାସୀଙ୍କ ସାମ୍ନାରେ ଉତ୍ତର ରଖନ୍ତୁ ବୋଲି ବିଜେଡି ଦାବି କରିଛି।

## ୧୨ରେ ଆସ୍ଥା ଭୋଟର ସମ୍ମୁଖୀନ ହେବେ ଏନ୍‌ଏସି ଅଧ୍ୟକ୍ଷା

ପୁରୁଷୋତ୍ତମପୁର,୫।୯ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡଙ୍କ ବିରୋଧରେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ୯ ଜଣ କାଉନସିଲର ସୋମବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କଠାରେ ଫେରାଦ ହୋଇ ଅନାସ୍ଥା ପ୍ରସ୍ତାବ ଲାଗି ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୨ ତାରିଖରେ ଆସ୍ଥା ଭୋଟ ଲାଗି ଅଧ୍ୟକ୍ଷା ଓ ୧୩ ଜଣ କାଉନ୍‌ସିଲରଙ୍କୁ ଜିଲାପାଳ ଗୁରବାର ନୋଟିସ ଜାରି କରିଛନ୍ତି। ଆସ୍ଥା ଭୋଟ ପରିଚାଳନା କରିବା ଲାଗି ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତଙ୍କୁ ପ୍ରିଜାଇଡିଂ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୧ଟାରେ ଆସ୍ଥା ଭୋଟ

### ପୁରୁଷୋତ୍ତମପୁର ଏନ୍‌ଏସି



ପ୍ରିୟଙ୍କା ଗୌଡ଼

ପାଇଁ ସମୟ ଧାର୍ଯ୍ୟ ହୋଇଥିବା ନେଇ ଏନଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା କହିଛନ୍ତି। ଅଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଉପାଧ୍ୟକ୍ଷ ଓ ୮ ଜଣ କାଉନସିଲର ଏକାଠି ହୋଇ ୬ ଦିନ ହେଲା ଅଜ୍ଞାତବାସରେ ରହିଥିବା ବେଳେ ଅଧ୍ୟକ୍ଷା କିପରି ପଦ ବଜାୟ ରଖିବେ ସେଥିନେଇ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି।

ଫୁରସତ

## ରଙ୍ଗ ବଦଳାଉଛି ରହସ୍ୟମୟୀ ହ୍ରଦ

**ନୈନିତାଲ:** ଭାରତରେ ଏପରି ଅନେକ ସ୍ଥାନ ରହିଛି, ଯାହାର ସୋନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେହିପରି ଦେଶରେ କିଛି ଏପରି ପର୍ଯ୍ୟଟନ ସ୍ଥଳୀ ରହିଛି, ଯାହା ରହସ୍ୟରେ ପରିପୂର୍ଣ୍ଣ। ତେବେ ଉକ୍ତ ପର୍ଯ୍ୟଟନ ସ୍ଥଳଗୁଡ଼ିକ ସମ୍ପର୍କରେ ବହୁତ କମ୍ ଲୋକ ସଚେତନ ଥାଆନ୍ତି।

ଉତ୍ତରାଖଣ୍ଡରେ ଏପରି ଏକ ହ୍ରଦ ରହିଛି, ଯାହାର ରହସ୍ୟ ସମ୍ପର୍କରେ ଅଧିକାଂଶ ଲୋକ ଜାଣିନାହାନ୍ତି। ନୈନିତାଲଠାରୁ ୧୧ କିଲୋମିଟର ଦୂରରେ ଅବସ୍ଥିତ 'ଖୁର୍‌ପା ତାଲ' ନାମକ ଏକ ହ୍ରଦ କେବଳ ନିଜର ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ନିଜ ରହସ୍ୟ ଯୋଗୁ ପ୍ରସିଦ୍ଧ। ଏହି ହ୍ରଦଟି ଦୂରରୁ ଘୋଡ଼ାର ପାଦ ଭଳି ଦେଖାଯାଏ। ଘୋଡାର ପାଦକୁ ହିନ୍ଦୀରେ ଖୁର କୁହାଯାଏ। ତେଣୁ ହ୍ରଦର ନାମ ଖୁରପା ତାଲ ରହିଛି। ସମୁଦ୍ର ପତ୍ତନଠାରୁ ଖୁରପା ତାଲ ହ୍ରଦର ଉଚ୍ଚତା ୧,୬୩୫ ମିଟର ରହିଛି।

ଖୁରପା ତାଲ ହ୍ରଦ ନିଜର ରହସ୍ୟ ଯୋଗୁ ପ୍ରସିଦ୍ଧ। ଏହି ହ୍ରଦରେ ଥିବା ଜଳର ରଙ୍ଗ ସ୍ୱୟଂଚାଳିତ ଭାବରେ ବଦଳିଥାଏ। ବେଳେବେଳେ ଏହା ଲାଲ ହୋଇଯାଇଥିବା ବେଳେ କେତେକ ସମୟରେ ଏହାର ରଙ୍ଗ କଳା ମଧ୍ୟ ହୋଇଯାଏ। ସେହିପରି



ଅନେକ ସମୟରେ ଏହାର ରଙ୍ଗ ଗାଢ଼ ସବୁଜକୁ ମଧ୍ୟ ବଦଳିଯାଏ। ବୈଜ୍ଞାନିକଙ୍କ ମତରେ ହ୍ରଦରେ ଉପସ୍ଥିତ ଥିବା ଶୈବାଳ କାରଣରୁ ଏହି ଜଳର ରଙ୍ଗ ବଦଳିଥାଏ। ଯେତେବେଳେ ଶୈବାଳଗୁଡିକ ମଞ୍ଜି ଛାଡ଼ିଥାନ୍ତି, ସେମାନଙ୍କ ଉପରେ ପଡୁଥିବା ସୂର୍ଯ୍ୟ କିରଣ ଯୋଗୁ ଏହାର ରଙ୍ଗ ଆପେ ଆପେ ପରିବର୍ତ୍ତନ ଘଟିଥାଏ। ଏଥିରେ କୌଣସି ଚମତ୍କାର ନାହିଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ବିଜ୍ଞାନ ଏବଂ ପ୍ରକୃତିର ଖେଳ ଏହି ହ୍ରଦରେ ଲୁଚି ରହିଥିବାବେଳେ ପ୍ରତି ବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ରଙ୍ଗ ବଦଳାଉଥିବା ରହସ୍ୟମୟୀ ହ୍ରଦକୁ ଦେଖିବାକୁ ଆସିଥାନ୍ତି।

## ଶିଙ୍ଗ ଥିବା ବ୍ୟକ୍ତି

**ଭୋପାଳ:** ମଧ୍ୟପ୍ରଦେଶର ଶାଗର ଜିଲାସ୍ଥିତ ଶ୍ୟାମ ଲାଲ ଯାଦବ ନାମକ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୁଣ୍ଡରେ ଶିଙ୍ଗ ଉଠିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ମୁଣ୍ଡରେ ବନ୍ୟପ୍ରାଣୀଙ୍କ ପରି ଶିଙ୍ଗ ଉଠିଥିବା ନେଇ ଅନେକ ଫଟୋ ଭାଇରାଲ ମଧ୍ୟ ହୋଇଛି। ଏନେଇ ଶ୍ୟାମଲାଲ କହିଛନ୍ତି, ୨୦୧୪ରେ ଏକ ଦୁର୍ଘଟଣା ପରେ ତାଙ୍କ ମୁଣ୍ଡରେ ଶିଙ୍ଗ ଉଠିବାକୁ ଲାଗିଥିଲା। ପ୍ରଥମେ କିଛି ଦିନ ସେ ଏହାକୁ ହେୟଜ୍ଞାନ କରିଥିଲେ। କିନ୍ତୁ ଶିଙ୍ଗଟି ତାଙ୍କ କପାଳରେ ବଢ଼ିବାକୁ ଲାଗିଥିଲା। ବହୁ ବର୍ଷ ଧରି ସେ ଉକ୍ତ ଶିଙ୍ଗକୁ କଇଁଚି ସାହାଯ୍ୟରେ କାଟିବାକୁ ପ୍ରୟାସ କରିଥିଲେ। ଏହାପରେ ମଧ୍ୟ ଶିଙ୍ଗଟି ତାଙ୍କ ମୁଣ୍ଡରେ ଦ୍ରୁତ ଗତିରେ



ବଢ଼ିବାକୁ ଲାଗିଥିଲା। ତେଣୁ ସେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଉକ୍ତ ଶିଙ୍ଗ ପରୀକ୍ଷା କରିବା ପରେ ଏହା ଏକ ଡେଭିଲ ହର୍ନ ବା ଆନିମଲ ହର୍ନ ହୋଇଥିବା ଡାକ୍ତର କହିଛନ୍ତି। ଏହା ଏକ ରେୟାର ଡିସ୍‌ଅର୍ଡର ହୋଇଥିବାବେଳେ ଏଥିରେ ଶିଙ୍ଗ ପରି ଜିନିଷ ମୁଣ୍ଡରେ ବଢ଼ିବାକୁ ଲାଗିଥାଏ। ସେହିପରି ଅନେକ ଥର ଏହି ଡିସ୍‌ଅର୍ଡର କର୍କଟ ପରି ଭୟଙ୍କର ରୋଗର ମଧ୍ୟ ରୂପ ନେଇଥାଏ ବୋଲି ଜଣାପଡ଼ିଛି। ସାଧାରଣତଃ ୬୦ରୁ ୭୦ ବର୍ଷ ବୟସ୍କ ବୃଦ୍ଧମାନଙ୍କଠାରେ ଏପରି ଡିସ୍‌ଅର୍ଡର ଦେଖାଦେବାର ସମ୍ଭାବନା ଥାଏ। ଉକ୍ତ ଶିଙ୍ଗ କେରୋଟିନରେ ତିଆରି ହୋଇଥିବାବେଳେ ଏକ ମାଇନର ଅପରେଶନ୍ କରାଯାଇ ଏହାକୁ ବାହାର କରାଯାଇପାରିବ ବୋଲି ଡାକ୍ତର କହିଛନ୍ତି। ଗୁରୁବାର ଶ୍ୟାମଲାଲଙ୍କର ଅସ୍ତ୍ରୋପଚାର କରାଯାଇ ତାଙ୍କ ମୁଣ୍ଡରେ ଉଠିଥିବା ଶିଙ୍ଗକୁ ସଫଳତାର ସହ କଢ଼ାଯାଇଛି।

## ୨ ଥର ଜନ୍ମଦିନ ପାଳନ୍ତି ପଙ୍କଜ



**ମୁମ୍ବାଇ:** ବଲିଉଡ୍‌ର ଦକ୍ଷ ଅଭିନେତାମାନଙ୍କ ମଧ୍ୟରୁ ପଙ୍କଜ ତ୍ରିପାଠୀ ଅନ୍ୟତମ। ସେ ବିଭିନ୍ନ ଫିଲ୍ମରେ ଅଭିନୟ କରୁଥିବା ଚରିତ୍ରରେ ସମ୍ପୂର୍ଣ୍ଣ ରୂପେ ମଗ୍ନ ହୋଇଯାଆନ୍ତି। ଗୁରୁବାର ପଙ୍କଜ ତାଙ୍କର ୪୮ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ଅବସରରେ ସେ ଏକ ସାକ୍ଷାତ୍‌କାର ଦେଇ ତାଙ୍କୁ ନେଇ ରହିଥିବା ଏକ ମଜାଦାର ଘଟଣା ସମ୍ପର୍କରେ କହିଛନ୍ତି। ପକଞ୍ଜ ବର୍ଷକୁ ୨ ଥର ଜନ୍ମଦିନ ପାଳନ କରନ୍ତି ବୋଲି ସାକ୍ଷାତ୍‌କାରରେ କହିଛନ୍ତି। ପଙ୍କଜ କହିଛନ୍ତି, ଏହା ପଛରେ ଏକ ମଜାଦାର କାରଣ ରହିଛି। ପିଲାଦିନେ ସ୍କୁଲରେ ନାମଲେଖା ସମୟରେ ତାଙ୍କ ଜନ୍ମଦିନ ତାରିଖକୁ ବଡ଼ ଭାଇ ଭୁଲିଯାଇଥିବା କଥା ପଙ୍କଜ କହିଛନ୍ତି। ବଡ଼ଭାଇ ତାଙ୍କର ଜନ୍ମ ମାସ ସେପ୍ଟେମ୍ବର ହୋଇଥିବା ନେଇ ମନେ ରଖିଥିବାବେଳେ ଜନ୍ମ ତାରିଖକୁ ଭୁଲି ଯାଇଥିଲେ। ତେଣୁ ନାମଲେଖା ଫର୍ମରେ କେଉଁ ତାରିଖ ପକାଇବେ ବୋଲି ପଙ୍କଜଙ୍କ ବଡ଼ଭାଇ ଅସୁବିଧାରେ ପଡ଼ିଥିଲେ। ତେବେ ସେଠାରେ ଥିବା ଶିକ୍ଷକ ଜନ୍ମ ତାରିଖକୁ ସେପ୍ଟେମ୍ବର ୫ ଲେଖିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ସେପ୍ଟେମ୍ବର ୫ ଗୁରୁ ଦିବସ ହୋଇଥିବାରୁ ଏହା ଏକ ଭଲ ଦିନ। ପିଲାଟି ବଡ଼ ମଣିଷ ହେବ। ତେବେ ତାଙ୍କର ପ୍ରକୃତ ଜନ୍ମଦିନ ତାରିଖ ସେପ୍ଟେମ୍ବର ୨୮ ହୋଇଥିବା ପଙ୍କଜ କହିଛନ୍ତି। ପ୍ରତିବର୍ଷ ଉଭୟ ସେପ୍ଟେମ୍ବର ୫ ଓ ୨୮ରେ ସେ ନିଜ ଜନ୍ମଦିନ ପାଳନ କରନ୍ତି ବୋଲି ଏହି ସାକ୍ଷାତ୍‌କାରରେ ସେ କହିଛନ୍ତି। ତାଙ୍କୁ ଶେଷ ଥର ପାଇଁ 'ସ୍ତ୍ରୀ ୨' ଫିଲ୍ମରେ ଦେଖିବାକୁ ମିଳିଥିଲା।

# ଭାଜପାର ସ୍ଥାୟିତ୍ୱ ତାମିଲବାବୁଙ୍କ ଦାୟିତ୍ୱ: ବିଭୂତି

ଭୁବନେଶ୍ୱର, ୫।୯ (ସୁନିତ୍ ମିଶ୍ର)

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଖର୍ଚ୍ଚଦାବି ଆଲୋଚନା**

■ **ଶୀତଳଭଣ୍ଡାର ପ୍ରତିଷ୍ଠା ନେଇ ଗୃହରେ ଏକାଧିକ ସଦସ୍ୟଙ୍କ ମତ**

କୃଷି ଓ କୃଷକ ଶସକ୍ତୀକରଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ବେଳେ ବିରୋଧୀ ଓ ଶାସକ ଦଳ ସଦସ୍ୟମାନେ କଥା କଟାକଟି ହେବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଆଲୋଚନା ସମୟରେ ଶାସକ ଦଳ ସଦସ୍ୟ ବିଭୂତି ଭୂଷଣ ପ୍ରଧାନଙ୍କ ବକ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସେ ବିଭାଗ ସମ୍ବନ୍ଧୀୟ ବହୁ ବିଷୟରେ ଆଲୋଚନା କରିବା ସହ ପୂର୍ବ ସରକାରକୁ ଟାର୍ଗେଟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିଜେଡି ସରକାରରେ ଜଣେ ଛାୟା, ଜଣେ କାୟା ମୁଖ୍ୟମନ୍ତ୍ରୀ ଥିଲେ। ଛାୟା ମୁଖ୍ୟମନ୍ତ୍ରୀ ସାଜିଥିବା ଜଣେ ଅଫିସର କେବେହେଲେ ବିଧାନସଭା ଆସିନାହାନ୍ତି। କାୟା ମୁଖ୍ୟମନ୍ତ୍ରୀ କେବେ ବିଧାନସଭାକୁ ଆସନ୍ତି ନାହିଁ, ଯାହା ଆମେ ଟିଭିରେ ଦେଖିଛୁ। ବିଧାନସଭାରେ କିଛିଦିନ ହେଲା ୨୪ ବର୍ଷ, ତାମିଲ, ଅଣଓଡ଼ିଆ, ଓଡ଼ିଆ ଅସ୍ମିତା ଶବ୍ଦ ବାରମ୍ବାର ଶୁଣିବାକୁ ମିଳୁଛି ; ଯାହାକି ଗିନିଜ ବୁକ୍ ରେକର୍ଡରେ ବୋଧହୁଏ ସ୍ଥାନ ପାଇବ। ଆମେ ଏହା ଆଗକୁ ୫ ବର୍ଷ ପର୍ଯ୍ୟନ୍ତ ଏମିତି କହିବୁ। କିନ୍ତୁ ତାମିଲର ମାନେ ସମସ୍ତ ତାମିଲଙ୍କୁ କହୁନାହୁଁ। ସେହିପରି ଅଣଓଡ଼ିଆ କହି ସବୁ ଅଣ ଓଡ଼ିଆଙ୍କୁ ଆକ୍ଷେପ କରୁନାହୁଁ। ସେହି ତାମିଲବାବୁଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ କାରଣ ତାଙ୍କ ଲାଗି ରାଜ୍ୟରେ ଆଜି ଭାଜପା ସରକାରକୁ ଆସିଛି। ଥରେ ଦେଖିଥିଲି ଏକ ପେପରରେ ଲେଖାଯାଇଥିଲା 'କୋଣାର୍କର ସ୍ଥାୟିତ୍ୱ ଡଳେଇର ଦାୟିତ୍ୱ'। ସେମିତି 'ଭାଜପାର ସ୍ଥାୟିତ୍ୱ ତାମିଲବାବୁଙ୍କ ଦାୟିତ୍ୱ' ବୋଲି ସେ କହିଛନ୍ତି।

ସଦସ୍ୟ ପ୍ରଦୀପ କୁମାର ଦିଶାରୀ କହିଛନ୍ତି, ବଜେଟରେ ଯେଉଁଭଳି ବ୍ୟୟବରାଦ ହେବା କଥା ହୋଇନାହିଁ। ପୂର୍ବ ସରକାର ମାଣ୍ଡିଆ ଉତ୍ପାଦନ ଲାଗି ବହୁ ପଦକ୍ଷେପ ନେଇଥିଲେ। ସେକଥା ସମସ୍ତେ ଭଲ ଭାବେ ଜାଣନ୍ତି। ବିଜେଡି ସରକାର ସମୟରେ ମାଣ୍ଡିଆକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଯାଇପାରିଥିଲା। ଏବେ ଏହାକୁ ଆହୁରି ବ୍ୟାପକ କରାଯିବା ଦରକାର। ଚାଷୀଙ୍କୁ ସୁଲଭ ମୂଲ୍ୟରେ ୟୁରିଆ ଯୋଗାଇ ଦିଆଯିବା ଦରକାର ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ସୁଧୀର ରଞ୍ଜନ ପାଟ୍ଟଯୋଶୀ କହିଛନ୍ତି, ଓଡ଼ିଆ ଲୋକଙ୍କ ବଞ୍ଚିବାର ମାଧ୍ୟମ ଚାଷ। ପୂର୍ବ ସରକାର ଅମଳରେ କୃଷକ ସମାଜ ବହୁ ଅବହେଳିତ ହୋଇଛି। ବିଧାୟକ ପ୍ରତାପ ଚନ୍ଦ୍ର ନାଏକ କହିଛନ୍ତି, ସରକାରଙ୍କ ଦାୟିତ୍ୱ ସହିତ ଚାଷୀଙ୍କ ସମସ୍ୟା ବୁଝିବା ଆମମାନଙ୍କ କର୍ତ୍ତବ୍ୟ। ବାସ୍ତବରେ ଚଷାକୁ ଯାହା ଆବଶ୍ୟକତା ରହିଛି ତାକୁ ଯୋଗାଇଦେବା ଦିଗରେ ଆମମାନଙ୍କୁ କାମ କରିବାକୁ ପଡ଼ିବ। ଚଷା ତା'ର ଚାଷ କାମ ଆରମ୍ଭ କରିବା ଦିନଠାରୁ ହିଁ ସଂଘର୍ଷ କରିବା ଆରମ୍ଭ କରିଦିଏ। ଧାନଚାଷ କରିବା ସମୟରେ ଚାଷୀ ପାଖରେ ଟଙ୍କା ନ ଥାଏ। ଋଣରେ ଟଙ୍କା ଆଣି ସେ ଚାଷ କାମ କରିଥାଏ। ଏହାକୁ ଧ୍ୟାନରେ ରଖି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, ଜଳବାୟୁ ପରିବର୍ତ୍ତନ ନେଇ ସାରା ବିଶ୍ୱ ବର୍ତ୍ତମାନ ଚିନ୍ତିତ। ଏଠାରେ ବି ଯାହା ପ୍ଲାଷ୍ଟିକ୍ ବୋତଲ ବ୍ୟବହାର ହେଉଛି ତାକୁ ମଧ୍ୟ ବନ୍ଦ କରିବା ଦରକାର ବୋଲି ସେ କହିଛନ୍ତି। ବିଧାୟକ ଅଶୋକ କୁମାର ମହାନ୍ତି କହିଛନ୍ତି, ପୂର୍ବ ସରକାର ବାସ୍ତବରେ ଯଦି ଚାଷକୁ ଗୁରୁତ୍ୱ ଦେଇଥାଆନ୍ତେ ତେବେ ଯାହା କହିଥିଲେ ରାଜ୍ୟରେ ୩୫% ଜମିକୁ ଜଳସେଚନ କରିବେ ତାହା ନିଶ୍ଚିତ କରିଥାଆନ୍ତେ। କୋଉ ସଂସ୍ଥାଠାରୁ ପ୍ରାୟୋଜିତ କୃଷି କର୍ମଣ ପୁରସ୍କାର ଯୋଗାଡ଼ କରି ବାହାବା ନେଇ ନ ଥାଆନ୍ତେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ପୂର୍ବ ସରକାର କହୁଥିଲା ଅଣ୍ଡା, କୁକୁଡ଼ା, ମାଛ, ଆମ୍ବ, କ୍ଷୀର ସବୁ ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ। ହେଲେ ବାସ୍ତବରେ ଏହିସବୁ ଜିନିଷ ଆନ୍ଧ୍ରରୁ ଆମଦାନୀ ହେଉଛି। ଆଳୁ ମିଶନ କରିବ ବୋଲି କହି ୧୦୦ କୋଟି ଟଙ୍କା ଆଲୋକେଶନ କରିଥିଲେ। ହେଲେ ଆଳୁ ମିଶନରେ ଫେଲ୍ ହେଲେ ବୋଲି ସେ କହିଛନ୍ତି। ବିଧାୟକ ଭାଦବ ହାଁସଦା କହିଛନ୍ତି, ଧାନ ଉତ୍ପାଦନରେ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ରହିଛି। ମୟୂରଭଞ୍ଜ ଜିଲାରେ ଅଧିକ ଶୀତଳଭଣ୍ଡାରର ହେବାର ଆବଶ୍ୟକତା ରହିଛି। ସରକାର ୫୮ଟି ସବ୍‌ଡିଭିଜନରେ ଯେଉଁ ଶୀତଳଭଣ୍ଡାର କରିବାକୁ ଲକ୍ଷ୍ୟ ରଖିଛନ୍ତି ସେଥିରେ ମୟୂରଭଞ୍ଜକୁ ମଧ୍ୟ ସାମିଲ କଲେ ଜିଲାବାସୀ ବହୁ ଉପକୃତ ହେବେ। ରାଜ୍ୟରେ ଆଳୁ ମିଶନ କରାଯାଉ ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ସନ୍ତୋଷ ଖଟୁଆ କହିଛନ୍ତି, ଗତ ସରକାରର ଜମା ବି ଦୂରଦୃଷ୍ଟି ନ ଥିଲା। ଆଳୁ ମିଶନ ଏମାନେ କରିଥିଲେ। କ'ଣ ହେଲା, ତାହା ସମ୍ପୂର୍ଣ୍ଣ ଫେଲ୍ ହେଲା। ଗତ ସରକାର ସୋଲାର ଅପରେଟେଡ୍ ଷ୍ଟୋରେଜ ନିର୍ମାଣ ନ କରିବା କାରଣରୁ ଫେଲ୍ ହେଲେ ବୋଲି ଖଟୁଆ କହିଛନ୍ତି।

# ୫୮ ସବ୍‌ଡିଭିଜନରେ ପିପିପି ମୋଡ୍‌ରେ ଖୋଲିବ ଶୀତଳଭଣ୍ଡାର: କନକ ବର୍ଦ୍ଧନ

ଭୁବନେଶ୍ୱର, ୫।୯ (ସୁନିତ୍ ମିଶ୍ର)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୨୦୨୪-୨୫ ଆର୍ଥିକ ବର୍ଷର ଖର୍ଚ୍ଚଦାବିକୁ ଗୁରୁବାର ବିଧାନସଭାରେ ଅନୁମୋଦନ ମିଳିଛି। ଏହି ବିଭାଗର ଆଲୋଚନା ପରେ ଏହା ଉପରେ ଉତ୍ତର ରଖିବା ସମୟରେ ବିଭାଗୀୟ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବିରୋଧୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ମନ୍ତ୍ରୀ ଉତ୍ତର ରଖିବା ସମୟରେ ବିରୋଧୀ ଗୃହ ଛାଡ଼ି ଚାଲିଯିବାରୁ ରାଗିଯାଇଥିଲେ। ଏହି ଅବସରରେ ମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟକରି କହିଛନ୍ତି, ତାଙ୍କୁ ଜଣା ଥିଲା ବିରୋଧୀ ଏହା ହିଁ କରିବେ। ବିରୋଧୀମାନେ ଭୀରୁ ଭଳି କାର୍ଯ୍ୟ କରୁଛନ୍ତି। ରାଜ୍ୟବାସୀ କେବେହେଲେ ସେମାନଙ୍କୁ କ୍ଷମା ଦେବେ ନାହିଁ। ଇତିହାସ ଏହାର ସାକ୍ଷୀ ରହିବ। ଏଇଟା କ'ଣ କ୍ଲବ୍, ଆସିକି ଏମିତି ହେଉଛ। ସତ୍ୟକୁ କେହି ମନା କରିପାରିବେ ନାହିଁ। ତୁମମାନଙ୍କୁ ଲଜ୍ଜା ଲାଗିବା କଥା। ବିରୋଧୀ ଦଳ ସରକାରରେ ଥିବା ବେଳେ ଆଣିଥିବା କାଳିଆ ଯୋଜନା କେବଳ ନିଜ ଦଳୀୟ କର୍ମୀଙ୍କୁ ପୋଷିବା ପାଇଁ କରିଥିଲେ। ସେଇଟା କାଳିଆ ନୁହେଁ, ଖାଲିଆ ଯୋଜନା ଥିଲା। ଏଠି ବିରୋଧୀ ବସି ଶୁଣିଥିଲେ ଜାଣିଥାଆନ୍ତେ ମୋହନ ମାଝୀଙ୍କ ସରକାର କୃଷକଙ୍କ ପାଇଁ କେତେ ପ୍ରତିବଦ୍ଧ। ଖୁବ୍‌ଶୀଘ୍ର ୫୮ଟି ସବ୍‌ଡିଭିଜନରେ ଶୀତଳଭଣ୍ଡାର ପ୍ରତିଷ୍ଠା ହେବ। ପିପିପି ମୋଡ୍‌ରେ ଏହା ନିର୍ମାଣ କରାଯିବ। ଏହା ସଫଳ ହେଲେ ଆଗକୁ ବ୍ଲକ୍ ଓ ଜିଲାସ୍ତରରେ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। ଶୀତଳଭଣ୍ଡାର ନିର୍ମାଣ ଲାଗି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ସମବାୟ, ଶକ୍ତି ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ନେଇ ଏକ ଯୁଗ୍ମ କମିଟି ଗଠନ କରିବେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବିତ ପଦକ୍ଷେପ ଏବଂ ସବିଶେଷ କାର୍ଯ୍ୟଶୈଳୀ ଉପରେ ଯୋଜନା ପ୍ରସ୍ତୁତ ହେବ ବୋଲି କନକବର୍ଦ୍ଧନ କହିଛନ୍ତି।

ସେ ଆହୁରି କହିଛନ୍ତି, ପରିବେଶର ଚିନ୍ତା କେବଳ ଏକ ଗୁଜବ ନୁହେଁ ବରଂ ଏହା ଏକ ଆବଶ୍ୟକତା। ବର୍ତ୍ତମାନ ମାଟିର ସ୍ୱାସ୍ଥ୍ୟରକ୍ଷା, ଖାଦ୍ୟ ନିରାପତ୍ତା ବଜାୟ ରଖିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରାକୃତିକ ସମ୍ପଦର ଉତ୍ସକୁ ସଂରକ୍ଷଣ ଇତ୍ୟାଦି ପାଇଁ ସ୍ଥାୟୀ କୃଷି ପଦ୍ଧତି ଅବଲମ୍ବନ କରିବା ଏକ ସମୟୋପଯୋଗୀ ପଦକ୍ଷେପ। ପୃଥିବୀର ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ଜୀବନ ଧାରଣର ସୁରକ୍ଷା ନିମନ୍ତେ ସ୍ଥାୟୀ ପଦକ୍ଷେପର ଆବଶ୍ୟକତା ରହିଛି। କୃଷି କ୍ଷେତ୍ର ପାଇଁ ଗତବର୍ଷ ତୁଳନାରେ ଏ ବର୍ଷ ବଜେଟରେ ପ୍ରାୟ ୨ ଗୁଣ ଅଧିକ ଅର୍ଥ ବ୍ୟୟ ବରାଦ କରାଯାଇଛି। ୨୦୨୩-୨୪ରେ ୭,୧୩୫.୮୯ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ ପାଇଁ ୧୩,୧୭୮.୮୪ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ସମୃଦ୍ଧ କୃଷକ ଯୋଜନାରେ କୃଷକଙ୍କୁ ଗୁଣାତ୍ମକ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଇନ୍‌ପୁଟ କ୍ରୟରେ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାରେ ସରକାର ଚାଷୀଙ୍କ ଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଯୋଜନାରେ ସରକାର ୫୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ପିଏମ୍ କିଷାନ ଯୋଜନା ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବାସ କରୁଥିବା କୃଷକମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହି ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବାକୁ ଏକ ସ୍ୱତନ୍ତ୍ର ପଦକ୍ଷେପ ନୂଆଖାଇଠାରୁ ଆରମ୍ଭ ହେବ। ସିଏମ୍ କିଷାନ ଯୋଜନାରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଉଭୟ ଖରିଫ ଓ ରବିଋତୁ ଆରମ୍ଭରେ ୨,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ରାଜ୍ୟର ଭୂମିହୀନ କୃଷକ ପରିବାରମାନଙ୍କୁ ତିନୋଟି କିସ୍ତିରେ ୧୨,୫୦୦ ଟଙ୍କାର ଜୀବିକା ନିର୍ବାହ ସହାୟତା ମଧ୍ୟ ଯୋଗାଇଦିଆଯିବ। କୃଷି ବିଦ୍ୟାନିଧି ଯୋଜନା ଜରିଆରେ ରାଜ୍ୟରେ ସିଏମ୍ କିଷାନ ହିତାଧିକାରୀ ପିଲାଙ୍କୁ ସରକାରୀ ଅନୁଷ୍ଠାନରେ ସ୍ନାତକୋତ୍ତର ଶିକ୍ଷାପ୍ରାପ୍ତ ପର୍ଯ୍ୟନ୍ତ ବାର୍ଷିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ଯୋଗାଇ ଦିଆଯିବ। ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ କ୍ଷୁଦ୍ରଶସ୍ୟର ଉତ୍ପାଦନ ଏବଂ ବ୍ୟବହାରକୁ ପ୍ରାଧାନ୍ୟ ଦେଇ ଓଡ଼ିଶାକୁ କ୍ଷୁଦ୍ରଶସ୍ୟ ହବ୍ ଭାବେ ପରିଣତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପୂର୍ବତଟ ରେଳପଥ - ଏସ୍‌ବିଆଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୫।୯ (ଅନୁରାଧା ମହାରଣା)

**କ୍ଷେତ୍ର ସ୍ତରର ୪୫, ୪୧୯ ରେଳ କର୍ମଚାରୀ ଉପକୃତ ହେବେ**

ରେଳ କର୍ମଚାରୀଙ୍କ ଆର୍ଥିକ ସୁରକ୍ଷାକୁ ଦୃଷ୍ଟିରେ ରଖି ବୀମା ପ୍ରଦାନ ଲାଗି ପୂର୍ବତଟ ରେଳପଥ ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଚୁକ୍ତିନାମା ଅନୁସାରେ ପୂର୍ବତଟ ରେଳପଥର ୩ଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲ୍‌ଟିୟର ଓ ସମ୍ବଲପୁର ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ କାର୍ଯ୍ୟରତ କର୍ମଚାରୀ ଏଥିରେ ଲାଭାନ୍ୱିତ ହେବେ। ରେଳପଥର ୭୬% ଅର୍ଥାତ୍ ପ୍ରାୟ ୪୫,୪୧୯ କର୍ମଚାରୀ ଯେଉଁମାନଙ୍କର ଏସ୍‌ବିଆଇରେ ବେତନ ଆକାଉଣ୍ଟ ଅଛି, ସେମାନେ ଏହି ଚୁକ୍ତିରୁ ଉପକୃତ ହେବେ। କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୩୭,୫୦୦ଜଣ କର୍ମଚାରୀଙ୍କୁ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। କ୍ଷେତ୍ର ସ୍ତରର ନିରାପତ୍ତା ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଟ୍ରାକ୍‌ମ୍ୟାନ, ସିଗ୍‌ନାଲ ରକ୍ଷକ, ଟେକ୍ନିସିଆନ, ଆର୍‌ପିଏଫ୍ କର୍ମଚାରୀ, ଲୋକୋ ପାଇଲଟ, ଟ୍ରେନ୍ ମ୍ୟାନେଜର ଏବଂ ଫିଲ୍ଡରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ଏହି ସୁବିଧା ପାଇପାରିବେ। ବ୍ୟକ୍ତିଗତ ଦୁର୍ଘଟଣା ବୀମା ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧ କୋଟି, ବାୟୁଯାନ ଦୁର୍ଘଟଣା ପାଇଁ ୧.୬ କୋଟି ସମ୍ପୂର୍ଣ୍ଣ କଭରେଜ ପ୍ରଦାନ କରିବାକୁ ଥିବାବେଳେ ଦିବ୍ୟାଙ୍ଗ କ୍ଷେତ୍ରରେ ମଧ୍ୟ କଭରେଜ ଉପଲବ୍ଧ ରହିବ। ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପୃଥ୍ୱୀ ଉପସ୍ଥିତ ଥିଲେ।

Tel. Ph. No : 06815-222542
E-mail I.D : eerbparala@yahoo.com

GOVERNMENT OF ODISHA
No.B-222

OFFICE OF THE SUPERINTENDING ENGINEER, PARALAKHEMUNDI(R&B) DIVISION, PARALAKHEMUNDI

**e-Procurement Notice**

Bid Identification No. S.E., PKD. R&B DIVN.-05/2024-25

**No. 2752** **Date : 03.09.2024**

**INVITATION FOR BIDS**

| | | | |
|---|---|---|---|
| 1 | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Double/Single cover** system to be received in on **ONLINE MODE** only for the construction of works as detailed in the table below : | | |
| 2 | Nature of works | : | Building & Roads works |
| 3 | No. of works | : | 08 [Eight] No. of works |
| 4 | Estimated cost (Approximately) | : | Sl No. 01 to 02) Rs. 99.90 Lakhs to Rs. 53.34 Lakhs |
| | | | Sl No. 03 to 08) Rs. 29.46 Lakhs to Rs. 12.96 Lakhs |
| 5 | Bid cost | : | Sl No. 01 to 02) Rs.10,000/- |
| | | | Sl No. 03 to 08) Rs.6,000/- |
| 6 | Class of contractor | : | Sl No. 01 to 11) "B" class / "C" class / "D" class |
| 7 | Availability of Bid Documents in the website | : | 10.00 Hrs of Dt. 12.09.2024 to 17.00 Hrs. of Dt.26.09.2024 |
| 8 | Date of opening of the Bid | : | 12.00 Hrs. of Dt.27.09.2024 |
| 9 | The Bidders have to participate in **ONLINE** bidding only. Further details can be seen from the website http://tendersorissa.gov.in. Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34065/11/0005/2425

Sd./- Superintending Engineer
Paralakhemundi (R&B) Division

SIMILIPAL

**OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA**

PHONE : 06792-259126, FAX : 06792-256705, e-mail : dfo.similipalsouthwl@odisha.gov.in

**QUOTATION CALL NOTICE**

No. : 4263
Date : 03.09.2024

No.MM-139 : Sealed Quotations are invited from reputed manufacturers / distributors / authorized dealers for Supply of Weather Guard for Trap Camera as per specification and size for use of Trap Camera under Similipal South WL Division.

**Specification**

| | | |
|---|---|---|
| 01 | Item | Weather guard for Camera Traps / Trail Camera |
| 02 | Quantity | 500 nos. |
| 03 | Dimension | 8" (Length) x 7" (Width) x 4" (Thickness) |
| 04 | Durability | Rust proof |
| 05 | Colour | Forest green/camouflage |
| 06 | Additional feature | Protection from all Weather |
| 07 | | Locking facilities |
| 08 | | Spike over the outer surface |
| 09 | | Easy to Fix on standing tree |

**Terms and Conditions :**

- The sealed quotation with a valid document of proof of manufacturer / Supplier may be sent either by Registered post / Speed Post / Courier Service / By Hand and should be superscribed "Quotation for Supply Camera Trap Cover", on the envelope.
- Earnest Money Deposit (EMD) of Rs.50,000/- (Rupees Fifty thousand) only shall be submitted along with quotation. EMD will be in the form of Demand Draft/Cheque/Bank Guarantee in favour of Deputy Director, Similipal South WL Division, Baripada payable at Baripada. The EMD will be refunded to the unsuccessful supplier. The EMD for the successful supplier will be released only after supply of the goods as per specification.
- The sealed quotation should be submitted to the Deputy Director, Similipal South WL Division At : Bhanjpur, PO : Baripada, Dist : Mayurbhanj, PIN : 757002. on or before **20.09.2024 by 02.00 P.M.** (in any working day). The quotations will be opened in presence of suppliers or their authorized representatives on **20.09.2024 at 04.00 P.M.** and same will be finalised on the same day by the Selection Committee.
- The qualified supplier has to supply all the materials within **30 days** from the date of placement of supply order. Issue of supply order depending on availability of fund.
- The undersigned reserves the right to accept / reject any or all quotations without assigning any reason thereof.
- For more details please log in to **www.similipal.org**

Sd./- Deputy Director
Similipal South WL Division, Baripada

OIPR-08127/11/0012/2425

**EMPANELLMENT OF GUEST FACULTY AT SIDAC**

**No.PP-19:**State Institute for Development of Arts & Crafts, Bhubaneswar invites applications from qualified & experienced trainers to be empanelled as Guest Faculty for State Level & District Level Training Courses managed by SIDAC. For detailed term & conditions and applications form, please visit the website **www.sidacodisha.org.in.** The last date for submission of application is upto **5.00 PM** on **04.10.2024.**

**Member Secretary**

**State Institute for development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No. +91 (0)674 2350318, E-mail: sidacorissa@gmail.com,
www.sidacodisha.org.in OIPR-31036/11/0006/2425

**OFFICE OF THE CHIEF CONSTRUCTION ENGINEER, DHENKANAL (R&B) CIRCLE, DHENKANAL**

2nd Corrigendum to bid Identification No. C.C.E. DKL (R&B) 03/2024-25
Letter No. 1778/Dtd.03.09.2024

No.B-227 : The Bids invited vide Bid Identification No. C.C.E. DKL (R&B) 03/2024-25 vide Letter No.1575 dt. 07.08.2024 has been modified are as follows.

1. The Bid document for the above notice will be available in the website : www.tendersodisha.gov.in from Dt. 11.09.2024 to 5.00 PM of Dt.25.09.2024 for online bidding and shall be opened at 11.30 AM on Dt. 26.08.2024

All other terms and conditions of the above Tender Call Notice will remain unchanged.

Sd./- C.E., Dhenkanal (R&B) Circle,
Dhenkanal

OIPR-34132/11/0010/2425

**Information & Public Relations Department**
**Government of Odisha**

**No.56** **Date:04.09.2024**

**Extension of RFP date for PR/Social Media Agency**

**Reference-RFP No.10163, Dtd.16.08.2024**

**No.Z-**The last date for submission of proposal in response to RFP No: 10163, dtd. 16th August, 2024 for engagement of PR/Social Media Agency, published in different Newspapers on 17th August, 2024 is being extended. A corrigendum in this regard shall be published in Newspapers shortly.

**Sd./- Director**
**OIPR-15001/11/0142/2425**

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

GOVERNMENT OF ODISHA

**DISTRICT PROJECT OFFICE, SAMAGRA SIKSHYA, KEONJHAR**

Email ID: dpckeonjhar@gmail.com, Ph.: 06766-254103 (Office)

Letter No. 2156/CIVIL Date: 03.09.2024 (File No. 257)

**CORRIGENDUM**

**In Connection with Tender Call Notice No. 2048 Dated: 02.09.2024**

**TOWARDS PROCUREMENT AND INSTALLATION OF 732 NOS. INCINERATOR & 732 NOS. VENDING MACHINE FOR DIFFERENT SCHOOLS OF KEONJHAR DISTRICT**

No. n-84: The following corrigendum are made to the Tender laid down in the Letter No. 2048 Dated: 02.09.2024 for procurement and installation of 732 Nos. incinerator & 732 Nos. Vending Machine for different schools of Keonjhar district. The detail can be downloaded from **https://kendujhar.odisha.gov.in / https://osepa.odisha.gov.in.**

**DETAIL REVISED DATES RELATING TO BID**

| | |
|---|---|
| Date of Publication | 03.09.2024 |
| Last Date/Time of Bid Submission | 17.09.2024 at 11.00 A.M. (Through Regd./Speed Post only) |
| Date of Technical BID Opening | 17.09.2024 at 12.00 Noon |
| Date of Financial BID Opening | 17.09.2024 at 3.00 P.M. (After Sample Verification) |
| Place of Opening of Bid Address | District Project Office Sarva Sikshya Abhiyan, Keonjhar |

The other portions of the Tender remain unchanged.

**N.B.:** Further corrigendum (if any) will be hoisted in the above website only. All concerned are informed to visit the website regularly.

By the order of Collector-cum-Chairman, SS, Keonjhar

**Sd./- 03.09.2024**
**District Project Co-ordinator,**
**Samagra Sikshya, Keonjhar**

OIPR-27120/11/0003/2425

**ଓଡ଼ିଶା ସରକାର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା**

**ଘୋଷଣା**

**File No. LA Case No. 01/2020** **Dated: 23.08.2024**
**Issue No. 995/LA/KHD/24**

No. XXXIII-24: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜୟଦେବ ବିହାର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକ୍ସ୍‌ଠାରୁ ଇମ୍‌ଫୋସିଟି ମଧ୍ୟ ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ୧.୪୬୬ ଡିସିମିଲ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୪୪୬୩ ତା।୨୧।୦୯।୨୦୨୦ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଜୟଦେବ ବିହାର, ଥାନା: ନିଉ କ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **http://www.khordha.nic.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଖୋର୍ଦ୍ଧା** **ତହସିଲ: ଭୁବନେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜୟଦେବ ବିହାର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୨.୭୬୮ ଡିସିମିଲ | ଏ୧.୪୬୬ ଡିସିମିଲ | ଏଥି ସହିତ ସଂଲଗ୍ନ |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଖୋର୍ଦ୍ଧା** **ତହସିଲ: ଭୁବନେଶ୍ୱର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୩୧।୦୮।୨୦୨୪।

**ରାଜ୍ୟପାଳଙ୍କ ଆଦେଶକ୍ରମ**
**ସ୍ୱା./– (ଚଞ୍ଚଳ ରାଣା), ଜିଲ୍ଲାପାଳ, ଖୋର୍ଦ୍ଧା**

**ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ**
**ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଜୟଦେବ ବିହାର**

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| | | | ୩୫୨ | ୬୨୯/ ୩୩୪୩ | ଘରବାରି-୨ | ଏ.୦.୧୦୫ | ଏ.୦.୦୨୫ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୪୫୩/ ୬୨୫ | ୬୪୬/ ୨୩୩୩ | ଘରବାରି-୨ | ଏ.୦.୦୫୦ | ଏ.୦.୦୦୬ | କଲ୍ୟାଣୀ ଲକ୍ଷ୍ମୀ ମହାନ୍ତି, ସ୍ୱା: ବିନୟ ନନ୍ଦ ମହାନ୍ତି, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/ ୧୩୨୫ | ୬୪୫/ ୪୦୮୫ | ଘରବାରି | ଏ.୦.୦୪୩ | ଏ.୦.୦୪୩ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୪୫୩/ ୧୭୩୭ | ୬୪୫/ ୪୮୭୫ | ଘରବାରି | ଏ.୦.୦୧୯ | ଏ.୦.୦୧୯ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୪୫୩/ ୧୮୦୦ | ୬୪୫/ ୭୮୯୨ | ଘରବାରି | ଏ.୦.୧୦୯ | ଏ.୦.୦୬୪ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୩୭୧ | ୬୪୬ | ଘରବାରି-୨ | ଏ.୦.୦୭୨ | ଏ.୦.୦୭୨ | ସନ୍ତୋଷ କୁମାର ବେହେରା, ପି.: ସାଧୁ ଚରଣ ବେହେରା, ଖିରିଖିଆ ପାଟଣା, ନିମାପଡ଼ା |
| | | | ୪୦୪ | ୬୪୬/ ୨୩୩୨ | ଘରବାରି-୨ | ଏ.୦.୦୯୦ | ଏ.୦.୦୯୦ | ସୁଦର୍ଶନ ପଣ୍ଡା, ପି.: ସନାତନ ପଣ୍ଡା, ମଦନ ମୋହନ ଶୁକ୍ଳା, ପି.: ଗତିକୃଷ୍ଣ ଶୁକ୍ଳା, କଟକ |
| | | | ୩୫୩ | ୬୩୬ | ଘରବାରି-୨ | ଏ.୦.୮୧୧ | ଏ.୦.୧୫୭ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୩୫୩ | ୬୩୭ | ଶାରଦ-୩ | ଏ.୦.୦୭୧ | ଏ.୦.୦୨୮ | ଲକ୍ଷ୍ମୀନାରାୟଣ ଦାସ ଓଗେର, ପି.: ବାଳମୁକୁନ୍ଦ ଦାସ, ସା: ନିଜିଗାଁ |
| | | | ୬୧ | ୬୪୬/ ୨୩୯୧ | ଘରବାରି-୨ | ଏ.୦.୨୧୫ | ଏ.୦.୨୧୫ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୪୬/ ୨୩୯୨ | ସଡ଼କ | ଏ.୦.୦୪୦ | ଏ.୦.୦୩୪ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୪୪ | ଶାରଦ-୩ | ଏ.୦.୧୩୯ | ଏ.୦.୦୯୬ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| ଜୟଦେବ ବିହାର | ଭୁବନେଶ୍ୱର | ସହରାଞ୍ଚଳ | ୪୫୩/ ୧୩୨୫ | ୬୪୪/ ୪୦୮୪ | ଘରବାରି | ଏ.୦.୦୧୧ | ଏ.୦.୦୧୧ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୧୪୨୬/ ୧୧୪୭ | ୬୪୪/ ୪୫୪୮ | ଘରବାରି-୨ | ଏ.୦.୦୭୨ | ଏ.୦.୦୭୨ | ହରଚାନ୍ଦ ମେହେର, ପି.: ଧରଣୀଧର ମେହେର, ସମ୍ବଲପୁର |
| | | | ୪୫୩/ ୮୭୩ | ୬୪୪/ ୪୬୮୭ | ଶାରଦ-୩ | ଏ.୦.୦୨୯ | ଏ.୦.୦୨୯ | ହରଚାନ୍ଦ ମେହେର, ପି.: ଧରଣୀଧର ମେହେର, ସମ୍ବଲପୁର |
| | | | ୪୫୩/ ୧୭୩୪ | ୬୪୪/ ୪୮୭୨ | ଘରବାରି | ଏ.୦.୧୩୪ | ଏ.୦.୦୧୬ | ଏସ୍.ଏନ୍. ଡେଭଲପର୍ସ, ସବ୍ୟସାଚୀ ପଟ୍ଟନାୟକ, ପି.: ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଶହୀଦ ନଗର, ଭୁବନେଶ୍ୱର |
| | | | ୪୫୩/ ୧୮୮୮ | ୬୪୪/ ୭୯୩୧ | ଘରବାରି | ଏ.୦.୦୨୩ | ଏ. ୦.୦୨୩ | ଚିତ୍ତରଞ୍ଜନ ବେହେରା, ପି.: ଲିଙ୍ଗରାଜ ବେହେରା, ମୈତ୍ରୀ ବିହାର, ଭୁବନେଶ୍ୱର |
| | | | ୬୧ | ୬୪୦ | ଶାରଦ-୩ | ଏ.୦.୦୫୦ | ଏ.୦.୦୫୦ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୬୧ | ୬୩୯ | ଶାରଦ-୩ | ଏ.୦.୦୪୧ | ଏ.୦.୦୩୦ | କିଶୋରୀ ହରିଚନ୍ଦନ, ସ୍ୱା.: କାଶୀନାଥ ହରିଚନ୍ଦନ ଓଗେର, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/ ୧୧୮୮ | ୬୩୯/ ୪୭୯୧ | ଘରବାରି | ଏ.୦.୨୫୨ | ଏ.୦.୧୮୮ | ପ୍ରତିମା ରାଣୀ ସାହୁ, ସ୍ୱା.: ସୁଦର୍ଶନ ସାହୁ, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୪୫୩/ ୧୨୧୬ | ୬୩୯/ ୪୮୦୦ | ଘରବାରି | ଏ.୦.୩୧୭ | ଏ.୦.୧୨୩ | ସୁଦର୍ଶନ ସାହୁ, ପି.: ଚୈତନ୍ୟ ଚରଣ ସାହୁ, ନୟାପଲ୍ଲୀ, ଭୁବନେଶ୍ୱର |
| | | | ୮୦ | ୬୪୦/ ୨୩୨୬ | ଘରବାରି-୨ | ଏ.୦.୦୭୫ | ଏ.୦.୦୭୫ | ଗୀତାରାଣୀ ମହାନ୍ତି, ସ୍ୱା.: ପ୍ରମୋଦ କିଶୋର ମହାନ୍ତି, କଟକ |

ମୋଟ ରକବା ଏ.୨.୭୬୮ ଡିସିମିଲ, ଅଧିଗୃହୀତ ରକବା ଏ.୧.୪୬୬ ଡିସିମିଲ।

COLKHD-LA-MISC-0041-2022/9/2024 OIPR-24351/14/0033/2425

**ସ୍ୱା./– (କ୍ରୀଷ୍ଣା କୁମାର ଜେନା)**
**ଭୂ–ଅର୍ଜନ ଅଧିକାରୀ, ଖୋର୍ଦ୍ଧା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଦ୍ରିତ୍ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬ ମାସରେ ଚା' ଉତ୍ପାଦନ ୧୩ % ହ୍ରାସ

ନୂଆଦିଲ୍ଲୀ,୫।୯ (ଅନୁରାଧା ମହାରଣା)



ଭାରତର ଲୋକମାନେ ଚା' ପିଇବାକୁ ଭଲ ପାଆନ୍ତି। ତେବେ ଆସାମ ଏବଂ ପଶ୍ଚିମବଙ୍ଗ ହେଉଛି ଦେଶର ସର୍ବାଧିକ ଚା' ଉତ୍ପାଦନକାରୀ ରାଜ୍ୟ। ଉଭୟ ରାଜ୍ୟରେ ଚା ଉତ୍ପାଦନରେ ହ୍ରାସ ଘଟିଛି, ଯାହାର ପ୍ରଭାବ ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଚା' ଉତ୍ପାଦନରେ ଦେଖାଯାଇଛି। ଗତ ୬ ମାସ ମଧ୍ୟରେ ଦେଶରେ ମୋଟ ଚା' ଉତ୍ପାଦନ ୧୩ ପ୍ରତିଶତ ହ୍ରାସ ପାଇ ୫.୫୩ ଟନ୍‌ରେ ପହଞ୍ଚିଛି। ଚା 'ମୂଲ୍ୟରେ ଏହାର ପ୍ରଭାବ ବର୍ତ୍ତମାନ ଦେଖିବାକୁ ମିଳୁଛି। ଭାରତୀୟ ଚା' ଆସୋସିଏଶନର ତଥ୍ୟ ଅନୁଯାୟୀ ଉତ୍ତର ପ୍ରଦେଶରେ ଚା'ର ନିଲାମ ମୂଲ୍ୟରେ ୨୧ ପ୍ରତିଶତ ଏବଂ ଦକ୍ଷିଣ ରାଜ୍ୟରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି। ଚା'ର ମୂଲ୍ୟ ଉତ୍ତର ଭାରତରେ ୨୫୫ ଟଙ୍କା ଏବଂ ଦକ୍ଷିଣରେ ୧୧୮ ଟଙ୍କାରେ ପହଞ୍ଚିଛି। ଏହି କାରଣରୁ କମ୍ପାନୀଗୁଡିକ କିଣାଯାଇଥିବା ଚା'ର ପରିମାଣକୁ ହ୍ରାସ କରିଛନ୍ତି। ଚା' କିଣିବା ପାଇଁ ଟାଟା ଗ୍ରାହକ ଉତ୍ପାଦଗୁଡ଼ିକ ବର୍ତ୍ତମାନ ୨୩ ପ୍ରତିଶତ ଅଧିକ ଟଙ୍କା ଏବଂ ଏଚ୍‌ୟୁଏଲ୍ ୪୫ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଉଭୟ କମ୍ପାନୀ ଚା'ର ମୂଲ୍ୟ ବୃଦ୍ଧି କରିପାରିବେ ଏବଂ ସେମାନଙ୍କର ଲାଭ ମାର୍ଜିନ ବଜାୟ ରଖିବେ। ବିଶେଷଜ୍ଞଙ୍କ ଅନୁଯାୟୀ, ୧ରୁ ୩ ପ୍ରତିଶତ ବୃଦ୍ଧି ଗ୍ରାହକଙ୍କୁ ଅଧିକ ପ୍ରଭାବିତ କରିବ ନାହିଁ ମାତ୍ର ତା'ଠାରୁ ଅଧିକ ବୃଦ୍ଧି ଚା'ର ଚାହିଦା ଉପରେ ପ୍ରଭାବ ପକାଇପାରେ।

ସୂଚନା ଥାଉକି, ଦେଶରେ ପ୍ୟାକେଜ ଚା' ବିକ୍ରି କରୁଥିବା ଦୁଇଟି ବଡ କମ୍ପାନୀ ଯଥା ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ୍) ଏବଂ ଟାଟା କଞ୍ଜ୍ୟୁମର ପ୍ରଡକ୍ଟ ଲିମିଟେଡ୍ (ଟିସିପିଏଲ୍) ଶୀଘ୍ର ଚା ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚା'ର ଷ୍ଟକ୍ ହ୍ରାସ ଏବଂ ମୂଲ୍ୟ ବୃଦ୍ଧି ଏହାର ମୂଲ୍ୟ ଉପରେ ପ୍ରଭାବ ପକାଇପାରେ ଏବଂ ଶୀଘ୍ର ବଡ କମ୍ପାନୀଗୁଡିକ ଏହାର ମୂଲ୍ୟ ବୃଦ୍ଧି କରିପାରନ୍ତି। ଦୋକାନ ବଜାରରେ ଉପଲବ୍ଧ ଚା ମୂଲ୍ୟ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ଏବଂ ଗ୍ରାହକଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି।

# ଖସିଲା ଶେୟାର ବଜାର

ମୁମ୍ବାଇ,୫।୯ (ଅଭୟ ଦାଶ)

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୫୧ (୧୫୧.୪୮) ପଏଣ୍ଟ କମି ୮୨,୨୦୧(୮୨,୨୦୧.୧୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୫୪ (୫୩.୬୦) ପଏଣ୍ଟ ହ୍ରାସ ଘଟି ୨୫,୧୪୫ (୨୫,୧୪୫.୧୦) ଅଙ୍କରେ କାରବାର ଶେଷ କରିଥିଲା।

# ରିଲାଏନ୍ସ ଜିଓର ୮ମ ପୂର୍ତ୍ତି ଉତ୍ସବ

ମୁମ୍ବାଇ,୫।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ରିଲାଏନ୍ସ ଜିଓର ୮ମ ପୂର୍ତ୍ତି ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବ୍ୟବସାୟିକ ଭାବେ ରିଲାଏନ୍ସ ଜିଓ ଭାରତରେ ସେବା ଆରମ୍ଭ କରିବାର ୮ବର୍ଷ ପୂରଣ କରିଛି। ଜିଓ ତା'ର ପ୍ରିପେଡ୍ ମୋବାଇଲ ଗ୍ରାହକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ଷିକୀ ଅଫର ସମ୍ପର୍କରେ ଘୋଷଣା କରିଛି। ଜିଓ ମୋବାଇଲ୍ ଉପଭୋକ୍ତାମାନେ ତିନୋଟି ନିର୍ଦ୍ଦିଷ୍ଟ ରିଚାର୍ଜ ପ୍ଲାନ୍ ସହ ସୀମିତ ଅବଧି ମଧ୍ୟରେ ଏହି ବିଶେଷ ଅଫରର ଲାଭ ନେଇପାରିବେ। ୨୦୨୪ ସେପ୍ଟେମ୍ବର ୫ରୁ ୧୦ ମଧ୍ୟରେ ୮୯୯ଟଙ୍କା ଓ ୯୯୯ଟଙ୍କା ମୂଲ୍ୟର ୩ମାସର ଅବଧି ବିଶିଷ୍ଟ ରିଚାର୍ଜ ପ୍ଲାନ୍ ଏବଂ ୩୫୯୯ଟଙ୍କା ମୂଲ୍ୟର ବାର୍ଷିକ ରିଚାର୍ଜ ପ୍ଲାନ୍ ସହ ରିଚାର୍ଜ କରୁଥିବା ଜିଓ ପ୍ରିପେଡ୍ ମୋବାଇଲ ଉପଭୋକ୍ତାମାନେ ୭୦୦ଟଙ୍କା ମୂଲ୍ୟର ଅତିରିକ୍ତ ଲାଭ ପାଇପାରିବେ। ଉଭୟ ୮୯୯ ଟଙ୍କା ଓ ୯୯୯ ଟଙ୍କା ମୂଲ୍ୟର ୩ମାସିଆ ରିଚାର୍ଜ ପ୍ଲାନ୍‌ରେ ଦୈନିକ ୨ ଜିବି ହାଇସ୍ପିଡ୍ ଡାଟା ମିଳୁଥିବା ବେଳେ ବୈଧତା ଅବଧି ଯଥାକ୍ରମେ ୯୦ଦିନ ଓ ୯୮ ଦିନ ରହିଛି। ୩୫୯୯ଟଙ୍କା ମୂଲ୍ୟର ବାର୍ଷିକ ରିଚାର୍ଜ ପ୍ଲାନ୍‌ର ବୈଧତା ୩୬୫ ଦିନ ରହିଥିବା ବେଳେ ଏଥିରେ ଦୈନିକ ୨.୫ଜିବି ହାଇସ୍ପିଡ୍ ଡାଟା ଉପଲବ୍ଧ ହେଉଛି। ପୂର୍ତ୍ତି ଉତ୍ସବ ଅଫରର ଲାଭ ନେଉଥିବା ଜିଓ ଗ୍ରାହକଙ୍କୁ ୧୭୫ଟଙ୍କା ମୂଲ୍ୟର ୧୦ଟି ଓଟିଟି ଆପ୍ସର ସଦସ୍ୟତା ଓ ୧୦ଜିବିର ଅତିରିକ୍ତ ଡାଟା ପ୍ୟାକ୍ ମିଳିବ,ଯାହାର ବୈଧତା ୨୮ଦିନ ରହିବ।


## STAR MANAGEMENT COLLEGE



Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009


# ବେଦାନ୍ତ ଆଲୁମିନିୟମର ଆଡ୍‌ଭାନ୍ସ ଟ୍ରେନିଂ ସେଣ୍ଟର

ନୂଆଦିଲ୍ଲୀ,୫।୯ (ଅଭୟ ଦାଶ)




ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଡଭାନ୍ସ ଟ୍ରେନିଂ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀର ଝାରସୁଗୁଡ଼ା ୟୁନିଟରେ କାର୍ଯ୍ୟରତ ଡ୍ରାଇଭରଙ୍କ ମଧ୍ୟରେ ସଚେତନତା ଆଣିବା ଓ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହ ଡ୍ରାଇଭରଙ୍କ ପାଇଁ ଉଭୟ ଭାରି ଯାନ ଓ ହାଲୁକା ଗାଡ଼ି ଚାଳନା ଦକ୍ଷତା ତାଲିମ କେନ୍ଦ୍ର ଆରମ୍ଭ ହୋଇଯାଇଛି। ଏହି ସୁବିଧା କାର୍ଯ୍ୟକାରୀ ନିରାପତା, ଦକ୍ଷତା ବିକାଶ ଓ ପରିବହନ କ୍ଷେତ୍ରରେ ସର୍ବୋଚ୍ଚ ମାନ ବଜାୟ ରଖିବାରେ କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିଭଳି ଏହି ନୂଆ ତାଲିମ କେନ୍ଦ୍ର ଉଭୟ ହାଲୁକା ଓ ଭାରୀ ମୋଟରଯାନ ଚାଳନାକୁ ସୁଗମ କରିବା ସହିତ ଅତ୍ୟାବଶ୍ୟକ ଡ୍ରାଇଭିଂ ଦକ୍ଷତା ବିକାଶ ଓ ସଡ଼କ ନିରାପତା ଉପରେ ସାମଗ୍ରିକ ଜ୍ଞାନ ପ୍ରଦାନ କରିବ। ଏପରିକି ଏକ ନିୟନ୍ତ୍ରିତ ପରିବେଶରେ ହ୍ୟାଣ୍ଡ ଅନ ପ୍ରାକ୍ଟିସ ତାଲିମକୁ ସୁଗମ କରି ଏହି କେନ୍ଦ୍ର ଉଭୟ ହାଲୁକା ଓ ଭାରି ମୋଟରଯାନ ଚାଳନା ଉପରେ ଉପଯୁକ୍ତ ତାଲିମ ଦେବା ଲାଗି ପରିକଳ୍ପନା କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, କମ୍ପାନୀରେ ଆମେ ଆମର ଶ୍ରମିକ ସୁରକ୍ଷାକୁ ପ୍ରାଥମିକତା ଦେଇଥାଉ। ଏହି ରଣନୀତିକ କାର୍ଯ୍ୟକ୍ରମ ନିରାପତା ପ୍ରତି ଆମର ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏପରିକି କମ୍ପାନୀ ତା'ର ସୁରକ୍ଷା ସଂସ୍କୃତିକୁ ସୁଦୃଢ କରିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛି।

# ଯାତ୍ରା ଅନୁଭୂତିକୁ ବ୍ୟାପକ କରିବ ଜେପିଓଡି

ନୂଆଦିଲ୍ଲୀ,୫।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜେପିଓଡି ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ପଡ୍ ହୋଟେଲ' ହାଇଦ୍ରାବାଦ ଆନ୍ତର୍ଜାତିକ ବିମାନବନ୍ଦରଠାରେ ଉଦ୍‌ଘାଟିତ ହୋଇଯାଇଛି। ଭାରତରେ ପ୍ରଥମ ପ୍ରକାରର ପଡ୍ ହୋଟେଲର ଶୁଭାରମ୍ଭ ହୋଇଯାଇଛି। ଜେପିଓଡିର ଶୁଭାରମ୍ଭ ଫଳରେ ବିମାନବନ୍ଦର ଯାତ୍ରୀମାନଙ୍କ ପାଇଁ ଯାତ୍ରାର ଅନୁଭୂତିକୁ ବ୍ୟାପକ କରିବ। ହାଇଦ୍ରାବାଦ ବିମାନବନ୍ଦରରୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ସୁବିଧା ଓ ଆରାମ ବ୍ୟବସ୍ଥା ସହିତ ଏହି ହୋଟେଲ ସୁସଜ୍ଜିତ ରହିଛି। ଅନ୍-ସପ୍ଟ ବା ଜେପିଓଡିର ୱେବ୍‌ସାଇଟ (https://thejpod.com) ଜରିଆରେ ମଧ୍ୟ ବୁକିଂ କରାଯାଇପାରିବ। ସଂସ୍ଥାର +୯୧ ୯୦୬-୩୪୨-୭୭୩୭ ନମ୍ବରରେ କଲ୍ କରି ମଧ୍ୟ ସୁବିଧା ବୁକିଂ କରାଯାଇପାରିବ। ଅପରପକ୍ଷରେ ପଡ୍ ବିଭିନ୍ନ ପ୍ରକାର ସେବା ସୁବିଧା ପ୍ରଦାନ କରୁଥିଲାବେଳେ ତାରିଫରେ ମଧ୍ୟ ସୁଲଭ ମୂଲ୍ୟ ବ୍ୟବସ୍ଥା ରଖିଛି। ଜେପିଓଡି ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଜାଗ୍ରତ ଠାକୁର କହିଛନ୍ତି, ହାଇଦ୍ରାବାଦଠାରେ ଆମେ ଆମର ପଡ୍ ହୋଟେଲର ଶୁଭାରମ୍ଭ ସହ ଜିଏମ୍‌ଆର୍ ସହିତ ଆମେ ଏହି ସହଭାଗିତା ଜାରି ରଖିବାକୁ ଉତ୍ସାହିତ ଅଛୁ। ଅହମଦାବାଦଠାରେ ଆଦାନୀଙ୍କ ସହ ଆମର ସଫଳ ସହଯୋଗ ଓ ବିମାନବନ୍ଦର ରହଣି ସୁବିଧାର ଯଥେଷ୍ଟ ଉନ୍ନତ କରିଛି। ଡିଜାଇନ ଓ କାର୍ଯ୍ୟକାରିତା କ୍ଷେତ୍ରରେ ଜେପିଓଡି ବିଶ୍ୱସ୍ତରୀୟ ମାନଦଣ୍ଡ ଆମକୁ ଭାରତର ଅନ୍ୟାନ୍ୟ ବିମାନବନ୍ଦରଗୁଡ଼ିକରେ ପ୍ରଭାବଶାଳୀ ଆବାସ ସମାଧାନ ପ୍ରଦାନ କରିବ। ଜେପିଓଡି ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ହିରେନ ଗାନ୍ଧୀ କହିଛନ୍ତି, ବିମାନଯାତ୍ରୀଙ୍କ ଆବଶ୍ୟକତା ପୂରଣ ଲାଗି ଜେପିଓଡି ପ୍ରସ୍ତୁତ ରହିଛି। ୨୦୧୭ରେ ଆମେ ପ୍ରଥମେ ଭାରତରେ ଆଗଧାଡ଼ିର ପଡ୍ ହୋଟେଲ ଅର୍ବାନପଡ୍ ଆରମ୍ଭ କରିଥିଲୁ।

# Classified Everyday
0674-2580101, 2549949



## REAL ESTATE

### SALE

Gharabari boundary plot Nakhara East Engineering College backside, close to SNH-8018471169. D-75985

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1259

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1258

## BUSINESS

ଉଈ ପ୍ରତିକାର- ଉଈ, ଅସରପା, ମଶା, ମୂଷା, ଝିଟିପିଟି ନିୟନ୍ତ୍ରଣ। Mob- 6370293332, 9937802555. D-1181




Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 799 Bapujinagar. 8018429809. D-76149

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Kerala body Massage therapy Unisex any person Bhubaneswar. kajal- 9337672475. D-1214

Newly open health benefits SPA by expert therapist. Contact- 6371861658. D-76150

## AFFIDAVIT

I, Baman Kishor Sahoo, Son of Late Banshidhar Sahu, resident of N3/453, IRC Village, Bhubaneswar, Dist.- Khordha, PIN- 751015, Odisha declare by this affidavit No.- 679, dated 14th August 2024 that now onwards I shall be known as Baman Kishore Sahu for all future purposes. D-1260

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Kalyani Sahoo, Daughter of Late Nityananda Sahu, resident of N3/453, IRC Village, Bhubaneswar, Dist.- Khordha, PIN- 751015, Odisha declare by this affidavit No.- 678, dated 14th August 2024 that now onwards I shall be known as Kalyani Sahu for all future purposes. D-1261

By virtue of an affidavit sworn before the Notary Public, Sri Aswini Kumar Pradhan, REDG-No-ON 92/2009. I, Sukruti Mohanty, At Present Plot No.- 622, Janpath, Saheed Nagar, Bhubaneswar, Pin- 751007, Dist.- Khordha, State- Odisha do hereby that I have changed my name from Sukruti Mohanty to Alice Sukruti Mohanty. Henceforth I shall be known as Alice Sukruti Mohanty for all future purposes. This affidavit is being sworn by myself for use as required before appropriate Government and Judicial Authorities as and when necessary. D-1253

By virtue of an affidavit sworn before the Notary Public, Bhadrak, Odisha, dated 28.08.2024. I Subrat Dash, S/o- Subash Chandra Dash, permanent resident of Village- Chhatisbedapur (Muhanapada), P.O.- Khadipada, P.S.- Dhamnagar, Dist.- Bhadrak, PIN- 756117, Odisha having Disability Certificate Number- OD 0910820010019574, have changed my name from Satyabrata Dash (Which has been mentioned in my Aadhaar Card and other document and papers) to Subrat Dash. Henceforth I shall be known as Subrat Dash for all purposes. D-1252

## LEGAL NOTICE

ଦେୱାନୀ କାର୍ଯ୍ୟବିଧି ଆଇନ୍‌ର
ଆଦେଶ-୫, ନିୟମ-୨୦ ମତେ
ଶ୍ରୀଯୁକ୍ତ ପୁରୀ ମୁକାମ ପରିବାର ଅଦାଲତ, ପୁରୀ
ସି.ପି. ନ୧୪୨ମ୍ବର ସନ ୨୦୨୩
ମସିହା

ସ୍ମୃତିରଞ୍ଜନ ସିହ୍ନା, ବ୪୬ର୍ଷ, ପିତା- ୰ପ୍ରସନ୍ନ କୁମାର ସିହ୍ନା, ସାକିନ- ଭବାନୀପୁର, ଥାନା- ପିପିଲି, ଜିଲ୍ଲା- ପୁରୀ .....ବାଦୀ

ବନାମ

ସ୍ୱପ୍ନାରାଣୀ ଦାସ, ବ୩୩ର୍ଷ, ସ୍ୱାମୀ- ସ୍ମୃତିରଞ୍ଜନ ସିହ୍ନା, ସାକିନ- ଭବାନୀପୁର, ଥାନା- ପିପିଲି, ଜିଲ୍ଲା- ପୁରୀ। ହାଲ ସାକିନ- ମାର୍ଫତ- ମନୋଜ ବେହେରା, ସାକିନ- ବିରିବନ୍ଧ, ପୋଷ୍ଟ- କୁହା, ସୁନ୍ଦରପଦା, ଥାନା- ଏୟାରଫିଲ୍ଡ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୨। ....ପ୍ରତିବାଦୀ

ଏତଦ୍ୱାରା ଆପଣଙ୍କ ବିରୁଦ୍ଧରେ ବାଦୀ ଦାଏର କରିଥିବା ହିନ୍ଦୁ ବିବାହ ଆଇନ୍ ଧା ୧୩ (i) (ii) (iii)ରା ମତେ ସି.ପି. ନ୧୪୨/୨୦୨୩ମ୍ବରରେ ବାରମ୍ବାର ସମନ ଫେରୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା ୦୪।୧୦।୨୦୨୪ରିଖ ଦିବା ୧୦.୩୦ ମିନିଟ୍ ସମୟରେ କୋର୍ଟରେ ହାଜର ହୋଇ ଆପଣଙ୍କ ପକ୍ଷ ରଖିବେ। ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଦ୍ୟ ତା ୦୨।୦୯।୨୦୨୪ରିଖ।

ସ୍ୱା.- ଜଜ୍, ପରିବାର ଅଦାଲତ, ପୁରୀ
ଧ-୧୨୩୦

ନୋଟିସ୍
IN THE COURT OF THE
C.J.J.D. KHORDHA
C.S.-125/2014

ବୈକୁଣ୍ଠ ନାଥ ସାହୁ ଓଗେର ....ବାଦୀ

ବନାମ

ଓଡ଼ିଶା ସରକାର ଓଗେର ....ପ୍ରତିବାଦୀ

ଦେୱାନୀ କାର୍ଯ୍ୟବିଧି ଆଇନର ୫ ଅର୍ଡର ୨୦ ରୁଲ୍‌ମତେ ନୋଟିସ୍

ବାଳକୃଷ୍ଣ ସାହୁ, ବୟସ-୭୫ବର୍ଷ, ପି- ୰ ଲୋକନାଥ ସାହୁ, ସା/ପୋ/ଥା- ବୋଲଗଡ଼, ଜି- ଖୋର୍ଦ୍ଧା, ପିନ୍ ନଂ.-୭୫୨୦୬୬ ସହପ୍ରତିବାଦୀ ନଂ୪ମ୍ବରଙ୍କୁ ଜଣାଇ ଦିଆଯାଉଅଛି କି, ଉପରୋକ୍ତ ନମ୍ବର ମୋକଦ୍ଦମାରେ ଆମ୍ଭେ ବାଦୀ, ଆପଣ ଓଗେରମାନଙ୍କ ବିରୁଦ୍ଧରେ ବଣ୍ଟଆରା ମୋକଦ୍ଦମା ଆଗତ କରିଅଛୁ। ଆପଣଙ୍କ ନାମରେ ବାରମ୍ବାର ସମନ ଗଲେ ମଧ୍ୟ ଆପଣ ନିଜ ନାମର ସମନକୁ ଆଭଏଡ୍ କରି କେଉଁଆଡ଼େ ରହୁଛନ୍ତି, ଯାହାଫଳରେ ଠିକ୍ ଭାବେ ସମନ ଜାରି ହୋଇପାରୁ ନାହିଁ। ତେଣୁ ଅତ୍ର ମୋକଦ୍ଦମା ଆସନ୍ତା ତା ୨୩।୦୯।୨୪ରିଖକୁ ଧାର୍ଯ୍ୟ ଅଛି। ଆପଣ ଉପରୋକ୍ତ ଧାର୍ଯ୍ୟ ତାରିଖରେ ଦିବା ଘ ୧୦.୩୦ ମିନିଟ୍ ସମୟରେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲ ବାବୁଙ୍କ ଜରିଆରେ ହାଜର ହୋଇ ଜବାବ ଦାଖଲ କରିବେ, ନଚେତ୍ ଆଇନ ଅନୁସାରେ ଆପଣଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା ୦୪।୦୯।୨୪ରିଖ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହର କ୍ରମେ ଦିଆଗଲା।

ସ୍ୱା./- ସିଭିଲ୍ ଜଜ୍ (ଜୁନିୟର ଡିଭିଜନ), ଖୋର୍ଦ୍ଧା
ଧ-୬୦୯୮୩

## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ

ସ୍ୱାମୀ: ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର

ଚାହୁଁ ଚାହୁଁ ଦଶବର୍ଷ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଏବେ ବି ଆମମାନଙ୍କ ଆଖିରେ ଲୁହ ଭରି ଦେଉଛି। ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାର ଏବଂ ବନ୍ଧୁବର୍ଗ ।
ଧ-୭୬୦୨୨

### ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର୍
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା

ଆଜି ସପ୍ତବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଇଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।

ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୫୫୬୫

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ପୋଲାର୍ପୁ ଗୋଦାବରୀଶ ଆଚାରୀ
ଆବିର୍ଭାବ: ୦୨।୧୦।୧୯୩୦
ତିରୋଧାନ: ୨୬।୦୮।୨୦୨୪

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମିତ୍ତ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ଶ୍ରୀଚରଣରେ ଅନନ୍ତ କୋଟି ପ୍ରାର୍ଥନା ।

ଶୋକସନ୍ତପ୍ତ: ହତଭାଗିନୀ ସ୍ତ୍ରୀ: ନିଳିମା, ନାତି ତଥା ପୋଷ୍ୟ ପୁତ୍ର ଡ. ବିଭୂଦତ୍ତ ଆଚାରୀ, କନ୍ୟା: ସାବିତ୍ରୀ, ଜାମାତା: ରାମ ନାରାୟଣ, ନାତି: ପ୍ରଭୁଦତ୍ତ, ଦେବଦତ୍ତ, ପ୍ରିୟବ୍ରତ, ପ୍ରିୟଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୧୨୬୨

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଭାତ କୁମାର ରାଉତରାୟ
ଆବିର୍ଭାବ-୨୫।୦୩।୧୯୭୫
ତିରୋଧାନ- ୨୭।୦୮।୨୦୨୪

ଆପଣଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ନିମନ୍ତେ ଆପଣ ସମସ୍ତଙ୍କ ନିକଟରେ ସର୍ବଦା ସ୍ମରଣୀୟ ହୋଇ ରହିବେ। ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏତିକି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ ।

ଶୋକସନ୍ତପ୍ତ: ବାପା, ଦାଦା, ଖୁଡ଼ୀ, ଲଲାଟ, ପ୍ରଦୀପ, ପିଟର ଓ ଭାଇମାନେ, ରେଖା, ଲଡ୍ଡୁ, ମାମି, ଭାଉଜମାନେ, ମମିଅପା, ଅନିଅପା, ସମିତା, ସଙ୍ଗୀତା, ବବୁଲି, ବାର୍ବି, ପ୍ରାଚୀ, ସାନି, ସାଗରିକା, ପ୍ରିଶୁ, କାହ୍ନା, ଅଂଶ, ରାଜ୍, ଲିପ୍‌ସା, ଶ୍ରାବଣୀ ।
ଧ-୭୫୩୪୭

# ଏସ୍‌ବିଆଇରୁ ୧୬.୭୧ କୋଟି ଋଣ ଠକେଇ

## ଦମ୍ପତିଙ୍କ ସମେତ ୬ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୫।୯(ସତ୍ୟଜିତ୍ ରାଉତ)

ନକଲି କାଗଜାଦି ଜରିଆରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ରୁ ୧୬.୭୧ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଓଡବ୍ଲ୍ୟୁ ଏହି ମାମଲାରେ ଦମ୍ପତିଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦମ୍ପତି ହେଲେ ଭୁବନେଶ୍ୱରର ଅନିର୍ବାଣ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଅନୁପମା ଦାଶ। ଅନ୍ୟ ୪ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ାର ତୋଫାନ ରାଉତ, ସତ୍ୟବାନ ରାଉତ, କଟକ ଜିଲା ବଡ଼ମ୍ବାର ଟୁକୁନା ମଲ୍ଲିକ ଓ ପୁରୀ ଜିଲା କାକଟପୁରର ଫିରୋଜ ଖାନ୍। ଅଭିଯୁକ୍ତମାନଙ୍କୁ ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ଶିବ ସୁନ୍ଦର ସାହୁ ଠକେଇ ନେଇ ଏତଲା ଦେବା ପରେ ଇଓଡବ୍ଲ୍ୟୁ ଗତ ଅଗଷ୍ଟ ୧୨ରେ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୯/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାଷ୍ଟରମାଇଣ୍ଡ ଦମ୍ପତି ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ। ଅଭିଯୁକ୍ତମାନେ ଫୋନ୍ ପେ'ର କର୍ମଚାରୀ ପରିଚୟ ଦେବା ସହ ଫେକ୍ ବା ନକଲି କାଗଜପତ୍ର ଦେଇ ଏସ୍‌ବିଆଇରୁ ୧୬.୭୧ କୋଟି ଟଙ୍କାର ୧୬୧ଟି ଏକ୍ସପ୍ରେସ୍ କ୍ରେଡିଟ୍ ଲୋନ (ପର୍ସନାଲ୍ ଲୋନ୍) ନେଇଯାଇଥିଲେ। ଏସବୁ ମଧ୍ୟରୁ ଜୟଦେବ ବିହାର ବ୍ରାଞ୍ଚରୁ ୧୩୯, ପଟିଆ ବ୍ରାଞ୍ଚରୁ ୫, ରଘୁନାଥପୁର ବ୍ରାଞ୍ଚରୁ ୧୧ ଓ ଝାରପଡ଼ା ବ୍ରାଞ୍ଚରୁ ୬ଟି ଋଣ ନିଆଯାଇଥିଲା। ୨୦୨୨ ନଭେମ୍ବରରୁ ୨୦୨୩ ଅକ୍ଟୋବର ଯାଏ ଅଭିଯୁକ୍ତମାନେ ଏହି ଠକେଇ କରିଥିଲେ। ଅଭିଯୁକ୍ତ ଅନିର୍ବାଣ ଭୁବନେଶ୍ୱର ପଟିଆସ୍ଥିତ ଡିଏଲ୍‌ଏଫ୍‌ରେ 'ପୁର୍ଭୀ ଭେଞ୍ଚର୍ ପ୍ରାଇଭେଟ୍ ଲିଃ' କମ୍ପାନୀ ଚଳାଇବାକୁ କୋଠାକୁ ଭଡ଼ାରେ ନେଇଥିଲେ। ହେଲେ ବଡ଼ ପରିମାଣରେ ଠକେଇ କରିବାକୁ ଉକ୍ତ କମ୍ପାନୀ ଅଫିସକୁ ସେ ଫୋନ ପେ' ରିଜିଓନାଲ୍ ଅଫିସ ଭାବେ ବ୍ୟବହାର କରୁଥିଲେ। ସାଇନବୋର୍ଡ ଓ ଷ୍ଟିକର୍ ଆଦି ଲଗାଇ ସତସତିକା ଫୋନ ପେ' ଅଫିସ କରିଦେଇଥିଲେ। ଅଭିଯୁକ୍ତ ଦମ୍ପତି ସହଯୋଗୀମାନଙ୍କୁ ଫୋନ ପେ'ର ଫେକ୍ ସାଲାରି ସ୍ଲିପ୍, ଏମ୍ପ୍ଲୋୟମେଣ୍ଟ ସାର୍ଟିଫିକେଟ୍ ଆଦି ଦେଇଥିଲେ। ଅଭିଯୁକ୍ତମାନେ ନିଜକୁ ଫୋନ ପେ' କର୍ମଚାରୀ କହି ଋଣ ନେଇଯାଇଥିଲେ। ଅଭିଯୁକ୍ତ ଦମ୍ପତି ଋଣ ଗ୍ରହିତାମାନଙ୍କଠୁ ଋଣ ଟଙ୍କାରୁ ୩୫ ପ୍ରତିଶତ ଟଙ୍କା ନେଉଥିଲେ। ତେବେ ଏହି ଲୋନ୍ ନେବା ପରେ କିସ୍ତି ଭରା ନ ଯିବାରୁ ବ୍ୟାଙ୍କ ପକ୍ଷରୁ ଅଡିଟ୍ କରାଯିବାବେଳେ ଏହି ଠକେଇ ନେଇ ଜଣାପଡ଼ିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ତୋଫାନ, ଫିରୋଜ, ଅନୁପମା ଋଣ ଆଣିଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଅନ୍ୟ ଋଣ ଗ୍ରହିତାମାନଙ୍କୁ ଇଓଡବ୍ଲ୍ୟୁ ଧରିବାକୁ ପ୍ରୟାସ କରୁଛି। ତେବେ ଏତେ ବଡ଼ ଠକେଇରେ ବ୍ୟାଙ୍କର କିଛି ଅଧିକାରୀ ମଧ୍ୟ ସମ୍ପୃକ୍ତ ଥିବା ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ଆହତ ସୌମ୍ୟକାନ୍ତ

## ଝାରପଡ଼ା ଜେଲରେ କଏଦୀଙ୍କୁ ହାଇଦରଙ୍କ ପୁଅଙ୍କ ଆକ୍ରମଣ ଘଟଣା

ଭୁବନେଶ୍ୱର,୫।୯(ସତ୍ୟଜିତ୍ ରାଉତ)

ଝାରପଡ଼ା ଜେଲର ଗୁମର କଥା ସାମ୍ନାକୁ ଆଣିବାରୁ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏନେଇ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ହେଉଥିବା ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ସୌମ୍ୟକାନ୍ତ। ଏନେଇ ଗୁରୁବାର ଜେଲରୁ ସୌମ୍ୟକାନ୍ତ ଏକ ଅଡିଓ ଜାରି କରି ଅଭିଯୋଗ କରିବା ସହ ତଦନ୍ତକୁ ନେଇ ସେ ସନ୍ତୁଷ୍ଟ ନ ଥିବା କହିଛନ୍ତି। ଜେଲ ଡିଆଇଜିଙ୍କ ତଦନ୍ତ ଠିକ୍ ଓ ନିରପେକ୍ଷ ହେଉ ନ ଥିବା ଅଭିଯୋଗ କରି ଘଟଣାର ବିଚାର ବିଭାଗୀୟ କିମ୍ବା ପୋଲିସସ୍ତରୀୟ ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି।

ସୌମ୍ୟକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ଜେଲ ଭିତରେ ଆକ୍ରମଣ କରାଯିବା ଘଟଣାରେ ହେଉଥିବା ତଦନ୍ତ ବିଷୟରେ ତାଙ୍କୁ କିଛି ଜଣାଯାଉନାହିଁ। ଜେଲର ଏକ ସେଲ୍ ଭିତରେ ତାଙ୍କୁ ୨୪ ଘଣ୍ଟା ବନ୍ଦ କରି ରଖାଯାଉଛି। ହେଲେ ଯେଉଁ ୧୫ଜଣ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ, ସେମାନେ ଖୋଲାଖୋଲି ଜେଲ ପରିସରରେ ବୁଲୁଛନ୍ତି। ଏଥିସହ ଅଭିଯୁକ୍ତମାନେ ତାଙ୍କୁ ହାତ ଦେଖାଇ ଗାଳିଗୁଲଜ କରିବା ସହ ଧମକ ମଧ୍ୟ ଦେଉଛନ୍ତି। ଏପରିକି ଜେଲ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଏହି ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଛନ୍ତି। ପୋଲିସ ଏହି ଘଟଣାରେ ଆସି ତାଙ୍କୁ ପଚରାଉଚରା କଲାନାହିଁ। ଡିଆଇଜିଙ୍କ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସାଙ୍ଗ ହୋଇଥିବାରୁ ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଛି। ତେଣୁ ଏନ୍‌ଏଚ୍‌ଆର୍‌ସି ଓ ପୋଲିସସ୍ତରୀୟ ତଦନ୍ତ କରାଯାଉ ବୋଲି ସୌମ୍ୟକାନ୍ତ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଜେଲ ଏଡିଜିଙ୍କ ନିକଟରେ ଡିଆଇଜି ତାଙ୍କ ତଦନ୍ତ ରିପୋର୍ଟ ଦାଖଲ କରିଥିବା ଜଣାପଡ଼ିଛି। ହେଲେ ଏହି ରିପୋର୍ଟରେ ଜେଲର କିମ୍ବା ସୁପରିଣ୍ଟେଣ୍ଡେଣ୍ଟଙ୍କ କୌଣସି ଭୁଲ ନ ଥିବା ଦର୍ଶାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ସୌମ୍ୟକାନ୍ତ ଜେଲରେ ଚାଲୁଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରି ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ଡିଏଲ୍‌ଏସ୍‌ଏ ଟିମ୍ ଶନିବାର ଜେଲରେ ଅଚାନକ ଚଢ଼ାଉ କରି ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଥିଲା। ଏହାକୁ ନେଇ ରବିବାର ମୁନା ଓ ସହଯୋଗୀମାନେ ସୌମ୍ୟକାନ୍ତଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିଲେ।

# ୮ ଲକ୍ଷ ଆତ୍ମସାତ୍, ୨ ଫାଇନାନ୍ସ କର୍ମଚାରୀ ଗିରଫ

କେନ୍ଦୁଝର,୫।୯(ଦୀପକ ମିଶ୍ର)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କାଶୀପୁରଠାରେ ଥିବା କେଜିଏଫ୍‌ଏସ୍ ଧାବରା ଫାଇନାନ୍ସ କମ୍ପାନୀର ଅର୍ଥ ଆତ୍ମସାତ୍ ଅଭିଯୋଗ ହୋଇଛି। ଏ ନେଇ କ୍ଲଷ୍ଟର ହେଡ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ ଫାଇନାନ୍ସ କମ୍ପାନୀର ୨ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ କମ୍ପାନୀ ଶାଖା ପରିଚାଳକ ବାଲେଶ୍ୱର ଜିଲା ଖଇରା ଥାନା କେନ୍ଦୁଭଦଳି ଗ୍ରାମର ହରେଶ କୁମାର ବାରିକ(୩୧) ଓ ଶାଖାର କର୍ମଚାରୀ କେନ୍ଦ୍ରପଡ଼ା ଜିଲା ନିକିରାଅ ଥାନା ଇନ୍ଦୁପୁର ତେଲିସାହିର ନମିତା ସାହୁ(୨୭)।

ସୂଚନା ଅନୁଯାୟୀ, ଫାଇନାନ୍ସ କମ୍ପାନୀର ତ୍ରୈମାସିକ ଅଡିଟ୍ ବେଳେ ୮ ଲକ୍ଷ ୫୦ ହଜାର ୬୧୦ଟଙ୍କା କମ ଥିବା ଜଣାପଡ଼ିଥିଲା। ଏହି ଅର୍ଥ କମ୍ପାନୀର କର୍ମଚାରୀ ଆତ୍ମସାତ୍ କରିଥିବା ଜଣାପଡ଼ିବା ପରେ ଫାଇନାନ୍ସ କମ୍ପାନୀର କ୍ଲଷ୍ଟର ହେଡ୍ ଧ୍ରୁବଚରଣ ବନ୍ଧ ଟାଉନ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୪୫୩/୨୦୨୪) ରୁଜୁକରି କେଜିଏଫ୍‌ଏସ୍ ଧାବରା ଫାଇନାନ୍ସ କମ୍ପାନୀ ଶାଖା ପରିଚାଳକ ଏବଂ ଶାଖାର କର୍ମଚାରୀଙ୍କୁ ଗିରଫ କରିଛି। ହରେଶ ବ୍ୟବହାର କରୁଥିବା ବାଇକ୍(ଓଡି ୦୯ ଏମ୍ ୨୮୪୫)କୁ ପୋଲିସ ଜବତ କରିଛି। ଫାଇନାନ୍ସ କମ୍ପାନୀରୁ ଅର୍ଥ ଆତ୍ମସାତ୍ କରି ଉଭୟ କର୍ମଚାରୀ ମଉଜ କରୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି।

# ୨ ଦିନିଆ ରିମାଣ୍ଡରେ ଅଭିଯୁକ୍ତ ସୁବାସ

## ଥାନା ଅଧିକାରୀ କହି ମହିଳାଙ୍କୁ ୧୦ ଲକ୍ଷ ଠକେଇ ଘଟଣା

ଭୁବନେଶ୍ୱର,୫।୯(ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ପୋଲିସ ଇନ୍ସପେକ୍ଟର ପରିଚୟ ଦେଇ ୩ ଜଣଙ୍କୁ ବିବାହ କରିଥିବା ଅଭିଯୁକ୍ତ ସୁବାସ କହଁରଙ୍କୁ ଗିରଫ ଘଟଣାରେ ଖଣ୍ଡଗିରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ-୫ ଅଭିଯୁକ୍ତଙ୍କୁ ୨ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେବା ପରେ ଝାରପଡ଼ା ଜେଲରୁ ଗୁରୁବାରଠାରୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ରିମାଣ୍ଡ ପୂର୍ବରୁ ସୁବାସଙ୍କ ନାମରେ ବୁଧବାର ଆଉ ଜଣେ ମହିଳା ଲକ୍ଷ୍ମୀସାଗର ଏବଂ ଜଣେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଅଭିଯୁକ୍ତ ରହୁଥିବା ରାଉରକେଲାସ୍ଥିତ ଘରକୁ ଗୋଟିଏ ଟିମ୍ ଯାଇ ଅଧିକ ଛାନ୍‌ଭିନ୍ କରିବ ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ଏହାସହ ଜବତ ମୋବାଇଲରୁ ପୋଲିସ ଅଧିକ ଖୋଳତାଡ଼ କରୁଥିବାବେଳେ ସେଥିରେ କିଛି ଆପତ୍ତିଜନକ ଭିଡିଓ ରହିଥିବା ପୋଲିସ ଜାଣିବାକୁ ପାଇଛି। ସେହିପରି ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିବ। ଏହାସହ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଉପରେ ମଧ୍ୟ ଯାଞ୍ଚ କରାଯାଉଥିବା ଡିସିପି କହିଛନ୍ତି। ଅନ୍ୟପଟେ ଅଭିଯୁକ୍ତ ବିବାହ କରିଥିବା ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀ ଏପର୍ଯ୍ୟନ୍ତ ଅଭିଯୋଗ କରି ନ ଥିବା ପୋଲିସ କହିଛି।

ଅଭିଯୋଗାନୁସାରେ ଡୁମୁଡୁମା ଅଞ୍ଚଳର ପୁଷ୍ପାଞ୍ଜଳି ପୃଷ୍ଟି ନାମୀ ଜଣେ ମହିଳା ୨୦୨୧ରେ ଟ୍ରେନରେ ବ୍ରହ୍ମପୁର ଯାଉଥିବାବେଳେ ଟ୍ରେନ୍ ଭିତରେ ସୁବାସଙ୍କ ସହ ପରିଚିତ ହୋଇଥିଲେ। କିଛି ସମୟର ବାର୍ତ୍ତାଳାପ ପରେ ସୁବାସ ନିଜକୁ ପୋଲିସ ପରିଚୟ ଦେଇ ଉକ୍ତ ମହିଳାଙ୍କ ସହ ବନ୍ଧୁତା କରିଥିଲେ। ଏହାପରେ ସୁବାସ ମହିଳାଙ୍କ ଫୋନ ନମ୍ବର ଆଣି ନିଜକୁ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାର ଇନ୍ସପେକ୍ଟର ଥିବା କହିଥିଲେ। ସମୟକ୍ରମେ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ସୁବାସ ମହିଳାଙ୍କଠାରୁ କ୍ୟାଶ୍ ଆକାରରେ ୧୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏପରିକି ଟଙ୍କା ଫେରସ୍ତ କରିବା ବଦଳରେ ମହିଳାଙ୍କୁ ବାହା ହେବାର ପ୍ରତିଶ୍ରୁତି ଦେଇଥିଲେ। ମହିଳାଙ୍କ ଯେମିତି ସନ୍ଦେହ ନ ହେବ ସେନେଇ ସୁବାସ ମହିଳାଙ୍କ ଭଡ଼ାଘରକୁ ଯାଉଥିଲେ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ମହିଳା ଜଣଙ୍କ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟ ଜଣେ ମହିଳା ଅଭିଯୁକ୍ତଙ୍କ ଜାଲରେ ପଡ଼ି ଠକାମିର ଶିକାର ହୋଇଥିଲେ। ମହିଳାଙ୍କ ଅଭିଯୋଗାନୁସାରେ ଅଭିଯୁକ୍ତ ୪ ମାସ ସମ୍ପର୍କରେ ରହିବା ପରେ ୨ଲକ୍ଷ ଟଙ୍କା ଠକି ନେଇଥିବା ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି।

### ଶ୍ରମିକରୁ ଠକେଇ ରାକେଟ

ଅଭିଯୁକ୍ତ ରାୟଗଡ଼ାରେ ପ୍ରଥମେ ବିଭିନ୍ନ ଘରୋଇ କମ୍ପାନୀରେ କଣ୍ଟ୍ରାକ୍ଟୁଆଲ ଭାବେ ଶ୍ରମିକ କାମ କରୁଥିଲେ। ଯାହା ରୋଜଗାର କରୁଥିଲେ ସେତିକି ତାଙ୍କୁ ପାଉ ନ ଥିଲା। ଫଳରେ ୨୦୧୦ ଠାରୁ ପରିବାର ଲୋକଙ୍କଠାରୁ ଅଲଗା ହୋଇ ରାଉରକେଲା ଚାଲିଯାଇଥିଲେ। ସେଠାରେ ମଧ୍ୟ ସେଇ ଶ୍ରମିକ ଭାବେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ବାହା ହୋଇ ମହିଳାଙ୍କୁ ଠକିବା ପାଇଁ ଯୋଜନା କରି ଜଣକ ପରେ ଜଣେ ମହିଳାଙ୍କୁ ଟାର୍ଗେଟ କରି ଠକିଥିଲେ। କାହାକୁ ଘର କିଣିଥିବା କହି ତ' ପୁଣି ଆଉ କାହାକୁ କନ୍‌ଷ୍ଟ୍ରକ୍ସନ କାମରେ ଦରକାର ଭଳି ବିଭିନ୍ନ ବାହାନା କରି ଚତୁରତାର ସହ ଟଙ୍କା ଆଣୁଥିଲେ।

# ପରିତ୍ୟକ୍ତ କୂଅରେ ପଡ଼ି ୨ ନାବାଳିକା ମୃତ

କୋଡ଼ିଙ୍ଗା/କୋଷାଗୁମୁଡ଼ା,୫।୯ (ସମରେନ୍ଦ୍ର ପଟ୍ଟନାୟକ/ ପ୍ରସାଦ ବିଷୋୟୀ)

ଡକାଡକି ହୋଇ ଖେଳିବାକୁ ଯାଇଥିଲେ ୨ ସାଙ୍ଗ। ଖେଳି ସାରି ଫେରିବା ବେଳକୁ ଭୁଲ୍‌ବଶତଃ ପାଖରେ ଥିବା ଏକ ପରିତ୍ୟକ୍ତ କୂଅରେ ଖସି ପଡ଼ିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଗୁରୁବାର ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ପଞ୍ଚାୟତ ଛେଳିପଦର ଗ୍ରାମର ଘଟିଛି। ମୃତକମାନେ ହେଲେ ଛେଳିପଦର ଗ୍ରାମର ନନ୍ଦ ଭତ୍ରାଙ୍କ ଝିଅ ମଞ୍ଜୁଳା (୧୦) ଓ ଚନ୍ଦ୍ର ଭତ୍ରାଙ୍କ ଝିଅ ତନୁ (୧୦)।

ମିଳିଥିବା ସୂଚନାନୁଯାୟୀ ଗୁରୁବାର ଗ୍ରାମର ମଞ୍ଜୁଳା ଓ ତନୁ ଅପରାହ୍ନ ୩ଟାରେ ଗାଁ ପାଖ ଜମିକୁ ଖେଳିବାକୁ ଯାଇଥିଲେ। ଖେଳ ସାରି ଉଭୟେ ଫେରିବା ବେଳକୁ ଭୁଲ୍‌ରେ ପାଖରେ ଥିବା ଏକ ପରିତ୍ୟକ୍ତ କୂଅରେ ସେମାନେ ପଡ଼ିଯାଇଥିଲେ। ଘରକୁ ଫେରିବାରୁ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜଖୋଜି କରିଥିଲେ। କିନ୍ତୁ ସେମାନଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗ୍ରାମବାସୀ ମଧ୍ୟ ପିଲା ୨ ଜଣଙ୍କୁ ଖୋଜିବା ଆରମ୍ଭ କରିଥିଲେ। ସେମାନେ କୂଅରେ ପଡ଼ିଯାଇଥିବା ଜାଣିପାରି ଗ୍ରାମବାସୀ ପରିବାର ଲୋକେ ଓ କୋଷାଗୁମୁଡ଼ା ଅଗ୍ନିଶମ ବାହିନୀକୁ ଖବରଦେଇଥିଲେ। ଅଗ୍ନିଶମ ବାହିନୀ ମଞ୍ଜୁଳା ଓ ତନୁଙ୍କୁ ଉଦ୍ଧାର କରିଥିଲେ। ଏହାପରେ ସେମାନଙ୍କୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। କୋଷାଗୁମୁଡ଼ା ପୋଲିସ କେସ୍ ନଂ. ୧୦/୨୪ ଓ ୧୧/୨୪ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ଶୁକ୍ରବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଶୀ ବରଷରେ ହେତୁ ନାଶ ଯାଏ
କଷି ନାଶ ଯାଏ କୁହୁଡ଼ି ପାତେ
ବସି ଖାଇଲେ ଯେ ଧନ ନାଶ ଯାଏ
ଅସ୍ତ୍ର ନାଶ ଯାଏ ହାତୁ ଦି'ହାତେ ।

ବୟସ ଅତ୍ୟଧିକ ହୋଇଗଲେ ମଣିଷର ସ୍ମୃତିଶକ୍ତି ଲୋପ ପାଇଯାଏ। ଅତ୍ୟଧିକ କୁହୁଡ଼ି ପଡ଼ିଲେ ଆମ୍ବ କଷି ଝଡ଼ି ଯାଇଥାଏ। ଉପାର୍ଜନ ନ କରି ସଞ୍ଚିତ ଅର୍ଥକୁ ଖର୍ଚ୍ଚ କରି ଚାଲିଲେ ତାହା ଅଚିରେ ଶେଷ ହୋଇଯାଇଥାଏ। ସେହିପରି ହାତ ହତିଆର ହାତରୁ ଦି ହାତ ହେଲେ ଗୁଣ ହରାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଅରଜିଲା ଧନ ପରକୁ ଦେଇ
ଗରଜି ମରୁଛୁ ଯାହା
ଦରଜ ନ ମେଣ୍ଟି ହଇରାଣ ହେଲୁ
ଦରଜ ହେଲାଣି ବାହା ।

ଟଙ୍କା ଯାଏ ସିଧା ଆସେ ବଙ୍କା। ଟଙ୍କା ପଇସା ଅନ୍ୟକୁ ଉଧାରଦେଲେ ତାହା ଠିକ୍ ସମୟରେ ଫେରିପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବାବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ଗାଡ଼ି ଧକ୍କାରେ ବାପା, ପୁଅ ମୃତ

ବାରଙ୍ଗ,୫।୯(ଲିଙ୍ଗରାଜ ରାଉତ)

କଟକ ତ୍ରିଶୂଳିଆ ନିକଟ ସୁବାସ ସେତୁ ଉପରେ ଏକ ଗାଡ଼ି ଧକ୍କାରେ ଗୁରୁବାର ରାତିରେ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଟକ ଅଲିଶା ବଜାରର ଜୟକୃଷ୍ଣ ଦାସ ଓ ତାଙ୍କ ପୁଅ ଦିଲୀପ କୁମାର ଦାସ।

ବାପା, ପୁଅ ଏକ ସ୍କୁଟି(ଓଡି ୦୫ ଏପି ୨୪୮୭) ଯୋଗେ ଭୁବନେଶ୍ୱର ଆଡ଼କୁ ଆସୁଥିଲେ। ସେତୁ ଉପରେ ପହଞ୍ଚିଥିବାବେଳେ ଏକ ପିକ୍‌ଅପ ଭ୍ୟାନ୍ ତାଙ୍କୁ ପଛପଟୁ ଧକ୍କା ଦେଇ ସେଠାରୁ ପଳାଇଥିଲା। ଉଭୟ ବାପା, ପୁଅ ଗାଡ଼ିରୁ ଛିଟିକି ଫୁଟପାଥରେ ମାଡ଼ ହୋଇ ଚେତା ହରାଇଥିଲେ। ଦୁର୍ଘଟଣା ପରେ ସେତୁ ଉପରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବରପାଇ ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବା ସହ ଗୁରୁତର ଅବସ୍ଥାରେ ବାପା, ପୁଅଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଛନ୍ତି।

# ବଜ୍ରପାତରେ ବୋହୂ ମୃତ, ଶାଶୁ ଗୁରୁତର

ଉମରକୋଟ, ୫।୯
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ବାସିନୀ ଗ୍ରାମରେ ବଜ୍ରପାତ ଘଟି ବୋହୂଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଶାଶୁ ଗୁରୁତର ଅଛନ୍ତି। ମୃତକ ହେଲେ ଗାଁର କୁନ୍ତୀ ହରିଜନ। ତାଙ୍କ ଶାଶୁ ମତି ହରିଜନ ଗୁରୁତର ହୋଇ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁଯାୟୀ, ଗୁରୁବାର ସକାଳୁ ଘାସ ବାଛିବାକୁ ଶାଶୁ, ବୋହୂ ଘରୁ ବାହାରି ଜମିକୁ ଯାଇଥିଲେ। ଜମିରେ କାମ କରିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଘଟଣାସ୍ଥଳରେ କୁନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ପାଖରେ ଥିବା ଅନ୍ୟମାନେ ମତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଖବରପାଇ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

# କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା କହି ଠକୁଥିବା ଯୁବକ ଗିରଫ

ଭୁବନେଶ୍ୱର,୫।୯(ସୂର୍ଯ୍ୟକାନ୍ତ ବେହେରା)

ନେତା ଓ ମନ୍ତ୍ରୀଙ୍କ ସହ ପରିଚିତ ଥିବା କହି ଏକାଧିକ ଲୋକଙ୍କୁ ଠକିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଠକାମୀର ଶିକାର ହୋଇଥିବା ବ୍ୟକ୍ତିମାନେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ହୋଟେଲରୁ ଉକ୍ତ ଯୁବକଙ୍କୁ କାବୁ କରି କ୍ୟାପିଟାଲ ଥାନା ପୋଲିସ ଜିମା ଦେଇଛନ୍ତି। ଏନେଇ ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଠକିଥିବା ଯୁବକଙ୍କ ନାଁ ରାହୁଲ ସାହୁ। ପୋଲିସ ରାହୁଲଙ୍କ ଫୋନ୍ ଜବତ କରିବା ସହ ତାଙ୍କ ନିକଟରୁ ବହୁ ଜାଲ୍ ନିଯୁକ୍ତିପତ୍ର, ବଦଳି ଆଦେଶ ଜବତ କରିଥିବା ସୂଚନା ମିଳିଛି। ଧରାପଡ଼ିଥିବା ଯୁବକ ଜଣଙ୍କ ନିଜ ପ୍ରକୃତ ନାମକୁ ଗୋପନୀୟ ରଖି ଲୋକଙ୍କୁ କୃଷ୍ଣ ବୋଲି ପରିଚୟ ଦେଉଥିଲେ। ଏପିରିକି କେତେବେଳେ ତାଙ୍କ ଘର ତାଳଚେରରେ ତ' ପୁଣି କେତେବେଳେ ଅନୁଗୋଳ ଏବଂ ଆଉ କେତେବେଳେ ପାଲଲହଡ଼ାରେ ବୋଲି କହୁଥିଲେ। ଏପରି କି ସେ ନିଜକୁ କେନ୍ଦ୍ରମନ୍ତ୍ରୀଙ୍କ ପୁତୁରା ବୋଲି ପରିଚୟ ଦେବା ସହ ତାଙ୍କର ଅନେକ ମନ୍ତ୍ରୀ ଏବଂ ବିଧାୟକଙ୍କ ସହ ଭଲ ସମ୍ପର୍କ ଥିବା କହୁଥିଲେ। ଏହା ଦ୍ୱାରା ସେ କାହାର ଚାକିରି କରାଇଦେବା, କାହାର ଟ୍ରାନ୍ସଫର ଏପରି କି କାହାର ପେଟ୍ରୋଲ୍ ପମ୍ପ କରାଇ ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଅଭିଯୁକ୍ତ ରାହୁଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସିନ୍ ରିକ୍ରିଏଶନ କଲା ପୋଲିସ

## ନାକଟୀଦେଉଳ ଯୁବତୀ ବଳାତ୍କାର, ହତ୍ୟା ଘଟଣା

ନାକଟୀଦେଉଳ, ୫।୯(ବୈକୁଣ୍ଠନାଥ ସାହୁ)



ପୋଲିସ ସିନ ରିକ୍ରିଏଶନ କରିବାକୁ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି।

ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ସାହେବୀ ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ହରି ବେହେରା(୩୦)ଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଗୁରୁବାର ପୋଲିସ ସିନ୍‌ରିକ୍ରିଏଶନ କରିଛି। ଅଭିଯୁକ୍ତ କେଉଁଠାରେ ଓ କିପରି ଯୁବତୀଙ୍କୁ ହତ୍ୟା କଲେ ଏବଂ ହତ୍ୟା ପରେ ମୃତଦେହକୁ କେଉଁ ରାସ୍ତା ଦେଇ କାଉଁଶୀଖୁଜ ଜଙ୍ଗଲକୁ ନେଇ ଫିଙ୍ଗିଲେ ତାହା ଗୋଟି ଗୋଟି କରି ସିନ ରିକ୍ରିଏଶନ ମାଧ୍ୟମରେ ଦେଖାଇଥିଲେ। ଯୁବତୀଙ୍କ ମୃତ୍ୟୁ ପରେ ଅଭିଯୁକ୍ତ ନାଳ ପାଖରେ ଥିବା ଚେକ୍‌ଡ୍ୟାମରେ ମୃତଦେହକୁ ଲୁଚାଇ ରଖି ଘରକୁ ଚାଲି ଆସିଥିଲେ। ଗହଳିଚହଳି କମିଯିବା ପରେ ସେହିଦିନ ରାତି ପ୍ରାୟ ୭ଟାରେ ସେଠାରୁ ମୃତଦେହ ବାହାରକୁ ଆଣି କାନ୍ଧରେ ବୋହି ସେଠାରୁ ପ୍ରାୟ ଅଧକି.ମି. ଦୂର ଜଙ୍ଗଲରେ କିପରି ଫୋପାଡ଼ି ଦେଇଥିଲେ ପୋଲିସ ଆଗରେ ଅଭିଯୁକ୍ତ ତାହାର ଘଟଣାକ୍ରମ ଦେଖାଇଥିଲେ। ହତ୍ୟା ପରେ ନାଳ ଭିତରେ ଅଭିଯୁକ୍ତ ଲୁଚାଇ ରଖିଥିବା ଯୁବତୀଙ୍କ କଳାରଙ୍ଗର ସାୟାକୁ ପୋଲିସ ଜବତ କରିଛି। ଅପରପକ୍ଷରେ ହତ୍ୟା ପରେ ଅଭିଯୁକ୍ତ ହରି ନିଜ ଘରକୁ ଆସି ରଖିଥିବା ନିଜର ପୋଷାକ ସମେତ ଆଉ କିଛି ସାମଗ୍ରୀ ଜବତ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ଆଲବିନୁସ୍ କେରକେଟା ସିନ ରିକ୍ରିଏଶନ ପରେ ଗଣମାଧ୍ୟମକୁ କହିଛନ୍ତି। ସିନ ରିକ୍ରିଏଶନ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ନାକଟୀଦେଉଳ ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ତଦନ୍ତକାରୀ ଅଧିକାରୀ ରେଢ଼ାଖୋଲ ଥାନା ଆଇଆଇସି ସବିତାବାଳା ସେଠୀ, ନାକଟୀଦେଉଳ ଥାନା ଅଧିକାରୀ ଝସକେତନ ଭୋଇଙ୍କ ସମେତ ୫ଟି ଥାନାର ଅଧିକାରୀ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ସାହେବୀ ଗ୍ରାମର ଜଣେ ଯୁବତୀ ଅଗଷ୍ଟ ୩୦ ତାରିଖ ସୁଆଗିଝରଣ ନାଳକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ସେପ୍ଟେମ୍ବର ୧ ତାରିଖ ସକାଳେ ଝାରବେଡା ପାଣ୍ଡୁରିପସୀ ସାହି ନିକଟ କାଉଁଶୀଖୁଜ ଜଙ୍ଗଲରେ ତାଙ୍କ ଉଲଗ୍ନ ଗଳିତ ମୃତଦେହ ଠାବ କରାଯାଇଥିଲା। ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ମୃତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣା ସାହେବୀ ଗ୍ରାମର ହରି ବେହେରାଙ୍କ ସମ୍ପୃକ୍ତି ଥିବା ସେମାନେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# କପିଲ୍ ପରମାରଙ୍କୁ ବ୍ରୋଞ୍ଜ


ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ମ୍ୟାଚ୍‌ରେ ଭାରତର କପିଲ ପରମାର(ଧଳା ଜର୍ସି)।

## ଜୁଡୋରେ ଭାରତକୁ ପ୍ରଥମ ପାରାଲିମ୍ପିକ୍ସ ପଦକ

**ପ୍ୟାରିସ୍,୫।୯(ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତୀୟ ପାରା ଜୁଡୋକା କପିଲ ପରମାର ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ଲେ ଅଫ୍ ଖେଳିବେ। ୬୦ କିଗ୍ରା ଓଜନ ବର୍ଗର ଜେ-୧ ଇଭେଣ୍ଟର ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ କପିଲ ୧୦- ବ୍ୟବଧାନରେ ବ୍ରାଜିଲର ଡି ଓଲିଭରେଙ୍କୁ ପରାସ୍ତ କରିଥିଲେ। ପ୍ରଥମ ଭାରତୀୟ ଜୁଡୋକା ଭାବରେ କପିଲ ଏକ ପାରାଲିମ୍ପିକ୍ସ ପଦକ ଜିତିବା ସହିତ ଇତିହାସ ରଚିଛନ୍ତି। ଭାରତୀୟ ଜୁଡୋକ ମାତ୍ର ୩୩ ସେକେଣ୍ଡର ସମୟ ନେଇ ସାମ୍ନା ଖେଳାଳିଙ୍କୁ ନକ୍‌ଆଉଟ କରିଥିଲେ। ପୂର୍ବରୁ କ୍ୱାର୍ଟର ଫାଇନାଲରେ କପିଲ ୧୦-୦ ବ୍ୟବଧାନରେ ଭେନେଜୁଲଏଲାର ଏମ୍‌ଡି ବ୍ଲାଙ୍କୋଙ୍କୁ ପରାସ୍ତ କରିଥିଲେ। ମାତ୍ର ସେମି ଫାଇନାଲରେ ଇରାନର ବନିଟାବା ଖୋରମ ଆବାଦି ସୟଦ ମେୟସାମଙ୍କ ଠାରୁ ୦-୧୦ରେ ପରାଜିତ ହେବା ସହିତ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଖେଳିଥିଲେ। ସେମି ଫାଇନାଲରେ କପିଲଙ୍କୁ ପରାସ୍ତ କରିଥିବା ଭେନେଜୁଲଏଲାର ଏମ୍‌ଡି ବ୍ଲାଙ୍କୋ ଫାଇନାଲରେ ଇଣ୍ଡୋନେସିଆର ଜୁନେଦିଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହାକୁ ମିଶାଇ ଚଳିତ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୫ ଛୁଇଁଛି। ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସହ ଭାରତ ମେଡାଲ ଟେବୁଲର ୧୪ ତମ ସ୍ଥାନରେ ରହିଛି।

# ୧୦୦ ମିଟର ଫାଇନାଲରେ ସିମରନ୍

**ପ୍ୟାରିସ୍, ୫।୯ (ପି.ଟି.)**

ପ୍ୟାରିସ୍ ପାରାଲିମ୍ପିକ୍ସରେ ଗୁରୁବାର ମହିଳା ଟି୧୨ ବର୍ଗର ୧୦୦ ମିଟର ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ସିମରନ୍। ସେମି ଫାଇନାଲରେ ୧୨.୩୩ ସେକେଣ୍ଡର ଟାଇମିଂ ହାସଲ କରିଥିଲେ ସିମରନ୍। ବିଶ୍ୱ ଚାମ୍ପିୟନ ରହି ସାରିଥିବା ୨୪ ବର୍ଷୀୟା ସିମରନ୍‌ଙ୍କ ଗାଇଡ୍ ଭାବରେ ଅଭୟ ସିଂ ଦୌଡିଥିଲେ। ସେମି ଫାଇନାଲ -୨ରେ ଜର୍ମାନୀର କାଟରିନ୍ ରୋଟଗାର୍ଡ ମୁଲର ୧୨.୨୬ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ବୁଧବାର ହିଟ୍ସରେ ସିମରନ୍ ଚଳିତ ସିଜନର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହିତ ୧୨.୧୭ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକ୍ରେନର ଓକସାନା ବୋଟରଚୁକ୍ ଓ କ୍ୟୁବାର ଓମାରା ଏଲିଆସ ଡୁରାଣ୍ଡ ଫାଇନାଲରେ ପ୍ରବେଶ କରିଛନ୍ତି। ଆବଶ୍ୟକ ସମୟ ପୂର୍ବରୁ ସିମରନ ଜନ୍ମ ନେଇଥିବା ବେଳେ ତାଙ୍କ ନିକଟରେ ଦେଖିବାର ସମସ୍ୟା ରହିଥିଲା।


ଗାଇଡ୍ ଅଭୟ ସିଂଙ୍କ ସହିତ ସିମରନ୍।

## ବ୍ରୋଞ୍ଜ ପ୍ଲେ ଅଫ ହାରିଲା ରିକର୍ଭ ଆର୍ଚେରୀ ଦଳ

ହରବିନ୍ଦର ସିଂ ଓ ପୂଜାଙ୍କୁ ନେଇ ଖେଳୁଥିବା ଭାରତୀୟ ମିକ୍ସଡ ରିକର୍ଭ ଆର୍ଚେରୀ ଦଳ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛି। ପ୍ଲେ ଅଫ୍‌ରେ ସ୍ଲୋଭେନିଆ ନିକଟରୁ ଶୁଟ୍ ଅଫ୍‌ରେ ହାରିବା ସହ ଭାରତ ପଦକରୁ ବଞ୍ଚିତ ରହିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୪-୪ରେ ରହିଥିଲା। ଶୁଟ୍‌ଅଫ୍‌ରେ ଭାରତ ୧୭ ପଏଣ୍ଟ ସ୍କୋର କରିଥିବା ବେଳେ ସ୍ଲୋଭେନିଆ ୧୯ ପଏଣ୍ଟ ସ୍କୋର କରିଥିଲା। ପୂର୍ବରୁ ସେମି ଫାଇନାଲରେ ଭାରତ ଇଟାଲୀ ନିକଟରୁ ୬-୨ରେ ପରାଜିତ ହୋଇଥିଲା। ଭାରତୀୟ ଦଳ ଶୁଟ୍ ଅଫ୍‌ରେ ୧୫-୫ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି କ୍ୱାର୍ଟରରେ ପହଞ୍ଚିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୪-୪ରେ ରହିଥିଲା। ପ୍ରଥମ ଭାରତୀୟ ଭାବରେ ଏକ ଆର୍ଚେରୀ ସ୍ୱର୍ଣ୍ଣ ଜିତିଥିବା ହରବିନ୍ଦର ଶୁଟ ଅଫ୍‌ରେ ଚମତ୍କାର ପ୍ରଦର୍ଶନ କରି ୯ ପଏଣ୍ଟ ସ୍କୋର କରିଥିଲେ। ପୂଜା ୬ ପଏଣ୍ଟ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିଆର ଖେଳାଳି ମାତ୍ର ୫ ପଏଣ୍ଟ ସ୍କୋର କରିଥିଲେ। ଗୋଟିଏ ଦିନ ପୂର୍ବରୁ ଇତିହାସ ସୃଷ୍ଟି କରିଥିବା ହରବିନ୍ଦର ଚମତ୍କାର ପ୍ରଦର୍ଶନ କରିବା ସହ ଭାରତକୁ ୪-୦ରେ ଆଗୁଆ କରିଥିଲେ। ପ୍ରଥମ ୨ ସେଟରେ ଭାରତ ଯଥାକ୍ରମେ ୩୧-୧୮ ଓ ୩୫-୨୪ରେ ବିଜୟୀ ହୋଇଥିଲା। ତେବେ ପରବର୍ତ୍ତୀ ୨ ରାଉଣ୍ଡରେ ଅଷ୍ଟ୍ରେଲିଆ ୨୭-୩୩ ଓ ୨୪-୩୩ରେ ବିଜୟୀ ହେବା ଫଳରେ ମ୍ୟାଚ୍ ଶୁଟ୍ ଅଫ୍‌କୁ ଯାଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ପୋଲାଣ୍ଡକୁ ଏକପାଖିଆ ଭାବରେ ୬-୦ରେ ହରାଇଥିଲା। ହରିୟାଣାର ଏକ କୃଷକ ପରିବାରରୁ ଆସୁଥିବା ହରବିନ୍ଦର ମାତ୍ର ଦେଢ଼ ବର୍ଷର ହୋଇଥିବା ବେଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ତେବେ ମେଡିସିନ୍‌ର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ତାଙ୍କ ଗୋଡ଼ରେ ସମସ୍ୟା ଦେଖାଦେଇଥିଲା। ଅନ୍ୟପକ୍ଷରେ ପୂଜାଙ୍କ କାହାଣୀ ମଧ୍ୟ ପ୍ରାୟ ସମାନ। ୧୯୯୭ ମସିହାରେ ଜ୍ୱର କାରଣରୁ ପୂଜା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତର ଭୁଲ୍ ଇଞ୍ଜେକ୍ସନ ଦେବା କାରଣରୁ ପୂଜାଙ୍କ ଗୋଡ଼ରେ ପୋଲିଓ ସୃଷ୍ଟି ହୋଇଥିଲା।

ଭାରତୀୟ ମହିଳା ଜୁଡୋକା କୋକିଳା ରିପିଚେଜ ରାଉଣ୍ଡରେ ହାରିବା ସହ ପଦକ ଦୌଡ଼ରୁ ବାଦ ପଡ଼ିଛନ୍ତି। କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ଆକମାରା ନୌଟାବେକଙ୍କଠାରୁ ୧୦-୦ରେ ହାରିଥିଲେ କୋକିଳା। ନୌଟାବେକ ଫାଇନାଲରେ ପହଞ୍ଚିବା ପରେ କୋକିଳାଙ୍କୁ ରିପିଚେଜ୍‌ରେ ସୁଯୋଗ ମିଳିଥିଲା। ମାତ୍ର ରିପିଚେଜ୍‌ର ପ୍ରଥମ ରାଉଣ୍ଡରେ ୟୁକ୍ରେନର ୟୁଲିଆ ଇଭାନିଟ୍‌ସକାଙ୍କଠାରୁ ୧୦-୦ରେ ହାରି ବିଦାୟ ନେଇଥିଲେ କୋକିଳା।

# ମାହିତଙ୍କୁ ସ୍ୱର୍ଣ୍ଣ, ଅଭିନବଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୫।୯ (ପି.ଟି.)**

### ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍

ଜର୍ମାନୀର ହାନୋଭରଠାରେ ଚାଲିଥିବା ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍‌ର ୫ମ ଦିବସରେ ଭାରତୀୟ ପ୍ରତିଯୋଗୀ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିବାରେ ସଫଳ ହୋଇଛନ୍ତି। ମହିଳା ୫୦ ମିଟର ରାଇଫଲ ପ୍ରୋନ୍ ଇଭେଣ୍ଟରେ ମାହିତ ସାନ୍ଧୁ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ପୁରୁଷ ୨୫ମିଟର ପିସ୍ତଲରେ ଅଭିନବ ଦେଶୱାଲ ରୌପ୍ୟ ପାଇଛନ୍ତି। ଏହି ଦୁଇ ପଦକ ସହ ଚାମ୍ପିୟନଶିପ୍‌ରେ ଭାରତର ପଦକ ସଂଖ୍ୟା ୧୫ (୪ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ)କୁ ବୃଦ୍ଧି ପାଇଛି। ଚଳିତ ସଂସ୍କରଣରେ ସାନ୍ଧୁଙ୍କର ଏହା ଦ୍ୱିତୀୟ ସ୍ୱର୍ଣ୍ଣ ହୋଇଥିବା ବେଳେ ମୋଟ ଉପରେ ତୃତୀୟ ପଦକ। ପୂର୍ବରୁ ଏହି ମହିଳା ଶୁଟର ମିକ୍ସଡ ୧୦ ମିଟର ଏୟାର ରାଇଫଲରେ ଧନୁଶ ଶ୍ରୀକାନ୍ତଙ୍କ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ଜିତିଥିଲେ। ଫାଇନାଲରେ ସେ ହଙ୍ଗେରୀର ମୀରା ବାଏତୋଭସ୍କିଙ୍କଠାରୁ ୨.୨ ଅଧିକ ୨୪୭.୪ ଶଟ୍ କରିଥିଲେ। କ୍ୱାଲିଫାଇଂରେ ଏହି ଭାରତୀୟ ଶୁଟର ୬୧୭.୮ ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ଶୁଟର ନାତାଶ ଯୋଶି ଫାଇନାଲରେ ୭ମ ହୋଇଥିଲେ। ଅନ୍ୟପକ୍ଷରେ ଦେଶୱାଲ ଫାଇନାଲ ସିରିଜରେ ୟୁକ୍ରେନର ଓଲେକ୍‌ସାଣ୍ଡର କୋଲୋଡିଙ୍କଠାରୁ ମାତ୍ର ୧ ପଏଣ୍ଟ ବ୍ୟବଧାନରେ ପଛରେ ପଡ଼ି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଅନ୍ୟ ଭାରତୀୟ ଶୁଟରମାନଙ୍କ ମଧ୍ୟରେ ଶୁଭମ ଭଶିଡ୍ ଓ ଚେତନ ସାପ୍‌କାଲ ଯଥାକ୍ରମେ ୫ମ ଓ ୭ମରେ ରହିଥିଲେ। ଦେଶୱାଲ ପୂର୍ବରୁ ବ୍ୟକ୍ତିଗତ ୧୦ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ, ମିକ୍ସଡ ଓ ଟିମ୍ ଇଭେଣ୍ଟଗୁଡ଼ିକରେ ରୌପ୍ୟ ଜିତିଛନ୍ତି।


ସ୍ୱର୍ଣ୍ଣ ପଦକ ସହ ଭାରତର ମାହିତ ସାନ୍ଧୁ (ମଝି)।

# ଭାରତରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ

**ନୂଆଦିଲ୍ଲୀ, ୫।୯ (ପି.ଟି.):** ଆଫଗାନିସ୍ତାନ ବିପକ୍ଷରେ ଏକ ମାତ୍ର ଟେଷ୍ଟ ମ୍ୟାଚ ଖେଳିବା ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଗୁରୁବାର ଏଠାରେ ପହଞ୍ଚିଛି। ଏହି ମ୍ୟାଚ ସେପ୍ଟେମ୍ବର ୯ରେ ଗ୍ରେଟର ନଏଡାସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଖେଳାଯିବ। ଦୁଇ ଦେଶ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ମ୍ୟାଚ। ଆଫଗାନିସ୍ତାନ ବିପକ୍ଷରେ ଆଫଗାନିସ୍ତାନ ଏକ ଶକ୍ତିଶାଳୀ ଦଳ ମନୋନୀତ କରିଛି। ଭେଟେରାନ ପେସ୍ ବୋଲର ଟିମ୍ ସୌଦିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଥିବା କେନ୍ ୱିଲିୟମସନ ଦଳରେ ସ୍ଥାନ ପାଇଛନ୍ତି। ଟମ୍ ଲଥାମ ପୂର୍ବଭଳି ଉପ ଅଧିନାୟକ ରହିବେ। ଏହାଛଡ଼ା ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ ଓ ରାଚିନ ରବୀନ୍ଦ୍ର ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର, ଏଜାଜ ପଟେଲ ଏବଂ ପାର୍ଟ ଟାଇମର ଫିଲିପ୍ସ ଓ ରବୀନ୍ଦ୍ରଙ୍କ ପରି ୫ ସ୍ପିନର ଏହି ଦଳରେ ଅଛନ୍ତି। ଭ୍ରମଣକାରୀ ଦଳ ଶୁକ୍ରବାର ଅଭ୍ୟାସ ଆରମ୍ଭ କରିବ। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଖେଳି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) କ୍ୟାଲେଣ୍ଡରର ଅଂଶବିଶେଷ ସ୍ୱରୂପ ଆଗକୁ ଶ୍ରୀଲଙ୍କା ବିପକ୍ଷରେ ଖେଳିବାକୁ ଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ ନିଜକୁ ପ୍ରସ୍ତୁତ କରିବ। ଶ୍ରୀଲଙ୍କା ଟୁର୍ ଶେଷ ପରେ ନ୍ୟୁଜିଲାଣ୍ଡ ଭାରତ ପ୍ରତ୍ୟାବର୍ତ୍ତନ କରି ରୋହିତ ଶର୍ମାଙ୍କ ଦଳ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ସିରିଜ ମଧ୍ୟ ଡବ୍ଲ୍ୟୁଟିସି କ୍ୟାଲେଣ୍ଡରର ଏକ ଅଂଶ ବିଶେଷ। ଏହି ତିନୋଟିଯାକ ମ୍ୟାଚ ଅକ୍ଟୋବର ଓ ନଭେମ୍ବରରେ ବେଙ୍ଗାଲୁରୁ, ପୁଣେ ଓ ମୁମ୍ବାଇରେ ଖେଳାଯିବ।


ପ୍ୟାରିସ୍ ପାରାଲିମ୍ପିକ୍ସର ମହିଳା ଏଚ୍-୫ ବର୍ଗର ରୋଡ୍ ରେସ୍ ଚାମ୍ପିୟନ ଆମେରିକାର ଓକ୍‌ସାନା ମାଷ୍ଟର୍ସ।

# ବିସିସିଆଇ ବାର୍ଷିକ ସାଧାରଣ ଅଧିବେଶନ ୨୯ରେ

**ବେଙ୍ଗାଲୁରୁ, ୫।୯ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୩ତମ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ଏଠାରେ ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବ। ଏହି ହାଇ ପ୍ରୋଫାଇଲ ସମିଟ୍ ବୋର୍ଡର ନୂଆ ସମ୍ପାଦକ ନିର୍ବାଚନ ଅନୁଷ୍ଠିତ ହେବନାହିଁ। ତେବେ ବୋର୍ଡର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସହର ଉପକଣ୍ଠରେ ନୂଆ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଉଦ୍‌ଘାଟନୀ ହୋଇପାରେ। ବର୍ତ୍ତମାନ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏନ୍‌ସିଏ ଦୁଇ ଦଶନ୍ଧି ହେଲା କାର୍ଯ୍ୟକରି ଆସୁଛି। ଏଜିଏମ୍‌ରେ ବିସିସିଆଇର ନୂଆ ସମ୍ପାଦକ ନିର୍ବାଚିତ ହେବେ ନାହିଁ। ଏଥିପାଇଁ ସ୍ୱତନ୍ତ୍ର ସାଧାରଣ ବୈଠକ କେବେ ବସିବ ସେଥିପାଇଁ ଏଠାରେ ଦିନ ଧାର୍ଯ୍ୟ ହେବ। ଜୟ ଶାହା ସର୍ବସମ୍ମତି କ୍ରମେ ଆଇସିସି ଚେୟାରମ୍ୟାନ ନିର୍ବାଚିତ ହୋଇ ସାରିଥିବାରୁ ତାଙ୍କ ସ୍ଥାନରେ ନୂଆ ସମ୍ପାଦକ ନିର୍ବାଚିତ କରିବା ବାଧ୍ୟତାମୂଳକ। ଶାହା ଡିସେମ୍ବର ୧ରୁ ନୂଆ କାର୍ଯ୍ୟାଳୟରେ ଯୋଗଦେବାକୁ ଥିବାରୁ ସେ ପର୍ଯ୍ୟନ୍ତ ବିସିସିଆଇ ସମ୍ପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବେ। ବୈଠକରେ ୧୮ଟି ଏଜେଣ୍ଡା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏ ବିଷୟରେ ପୂର୍ବରୁ ରାଜ୍ୟ ଆସୋସିଏଶନଗୁଡ଼ିକୁ ଚିଠି କରାଯାଇଛି।

# ମୁଶିର ଖାନ୍‌ଙ୍କ ଶତକ




**ବେଙ୍ଗାଲୁରୁ, ୫।୯ (ପି.ଟି.)**

### ଦୁଲୀପ ଟ୍ରଫି

ଚାରି ଦିନିଆ ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଠାରେ ଭାରତ 'ଏ' ବିପକ୍ଷ ମ୍ୟାଚରେ ମୁଶିର ଖାନ୍‌ଙ୍କୁ ଅପରାଜିତ ଶତକ ସହାୟତାରେ ଭାରତ 'ବି' ୭ ଉଇକେଟ ବିନିମୟରେ ୨୦୨ ରନ କରିଛି। ରିଷଭ ପନ୍ତ ୧୦ଟି ବଲ୍ ଖେଳିପାରିଥିଲେ। ଭାରତ 'ବି' ଦଳ ଏକଦା ୯୪ ସ୍କୋରରେ ଏହାର ୭ ଉଇକେଟ ହରାଇ ସାରିଥିଲା। ମାତ୍ର ୮ମ ଉଇକେଟରେ ମୁଶିର (୧୦୫ ନଟଆଉଟ, ୨୨୭ ବଲ୍, ୧୦ ଚୌକା, ୨ ଛକା) ଓ ନବଦୀପ ସଇନୀ (୨୯ ନଟଆଉଟ) ୮ମ ଉଇକେଟରେ ଅପରାଜିତ ୧୦୮ ରନ ଯୋଗ କରି ସେମାନଙ୍କ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ମେଘୁଆ ପାଗ ଯୋଗୁ 'ଏ' ଦଳର ଅଧିନାୟକ ଶୁବମନ ଗିଲ୍ ପ୍ରଥମେ ବୋଲିଂ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ମୁଶିରଙ୍କ ବୟସ ହେଉଛି ମାତ୍ର ୧୯ ବର୍ଷ। ସର୍ଫରାଜ ଖାନ୍(୯)ଙ୍କ ସେ ସାନ ଭାଇ। ୧୪ତମ ଓଭରରେ ଅଭିମନ୍ୟୁ ଈଶ୍ୱରନଙ୍କ ଉଇକେଟ ପତନ ପରେ ପରେ ୩ନମ୍ବର ସ୍ଥାନରେ ଏହି ଡାହାଣହାତୀ ବ୍ୟାଟର ବ୍ୟାଟିଂ କରିବାକୁ ଆସିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ବି': ୭୯ ଓଭରରେ ୨୦୨/୭ (ଯଶସ୍ୱୀ ଜୟସ୍ୱାଲ-୩୦, ମୁଶିର ଖାନ୍-୧୦୫*; ଖଲିଲ ଅହମ୍ମଦ-୨/୩୯, ଆକାଶଦୀପ-୨/୨୮, ଆଭେଶ ଖାନ୍-୨/୪୨)।

### ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ

**ଅନନ୍ତପୁର, ୫।୯ (ପି.ଟି.):** ଭାରତ 'ସି' ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚରେ ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଦେଖିବାକୁ ମିଳିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୁପ୍ 'ଡି' ଏକଦା ୪୮ ରନ ସ୍କୋରରେ ଏହାର ୬ ଉଇକେଟ ହରାଇ ବସିଥିଲା। ୭ନମ୍ବର ସ୍ଥାନରେ ଆସିଥିବା ଅକ୍ଷର ଆକ୍ରମଣାତ୍ମକ ଖେଳିବା ପୂର୍ବରୁ ପ୍ରଥମେ ସତର୍କତାର ସହିତ ବ୍ୟାଟିଂ ଆରମ୍ଭ କରିଥିଲେ। ସେ ୧୧୮ ବଲ୍‌ରୁ ୮୬ ରନ ସଂଗ୍ରହ କରିଥିଲେ। ଭାରତ 'ଡି' ୪୮. ୩ ଓଭରରେ ୧୬୪ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ 'ସି' ପ୍ରଥମ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୪ ଉଇକେଟ ବିନିମୟରେ ୯୧ ରନ କରିଛି। ଟପ୍ ସ୍କୋରର ଅକ୍ଷର ବୋଲିଂରେ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ୪୮. ୩ ଓଭରରେ ୧୬୪/ଅଲଆଉଟ (ଅକ୍ଷର ପଟେଲ-୮୬; ବିଜୟ କୁମାର ବ୍ୟଶକ (୩/୧୯)। ଭାରତ 'ସି': ୩୩ ଓଭରରେ ୯୧/୪ (ଅଭିଷେକ ପୋରେଲ-୩୨*; ଅକ୍ଷର ପଟେଲ-୨/୧୬)।

# ଏମ୍‌ଜିଏମ୍ ଫାଓ ପ୍ରଥମ ଡିଭିଜନ ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୫।୯ (ବିଜୟ ରଣା)**

କଟକରେ ଏମ୍‌ଜିଏମ୍ ଫାଓ (ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା) ପ୍ରଥମ ଡିଭିଜନ ଲିଗ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡାଇମଣ୍ଡ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ, ଗୋଲ୍ଡ ଗ୍ରୁପ୍‌ର ଶ୍ରେଷ୍ଠ ୩ ଦଳ ଏବଂ ସିଲ୍‌ଭର ଦଳର ଚାମ୍ପିୟନ ଦଳ ସଫଳତାର ସହିତ ଏମ୍‌ଜିଏମ୍ ଫାଓ ସୁପର କପ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଦଳଗୁଡ଼ିକ ହେଲେ ଡାଇମଣ୍ଡ ଗ୍ରୁପ୍‌ରୁ ସନରାଇଜ କ୍ଲବ, ରୋଭର୍ସ କ୍ଲବ, ରାଧାରମଣ କ୍ଲବ ଓ ସ୍ପୋର୍ଟ୍ସ ଓଡ଼ିଶା, ଗୋଲ୍ଡରୁ କିଶୋର କ୍ଲବ, ମଙ୍ଗଳା କ୍ଲବ ଓ ଓଡ଼ିଶା ପୋଲିସ ଏବଂ ସିଲ୍‌ଭରରୁ ଜୁନିୟର ଗାଲାଣ୍ଟ କ୍ଲବ। ଏମ୍‌ଜିଏମ୍ ଫାଓ ସୁପର ସୁପର କପ୍ ୨୦୨୪ ଚଳିତ ମାସ ୧୩ ତାରିଖରୁ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଗୁରୁବାର ପ୍ରଥମ ମ୍ୟାଚ ସିଲ୍‌ଭର ଗ୍ରୁପ୍‌ର ରିଲିଗେଶନ ମ୍ୟାଚ ଆଜାଦ ହିନ୍ଦ କ୍ଲବ ଓ ଟାଉନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଉନ କ୍ଲବ ୭-୩ ଗୋଲ୍‌ରେ ବିଜୟ ଲାଭ କରିଥିବା ବେଳେ ପରାଜିତ ଆଜାଦ ହିନ୍ଦ କ୍ଲବ ଦ୍ୱିତୀୟ ଡିଭିଜନ ଲିଗ୍‌କୁ ଖସିଥିଲା। ପରେ ଖେଳାଯାଇଥିବା ସିଲ୍‌ଭର ଗ୍ରୁପ୍‌ର ଫାଇନାଲ ମ୍ୟାଚରେ ଜୁନିୟର ଗାଲାଣ୍ଟ କ୍ଲବ ୬-୧ ଗୋଲ୍‌ରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।


ଫାଓ ଲିଗ୍ ସିଲ୍‌ଭର ଚାମ୍ପିୟନ ଜୁନିୟର ଗାଲାଣ୍ଟ କ୍ଲବ୍।

**ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବାରେ ଅର୍ଦ୍ଧଶତକ ପୂରଣ କରିଛନ୍ତି ଓଡ଼ିଶାର ତାରକା ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ଅମୃତସରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍‌ର ମହିଳା ୨୦କି.ମି. ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ଶ୍ରେଷ୍ଠ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ତାଙ୍କୁ ଖୁବ୍ ଆନନ୍ଦ ଦେଇଛି ବୋଲି ସେ ପ୍ରକାଶ କରିଛନ୍ତି।**

–ପ୍ରସ୍ତୁତି: ତପନ ସ୍ୱାଇଁ

# ଟାଇମ୍ ଟ୍ରାଏଲ୍ ସ୍ୱର୍ଣ୍ଣ ଉତ୍ସାହିତ କରିଛି: ସ୍ୱସ୍ତି





ପଞ୍ଜାବ ଅମୃତସରର ଅଟାରିରେ ଅନୁଷ୍ଠିତ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ (ରୋଡ୍ ଇଭେଣ୍ଟ–ନର୍ଥଜୋନ୍)ରେ ଚମକ ଦେଖାଇଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ୨ ଦିନବିଶିଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଛନ୍ତି। ତେବେ ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ଏଲିଟ୍ ମହିଳା ୨୦ କିଲୋମିଟର ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ସ୍ୱର୍ଣ୍ଣ ପଦକ ତାଙ୍କୁ ଖୁବ୍ ଆନନ୍ଦ ଦେଇଛି। କାରଣ ସେ ଏଥିରେ ବେଷ୍ଟ ଟାଇମ୍ ଦେବାରେ ସକ୍ଷମ ହୋଇଥିଲେ ବୋଲି ସମ୍ପ୍ରତି ପଞ୍ଜାବରେ ଟ୍ରେନିଂ ନେଉଥିବା ସ୍ୱସ୍ତି ପ୍ରକାଶ କରିଛନ୍ତି। ସେ ୨୭:୧୧.୧୯୮ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ୨୩ ବର୍ଷୀୟା ସ୍ୱସ୍ତିଙ୍କ ପାଇଁ ଚଳିତ ବର୍ଷ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି ଏହି ଓଡ଼ିଶା ସାଇକ୍ଲିଷ୍ଟ। ୪୦ କିଲୋମିଟର ମାସ–ଷ୍ଟାର୍ଟ ଇଭେଣ୍ଟରେ ସେ ଯଦିଓ ସ୍ୱର୍ଣ୍ଣ ପଦକ ଜିତି ନାହାନ୍ତି ତେବେ କ୍ୟାରିୟରର ୫୦ (ଜାତୀୟ/ଅନ୍ତର୍ଜାତୀୟ) ପଦକ ପୂରଣ କରି ଏକ ବିରଳ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। କ୍ୟାରିୟରରେ ଏପର୍ଯ୍ୟନ୍ତ ୬ଟି ଅନ୍ତର୍ଜାତୀୟ ପଦକ ଜିତି ସାରିଥିବା ସ୍ୱସ୍ତି ୪୦ କିଲୋମିଟର ମାସ–ଷ୍ଟାର୍ଟ ଇଭେଣ୍ଟରେ ରୌପ୍ୟ ପଦକ ସହ ଜାତୀୟ ଚାମ୍ପିୟନଶିପ୍, ଜାତୀୟ କ୍ରୀଡ଼ା, ଖେଲୋ ଇଣ୍ଡିଆ ମହିଳା ଲିଗ୍ ଏବଂ ସର୍ବଭାରତୀୟ ପ୍ରତିଯୋଗିତାଗୁଡ଼ିକରେ ପଦକ ହାସଲରେ ଅର୍ଦ୍ଧଶତକ ପୂରଣ କରିଛନ୍ତି। ୨୦୧୫ରୁ ତାଙ୍କର ଆରମ୍ଭ ହୋଇଥିବା ଯାତ୍ରା ଏବେ ମଧ୍ୟ ଅବ୍ୟାହତ ରହିଛି। ଆହୁରି ବହୁ ଆଗକୁ ଯିବାକୁ ଲକ୍ଷ୍ୟ ରହିଛି। ବିଶେଷ କରି ଅନ୍ତର୍ଜାତୀୟ ପ୍ରତିଯୋଗିତା ଗୁଡ଼ିକରେ କିପରି ପ୍ରଦର୍ଶନ ଭଲ ହୋଇପାରିବ ତା' ଉପରେ ବିଶେଷ ଧ୍ୟାନ ଦେଉଛି ବୋଲି ସ୍ୱସ୍ତି କହିଛନ୍ତି।

ରାଉରକେଲା ସାଇକ୍ଲିଷ୍ଟ ସ୍ୱସ୍ତି ସମ୍ପ୍ରତି ପଟିଆଲାସ୍ଥିତ ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ନୂଆ କୋଚ୍ ଜୋଗିନ୍ଦର ସିଂଙ୍କ ନିକଟରୁ ଟ୍ରେନିଂ ନେଉଛନ୍ତି। ଏହା ପୂର୍ବରୁ ସେ ସିନିୟର କୋଚ୍ ଭି.ଏନ. ସିଂଙ୍କ ନିକଟରୁ ଟ୍ରେନିଂ ନେଉଥିଲେ। ଓଡ଼ିଶାର ପ୍ରତିଷ୍ଠିତ କୋଚ୍ ସୁଶୀଲ ଦାସ ତାଙ୍କ ପ୍ରତିଭାକୁ ଠାବ ଏବଂ ବିକଶିତ କରାଇଥିଲେ। ତାଙ୍କ ଦିଗ୍‌ଦର୍ଶନରେ ସାଇକେଲ ଧରିଥିବା ସ୍ୱସ୍ତି ଏବେ ଜାତୀୟ ଓ ଅନ୍ତର୍ଜାତୀୟ ଦୃଶ୍ୟପଟରେ ଏକ ପରିଚିତ ନାମ ପାଲଟି ଯାଇଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ୱସ୍ତିଙ୍କ ମା' ହେଉଛନ୍ତି ଉମା ଦେବୀ ଓ ବାପା ଅମର ସିଂ। ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ସାଇକ୍ଲିଂ ଜୀବନ ୨୦୧୫ ନଭେମ୍ବରରେ ଆରମ୍ଭ ହୋଇଥିଲା। ସେହିବର୍ଷ କଟକର ଡ୍ରିମ୍ସରେ ଅନୁଷ୍ଠିତ ୩୮ତମ ଟ୍ରାକ୍ ସାଇକ୍ଲିଂ ରାଜ୍ୟ ମିଟ୍‌ରେ ଭାଗ ନେବାପାଇଁ ସେ ନିଜ ସ୍କୁଲ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ପକ୍ଷରୁ ମନୋନୀତ ହୋଇଥିଲେ। ରାଜ୍ୟ ମିଟ୍ ପାଇଁ ସ୍ୱସ୍ତି ଯୋଗ୍ୟତା ଅର୍ଜନ କଲେ ଏବଂ ସେଠାରେ ସେ ୪ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ମାତ୍ର କିଛି ସପ୍ତାହର ଅଭ୍ୟାସ ମଧ୍ୟରେ ଏପରି ସଫଳତା ସ୍ୱସ୍ତିଙ୍କୁ ସାହସ ଓ ପ୍ରେରଣା ଯୋଗାଇଥିଲା। ୨୦୧୬ରେ ଜାତୀୟ ସ୍ତରରେ ପାଦ ଦେଇଥିଲେ ହେଁ ସ୍ୱସ୍ତିଙ୍କ ପ୍ରଥମ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ଆସିଥିଲା ୨୦୧୮ରେ। ଏହି ବର୍ଷ ଜାନୁୟାରୀ ୨ରୁ ୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି ସ୍ୱସ୍ତି। ୨୦୧୮ରେ ମଧ୍ୟ ସେ ପ୍ରଥମ ଅନ୍ତର୍ଜାତୀୟ ସଫଳତା ପାଇଥିଲେ। ନୂଆଦିଲ୍ଲୀରେ ଅନୁଷ୍ଠିତ ୫ମ ଏସିଆନ କପ୍ ଟ୍ରାକ୍ ସାଇକ୍ଲିଂର ଜୁନିୟର ମହିଳା ୨ କିଲୋମିଟର ବ୍ୟକ୍ତିଗତ ପର୍ସ୍ୟୁଟ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଇତିମଧ୍ୟରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ବେଷ୍ଟ ସ୍ପୋର୍ଟ୍ସପର୍ସନ ଓ ଏକଲବ୍ୟ ପୁରସ୍କାର ପାଇ ସାରିଥିବା ସ୍ୱସ୍ତି ଚଳିତ ବର୍ଷ ମେ'ରେ ଓଡ଼ିଶା ମାଇନିଂ କର୍ପୋରେଶନରେ ଆସିଷ୍ଟାଣ୍ଟ ମ୍ୟାନେଜରଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି।

**ସଂକ୍ଷେପରେ...**

ନାମ: ସ୍ୱସ୍ତି ସିଂ
ଜନ୍ମ: ୧୬ ମେ' ୨୦୦୧
ମା': ଉମା ଦେବୀ, ବାପା: ଅମର ସିଂ
ଘର: ରାଉରକେଲା, ସୁନ୍ଦରଗଡ଼
ବର୍ତ୍ତମାନର ଟ୍ରେନିଂ ସ୍ଥାନ: ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି, ପଟିଆଲା
କୋଚ୍: ସୁଶୀଲ କୁମାର ଦାସ, ଭି.ଏସ୍. ସିଂ, ଯୋଗିନ୍ଦର ସିଂ

# ଗମ୍ଭୀରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ



ନିର୍ମଳ କୁମାର ମିଶ୍ର

**ଜୁଲାଇ ୨୦୨୪ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ ରହିବେ ଗୌତମ ଗମ୍ଭୀର। ଏହାମଧ୍ୟରେ ଭାରତ ୪ଟି ଆଇସିସି ଟ୍ରଫି ଖେଳିବ। ଚାମ୍ପିୟନ୍ସ ଟ୍ରଫି, ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ, ୨୦୨୬ରେ ଟି୨୦ ବିଶ୍ୱକପ ଏବଂ ୨୦୨୭ରେ ଏକଦିବସୀୟ ବିଶ୍ୱକପ। ଏହା ବ୍ୟତୀତ ଏକାଧିକ ଦ୍ୱିପାକ୍ଷିକ ସିରିଜ ଓ ଏସିଆ କପ କ୍ରିକେଟରେ ଦଳର ଭଲ ପ୍ରଦର୍ଶନ ଗମ୍ଭୀରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ।**

ଦୀର୍ଘ ୧୧ବର୍ଷ ପରେ କ୍ରିକେଟର ୩ଟି ଫର୍ମାଟ୍‌ରେ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟି୨୦ ବିଶ୍ୱକପ ଜିତିଲା ଭାରତୀୟ ଦଳ। ଦୀର୍ଘ ଦିନର ସ୍ୱପ୍ନ ସାର୍ଥକ ହେଲା। ଏଥି ମଧ୍ୟରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଭାରତୀୟ ଦଳର ପୂର୍ବତନ ଓପନର ଗୌତମ ଗମ୍ଭୀରଙ୍କ ଉପରେ ନ୍ୟସ୍ତ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ। ମୁଖ୍ୟ କୋଚ୍ ରେସ୍‌ରେ କେତେଜଣ ବିଦେଶୀ ଖେଳାଳି ରହିଥିଲେ ମଧ୍ୟ ସମସ୍ତଙ୍କୁ ପଛରେ ପକାଇ ଅନେକ ସର୍ତ୍ତ ସହ ଭାରତୀୟ ଦଳର ମଙ୍ଗ ଧରିଛନ୍ତି ଗମ୍ଭୀର। ମୁଖ୍ୟକୋଚ ରୂପେ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିବ। ଶ୍ରୀଲଙ୍କା ବିପକ୍ଷ ଟି୨୦ ଓ ଏକଦିବସୀୟ ସିରିଜର ସେ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଏହି ସିରିଜ ସେତେଟା ଭଲ ଅନୁଭୂତି ଦେଇନାହିଁ। ଯଦିଓ ଭାରତୀୟ ଯୁବ ଦଳ ଟି୨୦ ସିରିଜକୁ କ୍ଲିନ ସୁଇପ କରିଛି ମାତ୍ର ଦୀର୍ଘ ୨୭ ବର୍ଷ ପରେ ଖରାପ ଫର୍ମରେ ଥିବା ଶ୍ରୀଲଙ୍କା ଦଳ ଏକଦିବସୀୟ ସିରିଜକୁ ୨–୦ରେ ଜିତିଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳି ଏହି ସିରିଜ ଖେଳିଥିଲେ ମଧ୍ୟ ବୋଲିଂରେ ଯଶପ୍ରୀତ ବୁମରା ଓ ମହମ୍ମଦ ସାମିଙ୍କ ପରି ଅଭିଜ୍ଞ ପେସ୍ ବୋଲରଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ଆଗକୁ ଭାରତକୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଓ ଦ୍ୱିପାକ୍ଷିକ ସିରିଜ ଖେଳିବାକୁ ଅଛି। ଚାମ୍ପିୟନ୍ସ ଟ୍ରଫି, ବିଶ୍ୱଟେଷ୍ଟ ଚାମ୍ପିୟନଶିପ୍, ଏସିଆ କପ, ବାଂଲାଦେଶ ବିପକ୍ଷରେ ୨ ଟେଷ୍ଟ ଓ ୩ଟି ଟି୨୦, ଘରୋଇ ମାଟିରେ ଶକ୍ତିଶାଳୀ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ଟେଷ୍ଟ, ଦକ୍ଷିଣ ଆଫ୍ରିକା ସହିତ ୪ଟି ଟି୨୦ ଓ ବିଶ୍ୱଟେଷ୍ଟ ଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ବର୍ଡର–ଗାଭାସ୍କର ଟ୍ରଫିରେ ୫ ଟେଷ୍ଟ ଖେଳିବ ଟିମ୍ ଇଣ୍ଡିଆ। ତା'ପରେ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ୫ ଟି୨୦ ଓ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବ।

ଗମ୍ଭୀରଙ୍କ ଟାର୍ଗେଟ୍‌ରେ ନିଶ୍ଚିତ ରୂପେ ଚାମ୍ପିୟନ ଟ୍ରଫି ଓ ବିଶ୍ୱଟେଷ୍ଟ ଚାମ୍ପିୟନ ଟ୍ରଫି ରହିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ହେଲେ ଟିମ୍ ଇଣ୍ଡିଆର ପ୍ରସ୍ତୁତିକୁ ନେଇ ବଡ଼ ପ୍ରଶ୍ନ ଦେଖାଦେଇଛି। ଯଦି ଟିମ୍‌ର ଆଗାମୀ ଲକ୍ଷ୍ୟ ୨୦୨୫ ଚାମ୍ପିୟନ ଟ୍ରଫି ତେବେ ଏହି ମେଗା ଇଭେଣ୍ଟ ପୂର୍ବରୁ କିପରି ଭାରତୀୟ ଦଳ ଏତେ କମ୍ ସଂଖ୍ୟକ ଏକଦିବସୀୟ ମ୍ୟାଚ ଖେଳିବ। ସମସ୍ତ ୮ଟି ଦଳ ଅତିକମ୍‌ରେ ୧୦ରୁ ୧୫ଟି ଏକଦିବସୀୟ ଖେଳିବାକୁ ଗୁରୁତ୍ୱ ଦେଉଥିବା ବେଳେ ଭାରତୀୟ ଦଳ ମାତ୍ର ଏହି ସମୟ ମଧ୍ୟରେ ୩ଟି ଏକଦିବସୀୟ ମ୍ୟାଚ ଆଗାମୀ ବର୍ଷ ଇଂଲଣ୍ଡ ବିପକ୍ଷରେ ଖେଳିବ। ସେଥି ମଧ୍ୟରୁ ଗୋଟିଏ ମ୍ୟାଚ କଟକ ବାରବାଟୀ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ସୂଚନାଯୋଗ୍ୟ ଯେ, ଭାରତୀୟ ଦଳ ଶେଷ ଥର ପାଇଁ ୨୦୧୩ରେ ଚାମ୍ପିୟନ ଟ୍ରଫି ଜିତିଥିଲା। ଇଂଲଣ୍ଡକୁ ହରାଇ ଥିଲା ଭାରତୀୟ ଦଳ। ୨୦୨୫ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ପାକିସ୍ତାନରେ ଏହି ଆଇସିସି ଟ୍ରଫି ଅନୁଷ୍ଠିତ ହେବ। ଏଥିରେ ୧୫ଟି ମ୍ୟାଚ ନକ୍‌ଆଉଟ ମଡେଲରେ ଖେଳାଯିବ। ପାକିସ୍ତାନରେ ମ୍ୟାଚ ହେଉଥିବାରୁ ଭାରତୀୟ ଦଳ ଏହି ଗୁରୁତ୍ୱପୂର୍ଣ୍ଣ ଟ୍ରଫିରେ ଯୋଗ ଦେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହି ଟୁର୍ନାମେଣ୍ଟରେ ଥିବା ଭାରତର ମ୍ୟାଚଗୁଡ଼ିକ ଅନ୍ୟ କେଉଁ ସ୍ଥାନକୁ ସ୍ଥାନାନ୍ତର ହୋଇପାରେ।

ଆମ ପାଖରେ ଯୁବ ଖେଳାଳିଙ୍କ ଅଭାବ ନାହିଁ। ଆଇପିଏଲ୍ ପରେ ପରେ ପାଖାପାଖି ବୋଲିଂ ଓ ବ୍ୟାଟିଂରେ ୩୦ଜଣ ଯୁବ ଖେଳାଳି ଆମକୁ ମିଳିଛନ୍ତି। ଅନେକ ଯୁବ ବ୍ୟାଟର ଓ ବୋଲର ଅଭିଜ୍ଞ ଭେଟେରାନ ଖେଳାଳିଙ୍କ ସ୍ଥାନ ନେବାର ସମ୍ଭାବନା ରହିଛି। କାରଣ ଯୁବ ଖେଳାଳିଙ୍କୁ ଅଗ୍ରାଧିକାର ଲକ୍ଷ୍ୟରେ ରହିଛନ୍ତି ଗମ୍ଭୀର। ବ୍ୟାଟିଂରେ ଯଶସ୍ୱୀ ଜୟସ୍ୱାଲ, ତିଲକ ବର୍ମା, ଋତୁରାଜ ଗାଏକ୍ୱାର୍ଡ, ରିଙ୍କୁ ସିଂ, ମୟଙ୍କ ମାର୍କଣ୍ଡେ, ଶୁବମନ ଗିଲ, ଦେବଦତ୍ତ ପଡିକଲ, ଇଶାନ କିଶନ, ଶିବମ ଦୁବେ, ଅଭିଷେକ ଶର୍ମା ରହିଥିବା ବେଳେ ବୋଲିଂରେ ମୟଙ୍କ ଯାଦବ, ଉମ୍ରାନ ମଲିକ, ପ୍ରସିଦ୍ଧ କ୍ରିଷ୍ଣା, ମହସିନ୍ ଖାଁ, ଖଲିଲ ଅହମ୍ମଦ, ଆଭେଶ ଖାଁ, କମଲେଶ ନାଗରକୋଟୀ, ଶିଭମ ମାଭି, ଦୀପକ ଚହର, ରାହୁଲ ଚହର, ଅର୍ଶଦୀପ ସିଂ ରହିଛନ୍ତି। ଗମ୍ଭୀରଙ୍କ ପାଇଁ ଆଉ ଏକ ବଡ଼ ସମସ୍ୟା ହେଲା ଲୋକେଶ ରାହୁଲ, ଶ୍ରେୟସ ଆୟାର, ରବୀନ୍ଦ୍ର ଡାଡେଜାଙ୍କ ପରି ଅଭିଜ୍ଞ ଖେଳାଳିମାନେ ଫର୍ମରେ ନାହାନ୍ତି। ଦୁଲିପ ଟ୍ରଫି ଆରମ୍ଭ ହେଉଥିବା ବେଳେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଟ୍ରଫିରେ ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଲୋକେଶ ରାହୁଲ, ମହମ୍ମଦ ସିରାଜ, ଇଶାନ କିଶନ, ସର୍ଫରାଜ ଖାଁ, ରିଆନ ପରାଗ, ଧ୍ରୁବ ଜୁରେଲ, ଶ୍ରେୟସ ଆୟର, ଋତୁରାଜ ଗାଏକ୍ୱାର୍ଡ, ଶିବମ ଦୁବେ, ଆଭେଶ ଖାଁ, ଯଶସ୍ୱୀ ଜୟସ୍ୱାଲ ଓ ମୁକେଶ କୁମାର ଖେଳିବାକୁ ଯାଉଛନ୍ତି। ମଧ୍ୟରେ ଗମ୍ଭୀରଙ୍କ ଅନୁରୋଧ କ୍ରମେ ବିସିସିଆଇ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ମର୍ନେ ମର୍କେଲଙ୍କୁ ନୂଆ ବୋଲିଂ କୋଚ ନିଯୁକ୍ତି ଦେଇଛି। ୧୪୦ କିମି ବେଗରେ ବୋଲିଂ କରୁଥିବା ଭାରତୀୟ ଯୁବ ଫାଷ୍ଟ ବୋଲରମାନଙ୍କ ପାଇଁ ସ୍ୱତନ୍ତ୍ର ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି ଏହି ନୂଆ ବୋଲିଂ କୋଚ୍। ଯଶପ୍ରୀତ ବୁମରା ଓ ମହମ୍ମଦ ସାମିଙ୍କ ଉପରେ ଅଧିକ ଚାପ ନ ଦେଇ ଯୁବ ଫାଷ୍ଟ ବୋଲରମାନଙ୍କୁ ନେଇ କିପରି ସନ୍ତୁଳିତ ପେସ୍ ଆଟାକ ସୃଷ୍ଟି କରାଯାଇ ପାରିବ ତା' ଉପରେ ଗମ୍ଭୀର ତାଙ୍କ ସହ ଆଲୋଚନା କରିଛନ୍ତି।

ଆଉ ଏକ ବଡ଼ ଚ୍ୟାଲେଞ୍ଜ ରହିବ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ। ଦୁଇ ଥର ଫାଇନାଲରେ ପ୍ରବେଶ କରି ମଧ୍ୟ ଭାରତକୁ ଶକ୍ତିଶାଳୀ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବାକୁ ପଡିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଭାରତ ମୋଟ ୧୯ଟି ଟେଷ୍ଟ ଖେଳିବ। ଇତି ମଧ୍ୟରେ ରୋହିତ ଶର୍ମାଙ୍କ ଦଳ ୯ଟି ମ୍ୟାଚ ଖେଳି ୬ ବିଜୟ, ୨ ପରାଜୟ ଓ ୧ ଡ୍ର ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଅଷ୍ଟ୍ରେଲିଆ ୨ୟ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡ ମଧ୍ୟ ଭଲ ପ୍ରଦର୍ଶନ କରୁଛି। ଭାରତ ଆଉ ୧୦ଟି ଟେଷ୍ଟ ଖେଳିବାର ଅଛି। ସେଥି ମଧ୍ୟରୁ ଘରୋଇ ମାଟିରେ ବାଂଲାଦେଶ ସହ ୨ଟି, ନ୍ୟୁଜିଲାଣ୍ଡ ସହ ୩ଟି ଓ ବିଦେଶ ମାଟିରେ ଚାମ୍ପିୟନ ଅଷ୍ଟ୍ରେଲିଆ ସହ ୫ଟି ମ୍ୟାଚ ଖେଳିବ। ଏହି ୧୦ ମ୍ୟାଚରୁ ୭ଟିରେ ବିଜୟୀ ହେଲେଯାଇ ଭାରତପାଇଁ ଫାଇନାଲରେ ପ୍ରବେଶ ସୁଯୋଗ ସୃଷ୍ଟି ହୋଇପାରିବ। ଏହା କୋଚ୍ ଗମ୍ଭୀରଙ୍କ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଦଳକୁ କିପରି ଏବେଠାରୁ ବିଜୟ ପଥରେ ରଖିହେବ ତାହା ମୁଖ୍ୟ ଲକ୍ଷ୍ୟ ରହିବ। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆଠାରୁ ଭାରତ ୨ଥର ଯାକ ପରାସ୍ତ ହୋଇଛି। ୨୦୨୩ରୁ ୨୦୨୪ ମଧ୍ୟରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ସିରିଜ ବିଜୟୀ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ୧–୧ରେ ଡ୍ର ରଖିଛି। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଲେଖାଏ ଟେଷ୍ଟ ହାରିଛି। ଭାରତ ପାଇଁ ୧୦ରୁ ୭ଟି ଟେଷ୍ଟ ମ୍ୟାଚ ଜିତିବା କଷ୍ଟକର ହୋଇପାରେ। ଏ କ୍ଷେତ୍ରରେ ଫାଇନାଲରେ ପ୍ରବେଶ ପାଇଁ ଅନ୍ୟଦେଶର ଟେଷ୍ଟ ଫଳାଫଳ ଉପରେ ନିର୍ଭର କରିବାକୁ ପଡିପାରେ।

ଜୁଲାଇ ୨୦୨୪ରୁ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ମୁଖ୍ୟକୋଚ ରହିବେ ଗୌତମ ଗମ୍ଭୀର। ଏହାମଧ୍ୟରେ ୪ଟି ଆଇସିସି ଟ୍ରଫିର ସୁଯୋଗ ମିଳିବ। ଚାମ୍ପିୟନ୍ସ ଟ୍ରଫି, ବିଶ୍ୱଟେଷ୍ଟ ଚାମ୍ପିୟନଶିପ, ୨୦୨୬ରେ ଟି୨୦ ବିଶ୍ୱକପ ଏବଂ ୨୦୨୭ରେ ଏକଦିବସୀୟ ବିଶ୍ୱକପ। ଏହା ବ୍ୟତୀତ ଏକାଧିକ ଦ୍ୱିପାକ୍ଷିକ ସିରିଜ ଓ ଏସିଆକପ କ୍ରିକେଟ। ଏକଦିବସୀୟ ଓ ଟେଷ୍ଟରେ ସଫଳ ପ୍ରଦର୍ଶନ କରିଥିବା ଏବଂ କୋଲକାତା ନାଇଟ ରାଇଡର୍ସକୁ ଆଇପିଏଲରେ ୩ଥର ଚାମ୍ପିୟନ କରାଇଥିବା ଏହି ନୂଆ ହେଡ୍ କୋଚଙ୍କ ପାଇଁ ଆଗାମୀ ଗୁରୁତ୍ୱପୂର୍ଣ୍ଣ ସିରିଜ ଓ ଆଇସିସି ଟ୍ରଫି ଗୁଡିକ କିପରି ରହୁଛି ତାହା ଦେଖିବା କଥା।



ଅଧିନାୟକ ରୋହିତ ଶର୍ମାଙ୍କ ସହ ଗୌତମ ଗମ୍ଭୀର।

## ସକ୍ଷମ

ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍‌ରେ
ପ୍ରଞ୍ଜଳି ଧୁମଲ ଖଟି
ପଚିଶ ମିଟର ପିସ୍ତଲ ଇଭେଣ୍ଟରେ
ବ୍ରୋଞ୍ଜ ପାଇ ଥାର୍ଡ ପାର୍ଟି
ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ଏଠି
ତିନି ଛଅ ଚାରି ଯଥାକ୍ରମେ ପାଇ
ଧନ୍ୟ କଲେ ଦେଶମାଟି।



ପ୍ରଞ୍ଜଳି ଧୁମଲ

ପ୍ୟାରିସ ପାରାଲିମ୍ପିକ୍ସ ଚାଲିଅଛି
ପଦକ ତାଲିକା ଦେଖ
ଆଜିଯାଏ ମେଡାଲରେ ରହିଅଛି
ପାଞ୍ଚଟି ଗୋଲ୍ଡେନ ଦେଖ
ଏବୁଲ ବଡି ଏଠୁ ଶିଖ
ଶହେ ସତର ଜଣ ଛ' ପଦକରେ
ସ୍ୱର୍ଣ୍ଣ ନାହିଁ ଲାଗେ ଦୁଃଖ।

ହାତ ଗୋଡ଼ ଥାଇ ଅଳସୁଆ ହେଲେ
ଅଚଳ ହୁଅଇ ବଡି
ନ ଚାଲିଲେ କାର୍ଯ୍ୟକ୍ଷମ ହୁଏନାହିଁ
ହଉ ପଛେ ନୂଆ ଗାଡ଼ି
ପାରା ଆଥଲେଟ ରେଡି
ପ୍ୟାରିସରୁ ଆସ ଭାରତ ଖାତାରେ
ନୂଆ ଇତିହାସ ଯୋଡ଼ି।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୬/୨୦୨୪ Bhubaneswar, Friday, September 6/ 2024


# ପ୍ରଥମ ଗ୍ରାଣ୍ଡସ୍ଲାମ ସେମିରେ ପେଗୁଲା



ରିଟର୍ନ ଶଟ୍ ଖେଳୁଛନ୍ତି ଜାନିକ୍ ସିନର।



ବିଜୟ ପରେ ଉଲ୍ଲସିତ ଜେସିକା ପେଗୁଲା।

## ୟୁଏସ୍ ଓପନ

### ■ ବିଦା ହେଲେ ଏକ ନମ୍ବର ସିଡ୍ ସ୍ୱିଟେକ୍

ନ୍ୟୁୟର୍କ,୫।୯(ପି.ଟି.)

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସିଙ୍ଗଲ୍ସ ଖେଳାଳି ଇଗା ସ୍ୱିଟେକ୍ ବିଦାୟ ନେଇଛନ୍ତି। ଆମେରିକାର ଜେସିକା ପେଗୁଲାଙ୍କଠାରୁ ସ୍ୱିଟେକ୍ ୬-୨, ୬-୪ ସେଟରେ ପରାଜିତ ହୋଇଥିଲେ। ଏହା ସହିତ ନିଜ କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଜେସିକା ପେଗୁଲା। ସେହିପରି ପୁରୁଷ ବର୍ଗର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଏକ ନମ୍ବର ସିଡ୍ ଇଟାଲୀର ଜାନିକ ସିନର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ବର୍ଗର କ୍ୱାର୍ଟର ଫାଇନାଲରେ ୩୦ ବର୍ଷୀୟା ପେଗୁଲାଙ୍କ ଆଣ୍ଠୁରେ ଟେପିଂ ଥିବାର ନଜର ଆସିଥିଲା। ସେ ଆହତ ଥିବା ନେଇ ମଧ୍ୟ ଅନୁମାନ କରାଯାଉଥିଲା। ତଥାପି ସେ ଇଗା ସ୍ୱିଟେକଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ପ୍ରଥମ ଥର କୌଣସି ମେଜର ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଥିବା ବେଳେ କାରୋଲିନା ମୁଚୋଭାଙ୍କୁ ଭେଟିବେ। ଅଣସିଡେଡ ମୁଚୋଭା ୬-୧, ୬-୪ ସେଟରେ ବ୍ରାଜିଲର ବିଟ୍ରିଜ ହଦଦ ମାଇଆଙ୍କୁ ପରାସ୍ତ କରିଛନ୍ତି। ସେହିପରି ହାର୍ଡ କୋର୍ଟରେ ଜେସିକା ପେଗୁଲା ଖେଳିଥିବା ଅନ୍ତିମ ୧୫ରୁ ୧୪ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସେମି ଫାଇନାଲ ପାଇଁ ତାଙ୍କୁ ଫେଭରିଟ୍ ବିବେଚନା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମୁଚୋଭା ୨୦୨୩ରେ ଫ୍ରେଞ୍ଚ ଓପନରରେ ରନର ଅପ୍ ରହିଥିଲେ। ମହିଳା ସିଙ୍ଗଲ୍ସ ଅନ୍ୟ ସେମିଫାଇନାଲଟି ଏମ୍ମା ନାଭାରୋ ଓ ଆରିନା ସାବାଲେଙ୍କାଙ୍କ ମଧ୍ୟରେ ଖେଳାଯିବ।

ସେହିପରି ପୁରୁଷ ସିଙ୍ଗଲ୍ସର ଅନ୍ତିମ କ୍ୱାର୍ଟର ଫାଇନାଲରେ ଜାନିକ୍ ସିନର ୬-୨, ୧-୬, ୬-୧ ଓ ୬-୪ ସେଟରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ପରାସ୍ତ କରିଛନ୍ତି। ଫ୍ଲସିଂ ମିଡୋସ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସିନର ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ସେଟ୍‌ରୁ ହିଁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ସିନର। ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ୬-୪ରେ ପ୍ରଥମ ସେଟ୍‌କୁ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରି ୬-୧ରେ ଜିତିଥିଲେ ମେଡଭେଡେଭ। ମାତ୍ର ଅନ୍ତିମ ଦୁଇ ସେଟ୍‌କୁ ଜିତିବା ସହ ସିନର ସେମିରେ ପ୍ରବେଶ କରିଥିଲେ। ସେ ନିଜର ସେମିଫାଇନାଲ ମ୍ୟାଚ୍ ବିଶ୍ୱ ମାନ୍ୟତାର ୨୫ ତମ ସ୍ଥାନରେ ଥିବା ଜେକ୍ ଡ୍ରେପରଙ୍କ ବିପକ୍ଷରେ ଖେଳିବେ। ସେହିପରି ଅନ୍ୟତମ ଅଲ୍ ଆମେରିକାନ ସେମିରେ ପରସ୍ପରକୁ ଭେଟିବେ ଟେଲର ଫ୍ରିଜ୍ ଓ ଫ୍ରାନ୍ସିସ୍ ଟିଆଫୋ।

## ଟାଉନସେଣ୍ଡ-ସିନିଆକୋଭାଙ୍କୁ ରୋକିଲେ କ୍ରିଷ୍ଟିନା-ଝାଙ୍ଗ

**ନ୍ୟୁୟର୍କ,୫।୯(ପି.ଟି.):** ୟୁଏସ୍ ଓପନ ମହିଳା ଡବଲ୍ସ ସେମିଫାଇନାଲରେ ଟେଲର ଟାଉନସେଣ୍ଡ-କାଟେରିନା ସିନିଆକୋଭାଙ୍କ ଯୋଡିକୁ ପରାସ୍ତ କରିଛନ୍ତି କ୍ରିଷ୍ଟିନା ମିଲାଡେନୋଭିଚ୍ ଓ ଝାଙ୍ଗ ଶୁଆଇଙ୍କ ଯୋଡି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ୭-୫, ୬-୪ ଓ ୬-୩ ସେଟ୍‌ରେ ବିଜୟୀ ହୋଇଥିଲେ କ୍ରିଷ୍ଟିନା-ଝାଙ୍ଗ। ସିନିଆକୋଭା ମହିଳା ଡବଲ୍ସରେ ସମସ୍ତ ଗ୍ରାଣ୍ଡସ୍ଲାମ ଫାଇନାଲରେ ବିଜୟୀ ହୋଇଥିବା ବେଳେ ପ୍ରଥମ ଥର ପରାଜିତ ହୋଇଛନ୍ତି। କୋକୋ ଗଫ୍‌ଙ୍କୁ ସାଥୀ କରି ସେ ଫ୍ରେଞ୍ଚ ଓପନ, ଟାଉନସେଣ୍ଡଙ୍କ ସହିତ ୱିମ୍ବେଲଡନ୍ ବିଜୟୀ ହୋଇଥିଲେ। ଅନ୍ୟ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ଥିବା ଜେଲେନା ଅଷ୍ଟାପେଙ୍କୋ-ଲ୍ୟୁଡମିଲା କିଚେନୋକଙ୍କ ଯୋଡିକୁ ୬-୧, ୬-୨ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି ହେଶ୍ ସୁ ୱେ ଏବଂ ଏଲିସ୍ ମର୍ଟେନ୍ସଙ୍କ ଯୋଡି।

# ଉଗାଣ୍ଡା ଅଲିମ୍ପିଆନଙ୍କ ମୃତ୍ୟୁ

ନାଇରୋବି, ୫।୯(ପି.ଟି.)

କେନିଆରେ ବାସ କରୁଥିବା ଉଗାଣ୍ଡାର ଅଲିମ୍ପିକ୍ସ ଆଥଲେଟ ରେବେକା ଚିପଟେଗୀ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ରବିବାର ୩୩ ବର୍ଷୀୟା ରେବେକାଙ୍କୁ ତାଙ୍କ ପ୍ରେମିକ ନିଆଁ ଲଗାଇ ଦେଇଥିଲେ। ତାଙ୍କ ଶରୀର ୮୦ ପ୍ରତିଶତ ଜଳି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ କାମ କରିବା ବନ୍ଦ କରିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ରେବେକା ଚିପଟେଗୀ ଜଣେ ଦୂରଗାମୀ ଧାବିକା। ପ୍ୟାରିସ୍ ଅଲିମ୍ପିକ୍ସରେ ଉଗାଣ୍ଡାର ପ୍ରତିନିଧିତ୍ୱ କରି ସେ ୪୪ତମ ସ୍ଥାନରେ ରହିଥିଲେ। ରେବେକାଙ୍କ ପିତା ଯୋଶେଫ୍ ଚିପଟେଗୀ ଏହି ମାମଲାରେ ନ୍ୟାୟ ଦାବି କରିଛନ୍ତି।

ଟ୍ରାନ୍ସ ନୋଜିଆ ପ୍ରଦେଶରେ ରେବେକା ରହୁଥିବା ବେଳେ ଯୁକ୍ତିତର୍କ କାରଣରୁ ପ୍ରେମିକ ଡିକସନ ଏଣ୍ଡିଏମାଙ୍କ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଡିକସନ୍ ଯୁକ୍ତିତର୍କ ପରେ ଏକ ପେଟ୍ରୋଲ ଭର୍ତ୍ତି କ୍ୟାନ୍ ଆଣିଥିଲେ। ରେବେକାଙ୍କ ଉପରେ ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଉପରେ ରେବେକାଙ୍କ ପିତା ମାତା ଏକ ଜମି କିଣା ମାମଲା ଆଡକୁ ଇଙ୍ଗିତ କରିଛନ୍ତି। ରେବେକା ଆଥଲେଟିକ୍ ସେଣ୍ଟର ନିକଟରେ ଏକ ଜମି କିଣିଥିବା ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ



ରେବେକା ଚିପଟେଗୀ

## ଜାଳିଦେଲେ ପ୍ରେମିକ

ମତାନ୍ତର ରହିଥିଲା। ଅଗ୍ନିକାଣ୍ଡ ପୂର୍ବରୁ ଉକ୍ତ ଜମିକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବା ପଡ଼ୋଶୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଉଗାଣ୍ଡା ଆଥଲେଟିକ୍ ଫେଡେରେଶନ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ୨୦୨୩ରେ ଉଗାଣ୍ଡାର ଅଲିମ୍ପିକ୍ସ ଆଥ୍‌ଲେଟ ଓ ଷ୍ଟିପଲ ଚେଜର ବେଞ୍ଜାମିନ କିପ୍ଲାଗାଟଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ୨୦୨୨ରେ ମଧ୍ୟ କେନିଆ ଜନ୍ମିତ ବାହାରିନ୍ ଆଥ୍‌ଲେଟ ଡାମାରିସ୍ ମୁଥିଙ୍କ ମୃତଦେହ ମିଳିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଗଳା ଦବାଇ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା।

## ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନଶିପ୍

# ମାଷ୍ଟର୍ସ ବର୍ଗରେ ଶେଖରଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୫।୯ (ସରୋଜ ଜେନା)

ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିୟନଶିପର ମାଷ୍ଟର୍ସ(୬୦ ବର୍ଷରୁ ଅଧିକ) ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଆଇଏମ୍ ଶେଖର ଚନ୍ଦ୍ର ସାହୁ। ୯ ରାଉଣ୍ଡ ବିଶିଷ୍ଟ ମୁକାବିଲାରେ ଶେଖର ୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। କିଟ୍ ଓ କିସ୍‌ରେ ମୁଖ୍ୟ କୋଚ୍ ଭାବରେ କାର୍ଯ୍ୟ କରୁଥିବା ଶେଖର ଚନ୍ଦ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ସର୍ବଭାରତୀୟ ଚେସ୍ ଫେଡେରେଶନ((ଏଆଇସିଏଫ୍)ର ସମସ୍ତ କର୍ମଚାର ଓ ଏଆଇସିଏଫ୍ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଖର ଚନ୍ଦ୍ର ସାହୁଙ୍କ ଚମତ୍କାର ପ୍ରଦର୍ଶନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ